# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୫/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, March 25/2022 | Page 16 | ₹ 7.00 | ★★★★
୪୮ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ସଚେତନ କରିବେ ବାଣୀ**
'ବି ଦ ଚେଞ୍ଜ୍ ଫର୍ ଟିବି' କ୍ୟାମ୍ପେନ୍ ଜରିଆରେ ଲୋକଙ୍କୁ ସଚେତନ କରିବେ ବଲିଉଡ୍ ନାୟିକା ବାଣୀ।
୧୨

୧୬
**ଜାଡେଜା ସିଏସ୍‌କେ ଅଧିନାୟକ**
ଆଇପିଏଲ-୧୫ ପୂର୍ବରୁ ମହେନ୍ଦ୍ର ସିଂ ଧୋନୀଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ) ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି।



# ପୌର ନିର୍ବାଚନରେ ହିଂସା

## ଧାମନଗରରେ ବୁଥ୍ ଆଗରେ ଯୁବକଙ୍କୁ ଛୁରା ଭୁସିଲେ

ଭୁବନେଶ୍ୱର,(ବ୍ୟୁରୋ)/ଧାମନଗର / କଟକ/ ଭଦ୍ରକ/ ପୁରୀ/ ବଲାଙ୍ଗୀର/ ଚିକିଟି ୨୪।୩ (ଡି.ଏନ୍.ଏ.)

- ପାଟଣାଗଡ଼ରେ ବିଧାୟକଙ୍କ ସମ୍ପର୍କୀୟ ଭାଇଙ୍କୁ ମାଡ଼
- ଧାମନଗରରେ ୧୪୪ ଧାରା ଜାରି
- ରାଜଧାନୀରେ ମୃତ ବ୍ୟକ୍ତିଙ୍କ ନାମରେ ଭୋଟ ଦେବାକୁ ନେଇ ଉତ୍ତେଜନା

ଗତ କିଛି ବର୍ଷ ହେବ ନିର୍ବାଚନ ସମୟରେ ହିଂସାତ୍ମକ ଆଚରଣ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ତଥା ଅବାଧ ଓ ନିରପେକ୍ଷ କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଥିଲେ ସୁଦ୍ଧା ଏହାକୁ ରୋକାଯାଇ ପାରୁନାହିଁ। ଫଳରେ ପଞ୍ଚାୟତ ନିର୍ବାଚନଠାରୁ ଆରମ୍ଭ କରି ସାଧାରଣ ନିର୍ବାଚନ ଯାଏ ସବୁଠି ନିର୍ବାଚନୀ ହିଂସାକାଣ୍ଡ ଦେଖିବାକୁ ମିଳୁଛି। ନିକଟରେ ଶେଷ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବ୍ୟାପକ ହିଂସାକାଣ୍ଡ ଘଟିଥିବା ଦେଖିବାକୁ ମିଳିଥିଲା। ସେଥିପାଇଁ ପୌର ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ଲାଗି ପ୍ରସ୍ତୁତି ହୋଇଥିଲା। ହେଲେ ଗୁରୁବାର ଅନୁଷ୍ଠିତ ପୌର ନିର୍ବାଚନରେ ମଧ ବିଭିନ୍ନ ସହରାଞ୍ଚଳରେ ବ୍ୟାପକ ହିଂସାକାଣ୍ଡ ଦେଖିବାକୁ ମିଳିଛି। ବୁଥ ରିଗିଂ, ଛୁରାମାଡ଼, ମାରପିଟ, ଭୋଟବାକ୍ସ ଅଦଳବଦଳ ଭଳି ଘଟଣା ମଧ୍ୟରେ ପୌର ଭୋଟ ଗ୍ରହଣ ଶେଷ ହୋଇଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ, ଭଦ୍ରକ, ପୁରୀ, ବଲାଙ୍ଗୀର, ଗଞ୍ଜାମ ଆଦି ଜିଲାର ବିଭିନ୍ନ ସ୍ଥାନରେ ହିଂସା ସ୍ଥିତି ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ ଭଦ୍ରକ ଜିଲାର ନବଗଠିତ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର ୯ନଂ ୱାର୍ଡର ୧୬ ନମ୍ବର ବୁଥ୍‌ରେ ଜଣେ ଯୁବକଙ୍କୁ ପୋଲିସ ଉପସ୍ଥିତିରେ ☞ପୃଷ୍ଠା-୪


ଛୁରାମାଡ଼ରେ ଗୁରୁତର ଥିବା ରମେଶ ଚନ୍ଦ୍ର ଲେଙ୍କା।

## ପୌର ନିର୍ବାଚନ: ୬୫% ମତଦାନ

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

- ଭୁବନେଶ୍ୱରରେ ଭୋଟହାର ବଢ଼ିଲା, କଟକରେ ୬୫%, ବ୍ରହ୍ମପୁର ୪୭%
- ଇଭିଏମ୍‌ରେ ପ୍ରାର୍ଥୀଙ୍କ ନାମ ଭୁଲ: ଉମରକୋଟ ୮ନଂ. ୱାର୍ଡରେ ଅଧକ୍ଷ ପଦବୀ ପାଇଁ ଭୋଟ ଆଜି

ଓଡ଼ିଶାର ୧୦୬ ପୌର ପରିଷଦ ଏବଂ ୩ ମହାନଗର ନିଗମରେ ଗୁରୁବାର ଭୋଟଗ୍ରହଣ ଶେଷ ହୋଇଛି। ରାଜ୍ୟରେ ୬୫%ରୁ ଅଧିକ ମତଦାନ ହୋଇଥିବା ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ୧୦୬ ପୌର ପରିଷଦରେ ମତଦାନ ହାର ୫୦%ରୁ ଉର୍ଦ୍ଧ୍ୱ ରହିଥିବାବେଳେ କଟକରେ ୬୫%, ଭୁବନେଶ୍ୱରରେ ୫୦% ଏବଂ ବ୍ରହ୍ମପୁର ମହାନଗର ନିଗମରେ ସର୍ବନିମ୍ନ ୪୭% ମତଦାନ ହୋଇଛି। ☞ପୃଷ୍ଠା-୪

# ବଢ଼ିବନି ବିଜୁଳି ଦର

## ଘରୋଇ ଉପଭୋକ୍ତା ଆଶ୍ୱସ୍ତ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

୨୦୨୨-୨୩ ଆର୍ଥିକବର୍ଷ ପାଇଁ ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ହେବ ନାହିଁ। ପୂର୍ବ ଦର ଅପରିବର୍ତ୍ତିତ ରହିବ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ପକ୍ଷରୁ ଗୁରୁବାର ଏ ନେଇ ସୂଚନା ଦିଆଯାଇଛି। ଏହି ଘୋଷଣା ସାଧାରଣ ଉପଭୋକ୍ତାଙ୍କୁ ବର୍ଷକ ପାଇଁ ଆଶ୍ୱସ୍ତି ଦେଇଛି।

ପୂର୍ବବର୍ଷ ଭଳି ୫୦ ୟୁନିଟ୍ ପର୍ଯ୍ୟନ୍ତ ୟୁନିଟ ପିଛା ଦର ୩ ଟଙ୍କା ରହିବ। ୫୦ରୁ ୨୦୦ ୟୁନିଟ୍ ଯାଏ ୪ ଟଙ୍କା ୮୦ ପଇସା, ୨୦୦ରୁ ୪୦୦ ୟୁନିଟ୍ ଯାଏ ବିଦ୍ୟୁତ୍ ଶୁଳ୍କ ୫ ଟଙ୍କା ୮୦ ପଇସା ରହିବ। ସେହିପରି ୪୦୦ ୟୁନିଟ୍‌ରୁ ଅଧିକ ପାଇଁ ୟୁନିଟ୍ ପିଛା ଦର ୬ ଟଙ୍କା ୨୦ ପଇସା ରହିବ।

ରାଜ୍ୟ ସରକାର ଘରୋଇ ଉପଭୋକ୍ତାଙ୍କ ବିଦ୍ୟୁତ୍ ଶୁଳ୍କକୁ ଅପରିବର୍ତ୍ତିତ ରଖିଛନ୍ତି। ଉପଭୋକ୍ତାମାନେ ମାସିକ ବିଜୁଳି ବିଲ୍ ଡିଜିଟାଲ ମୋଡ୍‌ରେ ପେମେଣ୍ଟ କଲେ ୩ ପ୍ରତିଶତ ରିହାତି ପାଇପାରିବେ। ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ ୟୁନିଟ୍ ପିଛା ୧୦ ପଇସା ରିହାତି ମିଳିବ। କୃଷି କ୍ଷେତ୍ର ପାଇଁ ବୃହତ୍ ଉଠାଜଳସେଚନ ପଏଣ୍ଟ ନିମନ୍ତେ ୨ ଟଙ୍କା ଏବଂ ବିଦ୍ୟୁତ୍ ଚାଳିତ ଯାନ ନିମନ୍ତେ ୫ ଟଙ୍କା ୫୦ ପଇସା ଶୁଳ୍କ ଧାର୍ଯ୍ୟ କରାଯାଇଛି।

ଯେଉଁ ଉପଭୋକ୍ତାମାନେ ଅକ୍ଷୟ ଶକ୍ତିର ବ୍ୟବହାର କରୁଥିବା ପ୍ରମାଣପତ୍ର ନେବାକୁ ଚାହୁଁଛନ୍ତି, ସେମାନଙ୍କୁ ୟୁନିଟ୍ ପିଛା ଅଧିକ ୫୦ ପଇସା ଦେବାକୁ ପଡ଼ିବ। ଏହାପରେ ବିଭାଗ ପକ୍ଷରୁ ସେମାନଙ୍କୁ ପ୍ରମାଣପତ୍ର ମିଳିବ। ଏଥିପାଇଁ ନିଜ ଅଞ୍ଚଳର ବିଦ୍ୟୁତ୍ ବଣ୍ଟନ କମ୍ପାନୀକୁ ଆବେଦନ କରିବାକୁ ପଡ଼ିବ।

ଏଥିସହିତ ଶିଳ୍ପ କ୍ଷେତ୍ରରେ ଅନେକ ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି। ଯେଉଁ ଷ୍ଟିଲ୍ ପ୍ଲାଣ୍ଟଗୁଡ଼ିକ ୬୫%ରୁ ୭୫% ମଧ୍ୟରେ ବିଦ୍ୟୁତ୍ ବ୍ୟବହାର କରିବେ ସେମାନଙ୍କୁ ୧୦%, ୭୫%ରୁ ୮୫% ମଧ୍ୟରେ ୨୦%, ୮୫%ରୁ ଅଧିକ ବିଜୁଳି ବ୍ୟବହାର କରୁଥିବା ☞ପୃଷ୍ଠା-୪

### ଡିଜିଟାଲ ପେମେଣ୍ଟ କଲେ ମିଳିବ ୩% ରିହାତି



## ଆଜିଠୁ ବିଧାନସଭା



ଭୁବନେଶ୍ୱର,୨୪।୩(ବ୍ୟୁରୋ)

ବିଧାନସଭାର ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ସ୍ୱଳ୍ପକାଳୀନ ଅଧିବେଶନ ମାର୍ଚ୍ଚ ୩୧ ଯାଏ ଚାଲିବ। ଏଥିପୂର୍ବରୁ ୩୦ ତାରିଖରେ ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ବଜେଟ ଆଗତ ହେବ। ଏହା ମଧ୍ୟରେ ଗୋଟିଏ ଦିନ ଛୁଟି ପଡୁଥିବାରୁ ମୋଟ ୬ଟି କାର୍ଯ୍ୟଦିବସ ରହିବ।

ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳ ଅଭିଭାଷଣ ଦେବେ ଓ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ୨୬ରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ୨୭ ତାରିଖରେ ରବିବାର ପଡୁଥିବାରୁ ଗୃହକାର୍ଯ୍ୟ ବନ୍ଦ ରହିବ। ୨୮ରେ ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ। ୨୯ରେ ସରକାରୀ କାର୍ଯ୍ୟ ଦିବସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
## କ୍ୟାନ୍‌ସର ଚିକିତ୍ସାରେ ଅସମାନତା







# ପୌର ମତଦାନ





ଭୁବନେଶ୍ୱର ମହାନଗର ନିଗମର ୫୩ ନମ୍ବର ୱାର୍ଡରେ ମତ ସାବ୍ୟସ୍ତ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।



ମତଦାନ ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ଦେବାୟନୀ ନନ୍ଦ।



୫-ଟି ସଚିବ ଭି.କେ ପାଣ୍ଡିଆନ ଏବଂ ତାଙ୍କ ସ୍ତ୍ରୀ ତଥା ମିଶନ ଶକ୍ତି ବିଭାଗ ସଚିବ ସୁଜାତା ଆର.କାର୍ତ୍ତିକେୟନ ୟୁନିଟ୍-୬ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଭୋଟ ପାଇଁ ଅପେକ୍ଷା କରିଛନ୍ତି।



ବଲାଙ୍ଗୀର ଲକ୍ଷ୍ମୀନାରାୟଣପଡା ସରକାରୀ ସ୍କୁଲ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ପରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର।




ଯାଜପୁର ପୌର ପରିଷଦ ଅଧୀନ ବାହାବଳପୁର ପ୍ରାଥମିକ ବିଦ୍ୟାଳୟର ୭ ନମ୍ବର ବୁଥ୍‌ରେ ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମତଦାନ କରୁଛନ୍ତି।



କଟକ ଡଗରପଡ଼ା ଅନାଥାଶ୍ରମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଭୋଟ ଦେବା ପାଇଁ ଭୋଟରମାନେ ଧାଡିରେ ଛିଡା ହୋଇଛନ୍ତି।



ଢେଙ୍କାନାଳର ପୂର୍ବତନ ଏମ୍‌ପି ତଥା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଢେଙ୍କାନାଳ ପୌରାଞ୍ଚଳର ୩ନଂ. ୱାର୍ଡର ଆଦର୍ଶ ଭୋଟଗ୍ରହଣ କେନ୍ଦ୍ରର ୬ନଂ. ବୁଥକୁ ଭୋଟ ଦେବାକୁ ଯାଉଛନ୍ତି।





ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ଗୋପବନ୍ଧୁ ବିଦ୍ୟାଳୟରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ଆଇଗିଣିଆସ୍ଥିତ ସରକାରୀ ଉପ୍ରା ବିଦ୍ୟାଳୟରେ ଅଭିନେତା ସବ୍ୟସାଚୀ ମିଶ୍ର ମତଦାନ ଚିହ୍ନ ଦେଖାଉଛନ୍ତି।



ଭୁବନେଶ୍ୱର ଝାରପଡ଼ା ସରକାରୀ ଉପ୍ରା ବିଦ୍ୟାଳୟର ମତଦାନକେନ୍ଦ୍ରରେ ଭୋଟ ଦେବା ପାଇଁ ମହିଳାମାନେ ଧାଡ଼ିରେ ରହିଛନ୍ତି।



ମତଦାନ ପରେ ପୋଲିଂ ଅଧିକାରୀମାନେ ଇଭିଏମ୍‌କୁ ଭୁବନେଶ୍ୱର ବିଜେବି କଲେଜସ୍ଥିତ ଷ୍ଟ୍ରଙ୍ଗ୍ ରୁମ୍‌କୁ ନେଉଛନ୍ତି।



କଟକ ସନତ ନଳିନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଭୋଟ ଦେବା ପାଇଁ ଜଣେ ବୃଦ୍ଧା ହୁଇଲ ଚେୟାରରେ ଯାଉଛନ୍ତି।



ଭୁବନେଶ୍ୱରର ଏକ ମତଦାନ କେନ୍ଦ୍ରରେ ଭୋଟ ଦେବାକୁ ଜଣେ ଦିବ୍ୟାଙ୍ଗଙ୍କୁ ନିଆଯାଉଛି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୭,୭୩,୧୦,୨୪୦ | ୬୧,୩୦,୭୩୬ | ୪୧,୨୩,୯୨,୦୨୭ |
| ଭାରତ | ୪,୩୦,୧୪,୬୮୭ | ୫,୧୬,୭୦୩ | ୪,୨୪,୭୫,୫୮୮ |
| ଓଡ଼ିଶା | ୧୨,୮୭,୩୨୩ | ୯୧୧୭(+୫୩) | ୧୨,୭୭,୬୫୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ସଫଳତା ଏକ ଇଭେଣ୍ଟ ନୁହେଁ



**ମାଲା ମିଶ୍ର**
**ପ୍ରୋ-ଭାଇସ୍ ଚେୟାରପର୍ସନ, ଡିପିଏସ୍ କଳିଙ୍ଗ**

**ମାଲା ମିଶ୍ରଙ୍କ ପିତା ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ତାଙ୍କ ଜ୍ଞାନ ଆହରଣର ପରିସର ବୃଦ୍ଧି କରିଥିଲା। କଲେଜ ଏବଂ ବିଶ୍ୱବିଦ୍ୟାଳୟ ଶିକ୍ଷା ସମୟରେ ସେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାଛଡ଼ା ସେ ଜଣେ ପ୍ରଶିକ୍ଷିତ ଓଡ଼ିଶୀ ନୃତ୍ୟଶିଳ୍ପୀ। ସ୍ୱାମୀ ଷ୍ଟିଭେଡରିଂ ଟାଇକୁନ୍ ମହିମାନନ୍ଦ ମିଶ୍ରଙ୍କ ସହ ମିଶି ୨୦୦୩ରେ 'ଡିପିଏସ୍ କଳିଙ୍ଗ' ଆରମ୍ଭ କରିଥିଲେ। ଉଭୟଙ୍କ ନେତୃତ୍ୱରେ ଏହା ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରଗଣିତ ହୋଇଛି। ୨୦୦୦ ମସିହାରେ ସମାଜସେବା ଲକ୍ଷ୍ୟରେ ଡିପିଏସ୍ କଳିଙ୍ଗର ଏକ ଚାରିଟେବୁଲ୍ ୱିଙ୍ଗ୍ ଭାବରେ 'ଦି ଗୁଡ୍ ସମରିଟାନ୍ ଫାଉଣ୍ଡେଶନ୍' ପ୍ରତିଷ୍ଠା କରିଥିବା ମାଲା ମିଶ୍ରଙ୍କ ସହ ଧରିତ୍ରୀର ସାକ୍ଷାତ୍କାର।**

**❖ ମହାମାରୀ ସମୟରେ ଅନ୍‌ଲାଇନ୍ ଶିକ୍ଷା ପାଇଁ କି ସୁବିଧା କରାଯାଇଥିଲା?**

କୋଭିଡ୍ ମହାମାରୀ ବୈଶ୍ୱିକ ସ୍ତରରେ ଏକ ଅପ୍ରତ୍ୟାଶିତ ଆହ୍ୱାନ ସୃଷ୍ଟି କରିଥିଲା। ଏହା ଶିକ୍ଷା ସମେତ ଅନେକ କ୍ଷେତ୍ରକୁ ପ୍ରଭାବିତ କରିଥିଲା। ମହାମାରୀ ସ୍ଥିତି ଅଚାନକ ଭାବରେ ଡିଜିଟାଲ୍ ମୋଡ୍‌ର ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲା। ଏଭଳି ସମୟରେ ପିଲାଙ୍କୁ ଭର୍ଚୁଆଲ୍ ମୋଡ୍ ଶିକ୍ଷାରେ ନିୟୋଜିତ କରି ପାଠ ସହ ଯୋଡ଼ିରଖିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ଡିଜିଟାଲ୍ ମୋଡ୍‌କୁ ଆପଣାଇଥିଲେ। ଡିପିଏସ୍ କଳିଙ୍ଗ ମଧ୍ୟ ଏହି ଶିକ୍ଷା ପଦ୍ଧତିକୁ ଗ୍ରହଣ କରିଥିଲା। ଖୁବ୍ କମ୍ ସମୟ ମଧ୍ୟରେ ଆମେ ଭର୍ଚୁଆଲ୍ ଶିକ୍ଷା ବ୍ୟବସ୍ଥାକୁ ଡିକୋଡ୍ କରିବା ସହିତ ଏହି ପଦ୍ଧତିରେ ପିଲାମାନେ ଯେଭଳି ଭଲ ଭାବରେ ପାଠ ବୁଝିପାରିବେ ସେ ଦିଗରେ ପ୍ରୟାସ କରିଥିଲୁ। ଆମେ ନିଜ ଶିକ୍ଷା ବ୍ୟବସ୍ଥାରେ ପାଠ୍ୟପୁସ୍ତକ ସ୍ଥାନରେ ଅନ୍‌ଲାଇନ୍ ଉତ୍ସଗୁଡ଼ିକର ବ୍ୟବହାର କରି ପିଲାଙ୍କୁ ବିଭିନ୍ନ ଭର୍ଚୁଆଲ୍ ଆକ୍ଟିଭିଟିରେ ନିୟୋଜିତ କରିଥିଲୁ। ଏପରି କି ଲ୍ୟାବ୍ ଆକ୍ଟିଭିଟି ମଧ୍ୟ ଅନ୍‌ଲାଇନ୍ ଜରିଆରେ କରାଯାଇଥିଲା। ଆମେ 'ମଲ୍ଟିପଲ୍ ଷ୍ଟୁଡେଣ୍ଟ ଆସେସ୍‌ମେଣ୍ଟ ଟେକ୍ନିକ୍' ବ୍ୟବହାର କରିଥିଲୁ। ଭର୍ଚୁଆଲ୍ ଶିକ୍ଷାଦାନ ସମେତ ପିଲାଙ୍କ ଏକାଡେମିକ୍, ଲିଟେରାରି ଏବଂ ସାଂସ୍କୃତିକ ଦକ୍ଷତା ବୃଦ୍ଧି ପାଇଁ ଗ୍ରୁପ୍ ପ୍ରେଜେଣ୍ଟେଶନ୍ ମଧ୍ୟ ଆୟୋଜିତ ହୋଇଥିଲା।

**❖ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାରେ ମୁଖ୍ୟ ଅସୁବିଧା କ'ଣ?**

ଆରିଷ୍ଟୋଟଲଙ୍କ ମତରେ 'ମଣିଷ ଏକ ସାମାଜିକ ପ୍ରାଣୀ'। ତେଣୁ ସାମାଜିକ କାର୍ଯ୍ୟରେ ସହଭାଗୀ ହେବା ତା'ର ଏକ ସାମାଜିକ ପ୍ରବୃତ୍ତି। ତେବେ ଏକ ରିୟଲ ୱାର୍ଲ୍ଡରୁ ଭର୍ଚୁଆଲ୍ ୱାର୍ଲ୍ଡକୁ ଗତି କରିବାରେ ନିଶ୍ଚିତ ଭାବେ ସୁବିଧା ଅସୁବିଧା ରହିଛି। ମହାମାରୀ ଯୋଗୁ ପିଲାମାନେ ନିଜ ଘରେ ଆଇସୋଲେଶନ୍‌ରେ ରହି ଭର୍ଚୁଆଲ୍ କ୍ଲାସ୍ କରୁଥିଲେ। ତେବେ ନେଟ୍‌ୱର୍କ ସମସ୍ୟା ଏଥିରେ ବିଭ୍ରାଟ ସୃଷ୍ଟି କରୁଥିଲା। ସ୍କ୍ରିନ୍ ଟାଇମିଂରେ ବୃଦ୍ଧି ଏବଂ ପିଲାଙ୍କ ଦ୍ୱାରା ଡିଭାଇସ୍‌ର ଦୁରୁପଯୋଗ ଏହାର ଅନ୍ୟତମ ଅସୁବିଧା। ଅଫ୍‌ଲାଇନ୍ କ୍ଲାସ୍‌ରେ ଶିକ୍ଷକ ଓ ଛାତ୍ରୀଛାତ୍ର ଉତ୍ତମ ଭାବ ବିନିମୟ କରିପାରୁଥିବାବେଳେ ଭର୍ଚୁଆଲ୍ ମୋଡ୍‌ରେ ଏହା ସମ୍ଭବ ହୋଇପାରେନାହିଁ। ଏହାଛଡ଼ା ପିଲାମାନଙ୍କ ସାମାଜିକ ସମ୍ପର୍କ ସୃଷ୍ଟିରେ ମଧ୍ୟ ବ୍ୟାଘାତ ସୃଷ୍ଟି ହୋଇଛି।

**❖ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ସମ୍ବନ୍ଧରେ ଆପଣ କି ମତାମତ ଦେବେ?**

ଦେଶ ବିଦେଶର ପିଲାଙ୍କ ସହିତ ଓଡ଼ିଶାର ଛାତ୍ରୀଛାତ୍ର ସମାନ। ବିଶ୍ୱସ୍ତରର ଛାତ୍ରୀଛାତ୍ରଙ୍କ ଭଳି ସେମାନଙ୍କ ପାଖରେ ମଧ୍ୟ ବିଭିନ୍ନ ଦକ୍ଷତା ରହିଛି। ସୁଯୋଗ ପାଇଲେ ସେମାନେ ବହୁତ ଆଗକୁ ଯାଇପାରିବେ। ଜୀବନରେ ସଫଳ ହେବା ପାଇଁ ସେମାନଙ୍କୁ ଉତ୍ତମ ଶିକ୍ଷା ବ୍ୟବସ୍ଥା, ପର୍ଯ୍ୟାପ୍ତ ସୁଯୋଗ ଏବଂ ଶିକ୍ଷକ ତଥା ଅଭିଭାବକଙ୍କର ସହଯୋଗ ରହିବା ଆବଶ୍ୟକ। ଅନ୍ୟ ଷ୍ଟ୍ରିମ୍‌ର ପିଲାଙ୍କ ଅପେକ୍ଷା ସାଇନ୍ସ ପିଲାମାନେ ଜୀବନରେ ସଫଳ ହୁଅନ୍ତି ବୋଲି ଅନେକ ଛାତ୍ର ତଥା ଅଭିଭାବକ ଭାବୁଥିବା ଗତ ୨୦ ବର୍ଷର ଶିକ୍ଷା ଉଦ୍ୟୋଗ ଅଭିଜ୍ଞତା ମଧ୍ୟରେ ମୁଁ ଅନୁଭବ କରିଛି। ତେଣୁ ପିଲାମାନେ ନିଜ ଅନିଚ୍ଛା ସତ୍ତ୍ୱେ ବିଭିନ୍ନ କୋଚିଂ ନେବାକୁ ବାଧ୍ୟ ହୁଅନ୍ତି। ତେବେ ଆମେ ଭାବିବା ଦରକାର ଯଦି ସବୁ ଛାତ୍ରୀଛାତ୍ର ନିଜ ଦକ୍ଷତାକୁ ପରଖିବେ ନାହିଁ ତାହେଲେ ବିଶ୍ୱରେ ଶିକ୍ଷକ, ଫଟୋଗ୍ରାଫର, ଡିଜାଇନର ଏବଂ ଆର୍କିଟେକ୍ଟ ସୃଷ୍ଟି ହେବେ ନାହିଁ। ସମାଜ ଚଳାଇବାରେ ପ୍ରତ୍ୟେକ ବୃତ୍ତିର ଅବଦାନ ରହିଛି।




**❖ ଆଶାୟୀ ଛାତ୍ରୀଛାତ୍ରଙ୍କୁ କ'ଣ ପରାମର୍ଶ ଦେବେ?**

ପିଲାମାନେ ଜୀବନରେ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଉପରେ ଧ୍ୟାନ ଦେଇ ନ ପାରିଲେ ଏହା ସେମାନଙ୍କୁ ଲକ୍ଷ୍ୟଚ୍ୟୁତ କରାଇଥାଏ। କେବଳ ଗ୍ରେଡ୍ କାର୍ଡ ମାଧ୍ୟମରେ ପିଲାଙ୍କ ଭବିଷ୍ୟତ ସ୍ଥିର ହେଉନାହିଁ, ବରଂ ସଫଳତା ପାଇଁ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡୁଛି। ତେଣୁ ନିଜ କ୍ୟାରିୟରକୁ କେବଳ ଏକ ଚାକିରି କରିବା ମାନସିକତାରେ ସୀମିତ ନ ରଖି ସେମାନେ ନିଜ ଟ୍ୟାଲେଣ୍ଟ ଏବଂ ସ୍ୱପ୍ନ ପୂରଣ ଦିଗରେ ଧ୍ୟାନ ଦିଅନ୍ତୁ। ସଫଳତା ଏକ ପ୍ରକ୍ରିୟା, କେବେ ବି ଏକ ଇଭେଣ୍ଟ ନୁହେଁ ବୋଲି ପିଲାମାନେ ମନେରଖିବା ଦରକାର। ତେଣୁ ସାରା ଜୀବନ ଜ୍ଞାନ ଆହରଣ ପ୍ରବୃତ୍ତି ରଖିବା ଆବଶ୍ୟକ। ପିଲାମାନେ ପଢ଼ାରୁ ଅଭିଜ୍ଞତା ଆହରଣ କରନ୍ତୁ। ପୁସ୍ତକ ଅଧ୍ୟୟନ କରୁ ନ ଥିବା ଶିକ୍ଷାର୍ଥୀଙ୍କୁ ଭବିଷ୍ୟତରେ ଅନେକ ଅସୁବିଧାର ସାମ୍ନା କରିବାକୁ ପଡ଼େ। ତେଣୁ ପିଲାମାନେ ଅଧ୍ୟୟନ ଏବଂ ଅଧ୍ୟବସାୟ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

**❖ ଶିକ୍ଷାର୍ଥୀଙ୍କୁ କିଭଳି ପ୍ରେରଣା ଦେବେ?**

ଶିକ୍ଷା ହେଉଛି ପିଲାଙ୍କ ଉତ୍ତମ ଭବିଷ୍ୟତ ପାଇଁ ପାସ୍‌ପୋର୍ଟ ସଦୃଶ। ବର୍ତ୍ତମାନ ଯେଉଁମାନେ ଏ ଦିଗରେ ପରିଶ୍ରମ କରୁଛନ୍ତି, ଭବିଷ୍ୟରେ ସେମାନଙ୍କୁ ନିଶ୍ଚିତ ସୁଫଳ ମିଳିବ। ସର୍ବଦା ମନକୁ ସ୍ଥିର ରଖି କାର୍ଯ୍ୟ ଉପରେ ଧ୍ୟାନ ଦେଲେ ପିଲାଙ୍କ ବହୁମୁଖୀ ଦୃଷ୍ଟିକୋଣ ବୃଦ୍ଧିପାଏ। ନିଜର ଆଗ୍ରହ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ସେ ଦିଗରେ କାର୍ଯ୍ୟ କରିବା ଦରକାର। କ୍ୟାରିୟର ସୁଇଚ୍ କରିବାର ଏକ ଉତ୍ତମ ଉଦାହରଣ ହେଉଛନ୍ତି ଫାଲ୍‌ଗୁନୀ ନାୟାର। ୨୦ ବର୍ଷ ପାଇଁ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଭାବରେ କାର୍ଯ୍ୟ କରିଥିବା ନାୟାର ଆଜି ଦେଶର ଅଗ୍ରଣୀ ପ୍ରସାଧନ ସାମଗ୍ରୀ ରିଟେଲର 'ନାଏକା'ର ସିଇଓ। ଏହାଛଡ଼ା ସୁପରଷ୍ଟାର ରଜନୀକାନ୍ତଙ୍କ ଉଦାହରଣ ନିଆଯାଉ। ସେ ଜଣେ ବସ୍ କଣ୍ଡକ୍ଟରରୁ ମେଗାଷ୍ଟାର ଭାବରେ ଜଣାଶୁଣା। ତେଣୁ ପିଲାମାନେ ଆତ୍ମବିଶ୍ୱାସୀ ହେବା ସହିତ ନିଜ ଆଗ୍ରହ କ୍ଷେତ୍ରଗୁଡ଼ିକ ପ୍ରତି ଧ୍ୟାନଦିଅନ୍ତୁ ଏବଂ ସେଥିରେ ସଫଳ ହେବାକୁ ପ୍ରୟାସ କରନ୍ତୁ।




## ପୌର ନିର୍ବାଚନରେ ମଧ୍ୟ ବ୍ୟାପକ ହିଂସା !







## ଯୁକ୍ତ ୩ ପଞ୍ଚମ ସେମିଷ୍ଟର କାର୍ଯ୍ୟସୂଚୀ ବଦଳିଲା

**ଭୁବନେଶ୍ୱର, ୨୪।୩(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଡିଗ୍ରୀ କଲେଜର ଯୁକ୍ତ ୩ ପଞ୍ଚମ ସେମିଷ୍ଟର ପରୀକ୍ଷା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ୨୩ ତାରିଖରୁ ଏହି ପରୀକ୍ଷା ହେବାକୁ ଥିବାବେଳେ ପୌର ନିର୍ବାଚନ ଲାଗି ପ୍ରଥମେ ଦୁଇଦିନ ପରୀକ୍ଷା ସ୍ଥଗିତ ରଖାଯାଇଥିଲା। ଏବେ ପୁଣିଥରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ୨୫ ତାରିଖରେ ଥିବା ପରୀକ୍ଷାକୁ ମଧ୍ୟ ବନ୍ଦ କରିଛନ୍ତି। ଉକ୍ତ ଦିନର ପରୀକ୍ଷା ଏପ୍ରିଲ ୫ ତାରିଖରେ ହେବ। ତେବେ ୨୬ରୁ ବିଧିବଦ୍ଧ ଭାବେ ପରୀକ୍ଷା ଆରମ୍ଭ ହେବ ବୋଲି ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝି ସମସ୍ତ କଲେଜକୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଏଥିସହ ପରୀକ୍ଷା ସମୟ ମଧ୍ୟ ବଦଳିଛି। ପୂର୍ବରୁ ଦିନ ୧୧ଟାରୁ ପରୀକ୍ଷା କରିବାକୁ ଧାର୍ଯ୍ୟ କରାଯାଇଥିବାବେଳେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷା ସମୟକୁ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁଯାୟୀ, ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହେବ। ସେହିପରି ପୂର୍ବ ନିର୍ଦ୍ଧାରିତ ଅନ୍ୟ ପରୀକ୍ଷା କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି।

## ପ୍ରକାଶ ପାଇଲା ଯୁକ୍ତ୨ ପରୀକ୍ଷା କାର୍ଯ୍ୟସୂଚୀ

- **ଏପ୍ରିଲ ୨୮ରୁ କଳା, ବାଣିଜ୍ୟ**
- **ମେ' ୯ରୁ ବିଜ୍ଞାନ, ଧନ୍ଦାମୂଳକ ପରୀକ୍ଷା**
- **ଏପ୍ରିଲ ୪ରୁ ୧୨ ପ୍ରାକ୍ଟିକାଲ**

**ଭୁବନେଶ୍ୱର, ୨୪।୩(ବ୍ୟୁରୋ)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଏପ୍ରିଲରୁ ଆରମ୍ଭ ହେବ। କଳା, ବିଜ୍ଞାନ ଓ ବାଣିଜ୍ୟରେ ପଢୁଥିବା ୨ୟ ବର୍ଷର ରେଗୁଲାର ଓ ଏକ୍ସରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଗୁରୁବାର ପରିଷଦ ପକ୍ଷରୁ ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। କଳା ଓ ବାଣିଜ୍ୟ ପରୀକ୍ଷା ଏପ୍ରିଲ ୨୮ରୁ ଆରମ୍ଭ ହେବ। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ହେବ। ଏହା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଚାଲିବ। ସେହିଭଳି ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ମେ' ୯ରୁ ଆରମ୍ଭ ହେବ। ବିଜ୍ଞାନ ଛାତ୍ରୀଛାତ୍ରମାନେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଓ ଧନ୍ଦାମୂଳକ ଛାତ୍ରୀଛାତ୍ରମାନେ ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଦେବେ। ଛାତ୍ରୀଛାତ୍ରମାନେ ଅଧଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ଏବଂ ୧୫ ମିନିଟ୍ ପୂର୍ବରୁ ପରୀକ୍ଷା ହଲ୍‌କୁ ଯାଇ ନିଜ ସିଟ୍‌ରେ ବସିବେ। ପରୀକ୍ଷା ଆରମ୍ଭ ହେବାର ୧୦ ମିନିଟ୍ ପୂର୍ବରୁ ଉତ୍ତର ଖାତା ଓ ୫ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ଦିଆଯିବ। ଅନ୍ୟପକ୍ଷରେ ପ୍ରାକ୍ଟିକାଲ ପରୀକ୍ଷା ଆଗୁଆ ହେବ। ଏପ୍ରିଲ ୪ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୨ ତାରିଖ ଯାଏ ଚାଲିବ। ତେବେ ସବୁଠି କରୋନା କଟକଣାରେ ପରୀକ୍ଷା କରିବା ପାଇଁ କୁହାଯାଇଛି। ଖିଲାପ ହେଲେ ପରୀକ୍ଷା ନିୟନ୍ତ୍ରକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, କରୋନା ଯୋଗୁ ଗତବର୍ଷ ବିନା ପରୀକ୍ଷାରେ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ କରାଯାଇଥିଲା। ଚଳିତବର୍ଷ କରୋନା ସଂକ୍ରମଣ ହ୍ରାସ ପାଇବାରୁ ଅଫ୍‌ଲାଇନ୍ ପରୀକ୍ଷା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାପୂର୍ବରୁ ପରୀକ୍ଷା ସଂକ୍ରାନ୍ତରେ ସରକାର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷାବିତ୍, ଶିକ୍ଷା ଅଧିକାରୀଙ୍କ ସମେତ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା କରିଥିଲେ।

**ଆଜିର ମନ୍ତବ୍ୟ**

"ବୀରଭୂମର ବର୍ବର ଘଟଣା ପଛରେ ବଡ଼ ଷଡ଼ଯନ୍ତ୍ର ରହିଛି। ହିଂସାକାଣ୍ଡର ସବୁ ଦିଗରୁ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଡ଼ିଗଲେ ଗେଣ୍ଡାଳିଆ**
**ଛାଡ଼ିଗଲେ ପର**
**ଜେମାଦେଇ କାନ୍ଦୁଛନ୍ତି**
**ଦେଖି ବୁଢ଼ା ବର।**

ବୟସ୍କ ପୁରୁଷ ସହ ଯୁବତୀ କନ୍ୟାର ବିବାହ ସମାଜ ଆଖିରେ ସେତେ ଗ୍ରହଣୀୟ ହୋଇ ନ ଥାଏ। ଉଭୟଙ୍କ ମଧ୍ୟରେ ବୟସର ତାରତମ୍ୟ ଅଧିକ ହୋଇଗଲେ ସାଂସାରିକ ଜୀବନ ସୁଖମୟ ହୋଇପାରି ନ ଥାଏ। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସହ ବିବାହ ହେଉଥିବା ଜାଣି ଯୁବତୀ କନ୍ୟା ଦୁଃଖରେ ମ୍ରିୟମାଣ ହୋଇପଡୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଧାର ମିଳିଲେ କିଣନ୍ତି ହାତୀ,**
**ଶୁଝିଲେ ଶୁଝିବେ ପୁଅଙ୍କ ନାତି।**

କିଛି ବ୍ୟକ୍ତି ବଦଖର୍ଚ୍ଚୀ ସ୍ୱଭାବର ହୋଇଥାନ୍ତି। ନିଜର ଆବଶ୍ୟକତା ତଥା ସଉକ ମେଣ୍ଟାଇବାକୁ ଯାଇ ଦରକାର ପଡ଼ିଲେ ଧାର ଉଧାର କିମ୍ବା ଋଣ କରିବସିଥାନ୍ତି। ପରନ୍ତୁ ଋଣ ପରିଶୋଧ କଥା କହିଲେ ପୁଅ କି ନାତି ଶୁଝିବେ କହି କଥାକୁ ଟାଳିଦେଇଥାନ୍ତି। ଅପବ୍ୟୟୀ ବ୍ୟକ୍ତିଙ୍କର ଏପରି ସ୍ୱଭାବ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ବାଲିଘାଟରେ ବୋମାମାଡ଼, ଜଣେ ମୃତ

- ୧୦ ବର୍ଷ ମାଫିଆଙ୍କ ଦଖଲରେ ଥିଲା ଘାଟ
- ଚଳିତ ବର୍ଷ ତହସିଲ ପକ୍ଷରୁ ଘାଟ ନିଲାମ ଦିଆଯାଇଥିଲା
- ଘାଟ ଛାଡ଼ିବାକୁ ଧମକ ଦେଉଥିଲେ ମାଫିଆ

ବିଞ୍ଝାରପୁର,୨୪।୩(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଫତେପୁର ପଞ୍ଚାୟତ ଅଧୀନ ଖରସ୍ରୋତା ନଦୀର ମନେଇ ସରକାରୀ ବାଲିଘାଟରେ ଗୁରୁବାର ସନ୍ଧ୍ୟାରେ ବୋମାମାଡ଼ ହୋଇଛି। ଏଥିରେ ଉକ୍ତ ଥାନା ଅଧୀନ କଲ୍ୟାଣପୁର(ବେଲପାଳ) ଗ୍ରାମର ସୁରେନ୍ଦ୍ର କୁମାର ଦାଶ ଓରଫ୍ ଦୁଃଖିଆଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ, ମନେଇ ବାଲିଘାଟକୁ ସୁରେନ୍ଦ୍ର ଓ ପ୍ରଦୀପ ସାହୁଙ୍କ ସମେତ ଅନ୍ୟ ଜଣେ ବ୍ୟକ୍ତି ଲିଜ୍ ନେଇଥିଲେ। ସୁରେନ୍ଦ୍ର ବାଲିଘାଟ କାର୍ଯ୍ୟ ବୁଝାଶୁଝା କରୁଥିଲେ। ଗୁରୁବାର ସନ୍ଧ୍ୟାରେ ସେ ଘାଟରେ ଥିଲାବେଳେ ଟେରା ମଲ୍ଲିକ ନାମକ ଜଣେ ବାଲି ମାଫିଆ ତାଙ୍କ ଉପରକୁ ହଠାତ୍ ବୋମାମାଡ଼ କରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ



ସୁରେନ୍ଦ୍ର କୁମାର ଦାଶ

ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରକାଶ ଥାଉକି, ଦୀର୍ଘ ୧୦ ବର୍ଷ ହେଲା ମନେଇ ବାଲିଘାଟକୁ ବେଆଇନ ଭାବେ ଅଭିଯୁକ୍ତ ମଲ୍ଲିକ ନିଜ ଦଖଲରେ ରଖିଥିଲେ। ଚଳିତ ବର୍ଷ ବିଞ୍ଝାରପୁର ତହସିଲ ପକ୍ଷରୁ ଏହି ଘାଟକୁ ନିଲାମ କରାଯାଇଥିଲା। ତେଣୁ ଅଭିଯୁକ୍ତ ମଲ୍ଲିକ ନିଲାମଧାରୀଙ୍କୁ ଘାଟ ଛାଡ଼ିବାକୁ ନାନା ଧମକଚମକ ଦେବାସହ ଗତ ୧୯ ତାରିଖ ସନ୍ଧ୍ୟାରେ ସେଠାରେ ୩ଟି ବୋମାମାଡ଼ କରିଥିଲେ। ଏନେଇ ସୁରେନ୍ଦ୍ର ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଯାହାର ପରିଣାମ ସ୍ୱରୂପ ସୁରେନ୍ଦ୍ରଙ୍କ ମୃତ୍ୟୁ ହେଲା। ତେବେ ସୁରେନ୍ଦ୍ରଙ୍କ ମୃତ୍ୟୁ ପାଇଁ ତାଙ୍କ ସ୍ତ୍ରୀ ମିନତି ବିଞ୍ଝାରପୁର ପୋଲିସକୁ ଦାୟୀ କରିବାସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଖବର ଲେଖାହେବାବେଳକୁ ମୃତକଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ପୋଲିସ ଖବର ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

# ଓଡ଼ିଶା ହାଇକୋର୍ଟରେ ୧୨ ବିଚାରପତି ପଦ ଖାଲି

ନୂଆଦିଲ୍ଲୀ,୨୪।୩

ଦେଶର ୨୫ଟି ହାଇକୋର୍ଟରେ ମୋଟ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ସଂଖ୍ୟା ୧୧୦୪ ହୋଇଥିବାବେଳେ ଏବେ ୬୯୯ ଜଣ କାର୍ଯ୍ୟ କରୁଛନ୍ତି। ୪୦୫ ବିଚାରପତି ପଦବୀ ଖାଲି ପଡ଼ିଛି। ସେଥି ମଧ୍ୟରୁ ଓଡ଼ିଶା ହାଇକୋର୍ଟରେ ୧୨ ବିଚାରପତି ପଦବୀ ଖାଲି ଥିବା ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଚାରପତି ନିଯୁକ୍ତି ଲାଗି ୧୭୫ଟି ପ୍ରସ୍ତାବ ସୁପ୍ରିମକୋର୍ଟ କଲେଜିୟମ ଏବଂ ସରକାରଙ୍କ ମଧ୍ୟରେ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟରେ ବିଚାରାଧୀନ ରହିଥିବା ଆଇନ ମନ୍ତ୍ରୀ କିରେନ ରିଜିଜୁ ଗୁରୁବାର ରାଜ୍ୟ ସଭାରେ କହିଛନ୍ତି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଆଲ୍ଲାହାବାଦ ହାଇକୋର୍ଟରେ ସର୍ବାଧିକ ୬୭ ବିଚାରପତି ପଦବୀ ପୂରଣ ହୋଇନାହିଁ। ସେହିପରି ବମ୍ବେ ହାଇକୋର୍ଟରେ ୩୬ଟି ଏବଂ ପଞ୍ଜାବ ହରିୟାଣା ହାଇକୋର୍ଟରେ ୩୬ ବିଚାରପତି ପଦ ଖାଲି ପଡ଼ିଛି। ଓଡ଼ିଶା ହାଇକୋର୍ଟରେ ୨୪ ସ୍ଥାୟୀ ଓ ୯ ଅତିରିକ୍ତ ପଦବୀ ସମେତ ୩୩ ବିଚାରପତି ପଦବୀ ରହିଥିବାବେଳେ ବର୍ତ୍ତମାନ ୨୧ ଜଣରେ କାର୍ଯ୍ୟ ଚାଲିଛି। ୧୨ ପଦବୀ ଖାଲି ରହିଛି। ହାଇକୋର୍ଟ ବିଚାରପତି ନିଯୁକ୍ତି ଲାଗି ରହିଥିବା ବ୍ୟବସ୍ଥା ଅନୁଯାୟୀ ଖାଲି ହେବାକୁ ଥିବା ବିଚାରପତି ପଦବୀ ପୂରଣ ଲାଗି ସମ୍ପୃକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି ୬ ମାସ ପୂର୍ବରୁ ପ୍ରସ୍ତାବ ଦେବେ। କାର୍ଯ୍ୟନିର୍ବାହୀ ଏବଂ ନ୍ୟାୟପାଳିକା ମଧ୍ୟରେ ଏହା ଏକ ଦୀର୍ଘ ତଥା ମିଳିତ ପ୍ରକ୍ରିୟା। ଏଥିପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରର ବିଭିନ୍ନ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କଠାରୁ ପରାମର୍ଶ ଓ ଅନୁମୋଦନର ଆବଶ୍ୟକ ହୋଇଥାଏ ବୋଲି ରିଜିଜୁ କହିଛନ୍ତି।

# ୪୧.୪ ଡିଗ୍ରୀ ସହ ଟିଟିଲାଗଡ଼ ଉତ୍ତପ୍ତ ସହର

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ସମେତ ସାରା ରାଜ୍ୟରେ ବଢ଼ିଚାଲିଛି ତାପମାତ୍ରା। ଅତ୍ୟଧିକ ଖରାତାତି ସହିତ ଗୁଳୁଗୁଳି କଲବଲ କରୁଛି। ଆଗକୁ ତାପମାତ୍ରା ଆହୁରି ବଢ଼ିବ। ୨୬ ତାରିଖ ପରେ ରାଜ୍ୟରେ ତାପମାତ୍ରା ୩ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ଓ ସର୍ବାଧିକ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଗୁରୁବାର ରାଜ୍ୟର ୪ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା। ୪୧.୪ ଡିଗ୍ରୀ ସହ ଟିଟିଲାଗଡ଼ ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବାବେଳେ ବଲାଙ୍ଗୀର ୪୧.୩, ସମ୍ବଲପୁର ଓ ବୌଦ୍ଧରେ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ, ବାଲେଶ୍ୱରରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବାବେଳେ ଚାନ୍ଦବାଲିରେ ୩୫.୮, କଟକ ୩୫.୪, ପାରାଦୀପ ୩୧.୪, ଭୁବନେଶ୍ୱର ୩୫.୬, ଗୋପାଳପୁର ୩୦.୭, ପୁରୀ ୩୧.୮, ଅନୁଗୋଳ ୩୯.୧, ବାରିପଦା ୩୯.୫, ଝାରସୁଗୁଡ଼ା ୩୯.୮, କେନ୍ଦୁଝରଗଡ଼ ୩୭.୭, ସୁନ୍ଦରଗଡ଼ ୩୯, ହୀରାକୁଦ ୩୮.୯, ତାଳଚେର ୩୯, ଭବାନୀପାଟଣା ୩୯.୬, ବଲାଙ୍ଗୀର ୪୧.୩, କୋରାପୁଟ ୩୬, ଫୁଲବାଣୀ ୩୮.୨, ଟିଟିଲାଗଡ଼ ୪୧.୪, ମାଲକାନଗିରି ୩୭.୫, ସୋନପୁର ୩୯.୨, ଦାରିଙ୍ଗବାଡ଼ି ୩୪.୫, ନୟାଗଡ଼ ୩୯, ପାରଳାଖେମୁଣ୍ଡି ୩୩, ଭଦ୍ରକ ୩୮ ଓ ଯାଜପୁରରେ ୩୭.୨ ଡିଗ୍ରୀ ତାପମାତ୍ରା ରହିଥିଲା।


## classifieds Everyday 0674-2580101, 2549302



### SALE

Booking open- 2BHK, 3BHK Apartment for sale near AIIMS Hospital & Doon International School (Patrapada, Bhubaneswar). Contact: 9090770637, 9938670164. D-71965

Private plot for sale Patrapada & Khandagiri near DN Regalia Mall 999/- Price. 9437335686, 7008487006. D-23418

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9438122777, 9556622939.** D-71799

Ready to move flat 3BHK 58lakh and 2BHK 48lakh available near V2 Showroom Patrapada, Bhubaneswar. 9861037729/ 9040337729. D-71481

Sum Hospital ଘଙ୍ଘାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

**60ft. ପିଚୁ ରୋଡ୍‌କୁ ଲାଗି commercial/ residential ଘରବାରି, ପଟ୍ଟା, ପାଚେରି, ଇଲେକ୍ଟ୍ରିସିଟି ସୁବିଧା ଥାଇ ଭୁବନେଶ୍ୱର GIFT College ପାଖରେ @25,00,000/- ବିକ୍ରିହେବ। Owner- 9437033320.** D-73213

Ready 4BHK Duplex at Balianta. Land-1400 and Construction-2200 @85Lakh. Land Balianta @900, Pahala @1500, Patrapada @2000. 8984071303. D-23449

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71962

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209



House at Nayapalli near DAV/ Stewart School for Family. 9438490107. D-71880



**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Newly open SPA positively health benefits expert therapist, Kalpana. 7846814019. D-71480

All types body massage with hiprofile smart lady room service available. 8917243035. D-71341

Newly open SPA positively health benifit with expert. Contact: 7749976301. D-71960

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71879

### AFFIDAVIT

Before Notary Public Bhubaneswar I Pedeni Kavita due to error in my surname have changed it from Pedini Kavita for future purposes. D-23468

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ପୌର ନିର୍ବାଚନରେ...

ଛୁରାମାଡ଼ କରାଯାଇଛି। ସେକ୍ ଅସ୍ତାକ ନାମକ ଜଣେ ଯୁବକ ବୁଥ୍ ମଧ୍ୟରେ ପଶି ପାଟିତୁଣ୍ଡ କରିଥିଲେ। ଏହାକୁ ସ୍ଥାନୀୟ ମହାନ୍ତି ସାହିର ରମେଶ ଚନ୍ଦ୍ର ଲେଙ୍କା ବିରୋଧ କରିବାକୁ ଅସ୍ତାକ୍ ତାଙ୍କୁ ଛୁରା ମାଡ଼ କରିଥିଲେ। ଏଥିରେ ରମେଶ ଗୁରୁତର ହୋଇଥିଲେ। ଏହାକୁ ନେଇ ଉକ୍ତ ବୁଥ୍‌ରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଇଭିଏମ୍‌କୁ ଭଙ୍ଗାରୁଜା କରିଥିଲେ। ପରେ ୧୬, ୧୭ ଓ ୧୮ ନଂ. ବୁଥ୍‌ରେ ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏପରିକି ଉତ୍ତ୍ୟକ୍ତ ଲୋକେ ଧାମନଗର ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଜିଲାପାଳ ତ୍ରିଲୋଚନ ମାଝି ଓ ଏସ୍‌ପି ଚରଣ ସିଂ ମୀନା ଆହତ ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷେ ଏସ୍‌ପି ପୋଲିସ ଫୋର୍ସ ନେଇ ଧାମନଗରରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାରେ ଆକ୍ରମଣକାରୀ ସେକ୍ ଅସ୍ତାକ୍‌ଙ୍କୁ ସ୍ପେଶାଲ ବ୍ରାଞ୍ଚ ଟିମ୍ ଗିରଫ କରିଛି। ଗିରଫ ପରେ ତାଙ୍କୁ ଭଦ୍ରକ ଟାଉନ ଥାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ୧୪୪ଧାରା ଲାଗୁ କରାଯିବା ସହ ମୋଟ ୬ଟି ବୁଥ୍‌ରେ ମତଦାନ ବନ୍ଦ ରହିଛି।

ଭୁବନେଶ୍ୱର ମହାନଗର ନିଗମ ଅଧୀନ ନୟାପଲ୍ଲୀ ଓ ଝାରପଡ଼ା ଅଞ୍ଚଳରେ ଥିବା କେତେକ ବୁଥ୍‌ରେ ବିଭିନ୍ନ କାରଣରୁ ମତଦାନ ସମୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ରଙ୍ଗମାଟିଆରେ ମୃତଲୋକଙ୍କ ଭୋଟ ଦିଆଯାଉଥିବା ଖବର ପ୍ରଚାର ହେବା ପରେ କିଛି ସମୟ ସ୍ୱାଧୀନ ପ୍ରାର୍ଥୀ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ସେହିପରି କଟକ ମହାନଗର ନିଗମ ଅନ୍ତର୍ଗତ ୫୩ ନମ୍ବର ୱାର୍ଡର କଲ୍ୟାଣ ନଗର ସତ୍‌ସଙ୍ଗ ହାଇସ୍କୁଲରେ ମତଦାନ ସମୟରେ ହୋଇଥିବା ୩୯୭ ରୁ ୪୦୧ ବୁଥ୍ ସମ୍ମୁଖରେ ଟଙ୍କା ବଣ୍ଟା ଯିବାର ଏକ ଭିଡିଓ ଭାଇରାଲ ହୋଇଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସପକ୍ଷରେ ଭୋଟ ଦେବା ପାଇଁ ଜଣେ ବ୍ୟକ୍ତି ଟଙ୍କା ବାଣ୍ଟୁଥିବାର ଦେଖି ଅନ୍ୟ ଏକ ରାଜନୈତିକ ଦଳର ଲୋକମାନେ ତାଙ୍କୁ କାବୁ କରି ମାଡ଼ ମାରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଉପରେ ନିୟନ୍ତ୍ରଣ କରିବା ସହ ଭୋଟ ପ୍ରକ୍ରିୟାକୁ ସ୍ୱାଭାବିକ କରିଥିଲା। ସେହିପରି ପୁରୀ ଜିଲା ପିପିଲି ଏନ୍‌ଏସିରେ ମତଦାନ ଆରମ୍ଭ ସମୟରେ କେତେକ ବୁଥ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମତଦାନ ପ୍ରକ୍ରିୟା ବିଳମ୍ବ ହୋଇଥିଲା। ଅନ୍ୟପଟେ ୭ନଂ. ଓ ୮ ନଂ. ୱାର୍ଡରେ ରାଜନୈତିକ ହିଂସା ଦେଖିବାକୁ ମିଳିଥିଲା। ୭ନଂ. ୱାର୍ଡର ୯ନଂ. ବୁଥ୍‌ରେ ଭାଜପା ଏଜେଣ୍ଟ ଅନିଲ କୁମାର ସିଂ କାର୍ଯ୍ୟ କରୁଥିବା ବେଳେ ବିରୋଧୀ ଦଳର କେତେକ ସମର୍ଥକ ଆସି କୌଣସି କଥାକୁ ନେଇ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଅନିଲ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ବଲାଙ୍ଗୀର ପୌରପାଳିକା, ପାଟଣାଗଡ ଓ କଣ୍ଟାବାଞ୍ଜି ଏନ୍‌ଏସିରେ ଟଙ୍କା ବଣ୍ଟନକୁ କେନ୍ଦ୍ର କରି ମାରପିଟ, ମହିଳା କାଉନସିଲର ପ୍ରାର୍ଥୀ ଓ ଭୋଟରଙ୍କୁ ମାଡ, ବିଧାୟକଙ୍କ ସମ୍ପର୍କୀୟ ଭାଇ ଏବଂ ପୂର୍ବତନ ବିଧାୟକଙ୍କ ପୁଅକୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ରାତିରେ ଭୋଟରଙ୍କୁ ଟଙ୍କା ବଣ୍ଟନ ଘଟଣାକୁ ନେଇ ବଲାଙ୍ଗୀର ପୌରପାଳିକାର ୧୩ନମ୍ବର ୱାର୍ଡରେ ମାରପିଟ ହୋଇଥିଲା। ଟଙ୍କା ବାଣ୍ଟୁଥିବା ଦଳର ସମର୍ଥକମାନେ ପ୍ରତିପକ୍ଷ ଗୋଷ୍ଠୀର ଲୋକଙ୍କୁ ଭୁଜାଲିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କଣ୍ଟାବାଞ୍ଜି ଏନ୍‌ଏସି ୱାର୍ଡ ନମ୍ବର ୧୫ର ପିଙ୍କ ବୁଥ୍‌ରେ ଭୋଟ ପ୍ରଚାର ଏବଂ ଭୋଟରଙ୍କୁ ନେଇ ମତଦାନ କରାଇବା ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ, ଠେଲାପେଲା ଏବଂ ମାରପିଟ୍ ହୋଇଛି। ୱାର୍ଡ ନମ୍ବର ୧୫ର ବିଜେଡି କାଉନସିଲର ପ୍ରାର୍ଥିନୀ ପିଙ୍କି ଖର୍ସେଲଙ୍କୁ କେତେକ କଂଗ୍ରେସ ସମର୍ଥକ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ପୂର୍ବତନ ବିଧାୟକ ଆୟୁବ ଖାନ୍‌ଙ୍କ ପୁଅ ଫିରୋଜ ଖାନ୍‌ଙ୍କୁ ମଧ ଠେଲାପେଲା କରାଯାଇଛି। ପାଟଣାଗଡ ଏନ୍‌ଏସି ୱାର୍ଡ ନମ୍ବର ୧ରେ ଟଙ୍କା ବଣ୍ଟନ କରୁଥିବା ଅଭିଯୋଗ ଆଣି ବିଧାୟକ ସରୋଜ କୁମାର ମେହେରଙ୍କ ସମ୍ପର୍କୀୟ ଭାଇ ତଥା ବିଜେଡି ମିଡିଆ ପ୍ରଭାରୀ ପ୍ରଦୀପ ମେହେରଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଚିକିଟି ଏନ୍‌ଏସିର ୧୨ ନଂ ୱାର୍ଡରେ ମତଦାନ ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀମାନେ ରିଗିଂ କରୁଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଥିଲା। ଏପରି କି ଅଭିଯୋଗର ୨ଘଣ୍ଟା ପର୍ଯ୍ୟନ୍ତ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ଏହାକୁ ରୋକା ନ ଯିବାରୁ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଠେଙ୍ଗା, ଟେକା ପଥର ଫୋପଡ଼ାଯାଇଥିଲା। କେନ୍ଦୁଝରରେ ମଧ୍ୟ ଭୋଟବାକ୍ସ ଅଦଳବଦଳକୁ ନେଇ ମଧ୍ୟ ବ୍ୟାପକ ହିଂସାକାଣ୍ଡ ଦେଖିବାକୁ ମିଳିଛି।

## ପୌର ନିର୍ବାଚନ...

ରାଜଧାନୀ ଭୁବନେଶ୍ୱରରେ ଗତ ନିର୍ବାଚନଠାରୁ ମତଦାନ ହାରରେ ସାମାନ୍ୟ ବୃଦ୍ଧି ଘଟିଛି। ୨୦୧୪ରେ ଏଠାରେ ୪୦.୩୦%, ୨୦୦୮ରେ ୩୮.୨୯% ମତଦାନ ରେକର୍ଡ କରାଯାଇଥିଲା। ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦର ୮ ନମ୍ବର ୱାର୍ଡରେ ପ୍ରାର୍ଥୀଙ୍କ ନାମ ଭୁଲ୍ ଥିବାରୁ ଏଠାରେ ଅଧକ୍ଷ ପଦବୀରେ ଭୋଟଦାନ ସ୍ଥଗିତ ରହିଛି। ଏଠାରେ ଶୁକ୍ରବାର ମତଦାନ ହେବ ଅନୁଷ୍ଠିତ ବୋଲି ନିର୍ବାଚନ କମିଶନର ସୂଚନା ଦେଇଛନ୍ତି।

ରାଜ୍ୟର ୪୭ ମ୍ୟୁନିସିପାଲିଟି, ୫୯ ଏନ୍‌ଏସି ଏବଂ ୩ ମହାନଗର ନିଗମର ୧ହଜାର ୮୨୫ ୱାର୍ଡରେ ୪ ହଜାର ୩୬୦ ବୁଥ୍‌ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ କେତେକ ସ୍ଥାନରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ପାଇଁ ଭୋଟ ଗ୍ରହଣ ବିଳମ୍ବ ହୋଇଥିଲା। ହାତଗଣତି ସ୍ଥାନକୁ ବାଦ୍ ଦେଲେ ନିର୍ବାଚନ ମୋଟାମୋଟି ଶୃଙ୍ଖଳାର ସହିତ ଶେଷ ହୋଇଥିବା ନିର୍ବାଚନ କମିଶନର କହିଛନ୍ତି।

## ବଢ଼ିବନି ବିଜୁଳି...

କାରଖାନାଗୁଡ଼ିକୁ ବିଦ୍ୟୁତ୍ ଶୁଳ୍କରେ ୨୦% ରିହାତି ଦିଆଯିବ। ଏହି ନିୟମ ୧ ଏମ୍‌ଭିଏରୁ ୬ ଏମ୍‌ଭିଏ ବିଜୁଳି ବ୍ୟବହାର କରୁଥିବା କ୍ଷେତ୍ରରେ ଲାଗୁ ହେବ। ଯେଉଁମାନେ ୬ ଏମ୍‌ଭିଏରୁ ଅଧିକ ବିଜୁଳି ବ୍ୟବହାର କରୁଥିବେ ସେମାନଙ୍କୁ ୮% ଓ ୧୦% ରିହାତି ମିଳିବ। ଏହି ସବୁ ନିୟମ ଆସନ୍ତା ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ଲାଗୁ ହେବ ବୋଲି ଓଇଆରସି ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ(ଓପିଟିସିଏଲ୍)ର ବିଦ୍ୟୁତ୍ ପରିବହନ ୟୁନିଟ୍ ପିଛା ୨୮ ପଇସା ରହିଛି। ତେବେ ଗ୍ରୀଡ୍‌କୋ ଯୋଗାଉଥିବା ବଲ୍କ ବିଦ୍ୟୁତ୍ ଯୋଗାଣ (ବିଏସ୍‌ପି) ଦରକୁ ସଂଶୋଧିତ କରାଯାଇଛି। ପ୍ରତି ୟୁନିଟ୍ ପିଛା ୨୭୮.୦୬ ପଇସାରୁ ୨୯୭.୬୯ ପଇସାକୁ ବୃଦ୍ଧି କରାଯାଇଛି। ଆସନ୍ତା ଆର୍ଥିକ ବର୍ଷ ସକାଶେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟିପିସିଓଡିଏଲ୍‌ଏ ପାଇଁ ପ୍ରତି କିଲୋୱାଟ ପିଛା ୩ଟଙ୍କା, ଟିପିଏଓଡିଏଲ୍ ୨ଟଙ୍କା ୨୧ ପଇସା, ଟିପିଡବ୍ଲ୍ୟୁଓଡିଏଲ୍ ୩ଟଙ୍କା ୬୦ ପଇସା ଏବଂ ଟିପିଏସ୍‌ଓଡିଏଲ ପାଇଁ କିଲୋୱାଟ ପିଛା ୨ଟଙ୍କା ୨୭ ପଇସା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ବର୍ଷ ପାଇଁ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେଶନ(ଓଏଚ୍‌ପିସି) ଶୁଳ୍କକୁ ହ୍ରାସ କରିଛି। ୟୁନିଟ୍ ପିଛା ଦର ୯୧.୪୨ ପଇସାରୁ ୯୦.୪୩ ପଇସାକୁ ହ୍ରାସ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ବିଦ୍ୟୁତ୍ ଉତ୍ପାଦନକାରୀ, ବଣ୍ଟନକାରୀ ସଂସ୍ଥାଗୁଡ଼ିକ ବିଦ୍ୟୁତ୍ ଦର ୫ରୁ ୧୦ ପଇସା ବଢ଼ାଇବାକୁ ଓଇଆରସିଙ୍କ ନିକଟରେ ଆବେଦନ କରିଥିଲେ। ଓଇଆରସି ପକ୍ଷରୁ ଏ ନେଇ ଶୁଣାଣି କରାଯାଇଥିଲା। କରୋନା ସମୟରେ ଲୋକମାନଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ବିଦ୍ୟୁତ୍ ଶୁଳ୍କ ନ ବଢ଼ାଇବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଏପରି କି ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ବିଦ୍ୟୁତ୍ ଶୁଳ୍କ ନ ବଢ଼ାଇବାକୁ ଓଇଆରସିଙ୍କୁ ଅନୁରୋଧ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପାଖପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ସକାଳୁ ସକାଳୁ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବୃଷ** – ସାମୟିକ ଭାବେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ** – ଧାର କରଜ କରି ପାରିବାରିକ ଆବଶ୍ୟକତା ଚଳାଇ ନେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ବନ୍ଧୁମାନଙ୍କର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**କର୍କଟ** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ ସବୁକିଛି ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ସନ୍ଦେହ କରି ନିଜ ଲୋକମାନଙ୍କ ଭୁଲ୍‌କୁ ଦେଖିପାରିବେ ନାହିଁ। ନିଜ ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହାତ ହୋଇପାରେ।

**ସିଂହ** – ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୀର୍ଘଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**କନ୍ୟା** – ଆଜି ଦିନଟିରେ ଘରକାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଳିଯିବ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଭାବପ୍ରବଣତା ବଶତଃ ଓଲଟା କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଜିଦ୍‌ଖୋର ମନୋଭାବ ତ୍ୟାଗ କଲେ କେତେକାଂଶରେ ଉପକୃତ ହେବେ। ଆଜି ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ସ୍ଥାନାନ୍ତର ଚିନ୍ତାରେ ମାନସିକ ସ୍ଥିତି ଭଲ ରହି ନ ପାରେ।

**ବିଛା** – ପ୍ରତିଟି ସମୟରେ ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ। ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଭାବୁଥିବା କାମଟିକୁ ଶେଷ କରିପାରିବେନି। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ସାଧାରଣ କଥାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ।

**ମକର** – କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ହଠାତ୍ କୌଣସି ଖବର ପାଇ ଖୁସି ହେବେ। ରଚନାତ୍ମକ କାର୍ଯ୍ୟ କିମ୍ବା ଅଧ୍ୟୟନରେ ଏକାଗ୍ରତା ଆଣିପାରିବେ। ବାଣିଜ୍ୟ,ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** – ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଚିନ୍ତା କରୁଥିବା କଥାଟି ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବନ୍ଧୁଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ମହିଳାମାନଙ୍କ ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** – କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଖଳ ଲୋକଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପଡ଼ୋଶୀଙ୍କ ସହ ମଧୁର ଆଳାପରେ ମାତିରହିବେ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

## ଆଜିଠୁ ବିଧାନସଭା...

ରଖାଯାଇଥିବା ବେଳେ ୩୦ରେ ଅର୍ଥମନ୍ତ୍ରୀ ବଜେଟ ଆଗତ କରିବେ। ସେହିଦିନ ଭୋଟ ଅନ୍ ଆକାଉଣ୍ଟ ବା ଲେଖାନୁଦାନ ପ୍ରସ୍ତାବ ଆଗତ ହେବା ସହ ଏହା ଉପରେ ଆଲୋଚନା ହେବ। ୩୧ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ। ସେହିଦିନ ବଜେଟ ଅଧିବେଶନ ଶେଷହେବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। କରୋନା ସଂକ୍ରମଣ ହ୍ରାସ ପାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଗୃହ ପରିଚାଳନା କରାଯିବ। ସ୍ୱଳ୍ପ ଅବଧି ବିଶିଷ୍ଟ ଏହି ବିଧାନସଭା ଅଧିବେଶନରେ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପାଖରେ ଏକାଧିକ ପ୍ରସଙ୍ଗ ରହିଛି। ନିର୍ବାଚନୀ ହିଂସା, ମାନସ ସ୍ୱାଇଁ ହତ୍ୟାକାଣ୍ଡ, ଆଇନଶୃଙ୍ଖଳା, ଦାରିଦ୍ର୍ୟ, ପାନୀୟ ଜଳ, ଶିକ୍ଷକ, ଡାକ୍ତର ଅଭାବ ଆଦି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀ ଯୋଜନା କରିଛନ୍ତି।

# ଭୋଟ ଦେବାକୁ ଚାଲି ଚାଲି ଗଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ରାଜ୍ୟରେ ୧୦୯ ପୌରାଞ୍ଚଳରେ ଗୁରୁବାର ଭୋଟ ଗ୍ରହଣ ଶେଷ ହୋଇଛି। ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇଥିଲା। ପ୍ରଥମରୁ ମତଦାନ ଟିକେ ଧିମା ଥିଲା। ପୂର୍ବାହ୍ନ ୧୦ଟାରୁ ବୁଥ୍‌ଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ନିଜ ନିଜ ସହରାଞ୍ଚଳର ବିଭିନ୍ନ ବୁଥ୍‌ରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ବିଭିନ୍ନ ଦଳର ନେତା ଓ ପ୍ରଶାସକମାନେ ଭୋଟ ଦେଇଛନ୍ତି। ଭୁବନେଶ୍ୱର ମହାନଗର ନିଗମର ୫୩ ନମ୍ବର ୱାର୍ଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ନବୀନ ନିବାସରୁ ବାହାରି ଚାଲି ଚାଲି ଏରୋଡ୍ରମ ଉ.ପ୍ରା. ବିଦ୍ୟାଳୟରେ ଥିବା ୫୪୪ ନମ୍ବର ବୁଥ୍‌ରେ ପହଞ୍ଚି ଭୋଟ୍ ଦେଇଥିଲେ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନରେ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି । ୪୦ ନମ୍ବର ୱାର୍ଡ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟର ୪୧୬ ନମ୍ବର ବୁଥ୍‌ରେ ମୁଖ୍ୟ ଶାସନ ସଚିବ ପତ୍ନୀ ଦେବାୟନୀ ନନ୍ଦଙ୍କ ସହ ଭୋଟ ଦେଇଛନ୍ତି । ମତଦାନ ପ୍ରକ୍ରିୟାରେ ଅଧିକରୁ ଅଧିକ ନିଜକୁ ସାମିଲ କରିବା ପାଇଁ ମୁଖ୍ୟ ଶାସନ ସଚିବ ଭୋଟରଙ୍କୁ ନିବେଦନ କରିଥିଲେ। ସେହି ବୁଥ୍‌ରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ମଧ୍ୟ ନିଜ ଭୋଟ ଦେଇଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି ) ଭି.କେ. ପାଣ୍ଡିଆନଙ୍କ ସହ ତାଙ୍କ ପତ୍ନୀ ତଥା ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ୪୬ ନମ୍ବର ୱାର୍ଡରେ ନିଜର ମତ ସାବ୍ୟସ୍ତ କରିଛନ୍ତି । ଜଣେ ସଚେତନ ନାଗରିକ ଭାବେ ଉଭୟେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଛନ୍ତି । ଅନ୍ୟପକ୍ଷରେ ଯାଜପୁର ବିଧାୟକ ତଥା ବିଜୁ ଜନତା ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯାଜପୁର ପୌରାଞ୍ଚଳର ବାହାବଳପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ସାଧାରଣ ମତଦାତାଙ୍କ ଭଳି ଧାଡ଼ିରେ ଛିଡ଼ା ହୋଇ ଭୋଟ ଦେଇଛନ୍ତି। ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସାମିଲ ହୋଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିବା କହିଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଝିଅ ମନୀଷା ପଣ୍ଡାଙ୍କ ସହ ୫୩ ନମ୍ବର ୱାର୍ଡରେ ଭୋଟ ଦେଇଛନ୍ତି।


ଭୋଟ ଦେବା ପାଇଁ ଗୁରୁବାର ନବୀନ ନିବାସରୁ ଚାଲି ଚାଲି ଭୁବନେଶ୍ୱର ଏରୋଡ୍ରମ ଉ.ପ୍ରା. ବିଦ୍ୟାଳୟକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ମତଦାନ କଲେ ମନ୍ତ୍ରୀ, ନେତା, ବରିଷ୍ଠ ପ୍ରଶାସକ

ସେହିପରି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏବଂ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମଧ୍ୟ ନିଜ ନିଜ ନିର୍ବାଚନମଣ୍ଡଳୀରେ ମତାଧିକାର ସାବ୍ୟସ୍ତ କରିଛନ୍ତି। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ର, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କଟକ ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ, କଟକ ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସ, କଂଗ୍ରେସ ମେୟର ପ୍ରାର୍ଥୀ ଗିରିବାଳା ସ୍ୱାଇଁ, ଭୁବନେଶ୍ୱର ମହାନଗର ନିଗମ ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସ, କଂଗ୍ରେସ ମେୟର ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ, ବିଏମ୍‌ସି ଭାଜପା ମେୟର ପ୍ରାର୍ଥୀ ସୁନୀତ ମୁଣ୍ଡ, ବ୍ରହ୍ମପୁର ମହାନଗର ନିଗମର ବିଜେଡି ପ୍ରାର୍ଥୀ ସଂଘମିତ୍ରା ଦଳେଇ, କଂଗ୍ରେସର ମଞ୍ଜୁ ରଥ, ଭାଜପାର ସବିତା ସୁଆର ମଧ୍ୟ ନିଜ ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି ।

# ଯୋଗୀ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ

**ଲକ୍ଷ୍ନୌ,୨୪।୩**


ୟୁପି ମୁଖ୍ୟମନ୍ତ୍ରୀ ଭାବେ ଆଜି ନେବେ ଶପଥ

ଯୋଗୀ ଆଦିତ୍ୟନାଥ ଗୁରୁବାର ଆନୁଷ୍ଠାନିକ ଭାବେ ଉତ୍ତରପ୍ରଦେଶ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ୟୁପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ରାଜ୍ୟରେ ଜଣେ ମୁଖ୍ୟମନ୍ତ୍ରୀ ୫ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରି କ୍ରମାଗତ ଦ୍ୱିତୀୟ ଥର କ୍ଷମତାକୁ ଆସିବା ଏହା ପ୍ରଥମ ଘଟଣା ବୋଲି ଲକ୍ଷ୍ନୌଠାରେ ଭାଜପା ବିଧାୟକମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଯୋଗୀ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମାର୍ଗଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଥିବା ସେ କହିଥିଲେ। ୪୦୩ ଆସନ ବିଶିଷ୍ଟ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ୨୫୫ ଆସନ ଜିତିଥିବାବେଳେ ସହଯୋଗୀ ଦଳ ୧୮ ଆସନରେ ବିଜୟୀ ହୋଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉପସ୍ଥିତିରେ ଯୋଗୀଙ୍କୁ ଭାଜପା ବିଧାୟକ ଦଳ ନେତା ନିର୍ବାଚନ କରାଯାଇଛି। ଶୁକ୍ରବାର ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, ଦଳର ଶୀର୍ଷ ନେତୃବୃନ୍ଦ, ବିଶିଷ୍ଟ ଶିଳ୍ପପତି ଓ ସାଧୁସନ୍ଥ ଯୋଗଦେବେ ବୋଲି ଜଣାପଡ଼ିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସମେତ ୬୦ ବିଶିଷ୍ଟ ବ୍ୟବସାୟୀଙ୍କୁ ନିମନ୍ତ୍ରଣ କରାଯାଇଛି। ସେହିପରି ଯୋଗୀ ବ୍ୟକ୍ତିଗତ ଭାବେ ୫୦ରୁ ଊର୍ଦ୍ଧ୍ୱ ସାଧୁଙ୍କୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ଆମନ୍ତ୍ରଣ କରିଛନ୍ତି। ଭାରତରତ୍ନ ଶ୍ରୀଅଟଳବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମ୍‌ରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଯୋଗଗୁରୁ ବାବା ରାମଦେବ, କଶ୍ମୀର ଫାଇଲ୍ସର ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ଏବଂ ଅଭିନେତା ଅନୁପମ ଖେର୍ ମଧ୍ୟ ଯୋଗୀଙ୍କ ଶପଥ ଉତ୍ସବରେ ଉପସ୍ଥିତ ରହିବେ।

# ଇଭିଏମ୍ ସିଲ୍‌କୁ ନେଇ ଉତ୍ତେଜନା

- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ୧୪୪ ଜାରି କଲା ପ୍ରଶାସନ

**ବାରିପଦା ଅଫିସ,୨୪।୩**



ଉତ୍ତ୍ୟକ୍ତ ଲୋକେ କୃଷ୍ଣଚନ୍ଦ୍ର ଗୋଲାଇ-ଡାକ୍ତରଖାନା ରାସ୍ତା ଅବରୋଧ କରିଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ନିର୍ବାଚନ ସରିବା ପରେ ଇଭିଏମ୍ ସିଲ୍‌କୁ ନେଇ ଉତ୍ତେଜନା ଦେଖାଦେଇଛି। ଏଜେଣ୍ଟଙ୍କ ଦସ୍ତଖତ ନ କରାଇବା ଓ ପୋଲିସର ଅଶାଳୀନ ବ୍ୟବହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି କୃଷ୍ଣଚନ୍ଦ୍ର ଗୋଲାଇ-ଡାକ୍ତରଖାନା ରାସ୍ତାକୁ ଅବରୋଧ କରିଥିଲେ। ଅନ୍ୟ ଏକ ବୁଥ୍‌ର ଇଭିଏମ୍ ସହ ପୋଲିଂ କର୍ମଚାରୀମାନଙ୍କୁ ଅଟକ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ପୋଲିସ ଓ ତହସିଲଦାର ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରି ନ ଥିଲା। କଂଗ୍ରେସ ଓ ଭାଜପା କର୍ମକର୍ତ୍ତାମାନେ ବୁଥ୍‌କୁ ଘେରି ରହିଥିଲେ। ଏ ସଂକ୍ରାନ୍ତରେ କଂଗ୍ରେସ ପକ୍ଷରୁ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ୧୪୪ ଜାରି କରାଯାଇଥିଲା। ପରେ ବିକ୍ଷୋଭକାରୀଙ୍କୁ ପୋଲିସ ସେଠାରୁ ହଟାଇ ଦେଇ ଅଟକ ପୋଲିଂ କର୍ମଚାରୀଙ୍କୁ ଉଦ୍ଧାର କରି ଇଭିଏମ୍ ବାକ୍ସ ନେଇଥିଲା। ତେବେ ପୋଲିସର ଏଭଳି ଦବଙ୍ଗଗିରିକୁ ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ, କଂଗ୍ରେସ ପୌରାଧ୍ୟକ୍ଷ ପ୍ରାର୍ଥୀ ଯୋଗେଶ ଅଗ୍ରୱାଲ୍, ବିଧାୟକ ପ୍ରକାଶ ସୋରେନ, ଭାଜପା ନେତା ଜୀବନ ସାହୁ, ଫାଗୁ ହାଁସଦା ପ୍ରମୁଖ ଦୃଢ଼ ନିନ୍ଦା କରିଛନ୍ତି। ଆନ୍ଦୋଳନରତ ମହିଳାମାନଙ୍କୁ ଉଠାଇ ଦେବା ପାଇଁ ପୋଲିସ ବଳ ପ୍ରୟୋଗ କରିବା ଘଟଣାକୁ ଉଭୟ ଦଳ ପକ୍ଷରୁ ସମାଲୋଚନା କରାଯାଇଛି।

ସୂଚନା ଅନୁଯାୟୀ, ୬ନଂ.ୱାର୍ଡ ପାଇଁ ଶରତଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୫ ଓ ୧୬ନଂ. ମତଦାନ କେନ୍ଦ୍ର କରାଯାଇଥିଲା। ୧୬ନଂ. ବୁଥ୍‌ରେ ମତଦାନ ସରିବା ପରେ ଇଭିଏମ୍‌କୁ ସିଲ୍ କରାଯାଇଥିଲା। ସିଲ୍ ପରେ ଏଜେଣ୍ଟମାନଙ୍କ ଦସ୍ତଖତ ନ ନେଇ ଇଭିଏମ୍ ବାକ୍ସକୁ ସ୍କୁଲର ପଛ ଫାଟକ ଦେଇ ପୋଲିଂ ଅଧିକାରୀ ଓ ସୁରକ୍ଷା କର୍ମୀ ନେଇ ଯାଇଥିଲେ। ଏନେଇ ଭାଜପା କାଉନସିଲର ପ୍ରାର୍ଥିନୀ ପାୟେଲ ରାୟଙ୍କ ସହ ସମର୍ଥକ ଏବଂ କଂଗ୍ରେସର ଏଜେଣ୍ଟ ଓ ସମର୍ଥକମାନେ ପ୍ରଶ୍ନ ଉଠାଇଥିଲେ। ତେବେ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିବା ଡିଏସ୍‌ପି ସବିତା ମାଝୀଙ୍କ ଅଶାଳୀନ ବ୍ୟବହାରକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ୧୫ନଂ.ବୁଥ୍‌ରେ ଥିବା ଇଭିଏମ୍‌କୁ ଲୋକେ ଅଟକ ରଖି ପୋଲିଂ କର୍ମଚାରୀ ନେଇ ଯାଇଥିବା ଇଭିଏମ୍‌କୁ ଫେରାଇ ଆଣିବାକୁ ଅଡ଼ି ବସିଥିଲେ। ଏଭଳି ଆଇନ ବିରୁଦ୍ଧ କାର୍ଯ୍ୟ କରିଥିବା ପୋଲିଂ ଅଧିକାରୀ ଓ ମହିଳା ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲୋକେ ଦାବି କରିଛନ୍ତି।

ସେହିପରି ୧୭ନଂ. ୱାର୍ଡ ବିଜୟରାମଚନ୍ଦ୍ରପୁର ବିଦ୍ୟାଳୟରେ ଥିବା ୪୮ନଂ. ବୁଥ୍‌ରେ ଇଭିଏମ୍ ସିଲ୍‌କୁ ନେଇ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଏଜେଣ୍ଟ ଓ ପ୍ରାର୍ଥୀଙ୍କ ସମର୍ଥକମାନେ ଇଭିଏମ୍ ସିଲ୍ କରିବା ପାଇଁ ଜିଦ୍ ଧରିଥିବାରୁ ସେଠାରେ ଉତ୍ତେଜନା ଲାଗି ରହିଛି। ୧୬ନଂ.ୱାର୍ଡର ରାଖଲଗୋପ ବିଦ୍ୟାଳୟରେ ଥିବା ୪୫,୪୬ ଓ ୪୭ନଂ. ବୁଥ୍‌ରେ ଇଭିଏମ୍ ସିଲ୍ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ପ୍ରାର୍ଥୀ ଓ ସମର୍ଥକମାନେ ଭୋଟ ଗ୍ରହଣ କେନ୍ଦ୍ର ମୁଖ୍ୟ ଫାଟକ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିଂ ଅଧିକାରୀ ଓ ପୋଲିସ ସେଠାରେ ପହଞ୍ଚି ସେଠାରେ ପହଞ୍ଚି ବୁଝାସୁଝା କରିବା ପରେ ମଧ୍ୟ ଲୋକେ ଜିଦ୍‌ରେ ଅଟଳ ଥିବା ସୂଚନା ମିଳିଛି। ଜିଲାପାଳ କିମ୍ବା ପୌର ନିର୍ବାଚନ ଅଧିକାରୀ ଘଟଣାର ତଦନ୍ତ କରିବା ପାଇଁ ଦାବି ହେଉଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-PANTRYCAR-SBP-3-22

**କାର୍ଯ୍ୟର ନାମ:** ତିନି ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ସ୍ଥିତ କୋଚିଙ୍ଗ୍ ଡିପୋ ର ପ୍ୟାଣ୍ଟ୍ରି କାରଗୁଡ଼ିକର ରାଉଣ୍ଡ ଟ୍ରିପ୍ ସେଫ୍ ଟୁ ରନ୍ ସାର୍ଟିଫିକେସନ (Round Trip Safe to run Certification) ଏବଂ ସେଣ୍ଟ୍ରାଲାଇଜ୍ଡ ଗ୍ୟାସ୍ ସିଷ୍ଟମ୍ ର ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 30,82,128.00, EMD (ଟଙ୍କାରେ): 61,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 03 (ତିନି) ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.04.2022 ରିଖ 1100 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର
PR-917/M/21-22



**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସେଣ୍ଟ୍ରାଲ-୨୧-୨୨-୩୬, ତାରିଖ: ୨୪।୦୩।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ସିନିୟର ଡିଇଏନ୍ (ସେଣ୍ଟ୍ରାଲ)/ସିକେପିଙ୍କ ଅଧୀନରେ ବିନା ଶ୍ରମିକ ଏବଂ ପେଟ୍ରୋଲରେ ଅନୁମୋଦିତ ଉପକରଣ ସହିତ କମ୍ପ୍ରେସ୍ଡ ଏୟାର୍ ପେଟ୍ରୋଲ/ଏଲ୍‌ପିଜି, ଥ୍ରି ପିସ୍ ମୋଲ୍ଡ ବ୍ୟବହାର କରି ୱେଲ୍ଡିଂ କାର୍ଯ୍ୟର ତତ୍ତ୍ୱାବଧାନ ସହିତ ଆର୍‌ଡିଏସ୍‌ଓ ଅନୁମୋଦିତ ଏଟି ୱେଲ୍ଡ ଅଂଶ ଯୋଗାଇ ବିଭିନ୍ନ ଟ୍ରାକ୍ କାର୍ଯ୍ୟ ନିମନ୍ତେ ୬୦ କିଗ୍ରା/୯୦ ୟୁଟିଏସ୍/୬୦ କିଗ୍ରା, ଇ୧, ଆର୍-୨୬୦ ଗ୍ରେଡ୍ ରେଳ ଜଏଣ୍ଟଗୁଡ଼ିକର ଏଟି ୱେଲ୍ଡ କାର୍ଯ୍ୟ ସମ୍ପାଦନ (ସିଙ୍ଗଲ୍ ଶଟ୍ କ୍ରୁସିବଲ୍ ପ୍ରକ୍ରିୟା ଦ୍ୱାରା) । **ଟେଣ୍ଡର ମୂଲ୍ୟ:** ₹୪୫,୫୪,୩୩୨.୯୦; ଇଏମ୍‌ଡି: ₹୯୧,୧୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹0.00 । **ଖୋଲାଯିବା ତାରିଖ:** ୨୬।୦୪।୨୦୨୨ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-702)



**ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ, ମୁମ୍ବାଇ**
www.rbi.org.in
ବିଜ୍ଞାପନ ସଂଖ୍ୟା ୨/୨୦୨୧-୨୦୨୨
ବିଜ୍ଞାପନ ସଂଖ୍ୟା ୩/୨୦୨୧-୨୦୨୨
ସ୍ୱାଧୀନତାର ଅମୃତ ମହୋତ୍ସବ

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର.ସଂ. | ବିଜ୍ଞାପନ ସଂଖ୍ୟା | ପଦବୀ | ଖାଲିଥିବା ସ୍ଥାନ |
|---|---|---|---|
| ୧ | ୨/୨୦୨୧-୨୦୨୨ | ଅଧିକାରୀ ଗ୍ରେଡ୍ 'ବି' (ଡିଆର) – ସାଧାରଣ (General) - ପ୍ୟାନେଲ୍ ବର୍ଷ ୨୦୨୨ | ୨୩୮ |
| ୨ | ୨/୨୦୨୧-୨୦୨୨ | ଅଧିକାରୀ ଗ୍ରେଡ୍ 'ବି' (ଡିଆର) – ଆର୍ଥିକନୀତି ଓ ଅନୁସନ୍ଧାନ ବିଭାଗ (DEPR) - ପ୍ୟାନେଲ୍ ବର୍ଷ ୨୦୨୨ | ୩୧ |
| ୩ | ୨/୨୦୨୧-୨୦୨୨ | ଅଧିକାରୀ ଗ୍ରେଡ୍ 'ବି' (ଡିଆର) – ସାଂଖ୍ୟକୀ ଓ ସୂଚନା ପ୍ରବନ୍ଧ ବିଭାଗ (DSIM) - ପ୍ୟାନେଲ୍ ବର୍ଷ ୨୦୨୨ | ୨୫ |
| ୪ | ୩/୨୦୨୧-୨୦୨୨ | ସହାୟକ ପ୍ରବନ୍ଧକ (ରାଜଭାଷା) – ପ୍ୟାନେଲ୍ ବର୍ଷ ୨୦୨୧ | ୦୬ |
| ୫ | ୩/୨୦୨୧-୨୦୨୨ | ସହାୟକ ପ୍ରବନ୍ଧକ (ସୁରକ୍ଷା ଓ ଶିଷ୍ଟାଚାର) – ପ୍ୟାନେଲ୍ ବର୍ଷ ୨୦୨୧ | ୦୩ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନ୍‌ଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in)ରେ ମାର୍ଚ୍ଚ ୨୮, ୨୦୨୨ ଓ ଏମ୍ପ୍ଲୟମେଣ୍ଟ ନିୟୁଜ୍/ରୋଜଗାର ସମାଚାରର ମାର୍ଚ୍ଚ ୨୬, ୨୦୨୨/ପରବର୍ତ୍ତୀ ପ୍ରକାଶନରେ ପ୍ରକାଶିତ ହେବାକୁଥିବା ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନ୍‌ଲାଇନରେ ବ୍ୟାଙ୍କର ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

୩. **ଗୁରୁତ୍ୱପୂର୍ଣ୍ଣ ତାରିଖ:**

| | |
|---|---|
| ୱେବସାଇଟ୍ ଲିଙ୍କର ଉନ୍ମୁକ୍ତ – ଅନ୍‌ଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ୍ (Fees)/ସୂଚନା ଦେୟ ପ୍ରଦାନ ନିମନ୍ତେ | ମାର୍ଚ୍ଚ ୨୮, ୨୦୨୨ରୁ ଏପ୍ରିଲ ୧୮, ୨୦୨୨ (ସନ୍ଧ୍ୟା ୬.୦୦ ପର୍ଯ୍ୟନ୍ତ) |
| ଗ୍ରେଡ୍ 'ବି' (ଡିଆର) – ସାଧାରଣ (General) – ପ୍ରଥମ ପର୍ଯ୍ୟାୟ (Phase - I) ଅନଲାଇନ (online) ପରୀକ୍ଷା | ମଇ ୨୮, ୨୦୨୨ |
| ଗ୍ରେଡ୍ 'ବି' (ଡିଆର) – ସାଧାରଣ (General) – ଦ୍ୱିତୀୟ ପର୍ଯ୍ୟାୟ (Phase - II) ଅନ୍‌ଲାଇନ (online) / ଲିଖିତ ପରୀକ୍ଷା (Written Examination) | ଜୁନ୍ ୨୫, ୨୦୨୨ |
| ଗ୍ରେଡ୍ 'ବି' (ଡିଆର) – ଡିଇପିଆର୍ (DEPR)/ଡିଏସ୍‌ଆଇଏମ୍ (DSIM) – ପ୍ରଥମ ପର୍ଯ୍ୟାୟ (Phase - I) ଅନ୍‌ଲାଇନ (online) ପରୀକ୍ଷା | ଜୁଲାଇ ୦୨, ୨୦୨୨ |
| ଗ୍ରେଡ୍ 'ବି' (ଡିଆର) – ଡିଇପିଆର୍ (DEPR)/ଡିଏସ୍‌ଆଇଏମ୍ (DSIM) – ଦ୍ୱିତୀୟ ପର୍ଯ୍ୟାୟ (Phase - II) / ଦ୍ୱିତୀୟ ପେପର (Paper - II) ଏବଂ ତୃତୀୟ ପେପର (Paper - III) ଅନଲାଇନ (online) / ଲିଖିତ ପରୀକ୍ଷା (Written Examination) | ଅଗଷ୍ଟ ୦୬, ୨୦୨୨ |
| ସହାୟକ ପ୍ରବନ୍ଧକ – ରାଜଭାଷା ଏବଂ ସୁରକ୍ଷା ଓ ଶିଷ୍ଟାଚାର – ଅନ୍‌ଲାଇନ (online) / ଲିଖିତ ପରୀକ୍ଷା (Written Examination) | ମଇ ୨୧, ୨୦୨୨ |

**ଦ୍ରଷ୍ଟବ୍ୟ:** ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ । (ଏହି ବିଜ୍ଞାପନର ହିନ୍ଦୀ ରୂପାନ୍ତର ଦୈନିକ ଭାସ୍କର, ଦୈନିକ ଜାଗରଣ, ରାଜସ୍ଥାନ ପତ୍ରିକା ଓ ନବଭାରତ ଟାଇମ୍ସରେ ଉପଲବ୍ଧ ହେବ)।


# କାଉନସିଲର ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

**ପଟ୍ଟାମୁଣ୍ଡାଇ ୨୪।୩(ସ୍ୱ.ପ୍ର.)**


ଆକ୍ରମଣର ଶିକାର ପ୍ରଶାନ୍ତ ଜେନା।

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୧୫ ନଂ. ୱାର୍ଡ ଅଳଭା ଗାଁର କାଉନସିଲର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ୱାଧୀନ ପ୍ରାର୍ଥୀ ପ୍ରଶାନ୍ତ ଜେନାଙ୍କୁ କେତେଜଣ ଦୁର୍ବୃତ୍ତ ବୁଧବାର ରାତିରେ ମରଣାନ୍ତକ ଆକ୍ରମଣ କରି ରାସ୍ତା କଡରେ ଫିଙ୍ଗି ଦେଇଥିଲେ। ଗ୍ରାମବାସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଶାନ୍ତଙ୍କୁ ଉଦ୍ଧାର କରି ପ୍ରଥମେ ପଟ୍ଟାମୁଣ୍ଡାଇ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ପ୍ରଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅଧିକ ରକ୍ତସ୍ରାବ ହେତୁ ଦୀର୍ଘ ସମୟ ଧରି ସେ ଅଚେତ ହୋଇପଡ଼ିଥିଲେ। ଗୁରୁବାର ପୌର ନିର୍ବାଚନକୁ ନେଇ ସେ ତାଙ୍କ ବାଇକ୍ ଯୋଗେ ଘରୁ ବାହାରି ତାଙ୍କ ଗାଁ ପୋଲ ପାଖକୁ ଯାଉଥିବା ବେଳେ ପାଖ ଛକରେ କେହି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ପଛ ପଟୁ ଚୋଟ ମାରିବା ସହ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ସେ ଅଚେତ ହୋଇ ସେଠାରେ ପଡିଯାଇଥିଲେ। ଆକ୍ରମଣର ଠିକ୍ କାରଣ ଜଣାପଡି ନ ଥିଲେ ମଧ୍ୟ ନିର୍ବାଚନ ଯୋଗୁ ଅପରଗୋଷ୍ଠୀ ତାଙ୍କୁ ଆକ୍ରମଣ କରିଥାଇପାରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଥାନା ପରିସର ରଣକ୍ଷେତ୍ର

**ଭାଜପା-ବିଜେଡି କର୍ମୀ ହାତାହାତି**

**ଢେଙ୍କାନାଳ ଅଫିସ୍, ୨୪।୩**

ପୌର ନିର୍ବାଚନ ସମୟରେ ଆରୋପ-ପ୍ରତ୍ୟାରୋପକୁ ନେଇ ଢେଙ୍କାନାଳ ଟାଉନ୍ ଥାନା ପରିସରରେ ଭାଜପା ଏବଂ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ଗୋଷ୍ଠୀ ମଧ୍ୟରେ ବାକ୍‌ବିତଣ୍ଡା ଉଗ୍ରରୂପ ନେଇଥିବା ବେଳେ ସ୍ୱଳ୍ପ ସମୟ ମଧ୍ୟରେ ରଣକ୍ଷେତ୍ର ପାଲଟିଥିଲା ଥାନା ପରିସର। ଆକ୍ରମଣରେ ଉଭୟ ଗୋଷ୍ଠୀର ୪ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣାରେ ପୋଲିସ ୩ ଭାଜପା କର୍ମୀଙ୍କୁ ଅଟକ ରଖିଛି। ଖବର ଲେଖାଯିବା ସୁଦ୍ଧା ଥାନା ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା।

ପୋଲିସ ସୂଚନା ଅନୁଯାୟୀ, ପୌର ନିର୍ବାଚନ ଲାଗି ମତଦାନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ୧୫ନଂ. ୱାର୍ଡ ଅଧୀନ ମୁକ୍ତାଦେଈପୁର ଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍ ବାହାରେ ବିଜେଡି-ଭାଜପା ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀର ସମର୍ଥକଙ୍କୁ ଘଉଡ଼ାଇ ଦେଇଥିଲା। ତେବେ ଶାସକ ଦଳର କର୍ମୀଙ୍କ ଆକ୍ରମଣରେ ଭାଜପାର ସଞ୍ଜୀବ କୁମାର ପାତ୍ର ଆହତ ହୋଇଥିବା ନେଇ ଟାଉନ ଥାନାରେ ୪ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ଏହି ସମୟରେ ବିଜେଡି ସମର୍ଥକମାନେ ପାଲଟା ଅଭିଯୋଗ କରିବାକୁ ଟାଉନ ଥାନାରେ ପହଞ୍ଚିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ପୁନର୍ବାର ଯୁକ୍ତିତର୍କ ହୋଇ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଥାନାରେ ଭାଜପା ସମର୍ଥକଙ୍କ ଆକ୍ରମଣରେ ୧୫ନଂ. ୱାର୍ଡର ବିଜେଡି କାଉନ୍‌ସିଲର ପ୍ରାର୍ଥୀ ବିମଳ ନାଏକଙ୍କ ସମେତ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ଥାନା ପରିସରରେ ଏଭଳି ଗୋଷ୍ଠୀ ସଂଘର୍ଷ ବେଳେ ପୋଲିସ ଅସହାୟ ପାଲଟିଯାଇଥିଲା। ସୂଚନା ପାଇ ସଦର ଏସ୍‌ଡିପିଓ ବିକାଶ ଚନ୍ଦ୍ର ବେଉରା ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଭାଜପା ନେତା ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର, ବିଜେଡି ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ ପ୍ରମୁଖ ପୋଲିସ ସହିତ ଆଲୋଚନା ଜାରି ରଖିଛନ୍ତି।


नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

Advt. No. 10220201

**ADDENDUM**

Last date for receipt of physical application for the position **ADVISOR (Forest and Environment) is extended up to 15.04.2022.** However, all other terms and conditions of the advertisement No. 10220201 for applying for the posts shall remain unchanged. Interested candidates are requested to get the details of the position from the career section of the website of the company **i.e. www.nalcoindia.com.**



**TPNØDL**
**TP NORTHERN ODISHA DISTRIBUTION LIMITED**
**(A Tata Power & Odisha Government Joint Venture)**
**Regd. Off: Corp Office, Januganj, Remuna Golei, Balasore, Odisha-756019**
**CIN No.: U40106OR2021SGC035951; Website: www.tpnodl.com**

**OPEN ACCESS CHARGES NOTIFICATION**

**Surcharge, Wheeling Charge & Transmission Charge for Open access consumer 1MW & above**

**EFFECTIVE FROM 1st April, 2022**

In exercise of the powers conferred under Sections 39,40 and 42 of the Electricity Act, 2003 read with the provisions of OERC (Terms and Conditions of Intra State Open Access) Regulations, 2020, the Odisha Electricity Regulatory Commission has passed Common order on 24.03.2022 in Case Nos. 112, 113, 114 & 115 of 2022 with regard to approval of Open Access Charges (Transmission/wheeling Charges, Surcharge and Additional Surcharge applicable to open access customers for use of Intra-state transmission/ distribution system) which shall be effective from 1st April, 2022.

2. The wheeling charge and surcharge as indicated in Table below shall be applicable w.e.f. 01.04.2022.

***Surcharge, Wheeling Charge & Transmission Charge for Open Access consumer 1MW & above***

| Name of the licensee | Cross Subsidy Surcharge (P/U) | | Wheeling Charge P/U applicable to HT consumers only | Transmission Charges for Open Access Customer (applicable for HT & EHT consumers) |
|---|---|---|---|---|
| | EHT | HT | | |
| TPCODL | 163.39 | 83.02 | 98.43 | The Open Access customer availing Open Access shall pay Rs.6720/MW-day (Rs.280/MWh) as transmission charges. |
| TPNODL | 149.32 | 57.50 | 113.69 | |
| TPWODL | 123.19 | 53.60 | 77.12 | |
| TPSODL | 212.30 | 127.08 | 112.01 | |

3. The normative transmission loss at EHT (3.0%) and normative wheeling loss for HT level (8%) are applicable for the year 2022-23.
4. Additional Surcharge: No additional surcharge over and above the Cross-Subsidy Surcharge needs to be given to the embedded licensee.
5. The consumers availing renewable power through open access shall have to pay the transmission charge, wheeling charge and cross subsidy surcharge as applicable to consumers availing conventional power.
6. These charges as notified for the FY 2022-23 will remain in force until further order.

For the information of the General Public and interested persons, the Commission hereby publishes the charges as would be applicable for all classes of consumers at HT & EHT. The said order shall be available in the Commissions website www.orierc.org as well as in the website of the Distribution Utility www.tpnodl.com.

Place: Balasore
Date: 24 .03.2022

Chief Executive Officer
TP Northern Odisha Distribution Ltd



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧ ୦୨୨, ଓଡ଼ିଶା
CIN : U40102OR2004SGC007553
OPTCL Lifeline of Odisha

**ଶୁଳ୍କ ବିଜ୍ଞପ୍ତି**

**ତା. ୦୧.୦୪.୨୦୨୨ ରିଖରୁ ଲାଗୁହେବା ନିମନ୍ତେ ସରବରାହ ଶୁଳ୍କ ଏବଂ ମୁକ୍ତ ପ୍ରବେଶ ଦେୟ**

ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ୬୪ (୩) ଧାରା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟବସ୍ଥାନୁଯାୟୀ ପ୍ରାପ୍ତ କ୍ଷମତା ବଳରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା.୨୪.୦୩.୨୦୨୨ ରିଖରେ ମାମଲା ସଂଖ୍ୟା ୧୦୫/୨୦୨୧ ରେ ତା.୦୧.୦୪.୨୦୨୨ ରିଖରୁ ଲାଗୁ ହେବା ନିମନ୍ତେ ଓପିଟିସିଏଲ୍‌ର ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ସରବରାହ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧରେ ଆଦେଶନାମା ପ୍ରଦାନ କରିଛନ୍ତି ।

ଓଇଆର୍‌ସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଓପିଟିସିଏଲ୍ ଏତଦ୍ୱାରା ସରବରାହ ଶୁଳ୍କ ତାଲିକା ଏବଂ ମୁକ୍ତ ପ୍ରବେଶ ଦେୟର ତାଲିକା ପ୍ରକାଶନ କରୁଅଛି ।

**ତା. ୦୧.୦୪.୨୦୨୨ ରିଖରୁ ଲାଗୁ ହେବା ନିମନ୍ତେ ସରବରାହ ଶୁଳ୍କର ତାଲିକା**

୧. ନିମ୍ନଲିଖିତ ପାରା (କ) ଠାରୁ (ଘ) ପର୍ଯ୍ୟନ୍ତ ଉପଯୁକ୍ତ ଦେୟର ମିଶ୍ରଣରେ ସମ୍ପୂର୍ଣ୍ଣ ଦେୟ ହିସାବ ହେବ ।

(କ) **ସରବରାହ ଦେୟ :**
ଓପିଟିସିଏଲ୍‌ର ୪୦୦ କେଭି / ୨୨୦ କେଭି / ୧୩୨ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ସରବରାହ ଲାଇନ୍ ଏବଂ ସବଷ୍ଟେସନ୍ ମାଧ୍ୟମରେ ଶକ୍ତି ସରବରାହ ନିମନ୍ତେ ବିତରଣକାରୀ ସଂସ୍ଥା ମାନଙ୍କୁ ସରବରାହ ମୂଲ୍ୟ ୟୁନିଟ୍ ପିଛା ୨୮ ପଇସା ଦେବାକୁ ହେବ । ସିଜିପିର ଉତ୍ପାଦିତ ଶକ୍ତିକୁ ଏହାର ରାଜ୍ୟ ମଧ୍ୟରେ ଅନ୍ୟତ୍ର ଅବସ୍ଥାପିତ କାରଖାନା ପର୍ଯ୍ୟନ୍ତ ସରବରାହ ପାଇଁ ମଧ୍ୟ ଏହି ଦେୟ ଲାଗୁ ହେବ । ପ୍ରଯୁଜ୍ୟ ମୁକ୍ତ ପ୍ରବେଶ ବିନିୟମ ଅନୁଯାୟୀ ମୁକ୍ତ ପ୍ରବେଶ ଖାଉଟିମାନଙ୍କୁ(ଦୀର୍ଘ,ମଧ୍ୟମ ଏବଂ ସ୍ୱଳ୍ପ ମିଆଦି- ବିତରଣ ସଂସ୍ଥା ବ୍ୟତିତ) ୬,୭୨୦ ଟଙ୍କା / ମେଗାୱାଟ୍-ଦିନ ( ୨୮୦ ଟଙ୍କା / ମେଗାୱାଟ୍ ଘଣ୍ଟା) ହିସାବରେ ନିୟାମକଙ୍କ ଆନ୍ତଃରାଜ୍ୟ ଅବାଧ ପ୍ରବେଶ ଅଧିନିୟମ ୨୦୨୦ ହିସାବରେ ସରବରାହ ଶୁଳ୍କ ଦେୟ ଦେବାକୁ ହେବ ।

(ଖ) **ଅବାଧ ପ୍ରବେଶ ଶୁଳ୍କ:**
୨୦୨୧ର କେସ୍ ନଂ ୧୧୨,୧୧୩,୧୧୪ ଏବଂ ୧୧୫ରେ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଶୁଳ୍କ ଅନୁଯାୟୀ ଅବାଧ ପ୍ରବେଶ ଶୁଳ୍କ (ଏକ ମେଗାୱାଟ୍‌ରୁ ଉର୍ଦ୍ଧ୍ୱ) ଯଥା କ୍ରସ୍ ସବ୍‌ସିଡି ,ଅଧିଶୁଳ୍କ, ପରିବହନ ଏବଂ ସରବରାହ ଶୁଳ୍କ ଲାଗୁ ହେବ।

(ଗ) **ରିହାତି :** ବିଲ୍ ଦେୟ, ବିଲ୍ ପାଇବାର ୨ କାର୍ଯ୍ୟ ଦିବସ (ଏନ୍.ଆଇ.ଅଧିନିୟମ ଅନୁଯାୟୀ ଛୁଟି ଦିବସ ବ୍ୟତୀତ) ମଧ୍ୟରେ ଲେଟର୍ ଅଫ୍ କ୍ରେଡିଟ୍ କିମ୍ବା ଏନ୍.ଇ.ଏଫ୍.ଟି / ଆର.ଟି.ଜି.ଏସ୍ / ନଗଦ ଆକାରରେ ପଇଠ କଲେ ୨% ରିହାତି ମିଳିବ । ବିତରଣ ଲାଇସେନ୍ସଧାରୀମାନେ ବିଲ୍ ଦେୟ ଲେଟର୍ ଅଫ୍ କ୍ରେଡିଟ୍ ଆକାରରେ ନ ଦେଇ ଅନ୍ୟ ମାଧ୍ୟମରେ ବିଲ୍ ପାଇବାର ୩୦ ଦିନ ମଧ୍ୟରେ ପଇଠ କଲେ ୧% ରିହାତି ପାଇବେ ।

(ଘ) **ବିଳମ୍ବ-ଦେୟ ଅଧିଶୁଳ୍କ:** ଲାଇସେନ୍ସଧାରୀମାନେ ବିଲ୍ ପାଇବା ତାରିଖଠାରୁ ୩୦ ଦିନ ମଧ୍ୟରେ ବିଲ୍ ଦେୟ ପଇଠ ନ କଲେ ଓପିଟିସିଏଲ୍ ପ୍ରତି ମାସ ବକେୟା ବିଲ୍‌ର ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ ।

୨. **ସରବରାହ କ୍ଷତି:** ସରବରାହ ଲାଇସେନ୍ସଧାରୀ ମିଳୁଥିବା ଶକ୍ତିରୁ ୩.୦୦% ସରବରାହ କ୍ଷତି ବାବଦରେ ବାଦ୍‌ଦେଇ ବାକି ପରିମାଣ ଶକ୍ତି ୪୦୦ କେଭି / ୨୨୦ କେଭି / ୧୩୨ କେଭି ମାଧ୍ୟମରେ ମୁକ୍ତ ପ୍ରବେଶ ଖାଉଟି ମାନଙ୍କୁ ଦେବା ପାଇଁ ଦାୟୀ ରହିବେ ।

୩. ଓପିଟିସିଏଲ୍ ନିମନ୍ତେ ସରବରାହ ଶୁଳ୍କ, ମୁକ୍ତ ପ୍ରବେଶ ଦେୟ ଏବଂ ସରବରାହ କ୍ଷତି ତା. ୦୧.୦୪.୨୦୨୨ ରିଖରୁ ଲାଗୁ ହେବ ଏବଂ ଆୟୋଗଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

୪. ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବ୍‌ସାଇଟ୍ www.orierc.org ଏବଂ ଓପିଟିସିଏଲ୍‌ର ୱେବ୍‌ସାଇଟ୍ www.optcl.co.in ରେ ଉପଲବ୍ଧ ।

ଭୁବନେଶ୍ୱର
ତା : ୨୪.୦୩.୨୨
HIPR-63/21-22
ସ୍ୱା/-
ପରିଚାଳନା ନିର୍ଦ୍ଦେଶକ

ଯନ୍ତ୍ରଣା ହେଉଛି ଜଗନ୍ମାତାଙ୍କର ସ୍ପର୍ଶ। ଏହି ସ୍ପର୍ଶ ଆମକୁ ଶିକ୍ଷାଦିଏ –କିପରି ଆମେ ଅତ୍ୟୁଲ୍ଲାସ୍ ଭିତରେ ବଢ଼ିପାରିବା ଓ ତାକୁ ସହ୍ୟ କରି ପାରିବା। ସେ ଆମକୁ ତିନୋଟି ସ୍ତରରେ ଶିକ୍ଷା ଦିଅନ୍ତି– ପ୍ରଥମଟି ତିତିକ୍ଷା ବା ସହିଷ୍ଣୁତା –ଦ୍ୱିତୀୟଟି ସାମ୍ୟଭାବ ଓ ଶେଷଟି ହେଲା– ଦିବ୍ୟ ଉଲ୍ଲାସ ବା ଉନ୍ମାଦ। **–ଶ୍ରୀଅରବିନ୍ଦ**



# କ୍ୟାନ୍ସର ଚିକିତ୍ସାରେ ଅସମାନତା



ରାଫେଲ୍ ମାରିଆନୋ ଗ୍ରୋସି

ଉନ୍ନତ ତଥା ଆଧୁନିକ କ୍ୟାନ୍ସର ଚିକିତ୍ସା ବ୍ୟବସ୍ଥାରୁ ଏବେ ପର୍ଯ୍ୟାପ୍ତ ଲାଭ ମିଳୁଛି ଓ ଅନେକ ଲକ୍ଷ ଲୋକଙ୍କ ଜୀବନ ରକ୍ଷା ହେଉଛି। ଫଳରେ ୨୦୦୦ରୁ ୨୦୧୫ ମଧ୍ୟରେ ଧନୀଦେଶଗୁଡ଼ିକ କ୍ୟାନ୍ସର ରୋଗୀଙ୍କ ସମ୍ଭାବ୍ୟ ମୃତ୍ୟୁହାର ୨୦ ପ୍ରତିଶତ ହ୍ରାସ କରିପାରିଛନ୍ତି। ହେଲେ ବିଶ୍ୱରେ ଧନୀ ଦେଶଗୁଡ଼ିକୁ ଛାଡ଼ିଦେଲେ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଏଭଳି ଅଗ୍ରଗତି ଅନ୍ୟ ଦେଶଗୁଡ଼ିକରେ ହୋଇପାରିନାହିଁ। ସେମାନେ ଉନ୍ନତ ଚିକିତ୍ସା ବ୍ୟବସ୍ଥାରୁ ବଞ୍ଚିତ ହେଉଛନ୍ତି। ଫଳରେ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ପୂର୍ବରୁ ରହିଥିବା ବୈଶ୍ୱିକ ଅସମାନତା ଦୃଢ଼ ହେବାରେ ଲାଗିଛି। ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଗରିବ ଓ ବିକାଶଶୀଳ ଦେଶଗୁଡ଼ିକରେ କ୍ୟାନ୍ସରରେ ପୀଡ଼ିତ ୧୦ ଜଣଙ୍କ ମଧ୍ୟରୁ ୭ ଜଣଙ୍କର ମୃତ୍ୟୁ ହେବ ବୋଲି ଆକଳନ କରାଯାଇଛି। ଏପରି କି ଏହି ଦେଶଗୁଡ଼ିକ ମଧ୍ୟରୁ ଅନେକ କ୍ୟାନ୍ସରକୁ ମୁକାବିଲା କରିବା ଲାଗି ଆବଶ୍ୟକ ଉପକରଣ ପାଉନାହାନ୍ତି। ଏହା ଯୋଗୁ ୨୦୪୦ ସୁଦ୍ଧା କ୍ୟାନ୍ସରରେ ଏହି ସବୁ ଦେଶରେ ବର୍ଷକୁ ୧୧ ମିଲିୟନ ବା ୧ କୋଟି ୧୦ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିବେ। ଲାଟିନ୍ ଆମେରିକା ଏବଂ କାରିବିୟାନ ଦେଶଗୁଡ଼ିକରେ ୨୦୨୦ରେ ପାଖାପାଖି ୧.୫ ମିଲିୟନ ବା ୧୫ ଲକ୍ଷ ଲୋକ କ୍ୟାନ୍ସରରେ ପୀଡ଼ିତ ହୋଇଥିଲେ। ୨୦୪୦ ସୁଦ୍ଧା କ୍ୟାନ୍ସର ପୀଡ଼ିତଙ୍କ ସଂଖ୍ୟା ଆହୁରି ୧୦ ଲକ୍ଷ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। କେବଳ ଏତିକି ନୁହେଁ, ବାର୍ଷିକ ମୃତ୍ୟୁସଂଖ୍ୟା ୭ ଲକ୍ଷ ୧୩ ହଜାରରୁ ୧୨ ଲକ୍ଷ ୫୦ ହଜାରକୁ ବୃଦ୍ଧି ପାଇବ। ଆଫ୍ରିକାରେ ଆଗାମୀ ଦଶନ୍ଧିଗୁଡ଼ିକରେ କ୍ୟାନ୍ସର ପୀଡ଼ିତଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବା ସହ ମୃତ୍ୟୁହାର ମଧ୍ୟ ବଢ଼ିବ। ଏବେ ଆଫ୍ରିକାରେ କ୍ୟାନ୍ସର ମୃତ୍ୟୁହାର ବୈଶ୍ୱିକ ହାରାହାରି ଠାରୁ ୩୦% ଅଧିକ ରହିଛି।

କ୍ୟାନ୍ସର ମୃତ୍ୟୁକୁ ରୋକିବା ଏବଂ ଚିକିତ୍ସାର ଏବକାର ଧାରାରେ ପରିବର୍ତ୍ତନ ଆଣିବା ଲାଗି ବିଶ୍ୱସ୍ତରରେ ଅଧିକ ପ୍ରାଥମିକତା ଦିଆଯିବା ଆବଶ୍ୟକ। ଏବେ ବିଶ୍ୱ ଏକ ଅତି ଗମ୍ଭୀର ମହାମାରୀ ଦେଇ ଗତିକରୁଛି ଏବଂ ଏଥିରୁ ଦୂରେଇ ରହିବା ସମସ୍ତଙ୍କ ପାଇଁ ଭଲ। ତେବେ ଜୀବନଶୈଳୀ ଉନ୍ନତ ହୋଇ ଲୋକେ ଅଧିକ ଦିନ ବଞ୍ଚିବାକୁ ସକ୍ଷମ ହେଉଥିବାରୁ କ୍ୟାନ୍ସର ଜନିତ ମୃତ୍ୟୁ ଅନ୍ୟ ସଂକ୍ରାମକ ରୋଗଜନିତ ମୃତ୍ୟୁକୁ ଟପିଯାଇଛି। ବର୍ତ୍ତମାନ ଆଫ୍ରିକାରେ ଯକ୍ଷ୍ମା ଏବଂ ମ୍ୟାଲେରିଆ ତୁଳନାରେ କ୍ୟାନ୍ସରରେ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି। ୨୦୧୯ ଶେଷାର୍ଦ୍ଧରୁ ଆଫ୍ରିକା ଓ ଏସିଆରେ କୋଭିଡ୍–୧୯ ମହାମାରୀ ଯୋଗୁ ଯେତିକି ମୃତ୍ୟୁ ଘଟିଛି, ତା'ଠାରୁ ୬ଗୁଣ ଅଧିକ ଆଫ୍ରିକୀୟ ଓ ୧୦ଗୁଣ ଅଧିକ ଏସୀୟଙ୍କ ମୃତ୍ୟୁ ହୋଇଛି କ୍ୟାନ୍ସରରେ।

ଏଭଳି ପରିବର୍ତ୍ତନ ପାଇଁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଆବଣ୍ଟନକୁ ବିଚାରକୁ ନେବାର ଆବଶ୍ୟକତା ରହିଛି। ଅନେକ ଗରିବ ଓ ବିକାଶଶୀଳ ଦେଶଗୁଡ଼ିକରେ କ୍ୟାନ୍ସର ଭଳି ଅଣସଂକ୍ରାମକ ରୋଗସବୁର ମୁକାବିଲା କରିବା ପାଇଁ ଏବେସୁଦ୍ଧା ଯେଉଁ ପାଣ୍ଠି ଯୋଗାଇ ଦିଆଯାଉଛି, ତାହା ସେଠାରେ ସଂକ୍ରାମକ ରୋଗ ସକାଶେ ଖର୍ଚ୍ଚ ହେଉଥିବା ପରିମାଣ ତୁଳନାରେ ଖୁବ୍ କମ୍। ଏପରି କି ଆଫ୍ରିକାରେ ୨୩ ଦେଶରେ ଗୋଟିଏ ହେଲେ ରେଡିଓଗ୍ରାଫି ମେସିନ୍ ନାହିଁ। ଫଳରେ ମହାଦେଶର ୭୦%ରୁ ଊର୍ଦ୍ଧ୍ୱ ଲୋକ ଏହି ଚିକିତ୍ସା ସୁବିଧା ପାଇପାରୁନାହାନ୍ତି। ଅଧାରୁ ଅଧିକ ରୋଗୀଙ୍କର ଏହା ନିହାତି ଆବଶ୍ୟକ ହେଉଥିବାବେଳେ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଆଫ୍ରିକାରେ ରେଡିଓଗ୍ରାଫି ଉପରେ ବାର୍ଷିକ ମୁଣ୍ଡପିଛା ଖର୍ଚ୍ଚ ୦.୫୩ ଡଲାର ଥିବାବେଳେ ଉତ୍ତର ଆମେରିକାରେ ସମସ୍ତ ରୋଗୀଙ୍କ ରେଡିଓଗ୍ରାଫି ଆବଶ୍ୟକତା ପୂରଣ କରାଯାଉଛି। ଏହି ଖର୍ଚ୍ଚ ପରିମାଣ ଆଫ୍ରିକାଠାରୁ ୩୫ଗୁଣ ଅଧିକ। ଠିକ୍ ଏହିଭଳି ଭାବେ ଖର୍ଚ୍ଚର ପରିମାଣକୁ ୟୁରୋପ ସହ ତୁଳନା କରାଯାଇପାରେ। ଏହା ହିଁ ବିଶ୍ୱରେ କ୍ୟାନ୍ସର ଚିକିତ୍ସାର ଅସମାନତା ବା ପକ୍ଷପାତିତାକୁ ଦର୍ଶାଏ। ବିଶ୍ୱରେ କ୍ୟାନ୍ସର ମୃତ୍ୟୁହାର ମଧ୍ୟ ଏଭଳି ପକ୍ଷପାତକୁ ସୂଚିତ କରେ। ଧନୀ ଦେଶଗୁଡ଼ିକରେ କ୍ୟାନ୍ସରରେ ପୀଡ଼ିତ ୧୦ ଜଣ ପିଲାଙ୍କ ମଧ୍ୟରୁ ୭ ଜଣ ବଞ୍ଚୁଥିବାବେଳେ ଆଫ୍ରିକାରେ ୧୦ ଜଣରେ ୩ ଜଣରୁ କମ୍ ବଞ୍ଚୁଛନ୍ତି। ବିଶ୍ୱରେ ମୋଟ କ୍ୟାନ୍ସର ପୀଡ଼ିତ ପିଲାଙ୍କ ମଧ୍ୟରୁ ୧୦% ଦେଖାଯାଇଥାଏ ଲାଟିନ୍ ଆମେରିକା ଓ କାରିବିୟାନ ଦେଶଗୁଡ଼ିକରେ। ଅନ୍ୟ ରୋଗ ତୁଳନାରେ ଏହିସବୁ ଦେଶରେ ଅଧିକ ପିଲା ଓ କିଶୋରଙ୍କର କ୍ୟାନ୍ସରରେ ବି ମୃତ୍ୟୁ ହୋଇଥାଏ। ଏହିସବୁ ଅସମାନତା ଲାଗି ରହିବା ଉଚିତ ନୁହେଁ। କ୍ୟାନ୍ସର ମୁକାବିଲା କରିବା ପାଇଁ ନିବେଶ କରାଗଲେ ସେଥିରୁ ପର୍ଯ୍ୟାପ୍ତ ଲାଭ ମିଳିପାରିବ। ଚିକିତ୍ସା, ଇମେଜିଂ (ଶରୀର ଭିତରର ବାସ୍ତବ ସ୍ଥିତି ପରଖିବା ବ୍ୟବସ୍ଥା)ରେ ଉନ୍ନତି ଆଣିବା ଏବଂ ଚିକିତ୍ସାର ଗୁଣବତ୍ତାରେ ଉନ୍ନତି ଆଣି ତାହାକୁ ବିଶ୍ୱରେ ସମ୍ପ୍ରସାରିତ କରିବା ଦ୍ୱାରା ଗରିବ ଦେଶଗୁଡ଼ିକରେ ରୋଗରୁ ବଞ୍ଚିବା ହାର ଯଥେଷ୍ଟ ବୃଦ୍ଧି ପାଇପାରିବ। ଅଧିକ ନ୍ୟୁକ୍ଲିୟର ମେଡିସିନ ବା ତେଜସ୍କ୍ରିୟ ଚିକିତ୍ସା ପଦ୍ଧତି ବିଶେଷ କରି ରେଡିଓଲୋଜି ଏବଂ ମେଡିକାଲ ଇମେଜିଂ ସର୍ଭିସଗୁଡ଼ିକ ଯୋଗାଇ ଦିଆଗଲେ ତାହା ବିଶ୍ୱରେ ୨୦୩୦ ସୁଦ୍ଧା କ୍ୟାନ୍ସରଜନିତ ମୃତ୍ୟୁ ପାଖାପାଖି ୨୫ ଲକ୍ଷ ହ୍ରାସ କରିପାରିବ। ଏହାଦ୍ୱାରା ବିଶ୍ୱ ସ୍ତରରେ ଜୀବନବ୍ୟାପୀ ଉତ୍ପାଦିକତା ପ୍ରାୟ ୧.୩ ଟ୍ରିଲିୟନ ବୃଦ୍ଧି ହେବ। ଏଣୁ ପ୍ରତି ୧ ଡଲାର ନିବେଶରେ ମୋଟ ୧୮୦ ଡଲାର ଲାଭ ମିଳିବ।

ଇଣ୍ଟରନ୍ୟାଶନାଲ ଆଟମିକ ଏନର୍ଜି ଏଜେନ୍ସି (ଆଇଏଇଏ)ର ମୁଖ୍ୟ କାହିଁକି ବୈଶ୍ୱିକ କ୍ୟାନ୍ସର ଚିକିତ୍ସାରେ ଥିବା ଅନ୍ତର ସମ୍ପର୍କରେ ଉଲ୍ଲେଖ କରୁଛନ୍ତି, ତାହାକୁ ନେଇ କେତେଜଣ ନେତା ଆଶ୍ଚର୍ଯ୍ୟ ପ୍ରକଟ କରୁଥାଇପାରନ୍ତି। ତେବେ ଆଇଏଇଏର ବିଭିନ୍ନ ଦୃଷ୍ଟିଭଙ୍ଗୀ ଉପରେ ବିଚାର କରିବାର ଅଧିକାର ରହିଛି ଏବଂ ଆଣବିକ ବିଜ୍ଞାନର ଶାନ୍ତିପୂର୍ଣ୍ଣ ଉପଯୋଗ କରିବା ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠା କରାଯାଇଥିଲା। ନ୍ୟୁକ୍ଲିୟର ମେଡିସିନ କ୍ୟାନ୍ସର ମୁକାବିଲାରେ ପ୍ରମୁଖ ଭୂମିକା ନେଉଥିବାରୁ ଆଇଏଇଏର ସଦସ୍ୟ ଦେଶଗୁଡ଼ିକୁ ସାହାଯ୍ୟ କରିବା ସହ ଏହି ଟେକ୍ନୋଲୋଜି ସେମାନଙ୍କୁ ଯୋଗାଇ ଦେବା ଆମର ମୁଖ୍ୟ ଦାୟିତ୍ୱ। ନାଇଜରରୁ ଆରମ୍ଭ କରି ଉଜ୍‌ବେକିସ୍ତାନଯାଏ ଦେଶଗୁଡ଼ିକୁ କ୍ୟାନସର ବିରୋଧରେ ଲଢେଇ କରିବାକୁ ଆମେ ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସାହାଯ୍ୟ କରିଆସୁଛୁ। ଏଣୁ ପ୍ରତ୍ୟେକ ଦେଶ ନିଜର ପ୍ରାଥମିକତାଗୁଡ଼ିକୁ ନିର୍ଦ୍ଧାରଣ କରିବା ଦରକାର। ବିଶ୍ୱ ସମୁଦାୟ ସହାୟକ ଭାବେ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରିବ। ତେବେ ଦେଶଗୁଡ଼ିକୁ କ୍ୟାନ୍ସରର ମୁକାବିଲା କରିବା ସକାଶେ ଗତମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ମହାନିର୍ଦ୍ଦେଶକ ଟେଡ୍ରୋସ ଅଧନୋମ୍ ଘିବ୍ରେୟିସୁସ୍ ଏବଂ ମୁଁ ପୂର୍ବାପେକ୍ଷା ଅଧିକ ସହଯୋଗ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଛୁ। ଏହା କିପରି ସମ୍ପାଦନ କରାଯିବ, ସେଥିପାଇଁ ଆଇଏଇଏରେ ଆମେ ବହୁ ବିଚାର ରଖିଛୁ। ସବୁ ବିକାଶଶୀଳ ଦେଶରେ କ୍ୟାନ୍ସର ଆସେଟ୍ ଓ ଆବଶ୍ୟକତାର ନକ୍ସା ପ୍ରସ୍ତୁତ କରିବା ଏବଂ ଆଞ୍ଚଳିକ କ୍ଷେତ୍ରରେ ନିବେଶ ଉପରେ ସକାରାତ୍ମକ ପରିଣାମକୁ ଆକଳନ କରିବା ଉପରେ ଜୋର ଦେଇଛୁ। ଆରମ୍ଭ କରାଯାଇଥିବା 'ରେଜ ଅଫ୍ ହୋପ୍' ଅଭିଯାନ ପାଣ୍ଠି ଓ ସଂସାଧନ ଯୋଗାଉଥିବା ଦେଶ, ପ୍ରଯୁକ୍ତି ଓ ମେଡିକାଲ ବିଶେଷଜ୍ଞ, ଅନ୍ତର୍ଜାତୀୟ ସଂଗଠନ, ସରକାରୀ ବିତ୍ତୀୟ ଅନୁଷ୍ଠାନ ଏବଂ ଘରୋଇ କ୍ଷେତ୍ରଗୁଡ଼ିକୁ ଏକାଠି କରିଛି। ଏହାସହ କ୍ୟାନ୍ସରକୁ ରୋକିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବା, ନୂଆ ଉପକରଣ କିଣିବା, ନୂତନତ୍ୱକୁ ସହଯୋଗ କରିବା ଏବଂ ଆବଶ୍ୟକ ପ୍ରଶିକ୍ଷଣ ଯୋଗାଇ ଦେବାରେ ଯେଉଁସବୁ ଦେଶର କମ୍ କ୍ଷମତା ରହିଛି କିମ୍ବା ଆଦୌ ନାହିଁ, ସେମାନଙ୍କୁ ସମସ୍ତେ ସାହାଯ୍ୟ କରିପାରିବେ।

ବିଶ୍ୱରେ ଦିନକୁ ଦିନ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବଢ଼ିବା କିମ୍ବା ସ୍ଥିର ରହିବାରୁ ବୁଝାପଡୁଛି ଯେ, ଆମେ ଏହାକୁ ପ୍ରତିହତ କରିବାରେ ପଛେଇ ଯାଇଛୁ। କୋଭିଡ୍–୧୯ ମହାମାରୀ ଯୋଗୁ ବିଶ୍ୱରେ କ୍ୟାନ୍ସର ଚିକିତ୍ସାରେ ବାଧା ଉପୁଜିଛି। ଆଫ୍ରିକା ଓ ଲାଟିନ ଆମେରିକାରେ ଆରମ୍ଭରୁ ନ୍ୟୁକ୍ଲିୟର ମେଡିସିନ ପଦ୍ଧତିଗୁଡ଼ିକର ସଂଖ୍ୟା ଯଥାକ୍ରମେ ୬୯% ଓ ୭୯% କମ୍ ରହିଥିଲା। ଏଣୁ ସାରା ବିଶ୍ୱର ନୀତି ନିର୍ଦ୍ଧାରକମାନେ ଏବେ ସେହି ଅନୁଯାୟୀ ସେମାନଙ୍କ ପ୍ରାଥମିକତାଗୁଡ଼ିକର ପୁନଃ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହା କ୍ୟାନ୍ସର ଚିକିତ୍ସାରେ ଏବଂ ଏହାକୁ ମୁକାବିଲା କରିବାରେ ଦେଖାଯାଇଥିବା ତୀବ୍ର ଅସମାନତା ବା ଅନ୍ୟାୟକୁ ସମାଧାନ କରିବାରେ ସାହାଯ୍ୟ କରିବ।

**ଡାଇରେକ୍ଟର ଜେନେରାଲ, ଇଣ୍ଟରନ୍ୟାଶନାଲ ଆଟମିକ ଏନର୍ଜି ଏଜେନ୍ସି**

# ସାଧାରଣ ଜନତା ଓ ବିକାଶ



ଡ. କିଶୋର ମହାନ୍ତି

ଅର୍ଥଶାସ୍ତ୍ରରେ ବିକାଶର ପରିଭାଷା ଯାହା ହେଉନା କାହିଁକି, ସାଧାରଣଙ୍କ ଆଖିରେ ବିକାଶ ଗୋଟାଏ ଭେଲିକି – ବିକାଶ ବୋଧେ ଗୋଟିଏ ଆପେକ୍ଷିକ ଶବ୍ଦ। ଆଜିର ଗଣତନ୍ତ୍ରରେ ବିକାଶକୁ ନେଇ ତର୍କ ବିତର୍କ, ଗବେଷଣା ଆଦି କେତେ କ'ଣ। ବିକାଶକୁ ନେଇ ରାଜନୀତି। ନେତାମାନଙ୍କ ପାଖରେ ବିକାଶ ହେଉଛି ଗୁରୁମନ୍ତ୍ର। ଯୋଜନାର ସୂଚୀପତ୍ରରେ ବିକାଶ ପ୍ରଥମ ସ୍ଥାନରେ। ହେଲେ ବିକାଶର ଚିତ୍ର ଚରିତ୍ର ସବୁ ସ୍ଥାନରେ ଏକା ନୁହେଁ। ବିକାଶକୁ ନେଇ ପାର୍ଲାମେଣ୍ଟ ତଥା ବିଧାନ ସଭାରେ ତୁମ୍ବିତୋଫାନ ହୁଏ। କିନ୍ତୁ ବିକାଶ ନାଳିଫିତାବନ୍ଧା ଫାଇଲରେ ପଡ଼ିଥାଏ। କେତେଗୁଡ଼ିଏ ଅଡୁଆ ତଡୁଆ ପ୍ରଶ୍ନ ନେତାମାନଙ୍କୁ ବିଚଳିତ କରୁଥିଲେ ବି ପାର୍ଲାମେଣ୍ଟରେ ଗୋଳିଆଘଣ୍ଟା ଭିତରେ ବିକାଶ କେବଳ ପ୍ରଶ୍ନ କାଳ ଭିତରେ ପ୍ରଶ୍ନଟିଏ ହୋଇ ରହିଯାଏ। ସାଧାରଣ ଜନତା ନିରାଶ ହୁଏ କିନ୍ତୁ ନେତାମାନେ ଖୁବ୍ ଚତୁର। ନିର୍ବାଚନ ଆସିଲା ବେଳେ ବିକାଶର ନାରା ପାଟିରୁ ବାହାରିପଡ଼େ। ଏଇ ବାଟରେ ବିକାଶ ହୋଇଛି, ସେଇ ବାଟରେ ବିକାଶ ଘଟିଛି, କୋଟି କୋଟି ଟଙ୍କା ଯୋଉ ଖର୍ଚ୍ଚ ହେଉଛି ଦେଶର ବିକାଶରେ ନା ନାହିଁ ? ବେଳେ ବେଳେ ବିକାଶ ଅଦ୍ଭୁତ ଭାବରେ ଆତ୍ମପ୍ରକାଶ କରେ। ଲାଗେ ରାତାରାତି ସବୁ ବଦଳି ଯିବ। ବିକାଶର ଗଣିତ ମଧ୍ୟ ଖୁବ୍ ଦୁର୍ବୋଧ୍ୟ, ବୁଝି ବି ବୁଝି ହୁଏନି।

ନେତା ଓ ତାଙ୍କ ନେତୃତ୍ୱ ବିକାଶର ଧାରାକୁ ତ୍ୱରାନ୍ୱିତ କରିଥାଏ ଆଉ ତାକୁ କାର୍ଯ୍ୟକାରୀ କରନ୍ତି ଅମଲାତନ୍ତ୍ରୀମାନେ। ଗଣତନ୍ତ୍ର ରାଷ୍ଟ୍ରରେ ଗଣର ଆଭିମୁଖ୍ୟ ଓ ଅଭିବ୍ୟକ୍ତିକୁ ନେଇ ଦେଶ ଶାସିତ ହୁଏ। ସେଥିରେ ଲୋକମତକୁ ସର୍ବପ୍ରଥମେ ଗ୍ରହଣ କରାଯାଇଥାଏ। ଏମାନଙ୍କ ମଧ୍ୟରେ ଯଦି ସମନ୍ୱୟ ନ ରୁହେ ତାହା ହେଲେ ଗଣତନ୍ତ୍ରରେ ଗଣର ଭୂମିକା ଗୌଣ ହୁଏ। ଗଣତନ୍ତ୍ର ରହେନାହିଁ। ବିକାଶ ମରୀଚିକାରେ ପରିଣତ ହୁଏ, ଯାହା ଆଜି ଆମେ ଅଙ୍ଗେ ନିଭାଉଛେ।

ଆମେ କହୁ ଦେଶ ଆଗଉଛି ଅର୍ଥାତ୍ ଆମ ଦେଶ ଅନ୍ୟ ବିକାଶଶୀଳ ଦେଶ ସହ ସମକକ୍ଷ ହେବା ପାଇଁ କାନ୍ଧକୁ କାନ୍ଧ ମିଳାଉଛି। ଆମ ଦେଶରେ ବିକାଶର ନିଖୁଣ ଚିତ୍ର ଯେମିତି ଜଳ ଜଳ କରି ଦେଖାଯାଉଛି। କହିଲେ ଦେଖି ପୁଷ୍ଟିହୀନତା ଯୋଗୁ ନଗଡ଼ାରେ କ୍ରମାଗତ ଶିଶୁମୃତ୍ୟୁକୁ କ'ଣ ବିକାଶ ବୋଲି କହିବା ? ଆମେ ସତରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କି ବିକାଶ କରିଛୁ ? ଏମିତିକି ଅପନ୍ତରା ଅଞ୍ଚଳରେ ଆଦିବାସୀ ଡଙ୍ଗରରେ ସ୍ୱାସ୍ଥ୍ୟ କେନ୍ଦ୍ରଟିଏ ବସିପାରିଲାନି, ଯଦିଓ ଆମେ ୭୫ ବର୍ଷ ପୂର୍ତ୍ତି କରୁଛୁ ଆମ ସ୍ୱାଧୀନତାର। ଏବେ ବି ଭାରରେ ବୁହା ହୋଇ ରୋଗୀଟିକୁ ଦୂରବର୍ତ୍ତୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଏ। ସବୁବେଳେ ଆମେ କହିଥାଉ ଡାକ୍ତରଖାନାରେ ଆବଶ୍ୟକ ପରିମାଣର ଡାକ୍ତରଙ୍କ ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାଘାତ ହୁଏ – ଏଣୁ ଏଠି ଆମେ ବିକାଶର କେଉଁ ପାହାଚରେ ? ଆମ ଶିଳ୍ପ ଆମ ପ୍ରଗତି ବୋଲି କହିଥାଉ କିନ୍ତୁ ନୂଆ ଶିଳ୍ପ କାରଖାନା ବସାଇବା ତ ଦୂରର କଥା ରୁଗ୍ଣ ଶିଳ୍ପକୁ ପୁଣି ପୁନର୍ବିନ୍ୟାସ କ୍ଷେତ୍ରରେ ଆମେ କ'ଣ ଠୋସ୍ ପଦକ୍ଷେପ ନେଇଛେ। ଓଡ଼ିଶାରେ କେତେ କଳ କାରଖାନା ବନ୍ଦ ହୋଇଗଲାଣି। ତାଲଚେର ସାର କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ୍ସ, ମୟୂରଭଞ୍ଜ ଗଞ୍ଜି ଫ୍ୟାକ୍ଟ୍ରି, କାଗଜକଳ, ଝୋଟକଳ ବନ୍ଦ ହୋଇଗଲାଣି। ସେଥିପ୍ରତି ଆଦୌ ଧ୍ୟାନ ଦେଇନାହୁଁ। ସତରେ ପୁଞ୍ଜି ଥାଇବି ବିକାଶ ଏଠି ଅଟକି ଗଲା। ଏହା ସତ୍ୟ, ସାଧାରଣ ଜନତା ବି ବିକାଶର ଗତିଶୀଳତା ରୋକିବାରେ ଅନେକାଂଶରେ ଦାୟୀ। କୌଣସି ଜାଗାରେ ନୂଆ ଶିଳ୍ପ କାରଖାନାଟିଏ କରାଇବାର ପ୍ରସ୍ତୁତି ପର୍ବ ଆରମ୍ଭରୁ ହିଁ ସେ ସ୍ଥାନରେ ଶିଳ୍ପ ବସାଇ ନ ଦେବା ପାଇଁ ଯେଉଁ ଜନଆନ୍ଦୋଳନ ସୃଷ୍ଟି ହେଉଛି ସେଥିରେ ଆମେ ବିକାଶରେ ଅନ୍ତରାୟ ସୃଷ୍ଟି କରୁ ନାହୁଁ କି।

ବିକାଶ ତ୍ୱରାନ୍ୱିତ ହେଉଛି ସହର ସହ ଗ୍ରାମର ସଂଯୋଗୀକରଣରେ। ଗାଁ ଗଣ୍ଡା ରାସ୍ତାଘାଟ ଏବେ ବେଶ୍ ହୃଷ୍ଟପୁଷ୍ଟ ହୋଇଛି। ଏହି ବିକାଶର ଚିତ୍ର ଦେଖି ଆମେ ଗର୍ବ ଅନୁଭବ କରୁ ଯେ, ଆମ ଦେଶ ଆଗେଇଛି। ସେତିକିରେ ହିଁ ସନ୍ତୁଷ୍ଟ ରହୁ ଓ ଭାବୁ ଅଧିକ ବିକାଶ ହୋଇଗଲା ବୋଲି। ଆମେ ଆମ ଚାଷ ଜମିକୁ ବିକ୍ରିକରି ମୋଟା ଅଙ୍କର ଟଙ୍କା ପାଇ ହାତ ଗରମ କରୁ ଆଉ ସେ ଚାଷ ଜମିରେ ଯେଉଁଠି ଦିନେ ସୁନା ଫଳୁଥିଲା, ସେଠି କଂକ୍ରିଟ୍‌ର ଅରଣ୍ୟ ସୃଷ୍ଟି ହୁଏ। ଭୋକରେ ଆଉଟୁପାଉଟୁ ମଣିଷ ଖାଲି ଘରଟିଏ କରିଦେଲେ କ'ଣ ବିକାଶ ହୋଇଗଲା। ଗ୍ରାମାଞ୍ଚଳ ପାଇଁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା ବାଟମାରଣା ହେଉଛି। ଏ କ'ଣ ବିକାଶର ଅସଲ ନମୁନା। ଦେଶ, ଜାତି, ଜନତାର ବିକାଶ କଥା ଭୁଲିଯାଇ ଦୁର୍ନୀତିଖୋର ଅମଲା, ନେତାମାନେ ସାଧାରଣଙ୍କର ଅର୍ଥ ତୋସରପାତ କରୁଛନ୍ତି। ଭୋଟ ସମୟ ଆସିଲେ ନୋଟ୍ ଉଡ଼େ, ଭୋଜିଭାତ ହୁଏ – ବିକାଶର ନାରା ପଡ଼େ। ଏଥପାଇଁ ମାରପିଟ ହୁଏ, ଦଙ୍ଗାହୁଏ। ଏହା କେଉଁ ବିକାଶର ପର୍ଯ୍ୟାୟଭୁକ୍ତ। ଗରିବ ଲୋକଙ୍କୁ ପ୍ରଲୋଭନ ଦେଖାଇ ଭୋଟ ହାତେଇବା ଯଦି ବିକାଶ ହୁଏ ତା'ହେଲେ ବିକାଶର ପରିଭାଷା ବଦଳି ଯାଇଛି ବୋଲି ବିଚାର କରିବାକୁ ହେବ। ଆଜି ପଢୁଆ ପିଲା ଗୋଡି ଖଟୁଛି – ନିଜ ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟକୁ ଯାଉଛି। ତା' ପାଇଁ କିଛି ଚାକିରି ନାହିଁ। ସମ୍ପ୍ରତି ବିକାଶର ରଥଚକରେ କଳଙ୍କି ଲାଗିଯାଇଛି। ତେବେ ବିକାଶଶୀଳ ଦେଶ ସହ ସମକକ୍ଷ ହେବାପାଇଁ ଆମକୁ ଆଉ କେତେଦିନ ଅପେକ୍ଷା କରିବାକୁ ପଡ଼ିବ।

**ଇ–୫୦, ସେକ୍ଟର–୭, ସି.ଡି.ଏ., କଟକ**
**ମୋ–୯୪୩୭୭୨୮୪୭୫**

## ଏଇ ଭାରତରେ

ଭିନ୍ନ ଧାରାରେ କାର୍ଯ୍ୟ କରି ସଫଳ ହୋଇଥିବା ବ୍ୟକ୍ତି ହେଉଛନ୍ତି କେରଳର ଅବଦୁର ରଜାକ। ସେ ଅଗଣାରେ ପ୍ଲାଷ୍ଟିକ ଡ୍ରମ୍‌ରେ ୧୩୫ ଫଳଗଛ ଉତାରିଛନ୍ତି। ତିରୁର୍ ନିବାସୀ ରଜାକ ଦୁବାଇରେ କାମ କରୁଥିଲେ। ୨୦୧୮ରେ ଭାରତକୁ ଫେରିବା ପରେ ସେ ଅଗଣାରେ ଫଳ ବଗିଚା କରିବା ଆରମ୍ଭ କରିଥିଲେ। ପରେ ସେ ପ୍ଲାଷ୍ଟିକ ଡ୍ରମ୍ କିଣି ସେଥିରେ ଗଛ ଲଗାଇଥିଲେ। ମୋଟ୍ ତାଙ୍କ ବଗିଚାରେ ୨୫୦ ଫଳଗଛ ରହିଛି ଓ ସେଥିମଧ୍ୟରୁ ୧୩୫ଟି ଗଛ ବଢ଼ିଛି ଡ୍ରମ୍‌ରେ। ଏହି ପଦ୍ଧତିରେ କମ୍ ଖର୍ଚ୍ଚ ଓ ସାର ବ୍ୟବହାର ହେଉଛି। ରଜାକ ଦୁବାଇରେ ଭାଗୀଦାରିରେ ଫଳ ଓ ପରିବା ବ୍ୟବସାୟ କରୁଥିବା ସମୟରେ ସେ ୫୬ରୁ ଅଧିକ ଦେଶର ଫାର୍ମ ଓ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗ କରିବାର ସୁବିଧା ପାଉଥିଲେ। ଥାଇଲାଣ୍ଡର ପ୍ଲାଷ୍ଟିକ ଡ୍ରମ୍‌ରେ ଫଳ ଗଛ ଲଗାଯାଇ ଏକ ଫାର୍ମ କରାଯାଇଥିବା ଜାଣିବା ପରେ ସେ ତାଙ୍କ ଅଗଣାରେ ସେଭଳି ଫାର୍ମ କରିବା ଲାଗି ମନସ୍ଥ କରିଥିଲେ। ସେ ସ୍କ୍ରାପ ଶପ୍‌ରୁ ପ୍ଲାଷ୍ଟିକ ଡ୍ରମ୍ ଯୋଗାଡ଼ କରୁଛନ୍ତି। ଏବେ ତାଙ୍କ ଫାର୍ମରେ ସବୁ ଋତୁରେ ଫଳ ଫଳୁଛି। ଘରର ଆବଶ୍ୟକତା ପୂରଣ କରିବା ପରେ ବଳକା ଫଳ ସେ ବିକ୍ରି କରୁଛନ୍ତି।

## ଚିରନ୍ତନୀ

ପଉଷ ପଥ ଉତ୍ତରା ହେ
ଉତ୍ତରୀୟ ତବ
ଉଡ଼ାଇ ଦେଲେ ଅଖିଳ ପ୍ରାଣେ
ଲଗାଅ ଅନୁଭବ। –(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 1 | | | 3 | | |
| 5 | 4 | | 8 | | 7 | | | 6 |
| | 8 | | | | | 9 | | |
| 2 | | | | 1 | 8 | | 3 | |
| | 5 | | 3 | | | | | |
| 1 | | 8 | 6 | 2 | | | | |
| | 2 | | | | | 7 | | |
| | | | 5 | | | | | 3 |
| 3 | | 9 | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 7 | 5 | 1 | 3 | 4 | 2 |
| 7 | 1 | 3 | 2 | 8 | 4 | 5 | 9 | 6 |
| 5 | 2 | 4 | 9 | 6 | 3 | 7 | 8 | 1 |
| 3 | 8 | 5 | 4 | 7 | 6 | 1 | 2 | 9 |
| 4 | 9 | 1 | 5 | 2 | 8 | 6 | 3 | 7 |
| 6 | 7 | 2 | 1 | 3 | 9 | 4 | 5 | 8 |
| 1 | 5 | 6 | 8 | 4 | 2 | 9 | 7 | 3 |
| 9 | 4 | 8 | 3 | 1 | 7 | 2 | 6 | 5 |
| 2 | 3 | 7 | 6 | 9 | 5 | 8 | 1 | 4 |

ଗତକାଲିର ଉତ୍ତର

# କ୍ଷୁଦ୍ର ଭୂଖଣ୍ଡର ଆର୍ତ୍ତନାଦ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ପ୍ରଶାନ୍ତ ମହାସାଗରରେ ବିଷୁବରେଖା ପାଖାପାଖି ରିପବ୍ଲିକ ଅଫ୍ ଦା ମା ମାର୍ଶଲ ଆଇଲାଣ୍ଡ୍ସ ନାମକ ଏକ ସ୍ୱାଧୀନ ରାଷ୍ଟ୍ର ଅଛି। ଏହି ରାଜ୍ୟର ଜନସଂଖ୍ୟା ମୋଟେ ୫୮,୪୧୩ (୨୦୧୮ ମସିହାର ବିଶ୍ୱବ୍ୟାଙ୍କ ଜନଗଣନା ଅନୁସାରେ)। ମୁଖ୍ୟତଃ ପାଞ୍ଚଟି କ୍ଷୁଦ୍ର ଦ୍ୱୀପକୁ ନେଇ ଗଠିତ ଏହି ଦେଶରେ ୨୯ଟି ପ୍ରବାଳ ପ୍ରାଚୀର ପରିବେଷ୍ଟିତ ଉପହ୍ରଦ ଅଛି। ଏହାର ଅଞ୍ଚଳର ଶତକଡ଼ା ୯୭.୮୭ ଭାଗରେ ଜଳ ଅଛି। ଏହାର ଜଳଭାଗର ଶତାଂଶ ହେଉଛି ବିଶ୍ୱର ସର୍ବାଧିକ। ୨୦୧୧ ଜନଗଣନାରୁ ଜଣାପଡ଼େ ଯେ, ଏହାର ରାଜଧାନୀ ମଜୁରୋର ଜନସଂଖ୍ୟା ୨୭,୭୯୭। ଉକ୍ତ ଦେଶର ସର୍ବବୃହତ୍ ଏହି ସହରଟି ଗୋଟିଏ ପ୍ରବାଳ ବେଷ୍ଟିତ ଉପହ୍ରଦ, ଯେଉଁଥିରେ ୬୪ କ୍ଷୁଦ୍ର ଦ୍ୱୀପ ରହିଛି; ଯଦିଚ ଏହାର ଆୟତନ ମୋଟେ ୯.୭ ବର୍ଗ କିଲୋମିଟର। ଏହି ଭୌଗୋଳିକ ବର୍ଣ୍ଣନାରୁ ସ୍ପଷ୍ଟ ହୁଏ ଯେ କ୍ଷୁଦ୍ର ମାର୍ଶଲ ଦ୍ୱୀପପୁଞ୍ଜଟି କେମିତି କିମ୍ଭୂତକିମାକାର ଭାବେ ବିପଦସଙ୍କୁଳ ଅବସ୍ଥାରେ ରହିଛି– ବିଶେଷତଃ ସମୁଦ୍ର ପତ୍ତନଠାରୁ ୨ ମିଟର ଉଚ୍ଚରେ ଅବସ୍ଥିତ ହୋଇଥିବାରୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଏହି ଦେଶ ଉପରେ ସର୍ବାଧିକ।

ନଭେମ୍ବର ୨୦୨୧ ପ୍ରଥମ ସପ୍ତାହରେ ଜାତିସଂଘ ତରଫରୁ ବ୍ରିଟେନର ଗ୍ଲାସ୍‌ଗୋଠାରେ ଷଡ଼ବିଂଶତି ଜଳବାୟୁ ସମ୍ମିଳନୀ (କପ୍–୨୬ ଅର୍ଥାତ୍ କ୍ଲାଇମେଟ୍ ଚେଞ୍ଜ କନ୍‌ଫରେନ୍ସ ଅଫ୍ ଦ ପାର୍ଟିସ୍) ଅନୁଷ୍ଠିତ ହୋଇଥିଲା। ସେଠାରେ ମାର୍ଶଲ ଦ୍ୱୀପପୁଞ୍ଜର ପ୍ରତିନିଧି ଯୋଗ ଦେଇଥିଲେ। ସେ ଉଦ୍‌ବେଗର ସହ ସତର୍କବାଣୀ ଶୁଣାଇଥିଲେ ଯେ ବିଶ୍ୱତାପନ ଯଦି ୧.୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ମଧ୍ୟରେ ସୀମିତ ରଖା ନ ଯାଏ, ତେବେ ତାଙ୍କ ଦେଶ ଜଳମଗ୍ନ ହୋଇଯିବ। କଡ଼ାକଡ଼ି ଭାବେ ୧.୧ ଡିଗ୍ରୀ ସେଣ୍ଟିଗ୍ରେଡ୍ ପହଞ୍ଚିଲେ ବିପଦ ଘଣ୍ଟି ସେଠାରେ ସତର୍କତା ସକାଶେ ବାଜିବା କଥା, ଯାହାକି ସାରା ବିଶ୍ୱରେ ପ୍ରତିଧ୍ୱନିତ ହେବା ଉଚିତ।

ଏହି ଦ୍ୱୀପପୁଞ୍ଜର ସମସ୍ୟା ଉପସ୍ଥିତ ଦେଶ ସମୂହକୁ ଚିନ୍ତାମଗ୍ନ କଲା। ବିଷୟଟିକୁ ସମସ୍ତ ଦେଶ ଗମ୍ଭୀରତା ସହ ବିଚାରକଲେ। ଏହାର ସୁଫଳ ସ୍ୱରୂପ ଆଇଆର୍ଆଇଏସ୍ (ଇନ୍‌ଫ୍ରାଷ୍ଟ୍ରକ୍ଚର ଫର୍ ରେଜିଲିଏଣ୍ଟ ଆଇଲାଣ୍ଡ ଷ୍ଟେଟ୍ସ) ନାମକ ଏକ ପରିକଳ୍ପନା ଭାରତ ଓ ବ୍ରିଟେନ୍‌ର ମିଳିତ ଉଦ୍ୟମରେ ଚାଲୁ କରାଯାଉଛି। ବିଶ୍ୱ ସ୍ତରରେ ତିନୋଟି ଭୌଗୋଳିକ ଅଞ୍ଚଳରେ ୫୮ଟି ଦ୍ୱୀପରାଷ୍ଟ୍ର ରହିଛି। ଯଦି ବିଶ୍ୱତାପନ ହ୍ରାସ ପାଇଁ ଫଳପ୍ରଦ ପଦକ୍ଷେପ ଯଥାଶୀଘ୍ର ନିଆ ନ ଯାଏ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରକୋପକୁ ରୋକା ନ ଯାଏ, ସର୍ବପ୍ରଥମେ ଏହି ରାଷ୍ଟ୍ରଗୁଡ଼ିକର ସଳିଳ ସମାଧି ସମ୍ପନ୍ନ ହେବ। କିନ୍ତୁ ଏହି ଆଂଶିକ ଧ୍ୱଂସ ସାଧନରେ ଏହା ସମାପ୍ତ ହେବ ନାହିଁ। ତେଣୁ ନବଗଠିତ ଆଇଆର୍ଆଇଏସ୍ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ତତ୍ପର। ଏଥିପାଇଁ ଅର୍ଥ ଯୋଗାଣ ସହ ଭିତ୍ତିଭୂମି ବିକାଶ ସମ୍ପର୍କିତ ଟେକ୍ନୋଲୋଜିର ପ୍ରୟୋଗ ଅପରିହାର୍ଯ୍ୟ। ଭାରତ ମଧ୍ୟ ଇସ୍ରୋ ସହାୟତାରେ ଏକ ସ୍ୱତନ୍ତ୍ର ଡାଟା ୱିଣ୍ଡୋ ପ୍ରତିଷ୍ଠା କରିବା ପ୍ରତିଶ୍ରୁତି ଦେଇଛି, ଯାହାକି ଏହି ଦ୍ୱୀପଗୁଡ଼ିକୁ ଯଥା ସମୟରେ ବାତ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧରେ ସତର୍କ ସୂଚନା ଯୋଗାଇବ। ଅବଶ୍ୟ ଏହି ଯୋଜନାର ଉତ୍ତମ ପରିଣତି କେତୋଟି ଜଳ–ଦ୍ୱୀପକୁ ଉପକୃତ କରିବ ନାହିଁ। ଏହାର ସୁଦୂରପ୍ରସାରୀ ପ୍ରୟୋଗ ବିଭିନ୍ନ ଦେଶର ସମୁଦ୍ର ଉପକୂଳବର୍ତ୍ତୀ ଜନବସତିକୁ ଲାଭବାନ୍ କରିବ।

ଗୋଟିଏ ହିସାବରୁ ଜଣାଯାଏ ଯେ, ଆମ ଦେଶରେ ସାମୁଦ୍ରିକ ତଟରେଖାର ଦୈର୍ଘ୍ୟ ପ୍ରାୟ ୮,୧୧୮ କିଲୋମିଟର। ସମୁଦ୍ର ପାର୍ଶ୍ୱରେ ମୁମ୍ବାଇ, ସୁରଟ, ଚେନ୍ନାଇ, କୋଚି, କୋଲକାତା, ବିଶାଖାପାଟଣା, ପଣ୍ଡିଚେରୀ, କନ୍ୟାକୁମାରୀ, ଗୋକର୍ଣ୍ଣ(କର୍ଣ୍ଣାଟକ),କୋଭାଲମ (କେରଳ), ଉଡୁପି (କର୍ଣ୍ଣାଟକ), ଡିଉ ପରି ପ୍ରସିଦ୍ଧ ସ୍ଥାନଗୁଡ଼ିକ ରହିଛି। ଏହି ଜନାକୀର୍ଣ୍ଣ ବସତି, ବ୍ୟବସାୟ କେନ୍ଦ୍ର, ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଇତ୍ୟାଦି ପରି ସ୍ଥାନଗୁଡ଼ିକ ଦେଶର ଅମୂଲ୍ୟ ସମ୍ପଦ ଭାବେ ବିଶ୍ୱବିଦିତ। ସେମାନଙ୍କ ସୁରକ୍ଷା ଏକ ଜରୁରିକାଳୀନ ଜାତୀୟ ପ୍ରସଙ୍ଗ। ମାର୍ଶଲ ଆଇଲାଣ୍ଡ୍ସର ଆର୍ତ୍ତନାଦରୁ ଏହା ସୁସ୍ପଷ୍ଟ।

ଏହି ପରିପ୍ରେକ୍ଷୀରେ ଦ୍ୱାପରଯୁଗ ବିଷୟ ମନେପଡ଼େ। ବିଷ୍ଣୁଙ୍କ ଅଷ୍ଟମ ଅବତାର ଶ୍ରୀକୃଷ୍ଣ ଦ୍ୱାରକାରେ ନିଜ ରାଜଧାନୀ ପ୍ରତିଷ୍ଠା କରିଥିଲେ। ଗରୁଡ଼ ପୁରାଣର ଗୋଟିଏ ଶ୍ଳୋକରେ ଦ୍ୱାରକା ବିଷୟରେ ବର୍ଣ୍ଣନା କରାଯାଇଛି ଯେ ଅଯୋଧ୍ୟା, ମଥୁରା, ଗୟା (ହରିଦ୍ୱାର), କାଶୀ(ବାରାଣସୀ), କାଞ୍ଚି (କାଞ୍ଚିପୁରମ୍), ଅବନ୍ତିକା (ଉଜ୍ଜୟିନୀ), ଦ୍ୱାରାବତୀ (ଦ୍ୱାରକା) ଏହି ୭ଟି ସହର ହିନ୍ଦୁ ଧର୍ମାନୁସାରେ ମୋକ୍ଷଦାୟକ। ଶ୍ରୀକୃଷ୍ଣଙ୍କ ଏହି ରାଜଧାନୀଟି ଭାରତର ଚାରିଧାମ ମଧ୍ୟରେ ଅନ୍ୟତମ। ଏହାର ଆକ୍ଷରିକ ଅର୍ଥ ହେଉଛି 'ସ୍ୱର୍ଗର ଦ୍ୱାର।' ମହାଭାରତ, ଶ୍ରୀମଦ୍ ଭଗବତ ଗୀତା, ହରିବଂଶ, ସ୍କନ୍ଦ ପୁରାଣ, ବିଷ୍ଣୁ ପୁରାଣ ଇତ୍ୟାଦି ଧର୍ମ ଶାସ୍ତ୍ରାନୁସାରେ ସେଠାରେ ୯ ଲକ୍ଷ ରାଜକୀୟ ପ୍ରାସାଦ ଥିଲା। ସ୍ଫଟିକ, ରୁପା, ଉଜ୍ଜ୍ୱଳ ସବୁଜ ରଙ୍ଗର ମରକତ ମଣି ଇତ୍ୟାଦି ମୂଲ୍ୟବାନ୍ ଦ୍ରବ୍ୟ ଦ୍ୱାରା ଏହା ସୁଶୋଭିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ କାଳରେ ଏହା ସମୁଦ୍ରରେ ଅନ୍ତଃ ପ୍ରବିଷ୍ଟ ହୋଇଗଲା।

ଗୁଜରାଟର ସମୁଦ୍ର ତଟ ନିକଟରେ ୩୬ ଫୁଟର ଗଭୀରତାରେ ସମୁଦ୍ର ମଧ୍ୟରେ ଦ୍ୱାରକାର ଧ୍ୱଂସାବଶେଷ ନିକଟ ଅତୀତରେ ଆବିଷ୍କୃତ ହୋଇଛି। କାର୍ବନ ଡେଟିଂ ସାହାଯ୍ୟରେ ଏହାର ସମୟକାଳ ୯୦୦୦ ବର୍ଷ ପୂର୍ବର ବୋଲି ଜଣା ପଡ଼ିଲା। ପୌରାଣିକ ମତରେ ଗୋମତୀ ନଦୀର ମୁହାଣ ଓ କଚ ଉପସାଗରର ମଧ୍ୟସ୍ଥିତ ଅଞ୍ଚଳରେ ଏହି ବୈଭବଶାଳୀ ନଗରଟି ପ୍ରତିଷ୍ଠିତ ହୋଇଥିଲା। କିନ୍ତୁ ପରିଶେଷରେ ଏହାକୁ ସମୁଦ୍ର ଗ୍ରାସକଲା। ଜଳ ପତ୍ତନରେ ବୃଦ୍ଧିର ଏହା ବିନାଶକାରୀ ପ୍ରଭାବ। ଆମ ମନରେ ଆଶଙ୍କା ଉପୁଜେ ଯେ, ଭାରତର ଅର୍ଥନୈତିକ ରାଜଧାନୀ, ଯାହାକି ଧନଧାନ୍ୟରେ ପରିପୂର୍ଣ୍ଣ, ଦିନେ ଏମିତି ଆରବ ସାଗର ଗର୍ଭକୁ ଚାଲିଯିବନି ତ ?

ଯଦି ସାମ୍ପ୍ରତିକ ବିଶ୍ୱତାପନ ଜାରି ରହେ ତେବେ ସମୁଦ୍ର ପତ୍ତନ ବୃଦ୍ଧି ପାଇବ ଏବଂ ଭାରତର ସହରଗୁଡ଼ିକର ନିମ୍ନରେ ଦର୍ଶାଯାଇଥିବା ତାଲିକା ଅନୁସାରେ ସମୁଦ୍ର ଜଳସ୍ତରର ନିମ୍ନଭାଗକୁ ଚାଲିଯାଇ ଜଳମଗ୍ନ ହୋଇଯିବେ (ଏହି ଶତାବ୍ଦୀ ଶେଷ ବେଳକୁ)–କାଣ୍ଡଲା (୧.୮୭ ଫୁଟ), ଓଖା (୧.୯୬ ଫୁଟ), ଭାବନଗର(୨.୭୦ ଫୁଟ), ମୁମ୍ବାଇ (୧.୯୦ ଫୁଟ), ମୋର୍ମୁଗାଓ (୨.୦୬ ଫୁଟ), ମାଙ୍ଗାଲୋର (୧.୮୭ ଫୁଟ), କୋଚିନ (୨.୩୨ ଫୁଟ), ପାରାଦୀପ (୧.୯୩ ଫୁଟ), ଖିଦିରିପୁର (୦.୪୯ ଫୁଟ), ବିଶାଖାପାଟଣା (୧.୭୭ ଫୁଟ), ଚେନ୍ନାଇ (୧.୮୭ ଫୁଟ), ଟୁଟିକୋରିନ (୧.୯ ଫୁଟ)। କହିବା ବାହୁଲ୍ୟ ଯେ, ଉକ୍ତ ତାଲିକା ପ୍ରସ୍ତୁତି ପାଇଁ ନାସା ଓ ଆଇପିସିସି (ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଆନ୍ କ୍ଲାଇମେଟ୍ ଚେଞ୍ଜ)ର ବିଶ୍ଳେଷଣକୁ ଭିତ୍ତିକରି ଗ୍ରହଣ କରାଯାଇଛି। ଏହା ମୁଖ୍ୟତଃ ଭାରତୀୟ ଭୂଖଣ୍ଡ ପ୍ରତି ପ୍ରଯୁଜ୍ୟ। ଉପରୋକ୍ତ ତାଲିକା ଦେଖି ହୁଏତ ଓଡ଼ିଶାବାସୀ ବିଶେଷ ଚିନ୍ତିତ ହୋଇ ନ ପାରନ୍ତି, କାରଣ ଏଥିରେ କେବଳ ପାରାଦୀପ ଉଲ୍ଲେଖ ହୋଇଛି। ହୁଏତ ପୁରୀ, ବ୍ରହ୍ମପୁର,ଗୋପାଳପୁର ଇତ୍ୟାଦି ସମୁଦ୍ର କୂଳିଆ ସହର ବାସିନ୍ଦାମାନେ ମନେ ମନେ ଭାବିପାରନ୍ତି– ସେ ଯାହା ହେଲେ ହେଉ, ଆମେ ତ ନିରାପଦ। ତେଣୁ ସେମାନେ ଆଶ୍ୱସ୍ତ ହୋଇପାରନ୍ତି। କିନ୍ତୁ ପାରାଦୀପ ଯେଉଁ ବାର୍ତ୍ତା ଦେଉଛି, ତା'ର ସ୍ପଷ୍ଟ ଇଙ୍ଗିତ ହେଉଛି:

''ତଳ ବାହୁଙ୍ଗା ଖସୁଛି,ଉପର ବାହୁଙ୍ଗା ହସୁଛି
ମଝି ବାହୁଙ୍ଗା କହୁଛି,ମୋ ଦିନ କାଳ ଆସୁଛି।''

ଯେଉଁ ବିପତ୍ତି ମାଡ଼ିଆସିଛି, ତାହା କେବଳ ତାଲିକାଭୁକ୍ତ ଅଞ୍ଚଳ କିମ୍ବା ସୁନ୍ଦର ମାର୍ଶଲ ଆଇଲାଣ୍ଡ୍ସରେ ତାଣ୍ଡବ ଉଠିବ ନାହିଁ। ବାସ୍ତବରେ ଏହା ହେଉଛି, ସାମଗ୍ରିକ ଜଳ–ପ୍ରଳୟର ସୂଚନା। ଏହା ସାରା ବିଶ୍ୱର ସଙ୍କଟ। ଏହାର ସୃଷ୍ଟିକର୍ତ୍ତା ହେଉଛି ମଣିଷ ଜାତି। ତେଣୁ ସାରା ମାନବ ସମାଜ ସମ୍ମିଳିତ ଭାବେ ନିଷ୍ଠାର ସହ ଅବିଳମ୍ବେ ଅଗ୍ରସର ହେବା ଜରୁରୀ। ନିଜର ପାପର ନିଜେ ପ୍ରାୟଶ୍ଚିତ୍ତ କରି ଭବିଷ୍ୟତ ପିଢ଼ିକୁ ନ୍ୟାୟ ଦେବା ଯୁକ୍ତିସଙ୍ଗତ।

**ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ,**
**ବ୍ରହ୍ମପୁର, ମୋ:୯୦୭୮୭୪୩୮୪୩**

## ପାଠକ ଶ୍ରେଷ୍ଠ ବିଚାରକ

### ଅକ୍ଷୟ ଶକ୍ତି ଏକମାତ୍ର ବିକଳ୍ପ

ମହାଶୟ,

ବର୍ତ୍ତମାନ ସମୟରେ ଯେପରି ବାଇକ୍, ଅଟୋରିକ୍ସା, ଜିପ୍, ଅନ୍ୟାନ୍ୟ ମୋଟରକାର୍, ଟ୍ରକ୍, ଟ୍ରେନ୍ ଚାଲିଛି, ଅଳ୍ପଦିନ ପରେ ପୃଥିବୀ ଗର୍ଭରୁ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଉତ୍ସ ସବୁ ନିଃଶେଷ ହୋଇଯିବ। କୋଇଲା ବି ସମାପ୍ତ ହେବ। ଅତ୍ୟନ୍ତ ଉତ୍ତାପ ଯୋଗୁ ଜଳଉତ୍ସ ସବୁ ଶୁଖିଯିବ। ଫଳରେ ଜଳ ବିଦ୍ୟୁତ୍ ଉତ୍ପାଦନ ବ୍ୟାହତ ହେବ। ସୂର୍ଯ୍ୟ ଥିବେ, ପବନ ରହିବ। ଏଣୁ ବର୍ତ୍ତମାନଠାରୁ ଅକ୍ଷୟ ଶକ୍ତି ଉତ୍ପାଦନ ନିମନ୍ତେ ସୌର ବିଦ୍ୟୁତ୍ ଉତ୍ପାଦନ ଯନ୍ତ୍ର ସ୍ଥାପନ କରାଯାଇପାରିବ। ଏହା ସହ ପବନ କଳ ସ୍ଥାପନ କରି ତା' ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ। ଏହା ଜଳ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚଠାରୁ କମ୍ ହେବ। ଏଣୁ ସାବଧାନ ହୋଇ ଏହା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରାଯିବା ଉଚିତ।

**–ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିବାହ ପୂର୍ବରୁ ଦୁର୍ଘଟଣାରେ ଯୁବତୀଯୁବକ ମୃତ

ପାଟଣାଗଡ ୨୪।୩ (ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ସାଲେପାଲି ଛକର ଅନତି ଦୂରରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବିବାହ ବନ୍ଧନରେ ବନ୍ଧି ହେବା ପୂର୍ବରୁ ଦୁଇ ଯୁବତୀଯୁବକଙ୍କ ଜୀବନ ଚାଲିଯାଇଛି। ମୃତକ ହେଲେ ନୂଆପଡା ଜିଲା ଖରିଆର ଥାନା ଅନ୍ତର୍ଗତ ହାତୀବନ୍ଧା ଗାଁର କ୍ଷୀରସିନ୍ଧୁ କାଣ୍ଡ(୨୭ )ଓ ଠକ୍‌ପାଲି ଗାଁର ବୈଶାଳୀ ଭୋଇ(୨୫)। ସୂଚନା ଅନୁସାରେ, କିଛି ଦିନ ପୂର୍ବରୁ ଉଭୟଙ୍କ ନିର୍ବନ୍ଧ ସରିଥିଲା। ଏପ୍ରିଲ ୯ତାରିଖରେ ସେମାନଙ୍କର ବିବାହ ହୋଇଥାନ୍ତା। କୌଣସି ଏକ କାମରେ ଉଭୟେ ଏକ ବାଇକରେ ପାଟଣାଗଡ ଆସି ଅପରାହ୍ନରେ ନିଜ ଗାଁକୁ ଫେରୁଥିଲେ। ସାଲେପାଲି ଛକ ନିକଟରେ କଣ୍ଟାବାଞ୍ଜି ପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ(ନଂ.ଓଡି୦୩-୩୪୯୬) ସେମାନଙ୍କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଉଭୟଙ୍କୁ ଗୁରୁତର ଅବସ୍ଥାରେ ପାଟଣାଗଡ ଡାକ୍ତରଖାନା ଆଣିଥିଲା। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ଶବାଗାରରେ ରଖିଛି। ପୋଲିସ ପିକ୍‌ଅପ ଭ୍ୟାନ ଓ ବାଇକକୁ ଜବତ କରିଛି ବୋଲି ଥାନା ଅଧିକାରୀ ଅନନ୍ତ ପଧାନ କହିଛନ୍ତି।

### ମୃତ ଭାଇ ପରିଚୟରେ ୨୫ ବର୍ଷ ସରକାରୀ ଚାକିରି

ମହୀଶୂର,୨୪।୩(ଆଇଏଏନ୍‌ଏସ୍) କର୍ନାଟକର ମହୀଶୂର ଜିଲାରେ ଏକ ସରକାରୀ ସ୍କୁଲ୍‌ରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିବା ଜଣେ ବ୍ୟକ୍ତିଙ୍କୁ ଗୁରୁବାର ଗିରଫ କରାଯାଇଛି। ସେ ତାଙ୍କ ମୃତ ଭାଇଙ୍କ ପରିଚୟ ଦେଇ ୨୫ ବର୍ଷ ହେଲା ଶିକ୍ଷକତା କରୁଥିଲେ ମଧ ଶିକ୍ଷା ବିଭାଗ ପାଖରେ କୌଣସି ତଥ୍ୟ ନ ଥିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଗିରଫ ଲକ୍ଷ୍ମଣ ଗୌଡ଼ାଙ୍କ ଭାଇ ଲୋକେଶ ଗୌଡ଼ାଙ୍କୁ ସରକାରୀ ସ୍କୁଲ୍‌ରେ ଚାକିରି ମିଳିଥିଲା। ହେଲେ ଚାକିରିରେ ଯୋଗଦେବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଲକ୍ଷ୍ମଣ ନିଜକୁ ଲୋକେଶ ପରିଚୟ ଦେଇ ହୁନ୍‌ସୁର ସହର ନିକଟ କାଛେମାଲାଲାୱାଡ଼ି ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ୨୫ ବର୍ଷ ମଧରେ ସେ ଜିଲାର ବିଭିନ୍ନ ସ୍କୁଲ୍‌ରେ ଯୋଗଦେଇଛନ୍ତି। ୨୦୧୯ରେ ଜଣେ ଖବରଦାତା ତାଙ୍କର ଅସଲ ପରିଚୟ ପାଇବା ପରେ ଶିକ୍ଷା ବିଭାଗରେ ଅଭିଯୋଗ ଦାଏର କରିଥିଲେ। ତଦନ୍ତ ବେଳେ ଅଭିଯୁକ୍ତଙ୍କ ପରିବାର କୌଣସି ତଥ୍ୟ ଦେଇପାରି ନ ଥିଲେ। ପୋଲିସରେ ଏତଲା ଲାଗି ଜିଲା କମିଶନର ନିର୍ଦ୍ଦେଶ ଦେବା ପରେ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଛି।



ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସହଯୋଗରେ ଅଖିଳ ଭାରତୀୟ ସନ୍ଥ ସମିତି ପକ୍ଷରୁ ଗୁରୁବାର ପୁରୀ ପେଣ୍ଟକଟାରେ ଆୟୋଜିତ ଦିବ୍ୟ ଚେତନା ରଥଯାତ୍ରା ଅବସରରେ ହିନ୍ଦୁ ସଂସ୍କୃତି ପରମ୍ପରାର ସୁରକ୍ଷା ନେଇ ସାଧୁସନ୍ଥଙ୍କ ସଚେତନତା ଶୋଭାଯାତ୍ରା।

# ଫଳଚାଷକୁ ଗୁରୁତ୍ୱ ଦେବାକୁ ଆହ୍ୱାନ

## ୩ ଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୩(ବ୍ୟୁରୋ) ରାଜ୍ୟରେ କୃଷି ପାଇଁ ବ୍ୟାପକ ସୁଯୋଗ ରହିଛି। ବହୁ ଆଇଆଇଟି ଛାତ୍ରୀଛାତ୍ର ବି ଏବେ କୃଷି ଉଦ୍ୟୋଗୀ ହେବା ପାଇଁ ଚେଷ୍ଟା କରୁଛନ୍ତି। ଏହାର ଅର୍ଥ କୃଷି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ଧୀରେ ଧୀରେ ବଢ଼ୁଛି ବୋଲି ଓୟୁଏଟି କୁଳପତି ପ୍ରଫେସର ପଓ୍ୱନ କୁମାର ଅଗ୍ରୱାଲ କହିଛନ୍ତି। କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର(ସିଏଚ୍‌ଇଏସ୍) ପକ୍ଷରୁ ଆଇଗିଣିଆସ୍ଥିତ କାର୍ଯ୍ୟାଳୟ ପରିସରରେ 'ଫ୍ରୁଟ୍ ପ୍ରଡକ୍ସନ ଇନ୍ ଇଷ୍ଟର୍ନ ଟ୍ରପିକାଲ ରିଜିଅନ ଅଫ୍ ଇଣ୍ଡିଆ: ଚ୍ୟାଲେଞ୍ଜେସ୍ ଆଣ୍ଡ ଅପର୍ଚୁନିଟି' ଉପରେ ତିନିଦିନିଆ ଜାତୀୟ ଆଲୋଚନାଚକ୍ର ଗୁରୁବାର ଆରମ୍ଭ ହୋଇଛି। ଆଲୋଚନାଚକ୍ରର ଉଦ୍‌ଘାଟନୀ ସମାରୋହରେ ପ୍ରଫେସର ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ କହିଲେ, ଆମ ରାଜ୍ୟରେ ଫଳଚାଷ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଯଦିଓ ଆମର ଫଳ ଚାଷ ହେଉଛି, ତାହା ପର୍ଯ୍ୟାପ୍ତ ନୁହେଁ। ଫଳ ଚାଷର ସୁପରିଚାଳନା କିପରି କରାଯିବ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ନୂଆଦିଲ୍ଲୀ ଆଇସିଏଆର୍ ଡେପୁଟି ଡାଇରେକ୍ଟର ଜେନେରୋଲ(ହର୍ଟିକଲ୍‌ଚର) ଡ. ଏ. କେ. ସିଂ ଯୋଗଦେଇ ଭାରତର ଇଷ୍ଟର୍ନ ଟ୍ରପିକାଲ ରିଜିଅନରେ ଫଳଶିଳ୍ପର ବିକାଶ ସଂକ୍ରାନ୍ତରେ କହିଥିବାବେଳେ ଏଡିଜି(ହର୍ଟିକଲ୍‌ଚର) ଡ. ଭି. ପାଣ୍ଡେ କୃଷି ସମ୍ପ୍ରଦାୟର ଲାଭ ପାଇଁ ବୀଜାଣୁ ସଂରକ୍ଷଣର ଆବଶ୍ୟକତା ଓ ତା'ର ଶୋଷଣ ଉପରେ ଆଲୋକପାତ କରିଥିଲେ। ସୋଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡି. ପି. ରାୟ ଇଷ୍ଟର୍ନ ଟ୍ରପିକାଲ ରିଜିଅନରେ ଫଳ ଉତ୍ପାଦନ କିପରି ବଢ଼ିବ ଓ ପରବର୍ତ୍ତୀ ପରିଚାଳନା କିପରି କରାଯିବ ସେ ସଂକ୍ରାନ୍ତରେ କହିଥିଲେ। ବେଙ୍ଗାଲୁରୁସ୍ଥିତ ଆଇସିଏଆର୍-ଆଇଆଇଏଚ୍‌ଆର୍‌ର ନିର୍ଦ୍ଦେଶକ ଡ. ବି.ଏନ୍.ଏସ୍. ମୂର୍ତ୍ତି ଅମଳ ବ୍ୟବଧାନ କମାଇବା ପାଇଁ ଫଳ ଉତ୍ପାଦନ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିର ଆବଶ୍ୟକତା ଉପରେ କହିଥିଲେ। ରାଜ୍ୟ ଉଦ୍ୟାନ କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଏସ୍. କେ. ସୁବୁଦ୍ଧି ଉଦ୍ୟାନ କୃଷି ପାଇଁ ଚାଷୀଙ୍କ ନିମନ୍ତେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସିଏଚ୍‌ଇଏସ୍‌ର ସଫଳତା ବିଷୟରେ ଏହାର ମୁଖ୍ୟ ଡ. ଜି.ସି. ଆଚାର୍ଯ୍ୟ କହିଥିଲେ। ସାଙ୍ଗଠନିକ ସମ୍ପାଦକ ଡ. କୁନ୍ଦନ କିଶୋର ଆଲୋଚନାଚକ୍ରର ବିବରଣୀ ଉପସ୍ଥାପନା କରିଥିଲେ। ଏଥିସହ ବୈଷୟିକ ଆଲୋଚନା ହୋଇଥିଲା। ଏହି ଅବସରରେ ଅତିଥିମାନେ ସିଏଚ୍‌ଇଏସ୍‌ର ସ୍ମରଣିକା ଓ ଏକ ବୈଷୟିକ ବୁଲେଟିନ୍ ଉନ୍ମୋଚନ କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ବୈଜ୍ଞାନିକ, ଛାତ୍ରୀଛାତ୍ର ଭର୍ଚୁଆଲରେ ଅଂଶଗ୍ରହଣ କରି ମତ ଓ ଅଭିଜ୍ଞତା ପ୍ରଦାନ ଥିଲେ। ସୋସାଇଟି ଫର୍ ପ୍ରମୋଶନ ଅଫ୍ ହର୍ଟିକଲ୍‌ଚର ସାଧାରଣ ସମ୍ପାଦକ ଡ. ଧନଞ୍ଜୟ ଧନ୍ୟବାଦ ଦେଇଥିଲେ।




ଭୁବନେଶ୍ୱର ଆଇଗିଣିଆସ୍ଥିତ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର(ସିଏଚ୍‌ଇଏସ୍)ରେ ଗୁରୁବାର ଆରମ୍ଭ ହୋଇଥିବା ଜାତୀୟ ଆଲୋଚନାଚକ୍ରରେ ଅତିଥିମାନେ ସିଏଚ୍‌ଇଏସ୍ ସ୍ମରଣିକା ଓ ବୈଷୟିକ ବୁଲେଟିନ୍ ଉନ୍ମୋଚନ କରୁଛନ୍ତି।

# ନବରଙ୍ଗପୁର ପୌରପରିଷଦ ଇଭିଏମ୍ ଉମରକୋଟରେ

- ଉମରକୋଟ ୮ ନମ୍ବର ୱାର୍ଡ ୧୪ ନଂ. ବୁଥ୍‌ରେ ଅଧକ୍ଷ ନିର୍ବାଚନ ବାତିଲ
- ଶୁକ୍ରବାର ସକାଳେ ପୁନଃ ଭୋଟ

ଉମରକୋଟ, ୨୪।୩(ସ୍ୱ.ପ୍ର.) ଉମରକୋଟ ପୌର ନିର୍ବାଚନ ପରିଚାଳନାରେ ସାଙ୍ଘାତିକ ତ୍ରୁଟି। ଇଭିଏମ୍ ମେଶିନରେ ଉମରକୋଟ ପୌର ପରିଷଦ ଅଧକ୍ଷ ପ୍ରାର୍ଥୀଙ୍କ ନାମ ବଦଳରେ ରହିଥିଲା ନବରଙ୍ଗପୁର ଅଧକ୍ଷ ପ୍ରାର୍ଥୀଙ୍କ ନାମ। ଫଳରେ ଉମରକୋଟ ୮ ନମ୍ବର ୱାର୍ଡ଼ର ୧୪ ନମ୍ବର ବୁଥ୍‌ରେ ଅଧକ୍ଷ ନିର୍ବାଚନ ବାତିଲ ହୋଇଛି। ଶୁକ୍ରବାର ସକାଳ ୧୦ଟାରେ ସେଠାରେ ପୁନଃ ଭୋଟ ହେବ ବୋଲି ସୂଚନା ମିଳିଛି। ଉମରକୋଟ ପୌରାଞ୍ଚଳର କେନାଲ ସାହି ପ୍ରାଥମିକ ବିଦ୍ୟାଳୟରେ ୮ ନମ୍ବର ୱାର୍ଡର ୧୪ନଂ. ବୁଥ୍‌ରେ ୮ ଟାରୁ ଭୋଟ ଗ୍ରହଣ ପ୍ରକ୍ରିୟା ଚାଲିଥିଲା। ୧୨ଟା ସୁଦ୍ଧା ପ୍ରାୟ ୩୯୨ ଜଣ ଭୋଟର ମତଦାନ କରି ସାରିଥିଲେ। ସେଠାରେ ଅଧକ୍ଷ ପଦ ପାଇ ଥିବା ଇଭିଏମ୍‌ରେ ଉମରକୋଟ ବଦଳରେ ନବରଙ୍ଗପୁର ପୌରାଧକ୍ଷ ପ୍ରାର୍ଥୀଙ୍କ ନାମ ଥିବା ଜଣେ ଭୋଟର ଦେଖି ପୋଲିଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇଥିଲେ। ଏହାପରେ କିଛି ସମୟ ପାଇଁ ଭୋଟ ଗ୍ରହଣ ପ୍ରକ୍ରିୟା ବନ୍ଦ ଥିଲା। ଖବରପାଇ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଉକ୍ତ ବୁଥ୍‌କୁ ଯାଇ ଘଟଣାର ତଦନ୍ତ କରିଥିଲେ। ଭୁଲ୍‌ବଶତଃ ଏପରି ହୋଇଛି। ଉକ୍ତ ବୁଥ୍‌ରେ ଶୁକ୍ରବାର ପୌରାଧକ୍ଷ ପାଇଁ ପୁଣି ଭୋଟ ଗ୍ରହଣ ହେବ। ଗୁରୁବାର କାଉନସିଲର ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସେ କହିଥିଲେ। ଏହି ବୁଥ୍‌ରେ ଥିବା ୧୨୯୬ ଭୋଟର ଶୁକ୍ରବାର ପୌରାଧକ୍ଷ ପ୍ରାର୍ଥୀଙ୍କୁ ଭୋଟଦେବେ। ୧୦ଟାରୁ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ ବୋଲି ନିର୍ବାଚନ ଅଧିକାରୀ ପ୍ରଶାନ୍ତ ରାଉତ ସୂଚନା ଦେଇଛନ୍ତି। ଶୁକ୍ରବାର ହେବାକୁ ଥିବା ଭୋଟ ପାଇଁ ନୂଆ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯିବ ବୋଲି ଉମରକୋଟ ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି କହିଛନ୍ତି।

# ଜେଲରେ ବିବାହ କଲେ ଆସେଞ୍ଜ



ଜୁଲିଆନ୍ ଆସେଞ୍ଜ



ଷ୍ଟେଲା ମୋରିସ

ଲଣ୍ଡନ,୨୪।୩ ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ୍ ଆସେଞ୍ଜ କଡ଼ା ସୁରକ୍ଷା ମଧ୍ୟରେ ରହିଥିବା ଲଣ୍ଡନର ବେଲ୍‌ମାର୍ଶ ଜେଲରେ ତାଙ୍କର ଦୀର୍ଘଦିନର ବାନ୍ଧବୀ ଷ୍ଟେଲା ମୋରିସ୍‌ଙ୍କୁ ବୁଧବାର ବିବାହ କରିଛନ୍ତି। ଗୁପ୍ତଚର ବୃତ୍ତି ଅଭିଯୋଗ ମାମଲାରେ ୫୦ ବର୍ଷୀୟ ଆସେଞ୍ଜ ୨୦୧୯ରୁ ଉକ୍ତ ଜେଲ୍‌ରେ ରହିଛନ୍ତି। ବିବାହ ପାଇଁ ସେମାନଙ୍କୁ ଗତବର୍ଷ ଅନୁମତି ମିଳିଥିଲା। ବିବାହ ଉତ୍ସବରେ ଯୋଗଦେବା ଲାଗି ୪ ଜଣ ଅତିଥି, ଦୁଇ ସରକାରୀ ସାକ୍ଷୀ ଓ ଦୁଇଜଣ ସୁରକ୍ଷା ଗାର୍ଡଙ୍କୁ ଅନୁମତି ଦିଆଯାଇଥିଲା। ଆମେରିକା ସରକାର ଆସେଞ୍ଜଙ୍କୁ ପ୍ରତ୍ୟର୍ପଣରେ ନେଇ ଗୁପ୍ତଚର ବୃତ୍ତି ମାମଲାର ବିଚାର ଚାହୁଁଛନ୍ତି। ଅନ୍ୟପକ୍ଷରେ ପ୍ରତ୍ୟର୍ପଣ ବିରୋଧରେ ଆସେଞ୍ଜଙ୍କ ଆବେଦନକୁ ବ୍ରିଟେନ ସୁପ୍ରିମକୋର୍ଟ ଚଳିତ ମାସରେ ଖାରଜ କରିଦେଇଛନ୍ତି। ଆଫଗାନିସ୍ତାନ ଏବଂ ଇରାକ ଯୁଦ୍ଧକୁ ନେଇ ସେ ହଜାର ହଜାର ଗୋପନ ଦସ୍ତାବିଜ୍ ପ୍ରକାଶ କରିଥିଲେ। ୩୮ ବର୍ଷୀୟା ମୋରିସ ଜଣେ ଆଇନଜୀବୀ। ସେ ଡେମ୍ ଭିଭିଏନା ୱେଷ୍ଟଉଡ୍‌ଙ୍କ ଡିଜାଇନର ବିବାହ ପୋଷାକ ପିନ୍ଧିଥିଲେ।

# ମାଓବାଦୀ ପୋଷ୍ଟରରେ ଡାକ୍ତର, କିରାଣିଙ୍କୁ ଧମକ

ରାଇଘର, ୨୪।୩(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ହାଟଭରଣ୍ଡି ଓ କୁନ୍ଦେଇ ରାସ୍ତାରେ ବୁଧବାର ରାତିରେ ମାଓବାଦୀ ପୋଷ୍ଟର ଓ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ବ୍ୟାନରରେ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସତ୍ୟ ସାହୁ ଓ କିରାଣି ଗୋବିନ୍ଦ ରୋଗୀ ଓ ଗର୍ଭବତୀ ମହିଳାଙ୍କଠାର ଲାଞ୍ଚ ନେଉଛନ୍ତି। ଏହା ବନ୍ଦ ନ କଲେ ପ୍ରଜା କୋର୍ଟରେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ମାଓବାଦୀ ବ୍ୟାନର ମୈନପୁର ଡିଭିଜନର ସୀତାନଦୀ ଏରିଆ କମିଟି ଲଗାଇଥିବା ଜଣାପଡ଼ିଛି।

# ପୁଟିନ୍‌ଙ୍କ ଝିଅ ବିବାହ ବିଚ୍ଛେଦ



ଜୋରିଟ୍ ଫାସେନ୍



ଡା. ମାରିଆ ଭୋରୋଣ୍ଟସୋଭା

- ୟୁକ୍ରେନ୍ ଆକ୍ରମଣ ଯୋଗୁ ମାରିଆଙ୍କ ସ୍ୱପ୍ନ ଭାଙ୍ଗିଲା

ମସ୍କୋ, ୨୪।୩ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବଡ଼ ଝିଅ ଡା. ମାରିଆ ଭୋରୋଣ୍ଟସୋଭା(୩୬) ତାଙ୍କ ଡଚ୍ ବ୍ୟବସାୟୀ ସ୍ୱାମୀ ଜୋରିଟ୍ ଫାସେନ୍‌ଙ୍କଠାରୁ ଅଲଗା ହୋଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ପୂର୍ବରୁ ଉଭୟଙ୍କ ବିବାହ ବିଚ୍ଛେଦ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହାର କାରଣ ଜଣାପଡ଼ିନାହିଁ। ଏଥିସହ ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ମାରିଆଙ୍କ ହାଇପ୍ରୋଫାଇଲ ସ୍ୱପ୍ନ ମଧ ଭାଙ୍ଗିଯାଇଛି।

ପୁଟିନ୍ କେଜିବି ସ୍ପାଏ ଭାବେ ରୁଷିଆ ପାଇଁ ଗୁପ୍ତଚରଗିରି କରୁଥିବାବେଳେ ମାରିଆ ଜନ୍ମ ହୋଇଥିଲେ। ସେ ପୁଟିନ୍‌ଙ୍କ ପୂର୍ବତନ ସ୍ତ୍ରୀ ଲ୍ୟୁଡମିଲାଙ୍କ ଝିଅ। ମାରିଆ ପିଲାମାନଙ୍କଠାରେ ଦେଖାଯାଉଥିବା କେତେକ ବିରଳ ଜିନ୍‌ଗତ ରୋଗର ବିଶେଷଜ୍ଞ। ରୁଷିଆରୁ ନିର୍ବାସିତ ହୋଇଥିବା ଖବରଦାତା ସେରଗି କାନେଭ୍ ଏକ ରିପୋର୍ଟରେ ପ୍ରକାଶ କରିଛନ୍ତି ଯେ, ମାରିଆ ରୁଷିଆର ସେଣ୍ଟ ପିଟର୍ସବର୍ଗରେ ଏକ ସୁପର ମଡର୍ନ ମେଡିକାଲ ସେଣ୍ଟର ଖୋଲିବାକୁ ଚାହୁଁଥିଲେ। ଏହି ମେଗା ପ୍ରୋଜେକ୍ଟରେ ମାରିଆଙ୍କ ବଡ଼ ଭାଗ ଥିଲା। ସେଠାରେ ଚିକିତ୍ସା ନିମନ୍ତେ ୟୁରୋପ ଏବଂ ପର୍ସିଆନ୍ ଗଲ୍ଫ ଦେଶର ଧନୀ ବ୍ୟକ୍ତିଙ୍କୁ ଆକର୍ଷିତ କରିବାକୁ ମାରିଆଙ୍କ ଯୋଜନା ଥିଲା। ହେଲେ ୟୁକ୍ରେନ୍ ଆକ୍ରମଣ ପରେ ୟୁରୋପୀୟ ଦେଶଗୁଡ଼ିକ ସମେତ ଅନ୍ୟ ରାଷ୍ଟ୍ରମାନେ ମଧ ରୁଷିଆ ଉପରେ କଠୋର କଟକଣା ଲଗାଇଛନ୍ତି। ଏଥିଯୋଗୁ ମାରିଆଙ୍କ ସ୍ୱପ୍ନ ପୂରଣ ହୋଇପାରନାହିଁ। ସୂଚନାଯୋଗ୍ୟ ମାରିଆଙ୍କ ସ୍ୱାମୀ ଫାସେନ୍ ପାଶ୍ଚାତ୍ୟ ଦେଶ ନେଦରଲାଣ୍ଡ୍‌ସର ଜଣେ ବିଜ୍‌ନେସମ୍ୟାନ। ତାଙ୍କ ବାପା ଡଚ୍ ସଶସ୍ତ୍ର ବଳର କଲୋନେଲ ଥିଲେ।

# ଅଧା ବାଟରେ ଏମ୍‌ଡିଏମ୍ ଚାଉଳ ହଡ଼ପ

## ପିଲାଙ୍କ ପେଟ ପୂରୁନି, ପରିବହନକାରୀ ସଂସ୍ଥା ମାଲାମାଲ

ଯାଜପୁର ଅଫିସ,୨୪।୩ ସରକାର ପ୍ରାଥମିକ ଶିକ୍ଷାକୁ ଶିକ୍ଷା ଅଧିକାର ଆଇନରେ ଅନ୍ତର୍ଭୁକ୍ତ କରି ସାର୍ବଜନୀନ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ପିଲାମାନଙ୍କୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ପ୍ରତି ଆକୃଷ୍ଟ କରିବାକୁ ମଧାହ୍ନ ଭୋଜନ (ଏମ୍‌ଡିଏମ୍) ଯୋଜନା ପ୍ରଣୟନ ହୋଇଛି। ୨୦୨୧ ଜୁଲାଇରୁ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ପିଲାମାନଙ୍କୁ ପୁଷ୍ଟିକର ଚାଉଳ ପ୍ରଦାନ କରାଯାଉଛି। ଏହି ଚାଉଳକୁ ଗୋଦାମ ଘରୁ ସିଧାସଳଖ ସ୍କୁଲରେ ପହଞ୍ଚାଇବାକୁ ଜିଲା ଶିକ୍ଷା ବିଭାଗ ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପରିବହନ ଠିକାସଂସ୍ଥାଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ମଧାହ୍ନ ଭୋଜନ ଚାଉଳ ଅଧାବାଟରେ ଗାଏବ ହେଉଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। କୁଇଣ୍ଟାଲ ପିଛା ୧୦ରୁ ୧୫ କେଜି କମ୍ ଯୋଗାଣ କରି ଠିକାସଂସ୍ଥା ମାଲାମାଲ ହେଉଛନ୍ତି। ଫଳରେ ପିଲାଙ୍କ ଭାତଥାଳିକୁ ମାସକୁ ନିର୍ଦ୍ଧାରିତ ୩ କେଜି ବଦଳରେ ପ୍ରାୟ ୨ କେଜି ଚାଉଳ ଦେବାକୁ ସ୍କୁଲ କର୍ତ୍ତୃପକ୍ଷ ବାଧ ହେଉଛନ୍ତି। ପିଲାଙ୍କ ପେଟରୁ କାଢ଼ି ସେହି ଚାଉଳ ବାହାରେ ବିକ୍ରି ହେଉଥିବାବେଳେ ଅସାଧୁ କର୍ମଚାରୀଙ୍କ ସହଯୋଗ ରହୁଥିବାରୁ ଯେତେ ଯାହା ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନାହିଁ ବୋଲି ଅଭିଭାବକମାନେ କହୁଛନ୍ତି।

ରାଜ୍ୟର ୯ ଜିଲାରେ ୧୫ ଲକ୍ଷ ୬୮ ହଜାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ପାଇଁ ମାସିକ ୪୪୩୫.୬୩ ମେଟ୍ରିକ ଟନ ଚାଉଳ ଯୋଗାଣ କରିବାକୁ ନିର୍ଦ୍ଦେଶ ହୋଇଛି। ହେଲେ ସେଥିରୁ ୧୦% ରୁ ଅଧିକ ଚାଉଳ ହଡ଼ପ କରାଯାଉଛି। ଅନୁଗୋଳ, କଟକ, ଜଗତ୍‌ସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲା ଯୋଗାଣ ଅଧିକାରୀମାନଙ୍କୁ ପୁଷ୍ଟିକର ଚାଉଳ ଯୋଗାଇ ଦେବାକୁ ସୋମବାର ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ବିଶ୍ୱଜିତ କେଶରୀ ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମରେ ଏହି ଚାଉଳ ଯୋଗାଇ ଦିଆଯିବ ଏବଂ କୁଇଣ୍ଟାଲ ପିଛା ବର୍ଦ୍ଧିତ ୭୩ ଟଙ୍କା ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେଣୁ ଏହି କାର୍ଯ୍ୟକ୍ରମରେ ଆବଶ୍ୟକ ପୁଷ୍ଟିକର ଚାଉଳ ମହଜୁଦ ରଖିବା ସହ ପ୍ରୁଡେଣ୍ଟ ମୁଭମେଣ୍ଟ ପ୍ଲାନ(ପିଏମ୍‌ପି) ଜରିଆରେ ପରିବହନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିରେ



ମାସିକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ସ୍ତରରେ ଅନୁଗୋଳ ଜିଲାର ୧,୨୧,୭୦୨ ଛାତ୍ରୀଛାତ୍ରଙ୍କ ପାଇଁ ୩୪୫.୫୭ କୁଇଣ୍ଟାଲ, କଟକ ଜିଲାର ୧,୯୪,୧୫୪ ଛାତ୍ରୀଛାତ୍ରଙ୍କ ପାଇଁ ୫୫୪.୬୮ କୁଇଣ୍ଟାଲ, ଜଗତ୍‌ସିଂହପୁର ଜିଲାର ୮୪,୨୭୪ ଛାତ୍ରୀଛାତ୍ରଙ୍କ ପାଇଁ ୨୩୮.୩୪ କୁଇଣ୍ଟାଲ, ଯାଜପୁର ଜିଲାର ୨,୦୪,୪୨୬ ଛାତ୍ରୀଛାତ୍ରଙ୍କ ପାଇଁ ୫୮୦.୫୨ କୁଇଣ୍ଟାଲ, କନ୍ଧମାଳ ଜିଲାର ୧,୧୦,୭୨୫ ଛାତ୍ରୀଛାତ୍ରଙ୍କ ପାଇଁ ୩୦୯.୯୯ କୁଇଣ୍ଟାଲ, କେନ୍ଦ୍ରାପଡା ଜିଲାର ୧,୫୦,୩୪୨ ଜଣଙ୍କ ପାଇଁ ୪୨୩.୫୪ କୁଇଣ୍ଟାଲ, କେନ୍ଦୁଝର ଜିଲାର ୨,୨୦,୬୬୩ ଜଣଙ୍କ ପାଇଁ ୬୨୧.୨୦ କୁଇଣ୍ଟାଲ, ମୟୂରଭଞ୍ଜ ଜିଲାର ୨,୯୮,୪୪୬ ଜଣଙ୍କ ପାଇଁ ୮୪୦.୧୪ କୁଇଣ୍ଟାଲ ଏବଂ ସୁନ୍ଦରଗଡ଼ ଜିଲାର ୧,୮୩,୨୬୮ ଛାତ୍ରୀଛାତ୍ରଙ୍କ ପାଇଁ ୫୨୧.୬୫ କୁଇଣ୍ଟାଲ ପୁଷ୍ଟିକର ଚାଉଳ ଯୋଗାଇ ଦେବାକୁ ନିର୍ଦ୍ଦେଶରେ ଦର୍ଶାଯାଇଛି। କୁଇଣ୍ଟାଲ ପିଛା ଚାଉଳ ପରିବହନ କରିବା ପାଇଁ ବିଭିନ୍ନ ସ୍ତରରେ ୭୫ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇ ଟେଣ୍ଡର ଆହ୍ୱାନ କରାଯାଉଛି। କିନ୍ତୁ କୁଇଣ୍ଟାଲ ପିଛା ତାହାର ପ୍ରାୟ ୫୦% କମ୍ ଦରରେ ଟେଣ୍ଡର ପକାଇ ଠିକା ହାସଲ କରୁଛନ୍ତି। ଏତେ କମ୍ ହାରରେ ଠିକା ନେବା ପରେ ପରିବହନ ସଂସ୍ଥା ଚାଉଳ କାଢ଼ି ଲାଭବାନ ହେଉଛନ୍ତି। ଫଳରେ ଗରିବ ପିଲାଙ୍କ ପେଟ ଏଥିରେ ପୂରୁ ନ ଥିବା ଅଭିଯୋଗ ହେଉଛି। ଏପରି ଭାବେ ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମରେ ଏମ୍‌ଡିଏମ୍ ବାଟବଣା ହେଉଥିବାରୁ ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଉଛି। ଏହାସହ ଗୋଦାମରୁ ଚାଉଳ ଉଠାଇବା ପରେ ସେହି ଚାଉଳକୁ ବଦଳ କରି ପରିବହନକାରୀ ସଂସ୍ଥା କମ୍ ଓଜନ ବିଶିଷ୍ଟ ଏବଂ ନିମ୍ନମାନର ଅନ୍ୟ ଚାଉଳ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଉଥିବା ଅଭିଯୋଗ ହେଉଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ କେତେଜଣ ଅଭିଭାବକ କୁହନ୍ତି, ବର୍ତ୍ତମାନ ସ୍କୁଲରେ ମଧାହ୍ନ ଭୋଜନ ରନ୍ଧା ହେଉ ନାହିଁ। ତେଣୁ ଅଭିଭାବକମାନେ ସ୍କୁଲକୁ ଯାଇ ଚାଉଳ ଆଣୁଛନ୍ତି। ନିର୍ଦ୍ଧାରିତ ଚାଉଳଠାରୁ କମ୍ ଚାଉଳ ଦେଉଥିବା ଅଭିଯୋଗ କଲେ ପରିବହନକାରୀ ସଂସ୍ଥା ଯେଉଁ ହାରରେ ଚାଉଳ ଦେଉଛନ୍ତି ସେହି ଆଧାରରେ ଚାଉଳ ବଣ୍ଟନ ହେଉଥିବା ଉତ୍ତର ମିଳୁଛି ବୋଲି ସେମାନେ କହିଛନ୍ତି। ଯାଜପୁର ଜିଲା ସମାଜ କଲ୍ୟାଣ ଅଧିକାରୀ ସୁବାସ ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ପରିବହନ ଠିକାସଂସ୍ଥା ଯଦି କମ୍ ଚାଉଳ ଦେଉଛନ୍ତି ତେବେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର କର୍ତ୍ତୃପକ୍ଷ କାହିଁକି ଚାଉଳ ଗ୍ରହଣ କରୁଛନ୍ତି। ଏଥିରେ ସେମାନେ ମନା କରିବା ଉଚିତ। ଯଦି ଏଭଳି ଅଭିଯୋଗ ଆସେ ତେବେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ମନ୍ଦିରକୁ ବିଜେ କଲେ ଶ୍ରୀଲକ୍ଷ୍ମନ ଜୀଉ**

**ଡେରାବିଶ,(ସ୍ୱ.ପ୍ର.):** ଡେରାବିଶ ବ୍ଲକର ପରମ ଆରାଧ ଶ୍ରୀଲଛମନଜୀଉ ୧୨ଦିନ ଧରି ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ମେଳଣରେ ପରିକ୍ରମା କରିବା ପରେ ଗୁରୁବାର ଅପରାହ୍ନରେ ମନ୍ଦିର ବେଢାରେ ଥିବା ଝୁଲଣ ମଣ୍ଡପକୁ ବିମାନ ସହ ବିଜେ କରିଥିଲେ। ଜୀଉଙ୍କ ଦର୍ଶନ ପାଇଁ ମନ୍ଦିର ବେଢା ଲୋକାରଣ୍ୟ ହୋଇଯାଇଥିଲା। ମଣ୍ଡପରେ ଭୋଗଲାଗି ହେବା ପରେ ଘଣ୍ଟ ଓ ବଦ୍ୟ ସଂକୀର୍ତ୍ତନରେ ଶ୍ରୀଜୀଉଙ୍କ ମହାସ୍ନାନ ପରେ ସିଂହାସନକୁ ବିଜେ କରିଥିଲେ। ପରେ ଆଜି ସନ୍ଧ୍ୟାର ନୀତିକାନ୍ତି ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟପକ ଅଜୟ କୁମାର ରାଉତ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ଶିବପ୍ରସାଦ ସାହୁଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ଯୁବ ମହୋତ୍ସବ




**ଡେରାବିଶ,୨୪।୩(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଗୁରୁବାର ଡେରାବିଶ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଯୁବ ରେଡ୍‌କ୍ରସ ସହଯୋଗରେ ଅନୁଷ୍ଠିତ ଉତ୍ସବକୁ ରାଷ୍ଟ୍ରୀୟ ଯୁବା ଯୋଜନାର ରାଜ୍ୟ ସଂଯୋଜକ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧାପକ ଧନେଶ୍ୱର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଦାସ ତାଙ୍କ ବକ୍ତବ୍ୟରେ ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ଚିନ୍ତାଧାରା ବାବଦରେ ଉଲ୍ଲେଖ କରିବା ସହ ତାଙ୍କ ସ୍ୱପ୍ନର ଭାରତର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାରେ ଯୁବ, ଛାତ୍ରମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଗୋଲି ତିରୁପତି ରେଡ୍ଡୀ, ସୁନନ୍ଦା ପ୍ରଧାନ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି, ଅଧାପକ ଗୁରୁଚରଣ ସେଠୀ ଯୋଗଦେଇ ଗଣତନ୍ତ୍ରକୁ ସୁଦୃଢ଼ କରି ଅଖଣ୍ଡ ଭାରତ ଗଠନ ପାଇଁ ଯୁବ ସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ର ବ୍ଲକ ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା ମହୋତ୍ସବ ଶେଷରେ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇଥିବା ବେଳେ ଶେଷରେ ମୁଖ୍ୟ ଅତିଥି ଦାସ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଏହାକୁ ପରିଚାଳନାରେ କଲେଜ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଅଳକା ରାଉତ, ଐଶ୍ୱର୍ଯ୍ୟା ସ୍ୱାଇଁ, ସୋମ୍ୟପ୍ରକାଶ ଜେନା, ଜାନେ ଆଲମ ଖାନ୍ ପ୍ରମୁଖ ସହଯୋଗ କରିଥିଲେ।

### ଦୈନନ୍ଦିନ ଜୀବନରେ ଗଣିତର ଭୂମିକା ଗୁରୁତ୍ୱପୂର୍ଣ୍ଣ




**ବିରିଡ଼ି,୨୪।୩(ଡି.ଏନ୍.ଏ.):** ବିରିଡି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟର ଗଣିତ ବିଭାଗ ତରଫରୁ 'ଦୈନନ୍ଦିନ ଜୀବନରେ ଗଣିତର ମହତ୍ତ୍ୱ ତଥା ପ୍ରୟୋଗ' ଶୀର୍ଷକ ଆଲୋଚନା ଚକ୍ର ମହାବିଦ୍ୟାଳୟ ଶ୍ରେଣୀ ଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ବିଶ୍ୱଜିତ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ପ୍ରଦୀପ୍ତ କୁମାର ଲେଙ୍କା ଯୋଗଦେଇ ଦୈନନ୍ଦିନ ଜୀବନରେ ଗଣିତ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରାଧାପକ ହିମାଂଶୁ ଶେଖର ରାୟ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ଡ. ରୁଦ୍ରନାରାୟଣ ମିଶ୍ର, ରସାୟନ ବିଜ୍ଞାନ ବିଭାଗର ଅଧାପକ ଗଦାଧର ରଥ, ଅଧାପକ ଡ. ଜ୍ୟୋତି ପ୍ରକାଶ ସାମନ୍ତରାୟ, ଅଧାପିକା ଡ. ରେବତୀ ମୁଦୁଲି, ଅଧାପିକା ସସ୍ମିତା ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କୁ ଗଣିତ ବିଦ୍ୟାର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ଛାତ୍ର ସାଗର ମହାନ୍ତି, ଦିବ୍ୟଶଙ୍କର ରାଉତରାୟ, ବିଶ୍ୱଜିତ ଗୋଚ୍ଛାୟତ, ଅମିୟ ପ୍ରଧାନ ପ୍ରମୁଖ ନିବନ୍ଧ ପାଠ କରିଥିଲେ। ପ୍ରାରମ୍ଭରେ ଅଧାପକ ଗିରିଜା ନନ୍ଦନ ମହାରଣା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ବିରିଡ଼ି ବ୍ଲକ ନବ ନିର୍ବାଚିତ ଅଧକ୍ଷାଙ୍କ ପ୍ରଥମ ବୈଠକ

**ବିରିଡି,୨୪।୩(ଡି.ଏନ୍.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଗୁରୁବାର ବିରିଡି ବ୍ଲକ ନବ ନିର୍ବାଚିତ ଅଧକ୍ଷା ମମତା ପାତ୍ର ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅଧକ୍ଷା ପାତ୍ର ବ୍ଲକରେ ପହଞ୍ଚିବା ପରେ ବିଡିଓ ହେମନ୍ତ କୁମାର ମହାନ୍ତି ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିସହ ନବ ନିର୍ବାଚିତ ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ବିରିଡି ବ୍ଲକ ସଭାଗୃହରେ ଅଧକ୍ଷା ପାତ୍ରଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ବିଡିଓ ମହାନ୍ତି ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଧକ୍ଷା ପାତ୍ର ବ୍ଲକ ପ୍ରଶାସନକୁ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିବା ପାଇଁ ନବ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ କହିଥିଲେ। ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଶଙ୍ଖପୁର ପଞ୍ଚାୟତ ସମିତିସଭ୍ୟ ରଶ୍ମିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

# ଜଗତ୍‌ସିଂହପୁର ୮୨%, ପାରାଦୀପରେ ୬୬.୨୦% ଭୋଟ୍

**ଜଗତ୍‌ସିଂହପୁର ଅଫିସ, ୨୪।୩**

ଜଗତ୍‌ସିଂହପୁର ପୌର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ମତଦାନ ପରେ ଜଗତ୍‌ସିଂହପୁର ପୌରାଞ୍ଚଳରେ ନିୟୋଜିତ ପୋଲିଂ ଦଳଗୁଡିକ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ରିସିଭିଂ କେନ୍ଦ୍ରରେ ଇଭିଏମ୍ ଓ ଅନ୍ୟାନ୍ୟ ନିର୍ବାଚନୀ ସାମଗ୍ରୀ ସୁରକ୍ଷିତ ଭାବେ ପହଞ୍ଚାଇଛନ୍ତି। ସେହିପରି ପାରାଦୀପ ପୌରାଞ୍ଚଳର ପୋଲିଂ ଦଳଗୁଡିକ ମଧୁବନ ମ୍ୟୁନିସିପାଲିଟି ହାଇସ୍କୁଲ ପରିସର ରିସିଭିଂ କେନ୍ଦ୍ରରେ ଇଭିଏମ୍ ଓ ନିର୍ବାଚନ ସାମଗ୍ରୀ ପହଞ୍ଚାଇବା ପରେ ଏଗୁଡିକୁ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ନିର୍ବାଚନ ସମୟରେ କାଁ ଭାଁ କେତୋଟି ସ୍ଥାନରେ ଚାପା ଉତ୍ତେଜନା ଦେଖା ଦେଇଥିଲେ ସୁଦ୍ଧା ସେଭଳି ହିଂସା ହୋଇନାହିଁ। ମୋଟାମୋଟି ଭାବେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ ୮୨% ମତଦାନ ହୋଇଛି। ଯାହାକି ଗତଥର ଅପେକ୍ଷା ପାଖାପାଖି ୧.୩୭% ଅଧିକ। ମତଦାନ ସମୟରେ ପ୍ରଥମେ ଖୁବ କମ୍ ସମୟ ପାଇଁ ୭ନଂ. ୱାର୍ଡର ଏକ କେନ୍ଦ୍ରରେ ଇଭିଏମ୍ ସମସ୍ୟା ହୋଇଥିଲେ ସୁଦ୍ଧା ତାହା ଠିକ୍ ହୋଇଯାଇଥିଲା।



ଜଗତ୍‌ସିଂହପୁରର ଏକ ମତଦାନ କେନ୍ଦ୍ରରେ ମହିଳାମାନେ ଭୋଟ ଦେବାକୁ ଅପେକ୍ଷା କରିଛନ୍ତି।

ସେହିପରି ପାରାଦୀପରେ ୬୬.୨୦% ମତଦାନ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପାରାଦୀପ ୧୫ ନଂ ୱାର୍ଡର ବୁଥ ସମ୍ମୁଖରେ ପ୍ରାର୍ଥୀଙ୍କ ସମର୍ଥକ ମଧ୍ୟରେ ଥରେ ମୁହାଁମୁହିଁ ହୋଇଥିଲା। ଏହାକୁ ପୋଲିସ ଓ ନେତାମାନେ ତୁରନ୍ତ ଟାଳି ଦେଇଥିଲେ। ଏହାବ୍ୟତୀତ ୨ ପୌରାଞ୍ଚଳରେ ସେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି। ଜଗତ୍‌ସିଂହପୁର ପୌର ପରିଷଦର ୨୧ଟି ୱାର୍ଡର ୩୩ ବୁଥ୍‌ରେ ୨୫,୫୧୭ ଜଣ ଭୋଟରଙ୍କ ମଧ୍ୟରୁ ୨୦,୯୨୩ ଜଣ ଭୋଟ୍ ଦେଇଛନ୍ତି। କଣ୍ଟାବଲ୍ଲଭପୁର, ଟାଉନହଲ୍ ପରିସରରେ ୩ଟି ଆଦର୍ଶ ବୁଥ ଏବଂ ସିପିଗ୍ରାମ ବିଦ୍ୟାଳୟରେ ଗୋଟିଏ ପିଙ୍କ ବୁଥ କରାଯାଇଥିଲା। ଏହାବାଦ୍ ୩ଟି ମହିଳା ବୁଥ୍‌ରେ ମହିଳା ପୋଲିଂ ଅଧିକାରୀମାନେ ନିୟୋଜିତ ହୋଇଥିଲେ। ସେହିପରି ପାରାଦୀପ ପୌର ପରିଷଦର ୧୯ଟି ୱାର୍ଡର ୪୬ଟି ବୁଥ୍‌ରେ ୪୨,୧୧୬ ଭୋଟରଙ୍କ ମଧ୍ୟରୁ ୨୭,୮୮୧ ଜଣ ଭୋଟ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ୧୧,୮୮୫, ପୁରୁଷ ୧୫,୯୯୯ ଓ କିନ୍ନର ୫ ଜଣ ଅଛନ୍ତି। ପାରାଦୀପରେ ୩ଟି ପିଙ୍କ ଓ ୩ଟି ଆଦର୍ଶ ବୁଥ୍ କରାଯାଇଥିଲା। ଏହି ଅବସରରେ ଜଗତ୍‌ସିଂହପୁର ୨୧ନଂ. ୱାର୍ଡସ୍ଥିତ ସିପିଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ମତଦାନ କରିଛନ୍ତି। ସେହିପରି ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ୧୦ ୱାର୍ଡର ଚାଟରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ ସାବ୍ୟସ୍ତ କରିଛନ୍ତି। ବିଜେଡି ପକ୍ଷରୁ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ର ୧୧ନଂ. ୱାର୍ଡର କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟରେ ଭୋଟ ଦେଇଛନ୍ତି। କଂଗ୍ରେସ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ପ୍ରାର୍ଥିନୀ ଅର୍ଚ୍ଚନା ସିଂ ୪ନଂ. ୱାର୍ଡର ଲାଲାସାହି ପ୍ରାଥମିକ ବିଦ୍ୟାଳୟରେ ଓ ଭାଜପା ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ପ୍ରାର୍ଥିନୀ ଶ୍ରୀମତୀ ପଙ୍କଜିନୀ ୧୯ନଂ. ୱାର୍ଡର ପୁରୋହିତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୋଟ ଦେଇଛନ୍ତି। ଏଥର ନିର୍ବାଚନରେ ନୂଆ ଭୋଟରମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ନୂଆ ଭୋଟର ଶ୍ରୀରାଜ ସାହୁ କହିଛନ୍ତି, ସେ ୮ନଂ. ୱାର୍ଡର ପୋଟଳସ୍ଥିତ ମଙ୍ଗଳା ପ୍ରାଥମିକ ବିଦ୍ୟାଳୟରେ ମତଦାନ କରିଥିବାରୁ ଖୁସି ଅନୁଭବ କରିଛନ୍ତି।




ସତ୍ୟବ୍ରତ ମହାପାତ୍ର, ଶ୍ରୀମତୀ ପଙ୍କଜିନୀ, ଅର୍ଚ୍ଚନା ସିଂ, ରାଜଶ୍ରୀ ମହାପାତ୍ର, ବିଜୟଶଙ୍କର ଦାସ ମତଦାନ ସାବ୍ୟସ୍ତ କରିଛନ୍ତି।

## ଚଣ୍ଡିଆଗଡ଼ିରେ ପାଣି ପାଇଁ ରାସ୍ତାରୋକୋ

**ଆଳି,୨୪।୩(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତର ବିଦ୍ୟୁତ୍ ବିଲ୍ ପୈଠ ହୋଇ ନ ଥିବାରୁ ବିଭାଗ ପକ୍ଷରୁ ବିଦ୍ୟୁତ୍‌କାଟ କରାଯାଇଛି। ଫଳରେ ପଞ୍ଚାୟତବାସୀ ପାଣି ପାଇଁ ହଇରାଣ ହେଉଛନ୍ତି । ଏହାକୁ ନେଇ ଗୁରୁବାର ପୂର୍ବାହ୍ନରେ ଗ୍ରାମବାସୀ କଟକ–ଚାନ୍ଦବାଲି ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ସୂଚନା ମୁତାବକ, ବସୁଧା ଯୋଜନାରେ ପ୍ରତି ଘରକୁ ଜଳଯୋଗାଣର ବ୍ୟବସ୍ଥା ଥିବା ବେଳେ ପଞ୍ଚାୟତ ପକ୍ଷରୁ ପମ୍ପ ହାଉସ ବିଦ୍ୟୁତ୍ ବିଲ୍ ଭରଣା ହେବାର ବ୍ୟବସ୍ଥା ରହିଛି। କିନ୍ତୁ ପଞ୍ଚାୟତର ବାକି ଥିବା ପ୍ରାୟ ଲକ୍ଷାଧିକ ଟଙ୍କା ପୈଠ ହୋଇ ନ ଥିବାରୁ ଗତ ୩ ଦିନ ହେବ ବିଭାଗ ପକ୍ଷରୁ ବିଦ୍ୟୁତ୍‌କାଟ କରି ଦିଆଯାଇଛି। ଫଳରେ ଲୋକମାନେ ପାଣି ପାଇବାରୁ ବଞ୍ଚିତ ହୋଇଥିଲେ।



କଟକ–ଚାନ୍ଦବାଲି ରାସ୍ତାରେ ପାଣି ପାଇଁ ରାସ୍ତାକୁ ଲୋକେ ଅବରୋଧ କରିଛନ୍ତି।

ଏହାକୁ ବିରୋଧ କରି ଗୁରୁବାର ସକାଳେ ଗ୍ରାମବାସୀ କଟକ–ଚାନ୍ଦବାଲି ରାସ୍ତା ବନ୍ଦ କରି ଧାରଣାରେ ବସିଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜଙ୍କ ହସ୍ତକ୍ଷେପ ପରେ ଆଳି ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଗଣେଶ ଚନ୍ଦ୍ର ହେମ୍ବ୍ରମଙ୍କୁ ବିଦ୍ୟୁତ୍ ବିଲ୍ ବାବଦରେ ନୂଆ ସରପଞ୍ଚ ୫୦ହଜାର ଟଙ୍କା ଦେବା ପରେ ସଂଯୋଗ କରିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ଯେ ବିଦ୍ୟୁତ୍ ବିଭାଗ ପଞ୍ଚାୟତଗୁଡିକରୁ ମାସିକ ବିଲ୍ ଆଦାୟ କରୁନାହାନ୍ତି କାହିଁକି। ବିଦ୍ୟୁତ୍ ବିଭାଗର ଢିଲାପଣ ଯୋଗୁ ପଞ୍ଚାୟତ ଅଧିକାରୀମାନେ ଖାମଖିଆଲରେ ଏହା ପୈଠ କରୁନାହାନ୍ତି। ଫଳରେ ଅଧିକାଂଶ ପଞ୍ଚାୟତରେ ବିଦ୍ୟୁତ୍ ବିଲ୍ ୨ରୁ ୩ ଲକ୍ଷ ଟଙ୍କା ବାକି ପଡିଛି। ମାର୍ଚ୍ଚ ମାସର ଉହ ଉହ ଗରମ ସମୟରେ ବିଭାଗର ଏହି କାର୍ଯ୍ୟ କେତେଦୂର ଯୁକ୍ତିଯୁକ୍ତ ତାହାକୁ ନେଇ ଜନସାଧାରଣ ପ୍ରଶ୍ନ କରିଛନ୍ତି।

## ଅତିଥି ଭବନରୁ ମାର୍ବଲ ଖସି ଜଗୁଆଳି ଆହତ

**ପାରାଦୀପ,୨୪।୩(ସ୍ୱ.ପ୍ର.)**

ପାରାଦୀପ ମଧୁବନ କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ଥିବା ୧୦୦ ଏମ୍‌ଏମ୍‌ଟିଏ (ମିଲିୟନ ମେଟ୍ରିକ୍‌ଟନ ପର ଆନମ) ଅତିଥି ଭବନର ମୁଖ୍ୟ ଫାଟକରୁ ଗୁରୁବାର ସନ୍ଧ୍ୟାରେ ହଠାତ୍ ମାର୍ବଲ ଖସିଛି। ଏହି ସମୟରେ ସେଠାରେ ଡ୍ୟୁଟିରେ ଥିବା ଜଗୁଆଳି ସୁରେଶ ଗୋଚ୍ଛାୟତ ଆହତ ହୋଇଛନ୍ତି। ତାଙ୍କୁ ବନ୍ଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ବନ୍ଦର ବିଭାଗୀୟ ଯନ୍ତ୍ରୀମାନେ ପହଞ୍ଚି ତଦନ୍ତ କରିଛନ୍ତି। ପାରାଦୀପ ବନ୍ଦର ୨୦୧୩–୧୪ ବର୍ଷରେ ୧୦୦ ଏମ୍‌ଏମ୍‌ଟିଏ ପଣ୍ୟ କାରବାର କରି ଐତିହାସିକ ସଫଳତା ହାସଲ କରିଥିଲା। ସେହି ସ୍ମୃତିରେ ମଧୁବନଠାରେ ଥିବା ପୁରୁଣା ଏମଇ ସ୍କୁଲକୁ ୪ ବର୍ଷ ତଳେ ନବୀକରଣ କରାଯାଇ ଅତିଥି ଭବନ କରାଯାଇଥିଲା।

## ଗୋସିଗାଁରେ ଅଲେଖ ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ



**ରାଜନଗର,୨୪।୩(ଡି.ଏନ୍.ଏ.)**

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଗୋସିଗାଁସ୍ଥିତ ମହିମା ଆଶ୍ରମରେ ଦୁଇଦିନ ଧରି ଚାଲିଥିବା ଅଲେଖ ବ୍ରହ୍ମଧ୍ୱନି ଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ବ୍ରାହ୍ମମୁହୂର୍ତ୍ତରେ ମହିମା ଧର୍ମର ସାଧୁ ବ୍ରହ୍ମ ଅବଧୂତ ଗଦାଧର ବାବା ଯଜ୍ଞରେ ଅଗ୍ନି ସ୍ଥାପନ କରିଥିଲେ। ଯଜ୍ଞରେ ଦୁଷ୍ମନ୍ତ ବାବା, ସାଧୁ ଅନ୍ତର୍ଯ୍ୟାମୀ ଦାସ, ପରିକ୍ଷିତ ଦାସ, ଅଭୟ ଦାସ, ଶ୍ରୀକାନ୍ତ ଦାସ, ଦୁର୍ଲ୍ଲଭ ଦାସ ପ୍ରମୁଖ ସାଧୁ ଯୋଗଦେଇ ମହିମା ଧର୍ମ ଉପରେ ପ୍ରବଚନ ଦେଇଥିଲେ। ଆୟୋଜିତ ଭଜନ କାର୍ଯ୍ୟକ୍ରମରେ ସୁବାସ ମାଝି, ଡାଙ୍ଗୀ ମାଝି, ଆକୁଳି ଚରଣ ରାଉତ, ନାରାୟଣ ରାଉତ ପ୍ରମୁଖ ମହିମା ଭଜନ ପରିବେଷଣ କରିଥିଲେ। ବ୍ରାହ୍ମମୁହୂର୍ତ୍ତରେ ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପରେ ମହିମା ସାଧୁମାନଙ୍କ ଦ୍ୱାରା ଗାଁରେ ନଗର କୀର୍ତ୍ତନ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ଶରତ ରାଉତ, ଅନନ୍ତ କିଶୋର ରାଉତ, କ୍ଷୀରୋଦ ରାଉତ, ରଞ୍ଜନ କୁମାର ପାଢୀ, ଅଜିତ ରାଉତ, ଧର୍ମେନ୍ଦ୍ର ରାଉତ, ଦାମୋଦର ବିଶ୍ୱାଳ, ପୂର୍ଣ୍ଣାନନ୍ଦ ବିଶ୍ୱାଳ, ପାରେଶ୍ୱର ରାଉତ ପ୍ରମୁଖଙ୍କ ସମେତ ଗୋସିଗାଁ ଗ୍ରାମବାସୀ ପରିଚାଳନା କରିଥିଲେ। ଏହି ଯଜ୍ଞରେ ଆଖପାଖ ଅଞ୍ଚଳର ଶତାଧିକ ମହିମା ଆଶ୍ରିତ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ଶରତ କୁମାର ଦେବଙ୍କ ୩୪ତମ ସ୍ମୃତିସଭା



ସଭାରେ ଯୋଗ ଦେଇଥିବା ଅତିଥିମାନେ।

**ଆଳି,୨୪।୩(ଡି.ଏନ୍.ଏ.)**

ମନ୍ତ୍ରୀ ତଥା ଆଳିର ରାଜସାହେବ ସ୍ୱର୍ଗତ ଶରତ କୁମାର ଦେବଙ୍କ ୩୪ତମ ସ୍ମୃତିସଭା ଗୁରୁବାର ସନ୍ଧ୍ୟାରେ ଆଳି ଅନ୍ନପୂର୍ଣ୍ଣା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ଦେବ ସ୍ମୃତି କମିଟିର ସଭାପତି ଜଗତାନନ୍ଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଆଳିର ରାଜାସାହେବ ବ୍ରଜ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ଅନ୍ୟତମ ଅତିଥି ଭାବେ ଅବସର ପ୍ରାପ୍ତ ସାମରିକ କର୍ମଚାରୀ ଗଣେଶ୍ୱର ସାମଲ ଯୋଗ ଦେଇଥିଲେ। ସ୍ମୃତି କମିଟିର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ବ୍ରଜକେଶରୀ ଦେବ ସ୍ୱର୍ଗତ ରାଜା ସାହେବ ଦେବଙ୍କ ଛାତ୍ରବସ୍ଥା, ଯୁବାବସ୍ଥା, ରାଜନୈତିକ ଜୀବନ ସମ୍ପର୍କରେ ବ୍ୟାଖ୍ୟା କରିବା ସହିତ ତାଙ୍କ ବ୍ୟକ୍ତିତ୍ୱ, ପ୍ରତିଭା, କାର୍ଯ୍ୟଶୈଳୀ, ଆଳି ଅଞ୍ଚଳ ପାଇଁ କରି ଯାଇଥିବା ଅନେକ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ସ୍ମୃତି କମିଟି ପକ୍ଷରୁ ବିଭିନ୍ନ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବ ଆରମ୍ଭରେ ଆଳି ଡାକବଙ୍ଗଳା ଛକରେ ଥିବା ସ୍ୱର୍ଗତ ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଅଜଣା ଜନ୍ତୁ ପାଦ ଚିହ୍ନ ଠାବ ଘଟଣା
## ବନ ବିଭାଗର ତଦନ୍ତ ଆରମ୍ଭ

**ମହାକାଳପଡା , ୨୪।୩ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗର ପଞ୍ଚାୟତସ୍ଥିତ କାଜୁ ଫାର୍ମ ସମ୍ମୁଖ ରାସ୍ତାରେ ଅଜଣା ଜନ୍ତୁର ପାଦ ଚିହ୍ନ ଠାବ କରାଯାଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗ ପକ୍ଷରୁ ଗୁରୁବାର ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ସାହଜୀ ଚରଣ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ଚିହ୍ନ ଠାବ କରିବା ୫ଦିନରୁ ଅଧିକ ହୋଇଥିଲେ ମଧ୍ୟ ବିଭାଗ ଏହି ଜଙ୍ଗଲ ରାସ୍ତାପାର୍ଶ୍ୱ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲା। ପୂର୍ବରୁ ଏହି ପାଦ ଚିହ୍ନ ଠାବ ଫଟୋ ଉଠାଯାଇଥିବା



ଘଟଣାସ୍ଥଳରେ କିଛି ଜାଣି ହେଉନାହିଁ। ପରେ ଅଧିକ ଯାଞ୍ଚ କରାଯାଇ ଅଜଣା ଜନ୍ତୁ ପାଦ ଚିହ୍ନକୁ ଚିହ୍ନଟ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ବିଶ୍ୱାଳ କହିଛନ୍ତି। ବିଭାଗ ପକ୍ଷରୁ ଏହି ପାଦ ଚିହ୍ନ ସମ୍ପର୍କରେ ଖୁବ୍ ଗୁରୁତର ସହ ବିଚାର କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ୩୫୪ ହେକ୍ଟରରୁ ଅଧିକ ଜମିରେ ଏହି କାଜୁ ଜଙ୍ଗଲ ରହିଛି। ଓଡ଼ିଶା କାଜୁ ନିଗମ ଏହି ଜଙ୍ଗଲର ରକ୍ଷଣାବେକ୍ଷଣ କରୁଛି। ପ୍ରତି ବର୍ଷ ନିଲାମ କରାଯାଉଛି ବୋଲି ଜଣାପଡିଛି। ଏହି ଜଙ୍ଗଲରେ ବିଭିନ୍ନ ପ୍ରଜାତିର ସରୀସୃପ, ପକ୍ଷୀ, ବାର୍ହା, ହରିଣ, ଶିଆଳ ସମେତ ଜୀବଜନ୍ତୁ ବାସ କରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅଜଣା ଜନ୍ତୁ ପାଦ ଚିହ୍ନ ଠାବ ସମ୍ପର୍କରେ ସ୍ଥାନୀୟ ଲୋକେ ବନ ବିଭାଗ କର୍ମଚାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ରେଞ୍ଜର ବିଶ୍ୱାଳଙ୍କ ସମେତ ବନ କର୍ମଚାରୀ ସତ୍ୟ ପ୍ରକାଶ ପାଣି, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରେ ୭୪.୩୧%, ପଟ୍ଟାମୁଣ୍ଡାଇରେ ୭୫.୨୩ % ମତଦାନ

**କେନ୍ଦ୍ରାପଡ଼ା ଅଫିସ/ ପଟ୍ଟାମୁଣ୍ଡାଇ,୨୪।୩ (ସ୍ୱ.ପ୍ର.)**

ଦୀର୍ଘ ୧୧ ବର୍ଷ ପରେ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ପରିଷଦ ଗଠନ ପାଇଁ ଗୁରୁବାର ଭୋଟ ଗ୍ରହଣ ହୋଇଛି। ଏଠାରେ ୭୪.୩୧% ମତଦାନ ହୋଇଥିବା ବେଳେ ପୁରୁଷ ଭୋଟର ନିର୍ବାଚନରେ ଅଧିକ ଅଂଶ ଗ୍ରହଣ କରିଛନ୍ତି। ଅପରପକ୍ଷରେ ଆସନ୍ତା ୨୬ରେ ଭୋଟ ଗଣନାକୁ ପୌରାଞ୍ଚଳର ୨୧ ୱାର୍ଡର ୮୬ ପ୍ରାର୍ଥୀ ଅପେକ୍ଷା କରିଛନ୍ତି। ୩୬,୫୪୮ ଭୋଟରଙ୍କ ମଧ୍ୟରୁ ଚଳିତ ନିର୍ବାଚନରେ ମୋଟ ୨୭,୧୬୦ ମତଦାତା ଅଂଶଗ୍ରହଣ କରିଛନ୍ତି। ଏହି ମତଦାତାଙ୍କ ମଧ୍ୟରୁ ୧୩,୮୯୯ ପୁରୁଷ ଓ ୧୩,୨୬୧ ଜଣ ମହିଳା ଭୋଟର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଚଳିତ ଥର ପ୍ରଥମ ଥର ପାଇଁ ଅଧ୍ୟକ୍ଷା ଓ କାଉନ୍‌ସିଲର ପଦ ପାଇଁ ପ୍ରତ୍ୟକ୍ଷ ଭାବେ ନିର୍ବାଚନ ହୋଇଛି। ଅଧ୍ୟକ୍ଷା ପଦ ପାଇଁ ୪ ପ୍ରାର୍ଥୀ ରହିଥିବା ବେଳେ ୮୨ ପ୍ରାର୍ଥୀ ୨୧ଟି ୱାର୍ଡର କାଉନସିଲର ପଦ ପାଇଁ ନିର୍ବାଚନ ମଇଦାନରେ ଅଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ସୁପରିଚାଳନା ପାଇଁ ୪୧ଟି ବୁଥ୍ ହୋଇଥିଲା। ଏଥିମଧ୍ୟରୁ ୩ଟି ପିଙ୍କ୍ ଓ ୨ଟି ମଡେଲ ବୁଥ୍ ସ୍ଥାପନ କରାଯାଇଥିଲା। ପୂର୍ବ ନିର୍ବାଚନକୁ ଦୃଷ୍ଟିରେ ରଖି ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରକୁ ସମ୍ବେଦନଶୀଳ ବୋଲି ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଏଥିପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସେହିପରି ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଥିବା ଜିଲାପାଳ ଅମୃତ ଋତୁରାଜ ସୂଚନା ଦେଇଛନ୍ତି। ନିର୍ବାଚନ ପରେ ଭୋଟର ମନ ମୁତାବକ ଅଧ୍ୟକ୍ଷା ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ତେବେ ଗ୍ରାମାଞ୍ଚଳ ଭୋଟ ପରି କାଉନ୍‌ସିଲର ପଦରେ ଶାସକ ଦଳରେ ସମସ୍ତ ପ୍ରାର୍ଥୀଙ୍କ ବିଜୟ ଅନିଶ୍ଚିତତା ହୋଇଛି। ବିଜେଡି ଏଠାରେ ୧୪ଟି କାଉନ୍‌ସିଲର ପଦ ଅକ୍ତିଆର କରିବ ବୋଲି ଆଲୋଚନା ହେଉଛି। ସେହିପରି ଅନ୍ୟ ୭ଟି ୱାର୍ଡରେ ଭାଜପା, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ଆସିବେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପୌରାଞ୍ଚଳରେ ୨୦୧୧ରେ ପରିଷଦ ଗଠନ ପାଇଁ ନିର୍ବାଚନ ହୋଇଥିଲା। ୨୦୧୬ରେ ନିର୍ବାଚନ ପାଇଁ ଡ୍ରାଫ୍ଟ ତାଲିକା ବାହାରିଥିଲା। ତେବେ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ କାରଣ ଦର୍ଶାଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଗତ ଜାନୁୟାରୀରେ ଏହି ନିର୍ବାଚନ ମାମଲାକୁ ଅଭିଯୋଗକାରୀ ପୂର୍ବତନ କାଉନ୍‌ସିଲର ମୁକ୍ତାର ଖାନ୍ ଫେରାଇ ଆଣିଥିଲେ।



କେନ୍ଦ୍ରାପଡ଼ା ସହରରେ ବୁଥ୍ ଫେରନ୍ତା ନୂତନ ଭୋଟର।



ପଟ୍ଟାମୁଣ୍ଡାଇର ଏକ ବୁଥ୍‌ରେ ମତଦାନ ସାବ୍ୟସ୍ତ ପାଇଁ ଭୋଟରମାନଙ୍କ ଲମ୍ବା ଧାଡି।

ସେହିପରି ପଟ୍ଟାମୁଣ୍ଡାଇ ପୌର ନିର୍ବାଚନ ପାଇଁ ଗୁରୁବାର ଭୋଟ ଗ୍ରହଣ ଶେଷ ହୋଇଛି। କିଛି ବୁଥ୍‌ରେ ମତଦାନ ବାଧାପ୍ରାପ୍ତ ହୋଇଥିଲେ ହେଁ ପୌର ପରିଷଦ ୩୪ଟି ବୁଥ୍‌ରେ ହାରାହାରି ୭୫.୨୩% ମତଦାନ ହୋଇଛି। ପଟ୍ଟାମୁଣ୍ଡାଇ ପୌର ନିର୍ବାଚନ ଅଧିକାରୀ ମନ୍ଦରଧର ମାହାଳିକ ସନ୍ଧ୍ୟାରେ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା। ମାର୍ଚ୍ଚ ୨୬ ତାରିଖରେ ଭୋଟଗଣତି ସହ ଫଳାଫଳ ପ୍ରକାଶ ପାଇବ। ଅଳ୍ପ କିଛି ସ୍ଥାନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ପାଇଁ ଭୋଟ ଗ୍ରହଣ ବିଳମ୍ବ ହୋଇଥିଲା। ପରବର୍ତ୍ତୀ ସମୟରେ ସବୁ ସ୍ଥାନରେ ସ୍ୱାଭାବିକ ଭାବେ ଭୋଟ ଗ୍ରହଣ କାର୍ଯ୍ୟ ସମ୍ପନ୍ନ ହୋଇଅଛି। ମାହାଳିକ କହିଛନ୍ତି, ଏହି ନିର୍ବାଚନରେ ମୋଟ ୨୯,୮୫୭ ଭୋଟରଙ୍କ ମଧ୍ୟରୁ ୨୨,୪୬୩ ଭୋଟର ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୧,୧୨୮ ଜଣ ମହିଳା ଭୋଟର ମତଦାନ କରିଥିବା ବେଳେ ୧୧,୩୩୫ ଜଣ ପୁରୁଷ ମତଦାନ କରିଛନ୍ତି। ତେବେ ଏହି ନିର୍ବାଚନରେ ପ୍ରାର୍ଥୀଙ୍କ ଭାଗ୍ୟର ଫଳ ଭୋଟ ବାକ୍ସ ଭିତରେ ରହିଛି। ଭୋଟ ବାକ୍ସକୁ ପଟ୍ଟାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲ ଷ୍ଟ୍ରଙ୍ଗ୍ ରୁମ୍‌କୁ ନିଆଯାଇଛି। ଆସନ୍ତା ଶନିବାର ଭୋଟଗଣତି ହେବ।

## ସଂକ୍ଷେପରେ

### ଦମ୍ପତିଙ୍କଠାରୁ ଟଙ୍କା, ମୋବାଇଲ ଲୁଟ୍

ଧର୍ମଶାଳା,୨୪।୩(ଡି.ଏନ.ଏ.): ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥର ବାରବାଟୀ ନିକଟସ୍ଥ ଦାମୋଦରପୁର ଛକଠାରେ ଗୁରୁବାର ବାଇକ୍‌ରେ ଯାଉଥିବା ଦମ୍ପତିଙ୍କଠାରୁ ଦୁର୍ବୃତ୍ତ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ଯାଜପୁର ଟାଉନ ଥାନା ସୁନ୍ଦୁରିମୁ ଗ୍ରାମର ହରିହର ମଲିକ ଓ ତାଙ୍କ ସ୍ତ୍ରୀ। ଉଭୟ ବାଇକରେ କଟକ ମେଡିକାଲ ଅଭିମୁଖେ ଯାଉଥିଲେ। ଦାମୋଦରପୁର ଛକଠାରେ ୨ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ହରିହର ଓ ତାଙ୍କ ସ୍ତ୍ରୀ ପଡ଼ି ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତ ମହିଳାଙ୍କ ମନିପର୍ସରେ ଥିବା ୫୪୦୦ ଟଙ୍କା ସମେତ ୨ଟି ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଆହତ ଦମ୍ପତି ଧର୍ମଶାଳା ଡାକ୍ତରଖାନରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଶିକ୍ଷାବିତ୍ ନନ୍ଦ ବାରିକଙ୍କ ପରଲୋକ

ସିଂହପୁର,୨୪।୩(ଡି.ଏନ.ଏ.): ବିଞ୍ଝାରପୁର ବ୍ଳକ ସିଂହପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନନ୍ଦକିଶୋର ବାରିକଙ୍କ ପରଲୋକ ହୋଇଛି। ସେ ଦୀର୍ଘଦିନ ଜରି ବିସିଜେ ହାଇସ୍କୁଲରେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ସିଂହପୁର ଓ ଏହାର ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀର ସିଂହପୁର ଗ୍ରାମ ପରିକ୍ରମା କରାଯିବା ସହ କର୍ତ୍ତବ୍ୟସ୍ଥଳୀ ବିସିଜେ ହାଇସ୍କୁଲକୁ ନିଆଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି। ବଡ଼ପୁଅ ସତ୍ୟଭୂଷଣ ମୁଖାଗ୍ନି ଦେଇଥିଲେ। ବାରିକଙ୍କ ବିୟୋଗରେ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ଟିକାକରଣ ଶିବିର

ସିଂହପୁର,୨୪।୩(ଡି.ଏନ.ଏ.): ବିଞ୍ଝାରପୁର ବ୍ଳକ ସିଂହପୁର ନବଘନ ମହନ୍ତ ମାୟାଧର ନୋଡାଲ ସହକାରୀ ବିଦ୍ୟାଳୟ ପରିସରରେ ଟିକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ରୁ୧୪ବର୍ଷ ଛାତ୍ରୀଛାତ୍ରଙ୍କୁ ଟିକା ଦିଆଯାଇଛି। ପ୍ରଧାନଶିକ୍ଷକ ପ୍ରତାପ ପାତ୍ର, ସରପଞ୍ଚ ଶଶାଙ୍କ ଶେଖର ଖିଲାର, କଳାଶିକ୍ଷକ ଦିନେଶ ମଲିକ, ମନୋରଞ୍ଜନ ବେଉରିଆ, ପ୍ରଭାତ ସାହୁ, ନମିତା ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

ନିଶ୍ଚିନ୍ତକୋଇଲି,୨୪।୩(ସ୍ୱ.ପ୍ର.): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଚାଷୀ ଅଞ୍ଜନ କୁମାର କୁଅଁର (୫୦)। ଭେଣ୍ଡି କିଆରିରେ ପାଣି ମଡ଼ାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# କାଁଭାଁ ଉତ୍ତେଜନାରେ ସରିଲା ଭୋଟ

**ପୌର ନିର୍ବାଚନ-୨୦୨୨**
- ଯାଜପୁରରେ ୭୯.୧୪% ମତଦାନ
- ବ୍ୟାସନଗରରେ ୭୪.୪୫% ମତଦାନ

ଯାଜପୁର ଅଫିସ,୨୪।୩

ଯାଜପୁର ଜିଲାର ଯାଜପୁର ଓ ବ୍ୟାସନଗର ପୌର ନିର୍ବାଚନ ସମ୍ପନ୍ନ ହୋଇଛି। କେବଳ ବ୍ୟାସନଗରରେ ୨୬ଟି ୱାର୍ଡରୁ କୋପଣ୍ଡ, ରମ୍ଭାସ, ନହକା, ଚୋର୍ଦ୍ଦା, ଚାନ୍ଦମା ୱାର୍ଡର କେତେକ ବୁଥ୍‌ରେ ସାମାନ୍ୟ ଉତ୍ତେଜନା ପରିଲକ୍ଷିତ ହୋଇଥିଲା। ସକାଳ ୮ଟାରୁ ଭୋଟ ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ କେତେକ ବୁଥରେ ପ୍ରତିପକ୍ଷଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପରୁ ସାମାନ୍ୟ ଉତ୍ତେଜନା ଦେଖାଯାଇଥିଲା। ତେବେ ବ୍ୟାପକ ପୋଲିସ ମୁତୟନ ଓ ମୋବାଇଲ ପାର୍ଟିର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁ ପରିସ୍ଥିତି ଶାନ୍ତ ପଡିଥିଲା। ଯାଜପୁରରେ ୭୯.୧୪ ପ୍ରତିଶତ ଏବଂ ବ୍ୟାସନଗରରେ ୭୪.୪୫ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନରେ ଶତପ୍ରତିଶତ ମତଦାନ ଲକ୍ଷ୍ୟରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହାପରେ ବି ସହରାଞ୍ଚଳ ଭୋଟରଙ୍କୁ ତାହା ଆକୃଷ୍ଟ କରି ପାରିନାହିଁ ବୋଲି ମତପ୍ରକାଶ ପାଇଛି।

ପ୍ରଶାସନିକ, ବ୍ୟବସାୟିକ ଓ ସାମାଜିକ ଦୃଷ୍ଟିରୁ ବ୍ୟାସନଗର ସହର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ। ଏହାବାଦ୍ ଯାଜପୁର ସହର ଜିଲା ସଦର ମହକୁମା ସହିତ ବିରଜାକ୍ଷେତ୍ର ଭାବେ ପରିଚିତ। କୋରେଇ ନିର୍ବାଚନ ମଣ୍ଡଳୀରେ ବ୍ୟାସନଗର ସହର ରହିଛି। ଯାହାର ଲୋକସଂଖ୍ୟା ପ୍ରାୟ ଦେଢ ଲକ୍ଷ ଟପିଲାଣି ବୋଲି ଅନୁମାନ କରାଯାଉଛି। ପ୍ରଥମରୁ ଭୋଟର ତାଲିକା ପ୍ରସ୍ତୁତିରେ ଅବହେଳା ଯୋଗୁ ମାତ୍ର ୩୫,୩୪୮ ଭୋଟର ଏଠାରେ ରହିଛନ୍ତି। ହେଲେ ମାତ୍ର ୨୬,୩୧୮ ଭୋଟର ତାଙ୍କର ମତଦାନ ସାବ୍ୟସ୍ତ କରିବା ଗଣତନ୍ତ୍ର ପ୍ରତି ବିପଦ ବୋଲି କୁହାଯାଉଛି। ସେହିଭଳି ଯାଜପୁରରେ ୨୯,୫୧୫ ଭୋଟରଙ୍କ ମଧ୍ୟରୁ ୨୩,୩୫୮ଜଣ ଭୋଟ ଦେଇଛନ୍ତି। ଏଭଳି ଆଚରଣ ଯୋଗୁ ରାଜନୈତିକ ସମୀକରଣ ଓଲଟପାଲଟ ହେବାର ସମ୍ଭାବନା ରହୁଛି। ସରଳ ନୀତିହ ବସ୍ତିବାସିନ୍ଦାଙ୍କ ଉପରେ ନିର୍ଭର କରି ନିର୍ବାଚନୀ ବୈତରଣୀ ପାର ହେବାକୁ ପ୍ରମୁଖ ଦଳ ପାଇଁ ସହଜ ହେଉଛି। ତେବେ ପ୍ରଶାସନ ଶତପ୍ରତିଶତ ମତଦାନ କରିବାକୁ ତତ୍ପର ଥିବାବେଳେ ସହରୀ ନାଗରିକମାନଙ୍କ ମଧ୍ୟରେ ସଚେତନତା ହିଁ ଏହାର ଫଳାଫଳ ନିର୍ଣ୍ଣୟ କରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସମସ୍ତ ବୁଥରୁ ଇଭିଏମ୍ ଯାଜପୁର ଓ ବ୍ୟାସନଗର ଷ୍ଟ୍ରଙ୍ଗରୁମ୍‌କୁ ଆସିବାରେ ଲାଗିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ଇଭିଏମ୍‌ଗୁଡ଼ିକ ଅଣାଯାଉଛି। ପୌରାଞ୍ଚଳରେ ପିଙ୍କ୍ ବୁଥ୍‌ରେ ମଧ୍ୟ ମତଦାନ ସୁରୁଖୁରୁରେ ଶେଷ ହୋଇଛି । ଯାଜପୁରରେ ୩୬ ଓ ବ୍ୟାସନଗରରେ ୪୪ଟି ବୁଥ୍ ପାଇଁ ଏଏସ୍ଆଇମାନଙ୍କୁ ନିୟୋଜିତ କରାଯାଇଥିଲା। ଷ୍ଟ୍ରାଇକିଂ ଫୋର୍ସରେ ୪ ଜଣ ଏକ୍‌ଜୁକିଟିଭ୍ ମାଜିଷ୍ଟ୍ରେଟଙ୍କ ସହ ଗୋଟିଏ ଲେଖାଏଁ ସେକ୍ସନ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ। ପୋଲିସ୍‌ର ସୁପରଭାଇଜିଂ ଅଫିସର ଏସ୍‌ପି ଓ ଡ଼ିଏସ୍‌ପି ମଧ୍ୟ ତଦାରଖ କରିଥିଲେ। ସର୍ବୋପରି ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର, ଉପଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାଚନୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯାଜପୁର ତହସିଲଦାର ଓ ଅତିରିକ୍ତ ତହସିଲଦାର ପ୍ରମୁଖ ଏହି ନିର୍ବାଚନୀ କାର୍ଯ୍ୟରେ ସାମିଲ ହୋଇଥିଲେ। ଜିଲାପାଳ ସମସ୍ତ ବୁଥ୍‌ରେ ମତଦାନ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। କୌଣସି ସ୍ଥାନରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇ ନ ଥିବା ଖବର ମିଳିଛି। ଆସନ୍ତା ୨୬ତାରିଖ ଭୋଟ ଗଣତି ହେବ। ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।


ବ୍ୟାସନଗର ପୌର ପରିଷଦର ଏକ ବୁଥ୍‌ରେ ମତଦାନ କରାଯାଉଛି।

## ଯାଜପୁର ନଗର ଭାଜପା ସଭାପତିଙ୍କ ଇସ୍ତଫା



ଯାଜପୁର ଟାଉନ,୨୪।୩(ଡି.ଏନ.ଏ.)

ଯାଜପୁର ପୌରପାଳିକାରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ୧୮ଟି ୱାର୍ଡ ବିଶିଷ୍ଟ ଏହି ପୌରପାଳିକାରେ ପୌରବାସୀ ଉଭୟ ଅଧ୍ୟକ୍ଷା ଓ କାଉନସିଲର ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଦେଇଛନ୍ତି। ତେବେ ଏହି ପୌରନିର୍ବାଚନର ପ୍ରସ୍ତୁତି ଓ ପ୍ରଚାରରେ ଭାଜପାର ପ୍ରଦର୍ଶନ ଅତି ନୈରାଶ୍ୟଜନକ ଥିବା ଦେଖାଯାଇଥିଲା। ତେଣୁ ମତଦାନ ଶେଷ ହେବାପରେ ଯାଜପୁର ନଗର ଭାଜପା ସଭାପତି ମୃତ୍ୟୁଞ୍ଜୟ ମିଶ୍ର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟ ଭାଜପା ନେତୃବୃନ୍ଦଙ୍କ ଅସହଯୋଗ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି। ମିଶ୍ର ତାଙ୍କ ଇସ୍ତଫା ପତ୍ରକୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ନିକଟକୁ ପଠାଇଥିବା ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏଥିସହିତ ମିଶ୍ର ମାନସିକସ୍ତରରେ ହତାଶ ହୋଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

# ପ୍ରସିଦ୍ଧ ସାହାପୁର ମେଲଣ ଉଦ୍‌ଯାପିତ


ମେଲଣରେ ସମ୍ବର୍ଦ୍ଧିତ ହୋଇଥିବା ଜନପ୍ରତିନିଧି ଓ ଅନ୍ୟମାନେ।

ପାଣିକୋଇଲି,୨୪।୩(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ୩୭ତମ ସାହାପୁର ମେଲଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମହାବୀର ଆଞ୍ଚଳିକ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ମେଲଣ ଉତ୍ସବରେ ୧୬ଟି ବିମାନ ଯୋଗ ଦେଇଥିଲେ। ଦୁଇ ବର୍ଷର କୋଭିଡ୍ କଟକଣା ପରେ ଚଳିତ ବର୍ଷ ଏହାକୁ ଧୁମଧାମରେ ପାଳନ କରାଯାଇଛି। ଏହି ଅବସରରେ ନବନିର୍ବାଚିତ ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା, ଏସ୍ଆଇ କୈଳାସ ଚନ୍ଦ୍ର ଭୋଇଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ମହାବୀର ଆଞ୍ଚଳିକ କ୍ଲବ୍ ସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଟାଟା ଷ୍ଟିଲ୍‌କୁ ଗୋଲ୍‌ଡେନ ପିକକ୍ ୨୦୨୧ ପୁରସ୍କାର

କାଳିଆପାଣି,୨୪।୩(ଡି.ଏନ.ଏ.)

କମ୍ପାନୀର ସ୍ଥିରତା କ୍ଷେତ୍ରରେ ଦୀର୍ଘସ୍ଥାୟିତ୍ୱ, ପର୍ଯ୍ୟାବରଣ ଓ କର୍ପୋରେଟ ଶାସନନୀତି ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଟାଟାଷ୍ଟିଲ ମାଇନିଂକୁ ୨୦୨୧ ଗୋଲ୍ଡେନ ପିକକ୍ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୨୩ ତାରିଖରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ କର୍ପୋରେଟ ପକ୍ଷରୁ ଆୟୋଜିତ ଏକ ଭର୍ଚୁଆଲ ପୁରସ୍କାର ବିତରଣ ଉତ୍ସବରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜାଙ୍କ ଉପସ୍ଥିତିରେ ବାଣିଜ୍ୟିକ ବିଭାଗ ବରିଷ୍ଠ ପ୍ରବନ୍ଧକ ରାଜଶ୍ରୀ ପାଲିକ କମ୍ପାନୀ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ପାଇବା ପରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସତିଜା କହିଛନ୍ତି, ଉକ୍ତ ପୁରସ୍କାର ପର୍ଯ୍ୟାବରଣ, ସାମାଜିକ ଓ ଶାସନ ନୀତିର ଦୀର୍ଘ ସ୍ଥାୟୀ ପରିଚାଳନା ପାଇଁ ଟାଟା ଷ୍ଟିଲ୍ ମାଇନିଂ ନିରନ୍ତର ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରୁଛି। ଏଥିସହିତ ଫେରୋକ୍ରୋମ ଉତ୍ପାଦନ ପ୍ରକ୍ରିୟାରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିବା ହେଉଛି ଆମର ଲକ୍ଷ୍ୟ ବୋଲି ସତିଜା ପ୍ରକାଶ କରିଛନ୍ତି।

## ଇମ୍ଫା ପକ୍ଷରୁ ପ୍ରାଣୀଧନ ଚିକିତ୍ସା ଶିବିର

କାଳିଆପାଣି,୨୪।୩(ଡି.ଏନ.ଏ.)

ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ କାଙ୍କଡ଼ପାଳ ଗ୍ରାମରେ ଏକ ପ୍ରାଣୀଧନ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ସାହାଣ ଟିକାକରଣ କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ଗ୍ରାମ ମଣ୍ଡପ ନିକଟରେ ଆୟୋଜିତ ଏହି ଶିବିରକୁ ସରପଞ୍ଚ ସଞ୍ଜୟ ପରିଡ଼ା ଓ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡାକ୍ତର ସମୀର କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଇମ୍ଫାର ପ୍ରଶାସନିକ ଓ କାର୍ମିକ ବିଭାଗ ମୁଖ୍ୟ ଦ୍ୟୁତିରାଜ ଜଗଦାନନ୍ଦ ନାୟକ, ଲୋକ ସମ୍ପର୍କ ବିଭାଗ ବରିଷ୍ଠ ପରିଚାଳକ ଜଗନ ମୋହନ ମଲ୍ଲିକ, ନିର୍ମାଣ ବିଭାଗ ମୁଖ୍ୟ ପ୍ରଦୀପ୍ତ ଦେ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରତାପ ପାତ୍ର ଓ ପ୍ରଭାତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସହକାରୀ ପ୍ରାଣୀଧନ ଚିକିତ୍ସକ ଡାକ୍ତର ଚିରଞ୍ଜୀବ ସାହୁ, ଶୁଭଶ୍ରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମ୍ପାନୀର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର ଶିବିର ପରିଚାଳନା କରିଥିଲେ।



ଶିବିରରେ ଗୋଚାଷୀଙ୍କୁ ଔଷଧ ପ୍ରଦାନ କରାଯାଉଛି।

## ଥାନା ଆଗରେ ମେଲୋଡି ରୋକିଲା ପୋଲିସ

**ଆୟୋଜକ, ଗ୍ରାମବାସୀଙ୍କ ଥାନା ଘେରାଉ**

ଜଳେଶ୍ୱର, ୨୪।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଥାନା ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କେତେକ ଗ୍ରାମବାସୀ ଏକ ମେଲୋଡି ଆୟୋଜନ କରିଥିଲେ । ହୋଲି ଉପଲକ୍ଷେ ସେଠାରେ ଦିନବେଳା ମହୋତ୍ସବ ହୋଇଥିଲା। ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଉକ୍ତ ସ୍ଥାନରେ ପ୍ରଶାସନର ବିନା ଅନୁମତିରେ ମାଇକ୍ ବାଜୁଥିବାରୁ ରାଇବଣିଆ ଥାନା ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକ ମାଇକ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାତି ୭ଟାରେ ଆୟୋଜକମାନେ ଥାନାରେ ପହଞ୍ଚି ମେଲୋଡି କାହିଁକି କରାଯିବ ନାହିଁ ବୋଲି ଥାନା ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ । ନିର୍ବାଚନ ଚାଲିଥିବାରୁ ଥାନାରେ ଆବଶ୍ୟକ ସଂଖ୍ୟକ ପୋଲିସ ନ ଥିବାରୁ ସଙ୍ଗେ ସଙ୍ଗେ ଅନୁମତି ଦିଆଯାଇପାରିବ ନାହିଁ ବୋଲି ମନା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। କେତେକ ଗ୍ରାମବାସୀ ଉକ୍ତ ସ୍ଥାନରେ ମେଳି ହେବା ସହିତ ଥାନା ଘେରାଉ କରିଥିଲେ। ଥାନା ଉପରକୁ ଟେକା ପଥର ମରାଯାଉଥିବା ଖବରପାଇ ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

ପାଣିକୋଇଲି,୨୪।୩(ଡି.ଏନ.ଏ.)

ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ସଭାପତି ନୃସିଂହ ଚରଣ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁରେନ୍ଦ୍ର ରାୟ ଗତସଭାର ବିବରଣୀ ପ୍ରଦାନ ପରେ ତାହା ଗୃହୀତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥିଭାବେ ଫିଜିଓଥେରାପିଷ୍ଟ ସୌଦାମିନୀ ପାତ୍ର ଯୋଗଦେଇ ବାର୍ଦ୍ଧକ୍ୟରେ ଦେଖାଦେଉଥିବା କେତେକ ସାଧାରଣ ରୋଗ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ. ଦାମୋଦର ମହାପାତ୍ର ଯୋଗଦେଇ ମଣିଷ ଜୀବନଶୈଳୀ ଓ ମାନସିକ ଦୁଶ୍ଚିନ୍ତା ପରିହର କଲେ ନିଜେ ସୁସ୍ଥ ରହିବା ସହିତ ସମାଜ ସୁସ୍ଥ ରହିବ ବୋଲି ମତବ୍ୟକ୍ତ କରିଥିଲେ। ୩ ନମ୍ବର ଜୋନରୁ ନଳିନୀପ୍ରଭା ଜେନା ଜିଲା ପରିଷଦ ସଭାପତି ନିର୍ବାଚିତ ହେବା ଓ ସେହି ଜୋନରୁ ଜୟନ୍ତୀ ଦଳାଇ ବ୍ଲକ ଅଧ୍ୟକ୍ଷା ହୋଇଥିବାରୁ ସେମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ସମିତିସଭ୍ୟା ସୁଜାତା ଘଡାଇ, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ ଓ ସମିତିସଭ୍ୟା ସରସ୍ୱତୀ ସ୍ୱାଇଁଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଧ୍ୟାପକ ଉମାକାନ୍ତ ଖଣ୍ଡାଇ, ପୁରୁଷୋତ୍ତମ ବାରିକ, ଭଗବାନ ପଣ୍ଡା, ଚନ୍ଦ୍ରମଣି ସ୍ୱାଇଁ, ବୈଷ୍ଣବ ଚରଣ ସାହୁ, ନରେନ୍ଦ୍ର ଘଡାଇ, ସନାତନ ବିଶ୍ୱାଳ, ଦଇତାରୀ ଜେନା, ପ୍ରହ୍ଲାଦ ଜେନା, ସୁରେନ୍ଦ୍ର ସେଠୀ, ରାମ ଚନ୍ଦ୍ର ମଲିକ, ରାଜକିଶୋର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପାଣିକୋଇଲି ଉଚ୍ଚ ବିଦ୍ୟାଳୟରେ ବନ ଦିବସ

ପାଣିକୋଇଲି,୨୪।୩(ଡି.ଏନ.ଏ.)

ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଇକୋ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଜଳ ଓ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟବାଦୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରତାପ କୁମାର ପହି ଏହି ଦିବସ ପାଳନର ଗୁରୁତ୍ୱ ଉପରେ ଛାତ୍ରୀଛାତ୍ରଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଶିକ୍ଷକ ଯତୀନ୍ଦ୍ର କୁମାର ନନ୍ଦ ଜଳ ସମସ୍ୟା ଓ ତା’ର ସମାଧାନ ଉପରେ ଆଲୋକପାତ କରିଥିଲେ। ଇକୋ କ୍ଲବ ତରଫରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ, ଇତିଶ୍ରୀ ଲେଙ୍କା, ମାନିନୀ ଦାସ, ରୋଜାଲିନ ବାହାଲିଆ, ଅମ୍ବିକା ନନ୍ଦ, କଳ୍ପନା ପଣ୍ଡା, ସୁଧାଂଶୁ ବାଳା ଦାସ, ଶୈଳବାଳା ସେନାପତି, ଆଶାଲତା ସିଂ, ପ୍ରିୟଦର୍ଶୀ ବିଶ୍ୱାଳ, ରୀତାରାଣୀ ପାଢ଼ୀ, ଶିକ୍ଷକ ପ୍ରଫୁଲ୍ଲ ଦାଶ, ପ୍ରଫୁଲ୍ଲ ବେହେରା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

# ୧୦ ହଜାର ହେକ୍ଟର ଜମିରେ ତରଭୁଜ ଚାଷ

- ଖରାଦିନେ ମିଳୁଛି ଭରପୂର ପ୍ରୋଟିନ
- ଉପଯୁକ୍ତ ଜଳସେଚନ ଓ ତାଲିମ ପାଇଁ ଦାବି

କେନ୍ଦ୍ରାପଡ଼ା ଅଫିସ, ୨୪।୩

ଖରା ବଢ଼ିବା ସାଙ୍ଗକୁ ତରଭୁଜର ଚାହିଦା ବଢ଼ିଛି। ପ୍ରତି ଛକ ବଜାରରେ ଏବେ ତରଭୁଜ ଦେଖିବାକୁ ମିଳୁଥିବା ବେଳେ ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାରେ ୧୦ ହଜାରରୁ ଅଧିକ ହେକ୍ଟର ଅଞ୍ଚଳରେ ଚାଷ ହୋଇଛି। ଚାଷ ପାଇଁ ସରକାରୀ ବିହନରେ ସବ୍‌ସିଡି ଯୋଗାଇ ଦିଆଯାଉଛି। ତେବେ ଜଳସେଚନ ଓ ତାଲିମ ବ୍ୟବସ୍ଥା ନ ଥିବାରୁ ଏହି ଅର୍ଥକରୀ ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି। ତରଭୁଜ କେବଳ ଚଟପଟି ଖାଦ୍ୟ ନୁହେଁ ବରଂ ଏଥିରେ ଭରପୂର ପ୍ରୋଟିନ ମିଳୁଛି ବୋଲି ଚାଷୀ, ବ୍ୟବସାୟୀ ଓ ଗବେଷକ ମତ ଦେଇଛନ୍ତି।

ଏ ସମ୍ପର୍କରେ ସିଂହଗାଁର ପୂର୍ବତନ ସରପଞ୍ଚ ତଥା ଚାଷୀ ନିର୍ମଳ ମଲ୍ଲିକ କହିଛନ୍ତି, ଖରା ବଢ଼ିବା ସାଙ୍ଗକୁ ତରଭୁଜର ଚାହିଦା ବଢ଼ିଛି। ଚଳିତବର୍ଷ ଆଳି, ରାଜକନିକା, ରାଜନଗର, ଗରଦପୁର, ଡେରାବିଶ, ମହାକାଳପଡ଼ା ଆଦି ବ୍ଲକ ଅଞ୍ଚଳର ନଦୀ ପଠାରେ ଚାଷ ହୋଇଛି। ଦୁଇ ସପ୍ତାହ ପୂର୍ବରୁ ଫସଲ ଉତ୍ପାଦନ ଆରମ୍ଭ ହୋଇଛି। ପୂର୍ବରୁ କୁଇଣ୍ଟାଲ ପିଛା ଅଢ଼େଇ ହଜାର ଟଙ୍କା ଥିବା ବେଳେ ଏବେ ଏହାର ମୂଲ୍ୟ ବୃଦ୍ଧି ହୋଇ ୩ ହଜାର ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ଫସଲରୁ ଇତିମଧ୍ୟରେ ୮ କୁଇଣ୍ଟାଲ ତରଭୁଜ ବିକ୍ରି ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ନ ହେଲେ ପ୍ରାୟ ୩୦ କୁଇଣ୍ଟାଲ ତରଭୁଜ ବିକ୍ରିର ସେ ଆଶା ରଖିଛନ୍ତି। ତେବେ ଏହି ଅର୍ଥକରୀ ଫସଲ ପାଇଁ ନଦୀର ଅତି ନିକଟ ପଠା ବ୍ୟତୀତ ଅନ୍ୟ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନାହିଁ। ସେହିପରି ଚାଷ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଆତ୍ମା ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତାଲିମ ବ୍ୟବସ୍ଥା ପାଇଁ ସେ ଦାବି କରିଛନ୍ତି। ରାଜନଗରର ମା’ ଶକ୍ତିମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ପ୍ରଣତି ଦାସ କହିଛନ୍ତି, ଚଳିତବର୍ଷ ଗୋଷ୍ଠୀ ପକ୍ଷରୁ ଆରମ୍ଭ ହୋଇଥିବା ତରଭୁଜ ଚାଷ ଆଗକୁ ବଢ଼ିବାର ସାହସ ଯୋଗାଇଛି। ମିଳିମିଶି ସଦସ୍ୟାମାନେ ରକ୍ଷଣାବେକ୍ଷଣ କରିବା ପରେ ଏହାର ଲାଭ ଆମକୁ ମିଳୁଛି। ଏହି ଚାଷ ପାଇଁ ସ୍ୱାବଲମ୍ବୀ ହୋଇପାରିଥିବା ସମ୍ପାଦିକା ଦାସ କହିଛନ୍ତି। ସହରର ଗୋପସ୍ଥିତ ବ୍ୟବସାୟୀ ମହମ୍ମଦ ଇଲିଆସ କହିଛନ୍ତି, ଖରା ବଢ଼ିବାରୁ କାକୁଡି, ତରଭୁଜ ବେପାର ବଢ଼ିଛି। ପୂର୍ବରୁ ତରଭୁଜ ବାହାର ଜିଲାରୁ ଆମଦାନୀ କରା ଯାଉଥିବା ବେଳେ ଚଳିତବର୍ଷ ଜିଲା ମଧ୍ୟରେ ହୋଇଥିବା ଫସଲକୁ ସଂଗ୍ରହ କରୁଛୁ। ଏହାଦ୍ୱାରା ପରିବହନ ଖର୍ଚ୍ଚ କମ୍ ପଡୁଛି। ତରଭୁଜ ସମ୍ପର୍କରେ ଗବେଷଣା କରୁଥିବା ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ କହିଛନ୍ତି, ତରଭୁଜରେ ଭରପୂର ପ୍ରୋଟିନ ରହିଛି। ଏହା ଆମ ପାଇଁ ରୋଗ ପ୍ରତିଷେଧକ ରୂପେ କାର୍ଯ୍ୟ କରୁଛି। ଗୋଟିଏ କପ୍ ତରଭୁଜ ରସରେ ୧୫୪ ମିଲିଗ୍ରାମର ପୋଷକ ତତ୍ତ୍ୱ ରହିଛି। ଗୋଟିଏ ତରଭୁଜର ପ୍ରାୟ ୯୨ ପ୍ରତିଶତ ପାଣି ରହୁଥିବାରୁ ଗରମରୁ ତ୍ରାହି ମିଳୁଛି। ଏହା ବ୍ୟତୀତ ଏଥିରେ ଥିବା ଭିଟାମିନ ଏ, ସି, ପୋଟାସିୟମ, ମାଗ୍ନେସିୟମ, ଜିଙ୍କ, କ୍ଲୋରୋଫିଲ, ଲାଇକୋପିନ, ଏମିନୋ ଏସିଡ, ଫେନୋଲିକ ଆଦି ତତ୍ତ୍ୱ ରହିଛି। ପ୍ରାୟ କ୍ଷେତ୍ରରେ ତରଭୁଜର ଚୋପା ଫୋପାଡି ଦିଆ ଯାଉଥିବା ଦେଖାଯାଉଛି। ତେବେ ଏହି ଚୋପାରେ ବ୍ଲଡ ପ୍ରେସର କମାଇବା ଶକ୍ତି ଥିବା ବେଳେ ଶରୀର ଓଜନ କମାଇବାରେ ସହାୟକ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ କନ୍ଦ ଜେନା କହିଛନ୍ତି, ଚଳିତ ବର୍ଷ ତରଭୁଜ ଚାଷ ପାଇଁ ସବ୍‌ସିଡି ଦିଆଯାଇଛି। ପୂର୍ବରୁ ଏହି ଜିଲାରେ ମାତ୍ର ୨ ହଜାର ହେକ୍ଟର ଅଞ୍ଚଳରେ ଏହି ଚାଷ ହେଉଥିବା ବେଳେ ଚଳିତବର୍ଷ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି।


ତରଭୁଜ ବିକ୍ରି କରାଯାଉଛି।

## ସଂକ୍ଷେପରେ

### ପୂର୍ବତନ ସିଜେଆଇ ଆର୍.ସି. ଲାହୋଟିଙ୍କ ପରଲୋକ

ନୂଆଦିଲ୍ଲୀ,୨୪।୩(ପି.ଟି.) ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ରମେଶ ଚନ୍ଦ୍ର ଲାହୋଟିଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। ୨୦୦୪ ଜୁନ୍ ୧ରେ ଜଷ୍ଟିସ ଲାହୋଟି ଦେଶର ୩୫ତମ ସିଜେଆଇ ନିଯୁକ୍ତ ହୋଇ ୨୦୦୫



ନଭେମ୍ବର ୧ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିଥିଲେ। ସେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ) ନିର୍ଦ୍ଦେଶକ ବୋର୍ଡର ସ୍ୱାଧୀନ ଡାଇରେକ୍ଟର ମଧ ଥିଲେ। ୧୯୪୦ ନଭେମ୍ବର ୧ରେ ଜନ୍ମିତ ଜଷ୍ଟିସ୍ ଲାହୋଟି ୧୯୭୭ ଏପ୍ରିଲରେ ଜିଲା ଓ ଦୌରାଜଜ୍ ଭାବେ ନିଯୁକ୍ତ ହୋଇଥିଲେ। ବର୍ଷେ ପରେ ସେ ଇସ୍ତଫା ଦେଇ ହାଇକୋର୍ଟରେ ଆଇନ ବ୍ୟବସାୟ କରିବାକୁ ପୁଣିଥରେ ବାର୍‌ରେ ଯୋଗଦେଇଥିଲେ। ୧୯୮୮ ମେ’ ୩ରେ ମଧ୍ୟପ୍ରଦେଶ ହାଇକୋର୍ଟର ଅତିରିକ୍ତ ବିଚାରପତି ନିଯୁକ୍ତ ହୋଇ ପରବର୍ଷ ସ୍ଥାୟୀ ବିଚାରପତି ହୋଇଥିଲେ। ୧୯୯୮ ଡିସେମ୍ବର ୯ରେ ତାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ପରଲୋକରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ, ପ୍ରଧାନ ବିଚାରପତି ଏନ୍.ଭି. ରମନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

### ସିବିଆଇକୁ ପରମବୀର ମାମଲା

**ନୂଆଦିଲ୍ଲୀ,୨୪।୩:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ କରିବ। ସୁପ୍ରିମକୋର୍ଟ ଗୁରୁବାର ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ରାଜ୍ୟ ପୋଲିସ ପ୍ରତି ଜନସାଧାରଣଙ୍କ ଆସ୍ଥା ଫେରାଇଆଣିବାକୁ ହେଲେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଥିବା ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିବା ବ୍ୟକ୍ତିଙ୍କ ଏତଲାରେ ଥିବା ବିଷୟବସ୍ତୁକୁ ଗ୍ରହଣ କରିବାକୁ ଖଣ୍ଡପୀଠ ଅକ୍ଷମତା ପ୍ରକାଶ କରିଥିଲେ। ତଦନ୍ତ ପାଇଁ ରାଜ୍ୟ ସରକାର ସିବିଆଇକୁ ଅନୁମତି ଦେବା ଆବଶ୍ୟକ ଥିଲା ବୋଲି ଅଦାଲତ କହିଛନ୍ତି।

### ଭାରତରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ

**ଆଫଗାନିସ୍ତାନରେ ତାଲିବାନଙ୍କୁ ଭେଟିଲେ**


ୱାଙ୍ଗ୍ ୟି

**ନୂଆଦିଲ୍ଲୀ,୨୪।୩:** ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଶୁକ୍ରବାର ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ସାକ୍ଷାତ କରିବେ। ଗଲୱାନ ସଂଘର୍ଷ ପରେ ଏହା ୱାଙ୍ଗ୍‌ଙ୍କ ପ୍ରଥମ ଭାରତ ଗସ୍ତ। ନିକଟରେ ଅର୍ଗାନାଇଜେଶନ ଅଫ୍ ଇସ୍‌ଲାମିକ୍ କୋଅପରେଶନ୍ (ଓଆଇସି) ସମ୍ମିଳନୀରେ କଶ୍ମୀର ପ୍ରସଙ୍ଗରେ ୱାଙ୍ଗ୍‌ଙ୍କ ମନ୍ତବ୍ୟକୁ ଭାରତ ଖାରଜ କରିଥିଲା। ଦିଲ୍ଲୀ ଆସିବା ପୂର୍ବରୁ ୱାଙ୍ଗ ଆକସ୍ମିକ ଭାବେ ଆଫଗାନିସ୍ତାନରେ ଓହ୍ଲାଇ ତାଲିବାନ ନେତାଙ୍କୁ ଭେଟି ରାଜନୈତିକ ସମ୍ପର୍କ, ଅର୍ଥନୀତି ଉପରେ କଥା ହୋଇଥିଲେ।

### ପାକିସ୍ତାନରେ ଆଗୁଆ ହୋଇପାରେ ନିର୍ବାଚନ

**ଇସ୍‌ଲାମାବାଦ ,୨୪।୩(ପି.ଟି.):** ପାକିସ୍ତାନରେ ଲାଗିରହିଥିବା ରାଜନୈତିକ ଅନିଶ୍ଚିତତା ଦୂର କରିବା ଲାଗି ଆଗୁଆ ନିର୍ବାଚନ ଅନୁଷ୍ଠିତ ହୋଇପାରେ ବୋଲି ଗୁରୁବାର ସେଠାର ଗୃହମନ୍ତ୍ରୀ ଶେଖ୍ ରଶିଦ ସୂଚନା ଦେଇଛନ୍ତି। ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଶୁକ୍ରବାର ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯାଉଛନ୍ତି। ଦେଶର ଆର୍ଥିକ ସଙ୍କଟ ଏବଂ ଆକାଶଛୁଆଁ ଦରଦାମ୍ ବୃଦ୍ଧି ଲାଗି ଇମ୍ରାନ୍ ଖାନ୍‌ଙ୍କ ତେହରିକ-ଇ-ଇନ୍‌ସାଫ୍ ସରକାରଙ୍କୁ ଦାୟୀ କରାଯାଇଛି। ଅନାସ୍ଥା ଭୋଟ ବେଳେ ସହଯୋଗୀ ଦଳ ଇମ୍ରାନ୍‌ଙ୍କୁ ସମର୍ଥନ ନ ଦେଲେ ସେ କ୍ଷମତାରୁ ଯାଇପାରନ୍ତି।


ବ୍ରସେଲ୍ସ ସମ୍ମିଳନୀରେ ନାଟୋ ମହାସଚିବ ଜେନ୍ସ ଷ୍ଟୋଲେନବର୍ଗ (ଆଗ ଧାଡ଼ି ବାମରୁ ଚତୁର୍ଥ)ଙ୍କ ସହ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଓ ତୁର୍କୀ ରାଷ୍ଟ୍ରପତି ରେସେପ୍ ତଇପ୍ ଏର୍ଡୋଗାନ୍ ଓ ଅନ୍ୟ ନେତାମାନେ।

**ବ୍ରସେଲ୍ସରେ ନାଟୋ, ଇୟୁ, ଜି-୭ ସମ୍ମିଳନୀ**

# ରୁଷିଆକୁ ଯୁଦ୍ଧବିରତି ଚାପ

ବ୍ରସେଲ୍ସ,୨୪।୩

ରୁଷିଆର ଯୁକ୍ରେନ୍ ଆକ୍ରମଣକୁ ମାସେ ପୂରିଥିବାବେଳେ ମସ୍କୋକୁ କଡ଼ା ଜବାବ ଦେବା ପାଇଁ କିଭ୍‌କୁ ଯଥାସମ୍ଭବ ସହଯୋଗ କରିବା ନେଇ ଗୁରୁବାର ପାଶ୍ଚାତ୍ୟ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ), ୟୁରୋପୀୟ ସଂଘ (ଇୟୁ) ଏବଂ ଜି-୭ ସଦସ୍ୟ ରାଷ୍ଟ୍ରଗୁଡ଼ିକ ବେଲ୍‌ଜିୟମ୍‌ର ବ୍ରସେଲ୍ସରେ ଏକାଠି ହୋଇଛନ୍ତି। ତୁରନ୍ତ ଯୁଦ୍ଧ ବନ୍ଦ ପୂର୍ବକ ଯୁକ୍ରେନ୍‌ରୁ ସୈନ୍ୟ ପ୍ରତ୍ୟାହାର କରିବା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ନାଟୋ ନେତାମାନେ ଚାପ ପକାଇଛନ୍ତି। ଆକ୍ରମଣରେ ସହଯୋଗ ବନ୍ଦ କରିବାକୁ ବେଲାରୁଷକୁ କୁହାଯାଇଛି।

ନାଟୋ ମହାସଚିବ ଜେନ୍ସ ଷ୍ଟୋଲେନବର୍ଗ ବ୍ରସେଲ୍ସରେ ରୁଦ୍ଧଦ୍ୱାର ସମ୍ମିଳନୀକୁ ଉଦ୍‌ଘାଟନ କରି କହିଛନ୍ତି, ଆମ ସୁରକ୍ଷା ଉପରେ ସଙ୍କଟ ସୃଷ୍ଟି ହୋଇଥିବା ସମୟରେ ଆମେ ଏକାଠି ହୋଇଛେ। ଯୁକ୍ରେନ୍‌ର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା ରୁଷିଆର ଆକ୍ରମଣକୁ ନିନ୍ଦା କରିବା ପାଇଁ ଆମେ ଏକତ୍ରିତ। ଏହି ଆକ୍ରମଣ ହେଉଛି ସାମ୍ପ୍ରତିକ ପିଢ଼ିରେ ସର୍ବବୃହତ୍ ସୁରକ୍ଷା ସଙ୍କଟ। ଆମେ ନିଜ ସହଯୋଗୀ ରାଷ୍ଟ୍ରର ଲୋକଙ୍କ ସୁରକ୍ଷା ପାଇଁ ମିଳିତ ଭାବେ ଉଦ୍ୟମ ଜାରି ରଖିବୁ। ପୁଟିନ୍‌ଙ୍କ ଯୁକ୍ରେନ୍ ଆକ୍ରମଣ ଆମ ସୁରକ୍ଷା ପରିବେଶକୁ ବଦଳାଇଦେଇଛି। ନାଟୋ ମଧ ଦୀର୍ଘସୂତ୍ରୀ ଲଢ଼େଇ ପାଇଁ ପ୍ରସ୍ତୁତ ରହିଛି। ରୁଷିଆକୁ ଜବାବ ଦେବା ପାଇଁ ସ୍ଲୋଭାକିଆ, ହଙ୍ଗେରି, ବୁଲଗେରିଆ ଓ ରୋମାନିଆକୁ ୪୦,୦୦୦ ସୈନ୍ୟଙ୍କୁ ପଠାଇବାକୁ ନାଟୋରେ ସହମତି ପ୍ରକାଶ ପାଇଛି। ରାସାୟନିକ ଅସ୍ତ୍ର ଏହି ସଂଘର୍ଷର ପରିଭାଷା ବଦଳାଇଦେଇପାରେ। ଏହା ଅନ୍ତର୍ଜାତୀୟ ଆଇନର ଖୋଲା ଉଲ୍ଲଂଘନ। ତେଣୁ ଜୈବିକ, ରାସାୟନିକ, ରେଡିଓଲୋଜିକାଲ ଏବଂ ଆଣବିକ ବିପଦରୁ ଯୁକ୍ରେନ୍‌କୁ ଆତ୍ମରକ୍ଷା ପାଇଁ ସହଯୋଗ ଦିଗରେ ସାଇବର ପ୍ରତିରକ୍ଷାକୁ ମଜଭୁତ କରାଯିବ ବୋଲି ନାଟୋ ମହାସଚିବ କହିଛନ୍ତି। ନାଟୋ ସମ୍ମିଳନୀକୁ ବାଦ୍‌ଦେଇ ବ୍ରସେଲ୍ସରେ ପୃଥକ୍ ଭାବେ ସାତ ଶିଳ୍ପବିକଶିତ ରାଷ୍ଟ୍ର ଜି-୭ ଏବଂ ଇୟୁର ସ୍ୱତନ୍ତ୍ର ସମ୍ମିଳନୀ ହେଉଛି। ବାଇଡେନ୍ ଏହି ୩ ସମ୍ମିଳନୀରେ ଯୋଗଦେଇଛନ୍ତି। ଜି-୭ ନେତାମାନେ ରୁଷିଆ ସେଣ୍ଟ୍ରାଲ ବ୍ୟାଙ୍କର ସୁନା କାରବାର ଉପରେ କଟକଣା ଜାରି କରିଛନ୍ତି। ଫେବୃୟାରୀ ୨୪ରେ ରୁଷିଆ ସୈନ୍ୟ ଯୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିବା ପରଠାରୁ ଯେଉଁ କଟକଣା ଜାରି କରାଯାଇଛି ମସ୍କୋ ତାକୁ ଫାଙ୍କିବାକୁ ଉଦ୍ୟମ ଚଳାଇଛି। ମସ୍କୋର ଏଭଳି ଚାଲାକି ବନ୍ଦ କରିବା ଲାଗି ଜି-୭ ଏବଂ ଇୟୁ ରାଷ୍ଟ୍ରଗୁଡ଼ିକ ପରସ୍ପର ମଧ୍ୟରେ ସୂଚନା ଆଦାନପ୍ରଦାନ ନିମନ୍ତେ ଏକ ନୂଆ ଉଦ୍ୟମ ଆରମ୍ଭ କରିଛନ୍ତି।

### ନାଟୋ ମହାସଚିବଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

ରୁଷିଆ-ଯୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ମହାସଚିବ ଜେନ୍ସ ଷ୍ଟୋଲେନବର୍ଗଙ୍କ କାର୍ଯ୍ୟକାଳ ବର୍ଷେ ବୃଦ୍ଧି କରାଯାଇଛି। ୩୦ ରାଷ୍ଟ୍ରର ସାମରିକ ସଙ୍ଗଠନ ପାଇଁ ଏହା ସହାୟକ ହେବ ବୋଲି କୁହାଯାଉଛି। ୨୦୨୩ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ବଢ଼ାଯାଇଥିବାରୁ ନାଟୋ ନେତାମାନଙ୍କୁ ୬୩ ବର୍ଷୀୟ ଷ୍ଟୋଲେନ୍‌ବର୍ଗ କୃତଜ୍ଞତା ଜଣାଇଛନ୍ତି। ନରୱେର ପୂର୍ବତନ ପ୍ରଧାନମନ୍ତ୍ରୀ ଷ୍ଟୋଲେନବର୍ଗଙ୍କୁ ୨୦୧୪ ଅକ୍ଟୋବରରେ ନାଟୋର ସର୍ବୋଚ୍ଚ ବେସାମରିକ ପଦବୀରେ ନିଯୁକ୍ତି ମିଳିଥିଲା।

## ଯୁକ୍ରେନ୍ ଧ୍ୱଂସଲୀଳାକୁ ମାସେ

**ଫେବୃୟାରୀ ୨୪ ଭୋର୍‌ରୁ ଯୁକ୍ରେନ୍‌ବାସୀଙ୍କ ନିଦ ଭାଙ୍ଗିଥିଲା ମିଶାଇଲ ଓ ବୋମା ବିସ୍ଫୋରଣ ଶବ୍ଦରେ। ସେବେଠୁ ମାସେ ହେଲାଣି ସେମାନଙ୍କ ନିଦ ହଜିଯାଇଛି। ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ଘରଦ୍ୱାର, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ପାଲଟିଛି ଧ୍ୱଂସସ୍ତୂପ। ରାସ୍ତାସାରା ଘାତକ ଟ୍ୟାଙ୍କ, ମିଶାଇଲର ଭଗ୍ନାବଶେଷ ସାଙ୍ଗକୁ ଗଦାଗଦା ମୃତଦେହ। ଜୀବନ ବଞ୍ଚାଇବା ଏବେ ଯୁକ୍ରେନ୍‌ବାସୀଙ୍କ ପାଇଁ ବଡ଼ ଆହ୍ୱାନ। ତଥାପି ଶକ୍ତିଶାଳୀ ରୁଷିଆ ଯୁକ୍ରେନ୍‌କୁ ନୁଆଁଇ ପାରିନି। ଦେଶ ରକ୍ଷା କେବଳ ସୈନ୍ୟଙ୍କ ନୁହେଁ, ବରଂ ସମସ୍ତଙ୍କ ଦାୟିତ୍ୱ ମନେକରି ଯୁଦ୍ଧଭୂମିକୁ ଓହ୍ଲାଇଛନ୍ତି ଯୁକ୍ରେନୀୟ ନାଗରିକ। ଯୁଦ୍ଧ ବିଷୟରେ ଇତିହାସ ପୃଷ୍ଠା ଓ କାହାଣୀରୁ ଶୁଣିଥିବା ଯୁକ୍ରେନ୍ ଯୁବଗୋଷ୍ଠୀ ଏବେ ସ୍ୱୟଂ ଯୋଦ୍ଧା ସାଜି ନିଜ କାନ୍ଧକୁ ନେଇଛନ୍ତି ଦେଶର ସୁରକ୍ଷା ଦାୟିତ୍ୱ।**



କିଭ୍, ୨୪।୩

ମାସକର ଲଢ଼େଇରେ ବ୍ୟାପକ କ୍ଷତି ସହିଛନ୍ତି ଦୁଇପଡ଼ୋଶୀ ରୁଷିଆ ଓ ଯୁକ୍ରେନ୍। ଆକ୍ରମଣକୁ ବିରୋଧ କରି ଆମେରିକା ସମେତ ନାଟୋ ଦେଶ ରୁଷିଆ ଉପରେ କଠୋର କଟକଣା ଲଗାଇଛନ୍ତି। ରୁଷିଆର ପ୍ରମୁଖ ବ୍ୟାଙ୍କ ଗ୍ଲୋବାଲ ବ୍ୟାଙ୍କିଙ୍ଗ ସିଷ୍ଟମ ସୋସାଇଟି ଫର୍ ୱାର୍ଲ୍ଡୱାଇଡ୍ ଇଣ୍ଟରବ୍ୟାଙ୍କ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ (ସ୍ୱିଫ୍ଟ)ରୁ ବାଦ୍ ପଡ଼ିଛି। ଆମେରିକା ରୁଷିଆରୁ ତେଲ ଓ ଗ୍ୟାସ୍ ଆମଦାନୀ ବନ୍ଦ କରିଛି। ପ୍ରମୁଖ ବୈଶ୍ୱିକ କମ୍ପାନୀଗୁଡ଼ିକୁ ରୁଷିଆରେ ସେବା ବନ୍ଦ କରିଛନ୍ତି। ଅନ୍ତର୍ଜାତୀୟ ଅଦାଲତ(ଆଇସିଜେ)ରେ ରୁଷିଆ ବିରୋଧରେ ରାୟ ଆସିଛି। ରୁଷିଆ ଅର୍ଥନୀତିକୁ ପ୍ରଭାବିତ କରିବା ଲାଗି ଆମେରିକା ସମେତ ପାଶ୍ଚାତ୍ୟ ଦେଶର ଚାପ ସତ୍ତ୍ୱେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ଯୁକ୍ରେନ୍‌ରେ ରୁଷିଆ ରାସାୟନିକ ଓ ଜୈବିକ ଅସ୍ତ୍ର ପ୍ରୟୋଗର ଆଶଙ୍କା ବଢୁଥିବାବେଳେ ଆକ୍ରମଣାତ୍ମକ ପୁଟିନ୍ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର କରିବାର ମଧ ଭୟ ସୃଷ୍ଟି ହୋଇଛି। ସେପଟେ ଯୁକ୍ରେନ୍‌ର ବହୁ ସହର ଆକ୍ରମଣରେ ଧ୍ୱଂସ୍ତବିଧ୍ୱସ୍ତ ହୋଇଛି। ପ୍ରମୁଖ ବନ୍ଦରସହର ମାରିଉପୋଲ ଓ ରାଜଧାନୀ କିଭ୍‌କୁ କବ୍‌ଜା କରିବାକୁ ରୁଷିଆ ଘନଘନ ଆକ୍ରମଣ ଜାରି ରଖିଛି। ଜାତିସଂଘ ଆକଳନ ଅନୁସାରେ ଯୁକ୍ରେନ୍‌ରୁ କୋଟିଏରୁ ଊର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୫ ଲକ୍ଷରୁ ଅଧିକ ଲୋକ ଦେଶ ବାହାରକୁ ଯାଇଥିବାବେଳେ ପ୍ରାୟ ୬୫ ଲକ୍ଷ ଦେଶ ଭିତରେ ବିସ୍ଥାପିତ ହୋଇଛନ୍ତି।

ଯୁଦ୍ଧରେ ରୁଷିଆର ପ୍ରାୟ ୧୫,୮୦୦ ସୈନ୍ୟ ନିହତ ହୋଇଥିବା ଯୁକ୍ରେନ୍ ଦାବି କରିଛି। ଏଥିସହ ମସ୍କୋର ପ୍ରାୟ ୪ ନୌସେନା ଜାହାଜ, ୧୨୪ ହେଲିକପ୍ଟର, ୫୧୭ ଟ୍ୟାଙ୍କ, ୭୦ ଫ୍ୟୁଏଲ ଟ୍ୟାଙ୍କ, ୧୦୧ ଜେଟ୍, ୧୫୭୮ ଯୁଦ୍ଧବାହନ, ୪୭ ଆଣ୍ଟାଇ-ଏୟାରକ୍ରାଫ୍ଟ ୱାରଫେୟାର ଆଦି ନଷ୍ଟ ହୋଇଛି। ରୁଷିଆ ଯୁକ୍ରେନ୍‌ର ମିଲିଟାରୀ ବେସ୍ ସହ ସର୍ବସାଧାରଣ ସ୍ଥାନକୁ ଟାର୍ଗେଟ କରି ବ୍ୟାପକ କ୍ଷତି ଘଟାଇଛି। ଆକ୍ରମଣରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଯୁକ୍ରେନ୍ ନାଗରିକଙ୍କ ମୃତ୍ୟୁ ଘଟିଛି।

## ‘ଅସୀମିତ ସାମରିକ ସହାୟତା ଦିଅ’

**ବ୍ରସେଲ୍ସ, ୨୪।୩:** ଯୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଗୁରୁବାର ନାଟୋ ସମ୍ମିଳନୀକୁ ସମ୍ବୋଧନ କରି ଅସୀମିତ ସାମରିକ ସହାୟତା ପାଇଁ ନିବେଦନ କରିଛନ୍ତି। ଜେଲେନ୍‌ସ୍କି କହିଛନ୍ତି, ଯୁକ୍ରେନ୍‌କୁ ବ୍ୟାପକ ଆଣ୍ଟାଇ-ଏୟାର, ଆଣ୍ଟାଇ-ଶିପ୍ ୱେପନ୍ ଆବଶ୍ୟକ। ଏସବୁ ବିନା ଯୁଦ୍ଧରେ ତିଷ୍ଠିରହିବା ଅସମ୍ଭବ। ଆମେ ପାଶ୍ଚାତ୍ୟ ଓ ରୁଷିଆ ମଧ୍ୟରେ ଫସିଥିବା ଭଳି ଅନୁଭବ କରୁଛୁ। ଯୁଦ୍ଧ ସମୟରେ ଆମେ ସହାୟତା ମାଗୁଥିବାବେଳେ ଏହାର ସ୍ପଷ୍ଟ ଉତ୍ତର ନ ମିଳିବା ଭୟଙ୍କର ବୋଲି ସେ କହିଛନ୍ତି। ଏଥିସହ ରୁଷିଆର ଆକ୍ରମଣକୁ ମାସେ


ଭୋଲୋଡିମିର ଜେଲେନ୍‌ସ୍କି

ପୂରିବା ଅବସରରେ ସମଗ୍ର ବିଶ୍ୱ ରାସ୍ତାକୁ ଆସି ବିକ୍ଷୋଭ କରିବାକୁ ଜେଲେନ୍‌ସ୍କି ଆହ୍ୱାନ ଦେଇଛନ୍ତି। ରୁଷିଆକୁ ଅଟକାଇ ଏହି ଯୁଦ୍ଧ ବନ୍ଦ କରିବାକୁ ପଡ଼ିବ। ଘରୁ ବାହାରି ଯୁକ୍ରେନ୍‌କୁ ସମର୍ଥନ କର ବୋଲି ସେ ବିଶ୍ୱବାସୀଙ୍କୁ ନିବେଦନ କରିଛନ୍ତି।

### ମସ୍କୋ ଉପରେ କଠୋର ହେଲା ଆମେରିକା

**ଲକ୍ଷେ ଯୁକ୍ରେନୀୟଙ୍କୁ ଆଶ୍ରୟ ଦେବ**

ଯୁକ୍ରେନ୍ ଆକ୍ରମଣର ଜବାବରେ ରୁଷିଆ ଉପରେ ଆମେରିକା ଅଧିକ କଟକଣା ଜାରି କରିଛି। ରୁଷିଆ ପାର୍ଲାମେଣ୍ଟ ନିମ୍ନ ସଦନ ଡୁମାର ୩୨୮ ସଦସ୍ୟଙ୍କ ସହ ୪୮ ସରକାରୀ ସଂସ୍ଥା ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେବେ ବୋଲି ଗୁରୁବାର ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଏଥିସହ ୧ ଲକ୍ଷ ଯୁକ୍ରେନୀୟ ଶରଣାର୍ଥୀଙ୍କୁ ଆଶ୍ରୟ ଦେବା ସହ ଖାଦ୍ୟ , ଔଷଧ ଓ ଅନ୍ୟ ମାନବୀୟ ସହାୟତା ପାଇଁ ଅତିରିକ୍ତ ୧ ବିଲିୟନ୍ ଡଲାର ପ୍ରଦାନ ନେଇ ୱାଶିଂଟନ ପକ୍ଷରୁ ଘୋଷଣା କରାଯାଇଛି।

## ଭାରତର ଆଭିମୁଖ୍ୟ ଅପରିବର୍ତ୍ତିତ: ଜୟଶଙ୍କର

ନୂଆଦିଲ୍ଲୀ,୨୪।୩(ପି.ଟି.)

ଯୁକ୍ରେନ୍ ବିବାଦରେ ଭାରତର ଆଭିମୁଖ୍ୟ ଅପରିବର୍ତ୍ତିତ। ତୁରନ୍ତ ହିଂସା ବନ୍ଦ କରି ଆଲୋଚନା ମାଧ୍ୟମରେ ସଙ୍କଟ ଦୂର କରିବାକୁ ନୂଆଦିଲ୍ଲୀ ଆହ୍ୱାନ ଦେଇଆସିଛି ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର ରାଜ୍ୟ ସଭାରେ କହିଛନ୍ତି। ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତର ବିଦେଶ ନୀତି ସମ୍ପର୍କିତ ନିଷ୍ପତ୍ତି ନିଆଯାଇଥାଏ। ଭାରତ ସବୁବେଳେ ଶାନ୍ତି ମାର୍ଗରେ ରହିଆସିଛି। କେନ୍ଦ୍ର ସରକାର ଯୁକ୍ରେନ୍‌ରୁ ୨୨,୫୦୦ ଭାରତୀୟ ନାଗରିକ ଏବଂ ଅନ୍ୟ ୧୮



ଦେଶର ୧୪୭ ଜଣଙ୍କୁ ନିରାପଦର ସହ ଫେରାଇ ଆଣିଛନ୍ତି। କେରଳ କଂଗ୍ରେସ ଏମ୍‌ପି ଜୋସ୍ କେ. ମଣିଙ୍କ ପ୍ରଶ୍ନର ଉତ୍ତରରେ ଜୟଶଙ୍କର ଏହା କହିଛନ୍ତି।

## ସୁପ୍ରିମକୋର୍ଟ ଗଲେ କଶ୍ମୀରୀ ପଣ୍ଡିତ

**୧୯୯୦ ଗଣହତ୍ୟାର କେନ୍ଦ୍ରୀୟ ତଦନ୍ତ ଦାବି**

ନୂଆଦିଲ୍ଲୀ,୨୪।୩(ଆଇଏଏନ୍‌ଏସ୍)

କଶ୍ମୀରର ପଣ୍ଡିତମାନଙ୍କୁ ୧୯୮୯-୯୦ରେ ଗଣହତ୍ୟା କରାଯାଇଥିଲା। ଏହାର ତଦନ୍ତ ସିବିଆଇ କିମ୍ବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବା ଦାବିରେ କଶ୍ମୀରୀ ପଣ୍ଡିତମାନଙ୍କ ସଂଗଠନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରୁଟ୍‌ସ ଇନ୍ କଶ୍ମୀର ନାମକ ଏହି ସଂଗଠନ କ୍ୟୁରେଟିଭ୍ ପିଟିଶନ ଦାଏର କରିଛି। ଏଥିରେ ସୁପ୍ରିମକୋର୍ଟଙ୍କ ୨୦୧୭ର ରାୟକୁ ଚ୍ୟାଲେଞ୍ଜ କରାଯାଇଛି। ଗଣହତ୍ୟା ଘଟଣାର ୨୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ପିଟିଶନ ଦାଏର ହୋଇଥିବାରୁ ସୁପ୍ରିମକୋର୍ଟ ୨୦୧୭ରେ ଏହାକୁ ଖାରଜ କରିଦେଇଥିଲେ। ବହୁ ବିଳମ୍ବ ହୋଇଥିବାରୁ ପ୍ରମାଣ ଉପଲବ୍ଧ ହୋଇ ନ ପାରେ ବୋଲି ଅଦାଲତ ସେତେବେଳେ କହିଥିଲେ। କ୍ୟୁରେଟିଭ୍ ପିଟିଶନ ସହ ବରିଷ୍ଠ ଆଇନଜୀବୀ ଏବଂ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ଅଧ୍ୟକ୍ଷ ବିକାଶ ସିଂଙ୍କ ଦ୍ୱାରା ଇସ୍ୟୁ ହୋଇଥିବା ସାର୍ଟିଫିକେଟକୁ ସଂଲଗ୍ନ କରାଯାଇଛି। ୧୯୮୯ରୁ ୧୯୯୦ ମଧ୍ୟରେ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା ଓ ଅନ୍ୟାନ୍ୟ ଅପରାଧ ସମ୍ପର୍କିତ ସମସ୍ତ ମାମଲାର ତଦନ୍ତ ସିବିଆଇ କିମ୍ବା ଏନ୍‌ଆଇଏ ଭଳି ନିରପେକ୍ଷ ତଦନ୍ତକାରୀ ସଂସ୍ଥା କିମ୍ବା କୋର୍ଟଙ୍କ ଦ୍ୱାରା ନିଯୁକ୍ତ ସଂସ୍ଥାକୁ ସ୍ଥାନାନ୍ତର ପାଇଁ ଅନୁରୋଧ କରାଯାଇଛି। ଗଣହତ୍ୟା ସହ ସମ୍ପୃକ୍ତ ୟାସିନ ମଲିକ୍, ଫାରୁକ୍ ଅହମଦ ଦାର୍, ଜାଭେଦ ନାଲକା ଓ ଅନ୍ୟମାନଙ୍କ ବିରୋଧରେ ମକଦ୍ଦମା ଚଳାଇବାକୁ ଦାବି ହୋଇଛି।

## ବୀରଭୂମ ହିଂସା ବଡ଼ ଷଡ଼ଯନ୍ତ୍ର: ମମତା

**ଗୃହଦାହ ମାମଲାର ଅଭିଯୁକ୍ତ ଗିରଫ**

କୋଲକାତା,୨୪।୩

ପଶ୍ଚିମବଙ୍ଗର ବୀରଭୂମ ଜିଲା ରାମପୁରହାଟରେ ୨ ଶିଶୁ ଓ ୬ ମହିଳାଙ୍କ ଜୀବନ ଯାଇଥିବା ଗୃହଦାହ ମାମଲାରେ ଗୁରୁବାର ଟିଏମ୍‌ସିର ଜଣେ ନେତାଙ୍କୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଶାସକ ଦଳର ରାମପୁରହାଟ-୧ ବ୍ଲକ ସଭାପତି ଅନ୍‌ରୁଲ ହୁସେନଙ୍କ ମୋବାଇଲ୍ ଟ୍ରାକ୍ କରି ତାରାପୀଠ ବାସଭବନରୁ ତାଙ୍କୁ ଧରିଛି। ଇତିମଧ୍ୟରେ ରାମପୁରହାଟ ଥାନା ଇନ୍‌ସ୍ପେକ୍ଟର ତ୍ରିଦିବ ପ୍ରାମାଣିକଙ୍କୁ ଦାୟିତ୍ୱରେ ଅବହେଳା ପାଇଁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

ବର୍ଶାଲ ଗ୍ରାମର ଟିଏମ୍‌ସି ପଞ୍ଚାୟତ ଉପମୁଖ୍ୟ ଭାଦୁ ଶେଖ୍‌ଙ୍କୁ ସୋମବାର ରାତିରେ ହତ୍ୟା କରାଯାଇଥିଲା। ଏହାର


ରାମପୁରହାଟରେ ପୀଡ଼ିତଙ୍କ ଗୁହାରି ଶୁଣୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

କିଛି ଘଣ୍ଟା ପରେ ରାମପୁରହାଟର ବୋଗ୍‌ଟୁଇ ଗ୍ରାମରେ ଏକ ଭସ୍ମୀଭୂତ ଘରୁ ୭ ଜଣଙ୍କ ମୃତଦେହ ମିଳିଥିବାବେଳେ ଅନ୍ୟ ଜଣେ ଆହତ ମହିଳା ହସ୍ପିଟାଲରେ ପ୍ରାଣ ହରାଇଥିଲେ। ଏନେଇ ରାଜନୀତି ଜୋର୍ ଧରିଥିବାବେଳେ ବିରୋଧୀ ଭାଜପା ଏବଂ ବାମପନ୍ଥୀ ମମତାଙ୍କ ଇସ୍ତଫା ଦାବି କରିଆସୁଛନ୍ତି। ମମତା ଗୁରୁବାର ଅପରାଧ ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି କହିଥିଲେ, ଆଧୁନିକ ପଶ୍ଚିମବଙ୍ଗରେ ଏଭଳି ବର୍ବର ଘଟଣା ଘଟିବ ବୋଲି ସେ ଭାବି ନ ଥିଲେ। ତାଙ୍କୁ ବଦନାମ କରିବା ପାଇଁ ବଡ଼ ଷଡ଼ଯନ୍ତ୍ର ହୋଇଛି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଟିଏମ୍‌ସିର ଅନ୍‌ରୁଲ ହୁସେନଙ୍କୁ ଗିରଫ କରି ସବୁ ଦିଗରୁ ତଦନ୍ତ କରିବାକୁ ସେ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଅଗ୍ନିକାଣ୍ଡରେ ବାସଚ୍ୟୁତ ହୋଇଥିବା ଲୋକଙ୍କୁ ଘର ମରାମତି ପାଇଁ ୨ ଲକ୍ଷ ଟଙ୍କା ଦେବା ପାଇଁ ମମତା ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସଙ୍ଗରେ ନିଜ ଆଡୁ ମାମଲା ରୁଜୁ କରିଥିବା କାଲକାଟା ହାଇକୋର୍ଟ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି।

## କ୍ରିପ୍ଟୋ ଟିକସ ନିୟମକୁ କଡ଼ାକଡ଼ି କରାଯିବ

**ନୂଆଦିଲ୍ଲୀ:** କ୍ରିପ୍ଟୋ କରେନ୍ସିଗୁଡ଼ିକର ଟିକସ ପାଇଁ ନିୟମକୁ କଡ଼ାକଡ଼ି କରାଯିବାକୁ ଗୁରୁବାର ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଲୋକ ସଭା ସଦସ୍ୟଙ୍କ ମଧ୍ୟରେ ପ୍ରସାରିତ ଫାଇନାନ୍ସ ବିଲ୍, ୨୦୨୨ର ସଂଶୋଧନ ଅନୁଯାୟୀ ଭର୍ଚୁଆଲ୍ ଡିଜିଟାଲ୍ ସମ୍ପତ୍ତିର ଲାଭରୁ ହେଉଥିବା କ୍ଷତିର ଭରଣା ଅଂଶରେ 'ଅଦର୍ସ' ଶବ୍ଦ ହଟାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହାର ଅର୍ଥ ହେଉଛି ଯେ, ଭର୍ଚୁଆଲ୍ ଡିଜିଟାଲ୍ ଆସେଟ୍ସ (ଭିଡିଏ)ର ସ୍ଥାନାନ୍ତରଣରେ ହେବାକୁ ଥିବା କ୍ଷତିକୁ ଅନ୍ୟ ଭିଡିଏର ସ୍ଥାନାନ୍ତରଣରୁ ହେବାକୁ ଥିବା ଲାଭ ବିରୋଧରେ ସେଟ୍-ଅପ୍ କରାଯିବାକୁ ଅନୁମତି ଦିଆଯିବ ନାହିଁ।

### ସଂକ୍ଷେପରେ

## ଦେଶର ଶ୍ରେଷ୍ଠ ଏଫ୍ଏମ୍‌ସିଜି କମ୍ପାନୀ ହେବ ପତଞ୍ଜଳି

**ନୂଆଦିଲ୍ଲୀ,୨୪।୩:** ପତଞ୍ଜଳି ଆୟୁର୍ବେଦ ଗ୍ରୁପ୍ ଏବଂ ତାହାର ସହଯୋଗୀ କମ୍ପାନୀ 'ରୁଚି ସୋୟା'ର ମିଳିତ ବାର୍ଷିକ କାରବାର ପ୍ରାୟ ୩୫,୦୦୦କୋଟି ରହିଛି। ଆଗାମୀ ୫ ବର୍ଷ ମଧ୍ୟରେ ଏହା ଦେଶର ଶ୍ରେଷ୍ଠ ଏଫ୍ଏମ୍‌ସିଜି କମ୍ପାନୀ ହେବାର ଲକ୍ଷ୍ୟ ରଖିଥିବା ପତଞ୍ଜଳି ଗ୍ରୁପ୍‌ର ମୁଖ୍ୟ ବାବା ରାମଦେବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହାଛଡ଼ା ପତଞ୍ଜଳି ଆୟୁର୍ବେଦ ନିଜର ସବୁ ଫୁଡ୍ ବିଜନେସ୍‌କୁ ରୁଚି ସୋୟା ଇଣ୍ଡଷ୍ଟ୍ରି ସହିତ ମିଶାଇ ଦେବ ବୋଲି କହିଛନ୍ତି। ପତଞ୍ଜଳି ଆୟୁର୍ବେଦ ବର୍ତ୍ତମାନ ଦେଶର ୨ୟ ବଡ଼ ଖାଦ୍ୟ ଏବଂ ଏଫ୍ଏମ୍‌ସିଜି କମ୍ପାନୀ ବୋଲି ରାମଦେବ ଦାବି କରିବା ସହିତ ଆଗାମୀ ଦିନରେ ପତଞ୍ଜଳି ଗ୍ରୁପ୍‌ର କମ୍ପାନୀଗୁଡ଼ିକର ଇନିସିଆଲ୍ ପବ୍ଲିକ୍ ଅଫର୍(ଆଇପିଓ) ଅଣାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଏଜିଏଲର ୫୦୦କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୪।୩ :** ଏସିଆନ ଗ୍ରାନିଟୋ ଇଣ୍ଡିଆ ଲିମିଟେଡ (ଏଜିଏଲ) ପକ୍ଷରୁ ୫୦୦କୋଟି ଟଙ୍କା (୭୦ ନିୟୁତ ଆମେରିକୀୟ ଡଲାର)ର ଅର୍ଥରାଶି ସଂଗ୍ରହ କରିବାକୁ ଇକ୍ୱିଟି ଅଂଶଧନର ରାଇଟ୍ସ ଇସ୍ୟୁ ନିମନ୍ତେ ଚିଠା କାଗଜପତ୍ର (ଡ୍ରାଫ୍ଟ ଲେଟର ଅଫ୍ ଅଫର) ମଧ୍ୟ ଦାଖଲ ହୋଇଛି। ନୂତନ କରି ଗଠିତ ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ ଅଧୀନରେ ଗୁଜରାଟର ମୋରବିଠାରେ ଅତ୍ୟାଧୁନିକ ନୂତନ ନିର୍ମାଣକାରୀ ୟୁନିଟ୍ ସ୍ଥାପନ ଜରିଆରେ ଜିଭିଟି ଟାଇଲ୍ସ, ସାନିଟାରିୱେର ଏବଂ ଏସ୍‌ପିସି ଫ୍ଲୋରିଂ ବର୍ଗ ଆଦି ବିଳାସପୂର୍ଣ୍ଣ ଚଟାଣ ଏବଂ ବାଥୱେର ଶ୍ରେଣୀରେ ପ୍ରବେଶ କରିବାକୁ କମ୍ପାନୀ ବୃହତ ସମ୍ପ୍ରସାରଣ ଯୋଜନା ପ୍ରସ୍ତୁତ କରିଛି। ଏ ସମ୍ପର୍କରେ ଏସିଆନ ଗ୍ରାନିଟୋ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, କମଳେଶ ପଟେଲ କହିଛନ୍ତି, ଚଳିତ ବର୍ଷଗୁଡ଼ିକରେ ଭାରତୀୟ ଶିଳ୍ପରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି।

# ୨.୨୫ ବିଲିୟନ ରାଜସ୍ୱ ହରାଇଛନ୍ତି ତୈଳ କମ୍ପାନୀ



- ଦୀର୍ଘ ଦିନ ମୂଲ୍ୟ ସ୍ଥିର ଯୋଗୁ ବ୍ୟାପକ କ୍ଷତି ଘଟିଛି
- ଆଇଓସିଏଲ୍,ବିପିସିଏଲ୍ ଓ ଏଚ୍‌ପିସିଏଲ୍ ଭଳି କମ୍ପାନୀ ସାମିଲ

**ନୂଆଦିଲ୍ଲୀ,୨୪।୩**

ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ବୃଦ୍ଧି ପାଉଥିଲେ ମଧ୍ୟ କେନ୍ଦ୍ର ସରକାର ବିଭିନ୍ନ କାରଣ ଦର୍ଶାଇ ଦେଶର ପ୍ରମୁଖ ତୈଳ କମ୍ପାନୀଗୁଡ଼ିକ ଏଭଳି ପରିସ୍ଥିତିରେ ଦର ବୃଦ୍ଧି ନ କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ବଜାରରେ ତେଲ ମୂଲ୍ୟ ତୀବ୍ର ଭାବେ ବୃଦ୍ଧି ପାଇବା ସତ୍ତ୍ୱେ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟକୁ କମ୍ପାନୀଗୁଡ଼ିକ ଅପରିବର୍ତ୍ତିତ ରଖିଥିଲେ। ଏପରିକି ଗତ ନଭେମ୍ବର ୪ରୁ ଚଳିତ ମାସ ୨୧ ପର୍ଯ୍ୟନ୍ତ ତୈଳ ଦର ସ୍ଥିର ରହିଥିଲା। ଏହି ପରିପ୍ରେକ୍ଷୀରେ ଦେଶର ବୃହତ ଇନ୍ଧନ ଖୁଚୁରା ବ୍ୟବସାୟୀ ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ ପ୍ରାୟ ୨.୨୫ ବିଲିୟନ ଡଲାର୍ ବା ପ୍ରାୟ ୧୯,୦୦୦ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ଅପରପକ୍ଷରେ ଦୀର୍ଘ ସାଢେ ଚାରିମାସରୁ ଊର୍ଦ୍ଧ୍ୱ ସମୟ ଧରି ଉଭୟ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଅପରିବର୍ତ୍ତିତ ରହିଥିଲା। ଅଶୋଧିତ ତୈଳର ମୂଲ୍ୟ ଚଳିତ ମାସର ପ୍ରଥମ ତିନି ସପ୍ତାହ ମଧ୍ୟରେ ବ୍ୟାରେଲ ପିଛା ପ୍ରାୟ ୧୧୧ ଡଲାର ତୁଳନାରେ ନଭେମ୍ବର ପ୍ରାରମ୍ଭରେ ପ୍ରାୟ ୮୨ ଡଲାର ରହିଥିଲା। ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ, ଭାରତ ପେଟ୍ରୋଲିୟମ ନିଗମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ନିଗମ) ମାର୍ଚ୍ଚ ୨୨ ଏବଂ ୨୩ ରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୮୦ ପଇସା ବୃଦ୍ଧି କରିଥିଲା କିନ୍ତୁ ଗୁରୁବାର ଏହାର ଦର ସ୍ଥିର ରହିଛି। ଏ ସମ୍ପର୍କରେ ମୁଡିସ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇ କୁହାଯାଇଛି ଯେ ବର୍ତ୍ତମାନର ବଜାର ମୂଲ୍ୟକୁ ଆଧାର କରି ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ବ୍ୟାରେଲ ପିଛା ୨୫ ଡଲାର ଏବଂ ପେଟ୍ରୋଲ ଏବଂ ଡିଜେଲ ବିକ୍ରିରେ ବ୍ୟାରେଲ ପିଛା ୨୪ ଡଲାରର ରାଜସ୍ୱ କ୍ଷତି କରୁଛନ୍ତି। ଯଦି ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ହାରାହାରି ୧୧୧ ଡଲାର ଜାରି ରହେ, ତେବେ ତିନୋଟି ରେଟିଂ ସଂସ୍ଥା ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲର ପେଟ୍ରୋଲ ଏବଂ ଡିଜେଲ ବିକ୍ରିରେ ଦୈନିକ ମିଳିତ କ୍ଷତି ପ୍ରାୟ ୬୫-୭୦ ମିଲିୟନ ଡଲାର ହେବ । ଗତ ନଭେମ୍ବରରୁ ମାର୍ଚ୍ଚର ପ୍ରଥମ ତିନି ସପ୍ତାହ ମଧ୍ୟରେ ହାରାହାରି ବିକ୍ରୟ ପରିମାଣର ଆମର ଆକଳନକୁ ଆଧାର କରି ରାଷ୍ଟ୍ରାୟତ୍ତ ବିଶୋଧନ ଏବଂ ମାର୍କେଟିଂ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ବିକ୍ରିରେ ପ୍ରାୟ ୨.୨୫ ବିଲିୟନ ଡଲାରର ରାଜସ୍ୱ ହରାଇଛନ୍ତି ବୋଲି ମୁଡି ମତବ୍ୟକ୍ତ କରିଛି। ଉପରୋକ୍ତ ତିନୋଟି ସଂସ୍ଥା ପାଇଁ ମିଳିତ ଭାବେ ୨୦୨୧-୨୨ର ଏବିଟର ପ୍ରାୟ ୨୦% ସହିତ ସମାନ। ସେହିପରି ଉକ୍ତ ରେଟିଂ ଏଜେନ୍ସି ଆକଳନ କରିଛି ଯେ ଆଇଓସିଏଲର ରାଜସ୍ୱ କ୍ଷତି ପ୍ରାୟ ୧-୧.୧ ବିଲିୟନ ଡଲାର୍ ହୋଇଥିବାବେଳେ ବିପିସିଏଲ ଏବଂ ଏଚପିସିଏଲର ସମାନ ଅବଧିରେ ପ୍ରାୟ ୫୫୦-୬୫୦ ମିଲିୟନ ଡଲାର୍ ହେବ।

## ରାଷ୍ଟ୍ରୀୟ ଶକ୍ତି ପ୍ରଶିକ୍ଷଣ ସଂସ୍ଥାର ସମ୍ମିଳନୀ




**ଭୁବନେଶ୍ୱର,୨୪।୩**

ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ରାଷ୍ଟ୍ରୀୟ ଶକ୍ତି ପ୍ରଶିକ୍ଷଣ ସଂସ୍ଥା ପକ୍ଷରୁ ଏକ ୨ ଦିନିଆ ଜାତୀୟ ସମ୍ମିଳନୀ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବ କ୍ଷେତ୍ରୀୟ ଲୋଡ୍ ଡେସପାଚ୍ ସେଣ୍ଟର ଏବଂ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ମିଳିତ ସହାୟତାରେ 'ଭାରତର ବିଦ୍ୟୁତ୍ ଉଦ୍ୟୋଗଗୁଡ଼ିକରେ ନିୟାମକ ବ୍ୟବସ୍ଥା' ଶୀର୍ଷକ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିହାର ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷ ଶିଶିର କୁମାର ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଦେଶର ଶକ୍ତି କ୍ଷେତ୍ରରେ ବିକାଶ ପାଇଁ ନିୟାମକ ବ୍ୟବସ୍ଥାର ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ସିହ୍ନା ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଗତ ୮ବର୍ଷରେ ସବୁଜ ଶକ୍ତି କ୍ଷେତ୍ରରେ ବ୍ୟାପକ ପ୍ରଗତି ହୋଇଛି। ୨୦୩୦ ସୁଦ୍ଧା ୫୦% ବିଦ୍ୟୁତ ଚାହିଦା ଏହି ସବୁଜ ଉତ୍ସରୁ ବ୍ୟବହାର କରାଯିବ ବୋଲି ଭାରତର ଲକ୍ଷ୍ୟ ରହିଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଏବଂ ନିୟାମକ ବ୍ୟବସ୍ଥା କରିବା ଅନିବାର୍ଯ୍ୟ ବୋଲି ଧଳ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ସଂସ୍ଥାର ସମ୍ମିଳନୀ ପତ୍ରିକା 'ରାଷ୍ଟ୍ରୀୟ ଶକ୍ତି ପ୍ରଶିକ୍ଷଣ'ର ପ୍ରବନ୍ଧ ନିର୍ଦ୍ଦେଶକ ତ୍ରିପ୍ତା ଠାକୁରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ରାଜ୍ୟ ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାର ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ସୁନୀଲ କୁମାର ଶ୍ରୀବାସ୍ତବଙ୍କ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ନାଲ୍‌କୋକୁ ଗୋଲ୍‌ଡେନ ପିକକ୍ ଜାତୀୟ ପୁରସ୍କାର

**ଭୁବନେଶ୍ୱର,୨୪।୩**




ଦେଶର ଅଗ୍ରଣୀ ବକ୍ସାଇଟ୍-ଆଲୁମିନା-ଆଲୁମିନିୟମ୍-ଶକ୍ତି ଉତ୍ପାଦନକାରୀ ଉଦ୍ୟୋଗ ଭାବେ ଜଣାଶୁଣା ନ୍ୟାଶନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)କୁ ସଷ୍ଟେନେବଲ୍ ମାଇନିଂ ଏବଂ ପରିବେଶ ଅନୁକୂଳ କାର୍ଯ୍ୟଶୈଳୀ ପାଇଁ ସମ୍ମାନଜନକ ଗୋଲଡେନ୍ ପିକକ୍ ଆୱାର୍ଡ୍ ଫର ସଷ୍ଟେନେବିଲିଟି ପୁରସ୍କାରର ଜାତୀୟ ବିଜେତା ଭାବେ ସମ୍ମାନିତ କରାଯାଇଛି। ନିକଟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟର୍ସ (ଆଇଓଡି) ଦ୍ୱାରା ଆୟୋଜିତ ଏକ ଆଭାସୀ ଅଧିବେଶନରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପାତ୍ର କହିଥିଲେ, ପରିବେଶ ସୁପରିଚାଳନା ଏବଂ ସଷ୍ଟେନେବଲ୍ ମାଇନିଂ କ୍ଷେତ୍ରରେ ଉତ୍କୃଷ୍ଟ ଅଭ୍ୟାସ ଅନୁପାଳନ ପ୍ରତି କର୍ମଚାରୀମାନଙ୍କର ପ୍ରତିବଦ୍ଧତା ଯୋଗୁ କମ୍ପାନୀକୁ ଏଭଳି ସଫଳତା ମିଳିଛି ସେଥିପାଇଁ ସେ ସମସ୍ତଙ୍କୁ ପ୍ରଶଂସା କରିଥିଲେ। ବିଶେଷକରି ଏହି ପୁରସ୍କାରଟି ନାଲ୍‌କୋ ଦ୍ୱାରା ଅନୁସରଣ କରାଯାଇଥିବା ଉଚ୍ଚମାନର ପରିବେଶ, ସାମାଜିକ ଏବଂ ସୁଶାସନ ଓ ଶ୍ରେଷ୍ଠ ରଣନୀତିର ସ୍ୱୀକୃତି ବୋଲି ଧରାଯାଉଛି। ସେହିଭଳି ନାଲ୍‌କୋର ସମସ୍ତ କର୍ମଚାରୀଙ୍କର କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ଏହା ଏକ ମହତ୍ତ୍ୱପୂର୍ଣ୍ଣ ନିଦର୍ଶନ, ଯାହା କମ୍ପାନୀ ପାଇଁ ଏହି ପୁରସ୍କାର ପ୍ରାପ୍ତିରେ ବେଶ୍ ସହାୟକ ହୋଇଛି ବୋଲି ଶ୍ରୀଧର ମତପ୍ରକାଶ କରିଛନ୍ତି। ସେହିପରି ଆର୍ଥିକ, ସାମାଜିକ, ପରିବେଶ ଏବଂ ଶକ୍ତି ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ନିର୍ଦ୍ଦିଷ୍ଟ ଧ୍ୟାନ ପ୍ରଦାନ କରି କମ୍ପାନୀ ନିରନ୍ତର ବିକାଶ ହାସଲ କରିବା ସହ ନାଲ୍‌କୋର ବ୍ୟବସାୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। କମ୍ପାନୀର କାର୍ଯ୍ୟଶୈଳୀ ତଥା ନିୟମାବଳୀ ଏବଂ କାର୍ଯ୍ୟସଂସ୍କୃତିରେ କ୍ରମାଗତ ଉନ୍ନତି ଏହାର ସମସ୍ତ ଅଂଶଧାରକଙ୍କ ସନ୍ତୁଷ୍ଟି ବୃଦ୍ଧିରେ ସହାୟକ ହେଉଛି।

## ଏମ୍ଏସ୍ଆଇ ପକ୍ଷରୁ ନୂତନ ସିଇଓ ନିଯୁକ୍ତ



ହିସାଶୀ ତାକେୟୁଚି

**ନୂଆଦିଲ୍ଲୀ,୨୪।୩:** ଦେଶର ସର୍ବବୃହତ କାର୍ କମ୍ପାନୀ 'ମାରୁତି ସୁଜୁକି ଇଣ୍ଡିଆ' (ଏମ୍ଏସ୍ଆଇ) ପକ୍ଷରୁ ହିସାଶୀ ତାକେୟୁଚିଙ୍କୁ ନୂତନ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତି କରାଯାଇଛି। ଏ ନେଇ ଗୁରୁବାର କମ୍ପାନୀ ପକ୍ଷରୁ ସବିଶେଷ ସୂଚନା ଦିଆଯାଇଛି। ବର୍ତ୍ତମାନର କମ୍ପାନୀ ମୁଖ୍ୟ କେନିଚି ଆୟୁକାୱାଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୧ରେ ଶେଷ ହେଉଥିବା ବେଳେ ତାକେୟୁଚି ଏପ୍ରିଲ୍ ପହିଲାରୁ ନିଜ ପଦରେ ଯୋଗ ଦେବେ।

## ଏଏସ୍‌ବିଏମ୍‌ରେ ଦକ୍ଷିଣ ଏସିଆ ଆକ୍ରିଡିଟେଶନ୍ କର୍ମଶାଳା

**ଭୁବନେଶ୍ୱର,୨୪।୩**

ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଶିକ୍ଷା, ସ୍ଥିତି, ସ୍ଥାପକତା: ସମସ୍ୟା ଓ ସୁଯୋଗ' ଶୀର୍ଷକ ଏକ କ୍ଷେତ୍ରୀୟ କର୍ମଶାଳା ନିକଟରେ ଆୟୋଜନ କରାଯାଇଥିଲା। ଉକ୍ତ ଆଲୋଚନାଚକ୍ରର ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷ ତଥା ଏସିବିଏସ୍‌ପି. ଦକ୍ଷିଣ ଏସିଆ ଚେୟାରମ୍ୟାନ୍ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ କର୍ମଶାଳାର ବିଷୟବସ୍ତୁ ଉପରେ ସମ୍ୟକ କଥନପୂର୍ବକ ଏହାର ବିଭିନ୍ନ ପ୍ରଭାବଶାଳୀ ଦିଗ ଉପରେ ଗଭୀର ଆଲୋକପାତ କରିଥିଲେ। ଏହାର ଆବଶ୍ୟକତା, ସମ୍ବେଦନଶୀଳତା ଓ ସ୍ଥିତିସ୍ଥାପକତା ଉପରେ ତତ୍ତ୍ୱଭିତ୍ତିକ ପ୍ରସ୍ତାବନା ଉପସ୍ଥାପନା କରିଥିଲେ। ଏସିବିଏସ୍‌ପିର ଅଧ୍ୟକ୍ଷ ଜେଫ୍ରି ଆଲଡରମ୍ୟାନ ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିକ୍ଷା କ୍ଷେତ୍ରରେ ସ୍ଥିତିସ୍ଥାପକତାର ଅନୁଶୀଳନପୂର୍ବକ ଏସିବିଏସ୍‌ପି ଏହା ଉପରେ କିପରି ଗଭୀର ଗୁରୁତ୍ୱାରୋପ କରେ ସେ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଗ୍ଲୋବାଲ ମ୍ୟାନେଜମେଣ୍ଟ ସେଣ୍ଟର, କାଲିଫର୍ନିଆର ସହ ନିର୍ଦ୍ଦେଶକ ପ୍ରଫେସର ବିପିନ ଗୁପ୍ତା ସମ୍ମିଳନୀରେ ମୁଖ୍ୟ ପ୍ରବକ୍ତା ଭାବେ ଯୋଗଦାନ କରି ତାଙ୍କର ବକ୍ତବ୍ୟ ମାଧ୍ୟମରେ ସ୍ଥିତିସ୍ଥାପକତାକୁ ସ୍ଥିର ରଖିବା ପାଇଁ କିପରି ପଦ୍ଧତିର ଅବଲମ୍ବନ କରାଯାଇପାରେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ଡ. କଲ୍ୟାଣ ଶଙ୍କର ରାୟ ସ୍ୱାଗତ ସମ୍ଭାଷଣ ପ୍ରଦାନ ବେଳେ ସହ-କୁଳପତି ଡ. ଫଲଗୁ ନିରଞ୍ଜନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର ଡ. ସ୍ମାରକୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଫୁରସତ୍



ବାଣୀ କପୁର

## ସଚେତନ କରିବେ ବାଣୀ

**ମୁମ୍ବାଇ:** ନିଜର ବୋଲ୍ଡ ଲୁକ୍ ପାଇଁ ଜଣାଯାଉଥିବା ବଲିଉଡ୍ ଅଭିନେତ୍ରୀ ବାଣୀ କପୁର ସାଜିଛନ୍ତି ବାର୍ତ୍ତା ବାହକ। ଏଣିକି ଟ୍ୟୁବରକୁଲୋସିସ୍ ବା ଟିବି ରୋଗ ନେଇ ଯୁବପିଢ଼ିଙ୍କୁ ସଚେତନ କରିବେ ବାଣୀ। ମାର୍ଚ୍ଚ ୨୪ରେ ପାଳନ କରାଯାଉଥିବା 'ବିଶ୍ୱ ଟିବି ଦିବସ' ଅବସରରେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ଇଣ୍ଡିଆ ପକ୍ଷରୁ 'ବି ଦ ଚେଞ୍ଜ୍ ଫର୍ ଟିବି' କ୍ୟାମ୍ପେନ୍ ଆରମ୍ଭ ହୋଇଛି। ତେବେ ଏଥିରେ ହିନ୍ଦୀ ଫିଲ୍ମ 'ୱାର୍' ଫେମ୍ ବାଣୀଙ୍କୁ ମୁଖ୍ୟ କରାଯାଇଛି। ବାଣୀ କହିଛନ୍ତି, ଦେଶରେ ଟିବି ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଚେତନତା ଅଭାବରୁ ଯୁବପିଢ଼ିଙ୍କ ମଧ୍ୟରେ ଟିବି କାୟା ବିସ୍ତାର କରିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ଏ ନେଇ ମାଗଣା ଚିକିତ୍ସା ସୁବିଧା ଯୋଗାଯାଉଥିଲେ ମଧ୍ୟ ସବୁ ଲୋକ ଏହା ବିଷୟରେ ଅବଗତ ନାହାନ୍ତି। ଏ ଭଳି ଏକ ନିଆରା ଅଭିଯାନର ଅଂଶ ପାଲଟିବା ନେଇ ଅଭିନେତ୍ରୀ ଜଣକ ଖୁସି ଥିବା କହିଛନ୍ତି। ଟିବି ବିରୋଧରେ ଯଦି ଆମେ ସମସ୍ତେ ଏକାଠି ହେବା ତେବେ ଏହାକୁ ଦେଶରୁ ଦୂର କରିହେବ।

ଆସନ୍ତା ଜୁଲାଇ ୨୨ରେ ବାଣୀଙ୍କ ଅଭିନୀତି ଫିଲ୍ମ ସମଶେର ରିଲିଜ୍ ହେବ। ହିରୋ ଭୂମିକାରେ ରଣବୀର କପୁର ଅଭିନୟ କରିଥିବାବେଳେ ସଞ୍ଜୟ ଦତ୍ତ, ରୋନିତ ରଏଙ୍କ ଭଳି କଳାକାର ଏଥିରେ ଦେଖାଯିବେ।

## ୪୦ ଲକ୍ଷର ଟାଟୁ



**ଲଣ୍ଡନ:** ବର୍ତ୍ତମାନର ଟ୍ରେଣ୍ଡି ସୋସାଇଟିରେ ଟାଟୁ ଏକ ଫ୍ୟାଶନ୍ ପାଲଟିଯାଇଛି। ବିଶେଷ ଭାବେ ଯୁବପିଢ଼ି ଏହାଦ୍ୱାରା ବେଶି ପ୍ରଭାବିତ ହେବାରେ ଲାଗିଛନ୍ତି। କେତେକ ଲୋକ ଶରୀରରେ ଗୋଟିଏ କି ଦୁଇଟି ଟାଟୁ କରୁଥିବାବେଳେ ଆଉ କିଛି ସମ୍ପୂର୍ଣ୍ଣ ଶରୀରରେ ଟାଟୁ କରୁଛନ୍ତି। ଟାଟୁ ଜରିଆରେ ଲଣ୍ଡନର ୪୧ ବର୍ଷୀୟ କରାକ ସ୍ମିଥ୍ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଶରୀରରେ ଟାଟୁ ବନେଇବା ପାଇଁ ବର୍ତ୍ତମାନ ସୁଦ୍ଧା ସେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ତାଙ୍କ ଶରୀରର ୯୦% ଅଙ୍ଗରେ ଟାଟୁ କରିଛନ୍ତି । ନାକ ଓ ଗାଲକୁ ଛାଡ଼ିଦେଲେ ବାକି ସବୁ ଅଙ୍ଗରେ ସ୍ମିଥ୍ ବିଭିନ୍ନ ଭେରାଇଟିର ଟାଟୁ କରିଛନ୍ତି। ତାଙ୍କୁ ଯେବେବେଳେ ମାତ୍ର ୧୮ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଶରୀରରେ ପ୍ରଥମ ଟାଟୁ କରିଥିଲେ, କିନ୍ତୁ ଏହାପରେ ଟାଟୁକୁ ନେଇ ତାଙ୍କ ଆଗ୍ରହ ବଢ଼ିବାକୁ ଲାଗିଲା ; ଯାହାପରେ ସ୍ମିଥ୍ ଶରୀରର ବିଭିନ୍ନ ଅଂଶରେ ଟାଟୁ କରିବା ଆରମ୍ଭ କରିଦେଲେ। ଟାଟୁ ପାଇଁ ତାଙ୍କୁ ଏକକାଳୀନ ୬ରୁ ୭ ଜବ୍ ଅଫର ମିଳିଥିବା ସେ କୁହନ୍ତି। ଲଣ୍ଡନରେ ଜଣେ ଇଣ୍ଟରଭେନ୍‌ସନ୍ ଅଫିସର ଭାବେ ସ୍ମିଥ୍ କାମ କରନ୍ତି। ଯେଉଁପିଲାମାନେ ଆପରାଧିକ କାରବାରରେ ଲିପ୍ତ ଥାନ୍ତି ସେମାନଙ୍କ ଉପରେ ନଜର ରଖନ୍ତି ସ୍ମିଥ୍। ୪ଟି ସନ୍ତାନଙ୍କ ବାପା ହୋଇଥିବାବେଳେ ତାଙ୍କ ପିଲା ଓ ସହକର୍ମୀ ସ୍ମିଥ୍‌ଙ୍କ ଟାଟୁକୁ ଖୁବ୍ ପସନ୍ଦ କରୁଥିବା ସେ କହିଛନ୍ତି।

## ସୁରଟର ଫଳ ଚା



ସାଧାରଣତଃ ଆମେ ଫଳକୁ ଜୁସ କରି ପିଇଥାଉ। ହେଲେ ଫଳରେ ତିଆରି ହୋଇପାରେ ଚା'। ଏପରି ଶୁଣିଲେ ମନରେ ଅଜବ ଭାବନା ଆସୁଛି। କିନ୍ତୁ ସୁରଟର ଜଣେ ବ୍ୟକ୍ତି ଯିଏକି, ଫଳରେ ଚା' ତିଆରି କରୁଥିବା ଦେଖିବାକୁ ମିଳିଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବ୍ୟକ୍ତି ଜଣକ ଚା' ତିଆରି କଲାବେଳେ ପାତ୍ରରେ କଦଳୀ, ଚା' ପତି, ପାଣି ଏବଂ କ୍ଷୀର ଦେଇଥିଲେ। ପରେ ଏଥିରେ ସେପଟା ଏବଂ ସେଓ ମିଶାଇବା ପରେ ଅଦାକୁ ପକାଇଥିଲେ। ଏହି ଭିଡିଓକୁ ଇନ୍‌ଷ୍ଟାଗ୍ରାମ ଫୁଡ୍ ବ୍ଲଗର ଅମର ଶିରୋହି ତାଙ୍କ ପେଜ୍‌ରେ ଶେୟାର କରିଥିଲେ। ସେ କ୍ୟାପସନ୍‌ରେ ଲେଖିଥିଲେ, 'ସୁରଟର ଫଳ ଚା''। ଏହି ଭିଡିଓକୁ ୯ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଦେଖିଥିଲେ। ଜଣେ ୟୁଜର୍ସ ଏଥିରେ କମେଣ୍ଟ କରିଛନ୍ତି, ଇଏ ଚା' କରୁଛନ୍ତି ନା ଫଳ ରସ' ଏବଂ ଅନ୍ୟ ଜଣେ ୟୁଜର୍ସ 'ଦୁନିଆ ଶେଷ' ବୋଲି ଲେଖିଥିଲେ।

## ବସ୍‌ରେ ଛାତ୍ରୀଛାତ୍ରଙ୍କ ଲିକର ପାର୍ଟି



**ଚେନ୍ନାଇ:** ସୋସିଆଲ ମିଡିଆରେ ଅନେକ ଭିଡିଓ ପ୍ରତ୍ୟେକ ଦିନ ଅପ୍‌ଲୋଡ୍ ହେଉଥିବାବେଳେ ତାମିଲନାଡୁର ଏକ ଭିଡିଓ ସୋସିଆଲ ମିଡିଆ ୟୁଜରମାନଙ୍କ ଦୃଷ୍ଟି ଆକର୍ଷଣ କରିଛି। ତାମିଲନାଡୁ ଚେଙ୍ଗାଲପଟ୍ଟୁ ଜିଲାର କେତେକ ସ୍କୁଲ ଛାତ୍ରୀଛାତ୍ର ବସ୍ ଭିତରେ ମଦ ପିଉଥିବାର ଭିଡିଓ ଦ୍ରୁତ ବେଗରେ ଭାଇରାଲ ହେବାରେ ଲାଗିଛି। ଏକାଧିକ ଛାତ୍ରୀ ଏବଂ ଛାତ୍ର ଚଳନ୍ତା ବସ୍ ଭିତରେ ମଦ ବୋତଲ ଖୋଲି ମଦ ପିଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରମାନେ ସେମାନଙ୍କ ସ୍କୁଲ ୟୁନିଫର୍ମରେ ଥିବାବେଳେ ବସ୍‌ଟି ଥିରୁକାଝୁକୁଣ୍ଡ୍ରମରୁ ଥେଚୁର ଅଭିମୁଖେ ଯାତ୍ରା କରୁଥିଲା। ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଯାଞ୍ଚ ରିପୋର୍ଟ ଦାଖଲ ପରେ ସେମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କହିଛନ୍ତି।

## ଗଙ୍ଗୁବାଈ ପାଇଁ ହଲ୍ ବୁକ୍ କଲେ ପାକ୍ ଆକ୍ଟର

**ଇସ୍‌ଲାମାବାଦ:** ସଞ୍ଜୟ ଲୀଲା ଭଂଶାଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଗଙ୍ଗୁବାଇ କାଠିଆୱାଡି'କୁ ସିନେପ୍ରେମୀ ଖୁବ୍ ପସନ୍ଦ କରିଛନ୍ତି। ଏବେ ଏହି ଫିଲ୍ମର ଲୋକପ୍ରିୟତା ସୀମା ପାର୍ କରିଯାଇଛି। ଅର୍ଥାତ୍ ପଡ଼ୋଶୀ ପାକିସ୍ତାନରେ ମଧ୍ୟ ଏହାର କ୍ରେଜ୍ ଦେଖିବାକୁ ମିଳିଛି। ପାକ୍‌ର ଜଣାଶୁଣା ମଡେଲ୍ ତଥା ଆକ୍ଟର ମୁନୀବ ବଟ୍ଟ ପତ୍ନୀଙ୍କ ସହ ଗଙ୍ଗୁବାଇ ଫିଲ୍ମ ଦେଖିବା ପାଇଁ ସମ୍ପୂର୍ଣ୍ଣ ହଲ୍ ବୁକ୍ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଏ ଖବର ପ୍ରସାରିତ ହେବା ପରେ ଏହାକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି।

ଫେବୃୟାରୀ ୨୫ରେ ଗଙ୍ଗୁବାଇ ଫିଲ୍ମ ରିଲିଜ୍ ହୋଇଥିଲା। ଆଲିଆ ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ଅଜୟ ଦେବଗନ ମଧ୍ୟ ପ୍ରମୁଖ ଭୂମିକାରେ ନଜରକୁ ଆସିଥିଲେ। ମୁମ୍ବାଇ କାମାଠିପୁରାର ଦେହଜୀବୀ ଗଙ୍ଗୁବାଈଙ୍କ ଜୀବନୀ କାହାଣୀ ଉପରେ ଫିଲ୍ମଟି ନିର୍ମାଣ କରାଯାଇଛି। ରିଲିଜ୍ ପୂର୍ବରୁ ଫିଲ୍ମକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଥିବାବେଳେ ଏହାର ରିଲିଜ୍ ରୋକିବା ପାଇଁ ଗଙ୍ଗୁବାଈଙ୍କ ପରିବାର କୋର୍ଟର ଦ୍ୱାରସ୍ଥ ହୋଇଥିଲେ।



ମୁନୀବ ବଟ୍ଟ

# ଏସ୍‌ୟୁ, ଏନ୍‌ସିବି ମଧ୍ୟରେ ଏମ୍‌ଓୟୁ

## ସିମେଣ୍ଟ ଉପରେ କରିବେ ଗବେଷଣା

ସମ୍ବଲପୁର,୨୪।୩ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) ଓ ନ୍ୟାଶନାଲ କାଉନ୍‌ସିଲ ଫର ସିମେଣ୍ଟ ଆଣ୍ଡ ବିଲ୍ଡିଂ ମ୍ୟାଟେରିଆଲ (ଏନ୍‌ସିବି) ମଧ୍ୟରେ ଗୁରୁବାର ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ୟୁ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ, ରେଜିଷ୍ଟ୍ରାର ନୃପରାଜ ସାହୁ, ଏନ୍‌ସିବି ଡାଇରେକ୍ଟର ଜେନେରାଲ ବି.ଏନ୍. ମହାପାତ୍ର ଉପସ୍ଥିତ ଥିଲେ।

କେନ୍ଦ୍ର ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ବିଭାଗ ଅଧୀନରେ ଏନ୍‌ସିବି କାର୍ଯ୍ୟ କରିଆସୁଛି।



ଏମ୍‌ଓୟୁ ସ୍ୱାକ୍ଷର ବେଳେ ଉପସ୍ଥିତ ଅଧିକାରୀ।

ଏହା ଶିଳ୍ପ, ଉଦ୍ୟୋଗ, ବାଣିଜ୍ୟ, ଟ୍ରାନ୍ସପୋର୍ଟ ଉପରେ ତାଲିମ ଓ ଶିକ୍ଷାଦାନ କରିଥାଏ। ଏହି ଏମ୍‌ଓୟୁ ହେବା ଫଳରେ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଏସ୍‌ୟୁ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏନ୍‌ସିବି ଡାଇରେକ୍ଟର ଜେନେରାଲ ମହାପାତ୍ର ସିମେଣ୍ଟ ଉଦ୍ୟୋଗ ଉପରେ ବିସ୍ତାର ରୂପେ ଆଲୋଚନା କରିଥିଲେ। ସେ କହିଥିଲେ, ଏନ୍‌ସିବି ପକ୍ଷରୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରାଯାଉଛି। ବିଶେଷ ଭାବେ ଫିଜିକ୍ସ, କେମେଷ୍ଟ୍ରି, ଜିଓଲୋଜି ବିଷୟରେ ପଢୁଥିବା ଛାତ୍ରୀଛାତ୍ର ଅଧିକ ଲାଭ ନେଇପାରିବେ। ସେହିପରି ବିଶ୍ୱବିଦ୍ୟାଳୟ ପ୍ଲେସ୍‌ମେଣ୍ଟ ଅଧିକାରୀ ଚିନ୍ମୟ ପୁରୋହିତ କହିଛନ୍ତି, ଏହା ଏସ୍‌ୟୁ ପାଇଁ ବଡ଼ ସଫଳତା। ଏନ୍‌ସିବି ଓ ଏସ୍‌ୟୁ ମିଳିତ ଭାବେ ଶିକ୍ଷା ଓ ତାଲିମ ଉପରେ କାମ କରିବେ। ଛାତ୍ରୀଛାତ୍ର ଲାବରେଟୋରି ଓ ଅନ୍ୟ ସୁବିଧା ପାଇପାରିବେ। ସିମେଣ୍ଟ ସହିତ ଘର ନିର୍ମାଣ ସାମଗ୍ରୀ ଯାଞ୍ଚ କରିବାକୁ ମଧ୍ୟ ତାଲିମ ପାଇପାରିବେ। ସେମାନଙ୍କ ଦକ୍ଷତା ବିକାଶ ହେବ। ଖରାଛୁଟି ସମୟରେ ମଧ୍ୟ ପିଲାମାନେ ପଢ଼ିବାର ସୁବିଧା ପାଇପାରିବେ। ଏହାଛଡ଼ା ଏନ୍‌ସିବି ଏକ ଡିପ୍ଲୋମା କୋର୍ସ। ସିମେଣ୍ଟ ଓ ଘର ନିର୍ମାଣ ସାମଗ୍ରୀ ପରୀକ୍ଷା କରିବା ଉପରେ ପାଠ୍ୟକ୍ରମ ବ୍ୟବସ୍ଥା କରିଛି। ପିଜି କରିବା ପରେ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ଯୋଗାଇଦେବ ବୋଲି ମଧ୍ୟ ଏମ୍‌ଓୟୁ କରାଯାଇଛି ବୋଲି ସେ କହିଥିଲେ।

## ଶ୍ରୀମନ୍ଦିର ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କଲେ ୫-ଟି ସଚିବ

**ପୁରୀ ଅଫିସ, ୨୪।୩:** ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଗୁରୁବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ୫-ଟି ସଚିବ ପୁରୀରେ ପହଞ୍ଚିବା ପରେ ମରିଚିକୋଟ ଛକଠାରୁ ବ୍ୟାଟେରିଚାଳିତ ଗାଡ଼ିରେ ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଦର୍ଶନ ବ୍ୟବସ୍ଥା ଏବଂ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ।

# ଭୋଟ ବର୍ଜନ କଲେ ବସ୍ତି ବାସିନ୍ଦା

ବ୍ରହ୍ମପୁର ଅଫିସ,୨୪।୩

ବ୍ରହ୍ମପୁର ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମହାନଗର ନିଗମର ୪୨ ୱାର୍ଡ ନିମନ୍ତେ ହୋଇଥିବା ୨୫୦ ବୁଥ୍‌ରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ହୋଇଛି। ତେବେ ଭୋଟ ଗ୍ରହଣ ପ୍ରାରମ୍ଭରେ କେତୋଟି ବୁଥ୍‌ରେ ଇଭିଏମ୍ ଖରାପ ହେବା ଯୋଗୁ ଭୋଟ ଗ୍ରହଣରେ ବାଧା ଉପୁଜୁଥିଲା। ମହାନଗର ନିଗମ ଅନ୍ତର୍ଗତ ୧୬ ନଂ. ୱାର୍ଡର ୯୬ ନଂ. ବୁଥ୍‌ରେ ଇଭିଏମ୍ ଖରାପ ହେବାରୁ ଭୋଟରମାନଙ୍କୁ ଦୀର୍ଘ ସମୟ ଧରି ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡ଼ିଥିଲା। ପରେ ବ୍ରହ୍ମପୁର ପୌର ନିର୍ବାଚନ ଅଧିକାରୀ ଭି.କୀର୍ତ୍ତି ଭାସନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଏକ ଟିମ୍ ଆସି ଇଭିଏମ୍ ତ୍ରୁଟିରେ ସୁଧାର ଆଣିଥିଲେ। ଫଳରେ ଭୋଟ ଗ୍ରହଣ ସୁରୁଖୁରୁରେ ହୋଇଥିଲା। ତେବେ ସହରର ବହୁ ବସ୍ତି ବାସିନ୍ଦା ଘର ପଟ୍ଟା ମିଳି ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରି ଭୋଟ ବର୍ଜନ କରିଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନା ମିଛ ପ୍ରତିଶ୍ରୁତି ବୋଲି କହି ସ୍ଥାନୀୟ ବାସିନ୍ଦା ପ୍ରତିବାଦ କରିଥିଲେ। ଏଭଳି ଭାବେ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୧ନଂ ୱାର୍ଡର ଉତ୍ତରମୁଖୀ ସାହି ବାସିନ୍ଦାମାନେ ସାହି ମଧ୍ୟରେ ପଟ୍ଟା ନାହିଁ ତ ଭୋଟ ନାହିଁ ସ୍ଲୋଗାନ ଦେଇ ଭୋଟ ବର୍ଜନ କରିଥିଲେ। ସେହିପରି ୱାର୍ଡ ନଂ-୫ ପିଚିପିଚା ନଗର ଓ ୱାର୍ଡ ନଂ-୩୭ର ଗୌଡ ବନ୍ଧସାହି ବାସିନ୍ଦାମାନେ ମଧ୍ୟ ଭୋଟ ବର୍ଜନ କରିଛନ୍ତି। ସେହିଭଳି ୧୨ନଂ ୱାର୍ଡର ମୁସଲିମ ବସ୍ତି ଓ ପୂର୍ଣ୍ଣବାସୀ କଲୋନୀ ବାସିନ୍ଦା କେବଳ କର୍ପୋରେଟର ଭୋଟ ଦେଇଥିବା ବେଳେ ମେୟର ଭୋଟ ସମ୍ପୂର୍ଣ୍ଣ ବର୍ଜନ କରିଥିବା ଜଣାପଡ଼ିଛି।




ସାହି ମଧ୍ୟରେ ସ୍ଲୋଗାନ ଦେଇ ବସ୍ତି ବାସିନ୍ଦାଙ୍କ ଭୋଟ ବର୍ଜନ।

# ବନ୍ଧୁକ ଦେଖାଇ ଲୁଟିନେଲେ

ସାରସକଣା,୨୪।୩ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ଦିନକୁ ଦିନ ଲୁଟେରାଙ୍କ ଆତଙ୍କ ବଢ଼ି ଚାଲିଥିଲା ବେଳେ ପୋଲିସ ହାତବାନ୍ଧି ବସିଛି। ଗୁରୁବାର ସନ୍ଧ୍ୟାରେ ଖବରଦାତା ତପନ ଦଣ୍ଡପାଟ ବାରିପଦାରୁ ସାରସକଣା ଘରକୁ ଫେରୁଥିବା ସମୟରେ ଧାଙ୍ଗିଡିଶୋଳ ଛକ ନିକଟରେ ତାଙ୍କଠାରୁ ଲୁଟ୍ ହୋଇଛି। ୨ ଦୁର୍ବୃତ୍ତ ଗୋଟିଏ ନମ୍ବର ବିହୀନ ବାଇକ୍‌ରେ ଆସି ତାଙ୍କୁ ବନ୍ଧୁକ ଦେଖାଇ ୧୨୫୦ଟଙ୍କା ଲୁଟି ନେଇଥିଲେ। ଗତ ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ବସ୍‌ରୁ ଓହ୍ଲାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ସମୟରେ ଜଣେ ଯାତ୍ରୀଙ୍କଠାରୁ ଏକ କଳା ରଙ୍ଗର ପଲସର ଗାଡ଼ିରେ ଦୁଇଜଣ ଦୁର୍ବୃତ୍ତ ଆସି ମୋବାଇଲ ଛଡାଇ ନେଇ ଜାମଶୋଳା ପଟକୁ ପଳାଇଥିଲେ। ଗତ ଦୁଇ ଦିନ ମଧ୍ୟରେ ଅଞ୍ଚଳରେ ୪ଟି ଲୁଟ ହୋଇଥିବା ବେଳେ ଲୁଟେରାଙ୍କ ଟେର୍ ନ ମିଳିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ହାଇଦ୍ରାବାଦରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

## ଗାଁରେ ଶୋକାକୁଳ ପରିବେଶ

ବାହାନଗା, ୨୪।୩ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଇଚ୍ଛାପୁର ଗ୍ରାମର ଚନ୍ଦନ କୁମାର ନାୟକ(୨୩) ନାମକ ଯୁବକଙ୍କର ମୃତଦେହ ହାଇଦ୍ରାବାଦରେ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଛି। ପରିଚୟ ଜଣାପଡିବା ପରେ ତାଙ୍କ ପରିବାର ନିକଟକୁ ଖବର ଦିଆଯାଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହକୁ ଆଣି ବୁଧବାର ବିଳମ୍ବିତ ରାତିରେ ଗ୍ରାମରେ ପହଞ୍ଚିଥିଲେ। ପରେ ଅନ୍ତିମ ସଂସ୍କାର କରାଯାଇଥିଲା।

କମଳାକାନ୍ତ ନାୟକଙ୍କ ପୁଅ ଚନ୍ଦନ ହାଇଦ୍ରାବାଦରେ ଏକ ହୋଟେଲରେ କାମ କରୁଥିଲେ। ଗତ ୨୧ତାରିଖ ରାତିରେ ସେଠାରେ ରହୁଥିବା ଭଡ଼ା ଘର ଭିତରୁ ତାଙ୍କର ମୃତଦେହ ମିଳିଥିଲା। ଚନ୍ଦନଙ୍କ ମୃତ୍ୟୁ ହୋଇଥିବା ନେଇ ହୋଟେଲ ମାଲିକ ଜାଣିବା ପରେ ସ୍ଥାନୀୟ ପୋଲିସକୁ ଖବର ଦେଇ ଥିଲେ। ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଚନ୍ଦନଙ୍କ କିପରି ମୃତ୍ୟୁ ହେଲା ତାହ ସ୍ପଷ୍ଟ ହୋଇନାହିଁ।

# ଗୋଷ୍ଠୀ ସଂଘର୍ଷ : ଯୁବକ ମୃତ

## ୬ ଗିରଫ, ବାଳସୁଧାର ଗୃହ ଗଲେ ନାବାଳକ




ଗିରଫ ଅଭିଯୁକ୍ତମାନେ।

ପାତ୍ରପୁର,୨୪।୩ (ଡି.ଏନ.ଏ.)

ଗଞ୍ଜାମ ଜିଲା ଜରଡ଼ା ଥାନା କୁମ୍ଭାରଢ଼ିଅ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ କଥାକୁ ନେଇ ଦୁଇ ଗୋଷ୍ଠୀ ସଂଘର୍ଷରେ ଆଦିବାସୀ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁମ୍ଭାରଢ଼ିଅ ଗ୍ରାମର ଶଙ୍କର ପ୍ରଧାନ (୨୧)। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ମହିଳାଙ୍କ ସମେତ ୬ ଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଥିବା ବେଳେ ଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଗିରଫମାନେ ହେଲେ କୁମ୍ଭାରଢ଼ିଅର କନ୍ତାରୁ ବଡମୁଣ୍ଡି, ଜାଗିଲି ବଡମୁଣ୍ଡି, ଭଗବାନ ବଡମୁଣ୍ଡି, ରାଧି ବଡମୁଣ୍ଡି, ଶନି ବଡମୁଣ୍ଡି ଓ ରୁକୁଣା ବଡମୁଣ୍ଡି। ପ୍ରକାଶ ଯେ, କୌଣସି କଥାକୁ ନେଇ କୁମ୍ଭାରଢ଼ିଅ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଅପର ଗୋଷ୍ଠୀର କେତେଜଣ ଶଙ୍କରଙ୍କୁ ମାଡ଼ ମାରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଜରଡ଼ା ପୋଲିସ ନଂ. ୧୨୪/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଭାବାନନ୍ଦ ପ୍ରଧାନ କହିଛନ୍ତି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR
Tel.No.0663-2548268, E-mail id:serwcirclesbp@yahoo.com
No.671/Dated 22.03.2022

1st CORRIGENDUM TO BID IDENTIFICATION NO.BRIDGE TENDER ONLINE RWCSBP-51, 2021-22

**No.O-1873:** *Due to unavoidable circumstances following changes have been made in respect of the Bid ID No.BRIDGE TENDER ONLINE RWCSBP-51/2021-22.*

| Availability of Tender online for bidding | Last date & time for seeking clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|
| From 24.03.2022 at 11.00 A.M. to 07.04.2022 upto 5.00 P.M. | 02.04.2022 upto 1.00 P.M. | 08.04.2022 at 10.00 A.M. | Will be intimated later |
| Instead of | | | |
| From 15.03.2022 at 11.00 A.M. to 30.03.2022 upto 5.00 P.M. | 25.03.2022 upto 5.00 P.M. | 31.03.2022 at 11.00 A.M. | Will be intimated later |

All other terms and condition remain unchanged.

Sd./- Chief Construction Engineer, R.W.Circle, Sambalpur
OIPR-25091/11/0068/2122



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR
Tel.No.0663-2548268, E-mail id:serwcirclesbp@yahoo.com
e-Procurement No.663/Dated 22.03.2022

**No.O-1874:** *Chief Construction Engineer, Rural Works Circle, Sambalpur on behalf Odisha State Rural Roads Agency invites Percentage ( %) bids through e-Procurement from eligible class of experienced bidders for construction of roads and CD works including maintenance for 5 years of rural roads under* **Pradhan Mantri Gram Sadak Yojana PMGSY-III, Batch-I.**

| | | | |
|---|---|---|---|
| 1 | Name of Work | : | Construction of road and CD works including five year maintenance under PMGSY -III, Batch-I Package No. OR-03-245 |
| 2 | Class of Contractor | : | "A" and "B" Class |
| 3 | No. of Packages | : | 1 No. of Package |
| 4 | Estimated Cost | : | Approx. 206.24 Lakh (Information in DTCN will be Final) |
| 5 | Bid submission fee | : | Rs.10,000/- (Non-Refundable) per set of package |
| 6 | Mode of submission of tender | : | Only through online in website www.pmgsytenders.gov.in. |
| 7 | Summary of key dates are provided below: | | |

| Procurement Officer | Bid Identification No. | Availability of Tender online for bidding: From | To | Last date & time for seeking clarification | Last date and time of submission of Original documents | Date & Time of opening of tender: Technical Bid | Financial Bid |
|---|---|---|---|---|---|---|---|
| Chief Construction Engineer, Rural Works Circle, Sambalpur | PMGSY Online RWCSBP-52/2021-22 | 28.03.2022 From 11.00 A.M. | 12.04.2022 upto 05.00 P.M. | 11.04.2022 upto 1.00 P.M. | 18.04.2022 by 1.00 P.M. | 13.04.2022 at 10.00 A.M. | Will be intimated later |

"**Special conditions** 1-EPF registration is mandatory before drawl of agreement.2- Rate quoted by the contractor shall be excluding GST. 3.Original Bid Security declaration form. Bid submission fee and original affidavits should be submitted at the O/o Chief Construction Engineer, Rural Works Circle, Sambalpur Or O/o Executive Engineer/ Superintending Engineer of Concern Rural Works Division.
* Details can be seen from the e-procurement portal www.pmgsytenders.gov.in.
* Subsequent modification /corrigendum/ Addendum if required shall be appeared in the website only.

Sd./- Chief Construction Engineer,Rural Works Circle, Sambalpur
OIPR-25091/11/0069/2122



ତହସିଲଦାରଙ୍କ କାର୍ଯ୍ୟାଳୟ, କନିଶି, ଗଞ୍ଜାମ

ବିଜ୍ଞପ୍ତି ସଂଖ୍ୟା-୧୩୨୦/ସୈରାତ ତାରିଖ-୨୧.୦୩.୨୦୨୨

ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ
(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଅନୁଯାୟୀ)

No.F-342:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଗଞ୍ଜାମ ଜିଲ୍ଲା କନିଶି ତହସିଲ ଅନ୍ତର୍ଗତ ନିମ୍ନସ୍ଥ ସାରଣୀରେ ପ୍ରଦତ୍ତ ଦୁଇ(୨) ଗୋଟି ଲଘୁ ଖଣିଜ ଦ୍ରବ୍ୟ ସୈରାତ ଉତ୍ସକୁ ପାଞ୍ଚ (୫) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଜଉମୁଦଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ www.ganjam.nic.inରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି କନିଶି ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟଦିବସରେ ଯୋଗାଯୋଗ କରିପାରିବେ । ଦରଖାସ୍ତକାରୀ ଜଉମୁଦ ଲଫାପାରେ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର କନିଶି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ । ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା.୨୪.୦୩.୨୦୨୨ରିଖଠାରୁ ତା.୨୨.୦୪.୨୦୨୨ ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ସମୟ ଗତେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା.୨୫.୦୪.୨୦୨୨ ରିଖ ଦିବା ୧୧.୦୦ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ କରାଯିବ । କୌଣସି କାରଣରୁ ନିଲାମ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ନ ହୋଇପାରିଲେ ଦ୍ୱିତୀୟ ତା.୦୪.୦୫.୨୦୨୨ ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇପାରିଲେ ତୃତୀୟ ତା.୧୩.୦୫.୨୦୨୨ ରିଖରେ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ ।

ସଇରାତ ଉତ୍ସର ବିବରଣୀ

| କ୍ର. ସଂ. | ସଇରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୋୟାଲିଟିର ମୂଲ୍ୟ (ପ୍ରତି ଘନ ମି.) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନମି.) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନମି.) (ଟଙ୍କାରେ) | M.G.Q ଅନୁସାରେ ବାର୍ଷିକ ସୈରାତର ପରିମାଣ (ଘନମି)* | ଅଗ୍ରିମ ଦାଖଲ କରିବା ଅମାନତ ରାଶିର ପରିମାଣ (ଟଙ୍କାରେ) |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ପାଲୁର ହିଲ ପଥର ଉତ୍ସ | ପାଲୁର ହିଲ | ୪୨ | ୮୮/ଏ | ୫.୫୦ | ପର୍ବତ | ୧୩୦ | ୧୦୦ | ୨୩୦ | ୧୩୪୯୦* | ୧୦୦୦ |
| ୨ | ଝାଡାଙ୍କୁଲି ପଥର ଉତ୍ସ | ଝାଡାଙ୍କୁଲି | ୬୭୭ | ୧୭୯୪ | ୧୧.୭୯୮ | ପର୍ବତ | ୧୩୦ | ୧୦୦ | ୨୩୦ | ୨୦୦୦୦* | ୧୦୦୦ |

ବି.ଦ୍ର.:- ତାରକା ଚିହ୍ନିତ ସଂଖ୍ୟାଗୁଡିକ ଆବଶ୍ୟକସ୍ଥଳେ ପରିବର୍ତ୍ତନ/ବୃଦ୍ଧି କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

ସ୍ୱା./- ତହସିଲଦାର, କନିଶି, ଗଞ୍ଜାମ
OIPR-24218/11/0007/2122



IN THE COURT OF THE AUTHORISED OFFICER-CUM-ASST. CONSERVATOR OF FORESTS SAMBALPUR FOREST DIVISION

NOTICE

No.01, Dt.22.03.2022

**No.MM-397:** It is for information of all concerned owners of the following seized vehicles alongwith forest produce which have been seized for their involvement in forest offence for illegal transportation of forest produce by such vehicles.

Where as the seized vehicles alongwith the forest produce have been produced before the undersigned by the concerned Forest Officers for confiscation Proceeding under the provision of Section 56 (2-1) of the Orissa Forest Act, 1972 and accordingly confiscation proceeding have been initiated in the Court of the undersigned.

Therefore any person having claim over the following seized vehicles and forest produces are hereby asked to file their claim with all legal documents of transportation of seized forest produce within 15 (fifteen) days from the date of the publication of this notice failing which the seized vehicles alongwith the seized forest produce will be confiscated to the State.

**The details of Vehicles and Forest Produce seized.**

| Sl No. | Year. | C.C. No. | O.R. CASE No. | UD CASE No. | Range | Type of Vehicle. | Regd. No. |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | 2011-12 | 60 | 3 | | Padiabahal | Truck | OR 15 K 9651 |
| 2. | 2013-14 | 11 | 88 | | Sadar | Truck | WB 33 B 7480 |
| 3. | 2014-15 | 2 | | UD4 | Padiabahal | Mini Truck | OIS 4396 |
| 4. | 2014-15 | 3 | 27 | | Sadar | Truck | JH 02 K 1063 |
| 5. | 2014-15 | 4 | 28 | | Sadar | Truck | OD 17 A 6049 |
| 6. | 2014-15 | 5 | | UDC1 | Padiabahal | TVS Victor/Spl. Plus | CG04CB5I29/CG 06 1338 |
| 7. | 2014-15 | 6 | 30 | | Sadar | Commander Jeep | ORP 3624 |
| 8. | 2014-15 | 9 | 34 | | Sadar | Tata Ace/Maruti Van | Nil/OAU 8079 |
| 9. | 2014-15 | 11 | 31 | | Padiabahal | Tata Sumo | OR 09 C 9897 |
| 10. | 2014-15 | 12 | 42 | | Sadar | Truck | OR 11 J 3631 |
| 11. | 2014-15 | 14 | 34 | | Padiabahal | Mahindra Maxima | OR 15 S 2476 |
| 12. | 2014-15 | 18 | 34 | | Town | Tata Ace | OR 15 R 8779 |
| 13. | 2014-15 | 19 | | UD25 | Rengali | Tata Truck | MH 16 AY 1455 |
| 14. | 2014-15 | 23 | 125 | | Rengali | Tata Ace | OD 17 C 6277 |
| 15. | 2014-15 | 24 | 99 | | Sadar | One Tanker | OR 07 D 8257 |
| 16. | 2014-15 | 25 | 98 | | Sadar | Mini Truck | CG 04 J 1617 |
| 17. | 2014-15 | 27 | | UD51 | Rengali | Tata Ace | OD 15 3474 |
| 18 | 2014-15 | 28 | 148 | | Sadar | Maruti Van | OAU 8079 |
| 19 | 2014-15 | 29 | 42 | | Padiabahal | Maruti Van/ Motorcycle | MP 24G 1762/ ORQ 9643 |
| 20 | 2014-15 | 34 | | UDC 68 | Rengali | Marshall | OR 15 F 3549 |
| 21 | 2014-15 | 47 | | UDC 35 | Rengali | Maruti Van | OR 15 C 5191 |
| 22 | 2014-15 | 50 | OR-38 | UD 24 | Town | Jeep | OR 02 G 0223 |
| 23 | 2014-15 | 51 | OR-47 | UD 31 | Town | Piaggion Tempo | Regd.No. not affixed Eng. No. not visible Ch.No. HM45 3516 |
| 24 | 2015-16 | 1 | 1 | | Rengali | Maruti Van | WB 02 C 4478 |
| 25 | 2015-16 | 2 | 18 | | Rengali | Tata Ace/Hero Spl. | OR 17 G 1814/ OD 15 A 8169 |
| 26 | 2015-16 | 3 | 32 | | Rengali | Mahindra Bolero | OR 02 AL 6563 |
| 27 | 2015-16 | 6 | 7 | | Padiabahal | Tata 207 | OR 23 B 1879 |
| 28 | 2015-16 | 8 | | UD 7 | Town | Tata Ace | OR 15 R 3097 |
| 29 | 2015-16 | 9 | 56 | | Sadar | 407 Truck | OR 15 E 9107 |
| 30 | 2015-16 | 10 | 90 | UDC 15 | Sadar | Jeep | OSS 5532 |
| 31 | 2015-16 | 18 | | | Sadar | Tata Ace Van | OD 15 C 5360 |
| 32 | 2015-16 | 20 | 40 | | Sadar | Pickup Van | OD 15 C 1568 |
| 33 | 2015-16 | 21 | 22 | | Town | Tata Ace | OD 15 B 6787 |
| 34 | 2015-16 | 22 | 113 | | Sadar | Mahindra Pickup Van | OD 15 E 0882 |
| 35 | 2015-16 | 35 | 64 | | Dhama | S.K.Dansana.Fr. | OR 23 C 2582 |
| 36 | 2015-16 | 36 | OR 80 | UD 5 | Dhama | Tata Sumo | WB 02 P 7461 |
| 37 | 2015-16 | 37 | UDC 18 | | Padiabahal | Tata Ace | OR 23 B 7408 |
| 38 | 2015-16 | 38 | OR 24 | UD 18 | Town | Tata Magic | OR 15 P 9374 |
| 39 | 2015-16 | 39 | 158 | | Rengali | Maruti Omni Van | OR 15 D 3548 |
| 40 | 2015-16 | 40 | OR 6 | UD 6 | Town | Tata Magic | OR 15 M 1223 |
| 41 | 2015-16 | 42 | 54 | | Sadar | Maruti Van | CG 04 ZP 4519 |
| 42 | 2015-16 | 43 | 158 | | Sadar | One Auto | OD 15 D 4737 |
| 43 | 2015-16 | 44 | 28 | | Town | Mahindra Trolly Tempo | OR 17 G 0655 |
| 44 | 2015-16 | 45 | 159 | | Sadar | Tata 207 | OR 15 Q 8069 |
| 45 | 2015-16 | 46 | 160 | | Sadar | Tata 207 | OR 19 9113 |
| 46 | 2015-16 | 47 | 156 | | Sadar | Tractor/Trolly | OR 15 R 0451/ OR 15 R 0452 |
| 47 | 2015-16 | 59 | 185 | | Sadar | Hero Honda M/C | OD 15 A 1730 |
| 48 | 2015-16 | 61 | | UD 32 | Town | Tempo | OR-17-E-7735 |
| 49 | 2015-16 | 66 | | UD 17 | Town | TATA ACE | OR-15-N-6574 |
| 50 | 2016-17 | 2 | | UD 7 | Rengali | Bolero | OR-23-B-8429 |
| 51 | 2016-17 | 3 | | UD 11 | Padiabahal | Bolero | OD-15-A-7457 |
| 52 | 2016-17 | 5 | | UD 2 | Rengali | Mahindra Pickup Van | Eng AB41B15483 |
| 53 | 2016-17 | 8 | 72 | | Padiabahal | Bolero Pickup Van | OR-16-B-1141 |
| 54 | 2016-17 | 9 | | UD 14 | Padiabahal | Maruti Omni | OR-15-E-8631 |
| 55 | 2016-17 | 10 | | UD 14 | Town | Mahindra Pickup Truck | OD-23-4083 |
| 56 | 2016-17 | 17 | 126 | | Sadar | 2 Nos. of M/Cycle UNICORN | OD-15-D-8134 & OR-15-R-5029 |
| 57 | 2017-18 | 1 | 3 | | Town | Maruti Van | OR-15-J-5225 |
| 58 | 2017-18 | 4 | | UD-01 | Padiabahal | TRUCK | OR-15-M-8658 |
| 59 | 2017-18 | 5 | 78 | | Sadar | CAR | WB-02-F-2538 |
| 60 | 2017-18 | 6 | | UD-12 | Town | Bolero Pickup | OR-03-F-9776 |
| 61 | 2017-18 | 8 | | UD-15 | Town | TATA-407 | OR-15-U-4744 |
| 62 | 2017-18 | 13 | 24 | | Town | TATA Pickup | JH-01-CS-7084 |
| 63 | 2018-19 | 4 | 1 | | Town | Maruti Van | MP-23-B-5679 |
| 64 | 2018-19 | 7 | | UD-5 | Sadar | Maruti Omni | WB-02-F-2538 |
| 65 | 2018-19 | 8 | | UD-6 | Sadar | TATA -407 | OR-28-2481 |
| 66 | 2018-19 | 9 | | UD-8 | Sadar | Tempo | Eng.S8D8839261 Ch. MCG27P3DK |
| 67 | 2018-19 | 10 | | UD-8 | Padiabahal | TATA-407 | OR-15-J-3429 |
| 68 | 2018-19 | 12 | | UD-14 | Town | TATA-709 | CG-04-ZB-2016 |
| 69 | 2018-19 | 13 | | UD-18 | Rengali | TATA-407 | OR-28-2481 |
| 70 | 2018-19 | 14 | | UD-15 | Town | Bolero Pickup | OR-02-BF-6501 |
| 71 | 2018-19 | 15 | 38 | | Padiabahal | TATA Pickup | OR-02-AP-3915 |
| 72 | 2019-20 | 1 | | UD-1 | Sadar | Tempo | OR-15-P-8633 |
| 73 | 2019-20 | 2 | | UD-8 | Rengali | Bolero Pickup | CG-04-JD-3308 |
| 74 | 2019-20 | 3 | | UD-3 | Sadar | TATA - 407 | OR-15-B-3121 |
| 75 | 2019-20 | 4 | | UD-6 | Sadar | TATA-407 | OR-16-8977 |
| 76 | 2019-20 | 5 | | UD-11 | Rengali | TATA ACE | OD-15-K-8546 |
| 77 | 2019-20 | 6 | 64 | | Sadar | TATA ACE | OD-15-A-1080 |
| 78 | 2019-20 | 7 | | UD-12 | Rengali | TATA-207 | OR-02-Y-4569 |
| 79 | 2019-20 | 8 | | UD-4 | Dhama | Bolero pick up | WB-29-B-2965 |
| 80 | 2019-20 | 9 | | UD-1 | Padiabahal | TATA ACE | OD-16-E-7526 |
| 81 | 2019-20 | 10 | 26 | | Town | Van | OR-15-B-4813 |
| 82 | 2019-20 | 11 | 42 | | Padiabahal | TATA-407 | OR-23-C-7424 |
| 83 | 2019-20 | 12 | | UD-6 | Dhama | AUTO | OD-15-H-4026 |
| 84 | 2019-20 | 14 | | UD-16 | Town | TATA ACE | OR-16-C-9846 |
| 85 | 2019-20 | 15 | | UD-23 | Sadar | Truck | OD-15-G-4462 |
| 86 | 2019-20 | 16 | | UD-24 | Sadar | Bolero Pickup | OD-15-A-9681 |
| 87 | 2019-20 | 17 | 28 | | Dhama | MARUTI OMINI | OR-15-C-4729 |

Sd./-Authorised Officer-cum-Asst.Conservator of Forests, Sambalpur Forest Division
OIPR-08104/11/0005/2122




କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଗୁରୁବାର ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶାର ଦୁଇ ପ୍ରତିଯୋଗୀ କୁଳଦୀପ ସାହୁ ଓ ମିହିରକାନ୍ତ ସେଠୀ ଭାରୋତ୍ତୋଳନ କରୁଛନ୍ତି।

# କୁଳଦୀପ, ମିହିରକାନ୍ତଙ୍କୁ ସ୍ୱର୍ଣ୍ଣ ପଦକ

**ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍**

■ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଗୁରୁବାର ଓଡ଼ିଶା ପ୍ରତିଯୋଗୀ ଆକର୍ଷଣୀୟ ପ୍ରଦର୍ଶନ କରି ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। କୁଳଦୀପ ସାହୁ ଓଡ଼ିଶାର ସ୍ୱର୍ଣ୍ଣ ପଦକ ଖାତା ଖୋଲିଥିବାବେଳେ ମିହିରକାନ୍ତ ସେଠୀ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି।

୭୩କେଜି ୟୁଥ୍ ପୁରୁଷ ବର୍ଗରେ କୁଳଦୀପ ସ୍ନାଚରେ ୧୧୯ ଓ କ୍ଲିନ ଆଣ୍ଡ ଜର୍କରେ ୧୪୬ କେଜି ସହ ମୋଟ ୨୬୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ଆନ୍ଧ୍ରପ୍ରଦେଶର ବି. ଭେଙ୍କଟ କ୍ରିଷ୍ଣା ୨୬୩ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ଦିଲ୍ଲୀର ଶିବ ଚୌଧୁରୀ ମୋଟ ୨୫୨ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୭୩ କେଜି ଆନ୍ତଃରାଜ୍ୟ ସିନିୟର ପୁରୁଷ ବର୍ଗରେ ଓଡ଼ିଶାର ମିହିରକାନ୍ତ ସେଠୀ ସ୍ନାଚରେ ୧୨୭ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୩ କେଜି ସହିତ ମୋଟ ୨୯୦ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ଚଣ୍ଡିଗଡର ଗଙ୍ଗା ସିଂ ମୋଟ ୨୮୮କେଜି ଉତ୍ତୋଳନ କରି ରୌପ୍ୟ ଏବଂ କେରଳର ବି. ଦେବପ୍ରୀଧନ ମୋଟ ୨୮୭କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ୭୩ କେଜି ସିନିୟର ବର୍ଗରେ ମିହିରକାନ୍ତ ମୋଟ ୨୯୦ କେଜି ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ଆର୍‌ଏସ୍‌ପିବିର ଏନ. ଆଜିଥ ମୋଟ ୨୯୭ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଚଣ୍ଡିଗଡର ଗଙ୍ଗା ସିଂ ମୋଟ ୨୮୮କେଜି ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ପୁରୁଷ ୭୩ କେଜି ଜୁନିୟର ବର୍ଗରେ କର୍ଣ୍ଣାଟକର ପ୍ରଜ୍ୱଳ ମୋଟ ୨୭୭କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ରାଜସ୍ଥାନର ନୈତିକ ଜାଙ୍ଗିଦ ମୋଟ ୨୭୧ କେଜି ସହ ରୌପ୍ୟ ଏବଂ ଆନ୍ଧ୍ରପ୍ରଦେଶର ଜେ. କୋଟେଶ୍ୱର ରାଓ ୨୭୧ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ନ୍ୟୁଜିଲାଣ୍ଡ, ସ୍ପେନ୍ ମ୍ୟାଚ ଭାରତ ଆୟୋଜନ କରିବ

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ଚଳିତ ସଂସ୍କରଣ ଶେଷ ହୋଇ ନ ଥିବାବେଳେ ୨୦୨୨-୨୩ ସଂସ୍କରଣ ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଗୁରୁବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ବିପକ୍ଷ ମ୍ୟାଚ ଭାରତରେ ଆୟୋଜନ ହେବ ଏବଂ ଏହିଠାରୁ ହିଁ ଭାରତୀୟ ଦଳର ଅଭିଯାନ ଆରମ୍ଭ ହେବ। ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୨୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହାପରେ ୩୦ରେ ସ୍ପେନ୍‌କୁ ଭେଟିବ। ସେହିପରି ରିଟର୍ନ ଲେଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ଓ ସ୍ପେନ ବିପକ୍ଷରେ ଯଥାକ୍ରମେ ନଭେମ୍ବର ୪ ଓ ୬ ତାରିଖରେ ଖେଳିବ। ଉଭୟ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ମଧ୍ୟ ନିଜ ମଧ୍ୟରେ ୨ଟି ମ୍ୟାଚ ଅକ୍ଟୋବର ୨୯ ଓ ନଭେମ୍ବର ୫ରେ ଖେଳିବେ।

**ବିଶ୍ୱକପ୍ ପୂର୍ବରୁ ଭଲ ପ୍ରସ୍ତୁତି: ରିଡ୍**

ଭାରତର କାର୍ଯ୍ୟସୂଚୀକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍। ୨୦୨୩ ବିଶ୍ୱକପ ପୂର୍ବରୁ ଭାରତ ଘରୋଇ ପରିବେଶରେ ଭଲ ଅଭ୍ୟାସ କରିପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୨୦୨୩ରେ ଭାରତ ଘରୋଇ ପରିବେଶରେ ଜର୍ମାନୀ ଓ ଅଷ୍ଟ୍ରେଲିଆକୁ ଭେଟିବ। ମାର୍ଚ୍ଚ ୧୦ରେ ଜର୍ମାନୀକୁ ଭେଟିବା ପରେ ୧୨ ତାରିଖରେ ଅଷ୍ଟ୍ରେଲିଆ ସହିତ ଖେଳିବ। ସେହିପରି ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଚରଣ ମ୍ୟାଚ ଯଥାକ୍ରମେ ମାର୍ଚ୍ଚ ୧୩ ଓ ୧୫ ତାରିଖରେ ଅନୁଷ୍ଠିତ ହେବ। ଜର୍ମାନୀ ଓ ଅଷ୍ଟ୍ରେଲିଆ ମଧ୍ୟ ପରସ୍ପର ବିପକ୍ଷରେ ୨ଟି ମ୍ୟାଚ ଭାରତରେ ଖେଳିବେ। ଅଲିମ୍ପିକ୍ ଚକ୍ରକୁ ଦୃଷ୍ଟିରେ ରଖି ୨୦୨୩ ମେ-ଜୁନ୍‌ରେ ଭାରତୀୟ ଦଳ ୟୁରୋପ ଗସ୍ତ କରି ବାହାର ପରିବେଶରେ ମ୍ୟାଚ ଖେଳିବ। ଏହି କ୍ରମରେ ଦଳ ଅଲିମ୍ପିକ୍ ଚାମ୍ପିୟନ ବେଲ୍‌ଜିୟମ ବିପକ୍ଷରେ ମେ' ୨୬ ଓ ଜୁନ୍ ୨, ଗ୍ରେଟ୍ ବ୍ରିଟେନ ସହିତ ମେ ୨୭ ଓ ଜୁନ୍ ୩, ନେଦରଲାଣ୍ଡ୍ସ ବିପକ୍ଷରେ ୭ ଓ ୧୦ ଜୁନ୍ ଏବଂ ଆର୍ଜେଣ୍ଟିନା ସହିତ ଜୁନ୍ ୮ ଓ ୧୧ ତାରିଖରେ ମ୍ୟାଚ ଖେଳିବ। ଗୋଟିଏ ସ୍ଥାନରେ ଏକାଧିକ ଦଳକୁ ଭେଟିବାର ଥିବାରୁ ଆନନ୍ଦ ପ୍ରକାଶ କରିଛନ୍ତି ରିଡ୍। ''ଏଫ୍‌ଆଇଏଚ୍ ଚଳିତବର୍ଷରୁ ଗୋଟିଏ ସ୍ଥାନରେ ଏକାଧିକ ଦଳର ମ୍ୟାଚ ରଖି ପରୀକ୍ଷା କରିବାକୁ ଚାହୁଁଛି। ଫଳରେ ଏହା ଏକ ପାରମ୍ପରିକ ଟୁର୍ନାମେଣ୍ଟ ପରି ମନେହେବ। ମୋ ମତରେ ଏହା ଖୁବ୍ ଭଲ। ଏହାଦ୍ୱାରା ପ୍ରତିଯୋଗିତା ମଝିରେ ଗୋଟିଏ ଦଳ ବିପକ୍ଷରେ ଭିନ୍ନ ରଣନୀତି ପ୍ରସ୍ତୁତି ପାଇଁ ସୁଯୋଗ ରହିବ'' ବୋଲି ସେ କହିଛନ୍ତି।

# ପାକିସ୍ତାନ ୨୭୮ ରନ କଲେ ଜିତିବ

**ଲାହୋର, ୨୪।୩**

ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ଚାଲିଥିବା ଅଷ୍ଟ୍ରେଲିଆ-ପାକିସ୍ତାନ ତୃତୀୟ କ୍ରିକେଟ ଟେଷ୍ଟ ରୋମାଞ୍ଚକ ମୋଡ଼ ନେଇଛି। ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସକୁ ୨୨୭/୩ରେ ଘୋଷଣା କରିବା ପରେ ପାକିସ୍ତାନ ସମ୍ମୁଖରେ ୩୫୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗୁରୁବାର ୪ର୍ଥ ଦିବସ ଖେଳ ଶେଷ ବେଳକୁ ପାକିସ୍ତାନ ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୭୩ ରନ ସଂଗ୍ରହ କରି ନେଇଛି। ଫଳରେ ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ପାକିସ୍ତାନ ଅନ୍ତିମ ଦିବସରେ ବିଜୟ ପାଇଁ ଆଉ ୨୭୮ ରନ ଆବଶ୍ୟକ କରୁଛି।

**ଖ୍ୱାଜାଙ୍କ ଶତକ**

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୧/୦ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଉସମାନ ଖ୍ୱାଜାଙ୍କ ଶତକ ସହାୟତାରେ ୩ ଉଇକେଟରେ ୨୨୭ ରନ କରିଥିବାବେଳେ ଇନିଂସ ଘୋଷଣା କରିଥିଲା। ଖ୍ୱାଜା ୧୭୮ ବଲ୍‌ରୁ ସର୍ବାଧିକ ୧୦୪ରନ କରି ଅପରାଜିତ ରହିଥିବାବେଳେ ଡେଭିଡ ୱାର୍ନର ୫୧ ଓ ମାର୍ନସ ଲାବୁସେନ ୩୬ ରନର ଯୋଗଦାନ ଦେଇଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଆଫ୍ରିଦୀ ଓ ନସିବ ଶାହା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଉସମାନ ଖ୍ୱାଜା।

ଟାର୍ଗେଟ ଧାର୍ଯ୍ୟ ହେବା ପରେ ପାକିସ୍ତାନର ଦୁଇ ଓପନର ସତର୍କତାର ସହିତ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆକୁ ଚିନ୍ତାରେ ପକାଇଛନ୍ତି। ୭୩ ରନ ପର୍ଯ୍ୟନ୍ତ କୌଣସି ଉଇକେଟ ପଡ଼ି ନ ଥିବାରୁ ଅନ୍ତିମ ଦିବସରେ ପାକିସ୍ତାନକୁ ଶୀଘ୍ର ଅଲ୍‌ଆଉଟ କରିବା ଅଷ୍ଟ୍ରେଲିଆର ମୁଖ୍ୟ କାର୍ଯ୍ୟ ହେବ। ନଚେତ ପାକିସ୍ତାନ ମ୍ୟାଚ ଜିତିଯିବ। ଅବଦୁଲା ଶାଫିକ୍ ୬୯ ବଲ୍‌ରୁ ୨୭ ଓ ଇମାମ୍-ଉଲ୍-ହକ୍ ୯୩ ବଲ୍‌ରୁ ୪୨ ରନକରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୯୧। ପାକିସ୍ତାନ ପ୍ରଥମ ଇନିଂସ: ୨୬୮। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୨୭/୩/ଘୋଷଣା (ଉସମାନ ଖ୍ୱାଜା-୧୦୪*, ଡେଭିଡ ୱାର୍ନର-୫୧)। ପାକିସ୍ତାନ ଦ୍ୱିତୀୟ ଇନିଂସ: ୭୩/୦।

# ଏସୀୟ ଜୁଜୁଟ୍‌ସୁରେ ଭାଗନେବେ ଅନୁପମା



ମୁମ୍ବାଇ ଯାତ୍ରା ପୂର୍ବରୁ ଗୁରୁବାର ଉତ୍କଳ କରାଟେ ସ୍କୁଲ୍‌ରେ ଅନୁପମା ସ୍ୱାଇଁଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୨୭ରୁ ୩୧ ପର୍ଯ୍ୟନ୍ତ ବାହାରିନ୍‌ଠାରେ ୬ଷ୍ଠ ଏସୀୟ ଜୁଜୁଟ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଅନ୍ତର୍ଜାତୀୟ ପ୍ରତିଯୋଗୀ ଅନୁପମା ସ୍ୱାଇଁ ଅଂଶଗ୍ରହଣ କରିବେ। ଏଥିପାଇଁ ଅନୁପମା ଗୁରୁବାର ମୁମ୍ବାଇ ଯାଇଛନ୍ତି। ସେଠାରୁ ଭାରତୀୟ ଦଳ ସହ ସେ ବାହାରିନ ଯିବେ। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ଏସୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଅନୁପମା ନେୱାଜା, ନୋ ଗି ଓ କଣ୍ଟାକ୍ଟ ଜୁଜୁଟ୍‌ସୁର ୫୨ କେଜି ଓଜନ ବର୍ଗରେ ଭାରତର ପ୍ରତିନିଧିତ୍ୱ କରିବେ। ଅନୁପମା ଏହା ପୂର୍ବରୁ ଅନେକ ପ୍ରତିଯୋଗିତାରେ ସଫଳତା ଅର୍ଜନ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ସେ କ୍ରମାଗତ ୩ୟଥର ଜାତୀୟ ଜୁଜୁଟ୍‌ସୁ ଚାମ୍ପିୟନ ହୋଇଛନ୍ତି। ଏହା ବ୍ୟତୀତ ଥାଇଲାଣ୍ଡ ଓପନ ଜୁଜୁଟ୍‌ସୁ ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍‌ରେ ବ୍ରୋଞ୍ଜ ଏବଂ ୫ମ ଏସୀୟ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଆଗାମୀ ଜାତୀୟ ପ୍ରତିଯୋଗିତାରୁ ସେପ୍ଟେମ୍ବରରେ ହେବାକୁଥିବା ଏସିଆନ ଗେମ୍ସର ଜୁଜୁଟ୍‌ସୁ ଇଭେଣ୍ଟ ନିମନ୍ତେ ଖେଳାଳି ମନୋନୟନ ହେବ। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମାଙ୍କୁ ତାଙ୍କ ପ୍ରଶିକ୍ଷଣକେନ୍ଦ୍ର ଉତ୍କଳ କରାଟେ ସ୍କୁଲ ଓ ଓଡ଼ିଶା ଜୁଜୁଟ୍‌ସୁ ଆସୋସିଏଶନ ପକ୍ଷରୁ ଗୁରୁବାର ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଓଡ଼ିଶାର ଇନିଂସ ପରାଜୟ

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି):** ତ୍ରିଭେନ୍ଦ୍ରମ୍‌ର ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମରେ ଅନୁଷ୍ଠିତ ୨୫ ବର୍ଷରୁ କମ୍ ବିସିସିଆଇ ସିକେ ନାୟୁଡୁ ଟ୍ରଫି କ୍ରିକେଟ (ଏଲିଟ ଗ୍ରୁପ୍-ସି) ମ୍ୟାଚରେ ଓଡ଼ିଶା ପ୍ରତିପକ୍ଷ ଝାଡ଼ଖଣ୍ଡଠାରୁ ଇନିଂସ ପରାଜୟ ବରଣ କରିଛି। ଝାଡ଼ଖଣ୍ଡର ପ୍ରଥମ ଇନିଂସ ସ୍କୋର ୪୫୨ ରନ ଜବାବରେ ଓଡ଼ିଶା ଗୁରୁବାର ୨୫୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଆଶୀର୍ବାଦ ସ୍ୱାଇଁ(୧୦୯ ରନ)ଙ୍କ ଶତକ ଓ ଦେବାଶିଷ ସାମନ୍ତରାୟଙ୍କ ୬୧ ରନ ସତ୍ତ୍ୱେ ଓଡ଼ିଶା ବଡ଼ ସ୍କୋର କରିପାରି ନ ଥିଲା। ଝାଡ଼ଖଣ୍ଡର ମନିଷ ୫୫ ରନ ବିନିମୟରେ ୮ ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଫଲୋଅନ ଡାକରା ପାଇଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ମାତ୍ର ୧୧୧ ରନକରିବାକୁ ସକ୍ଷମ ହୋଇଥିଲା। କାର୍ତ୍ତିକ ବିଶ୍ୱାସ ସର୍ବାଧିକ ୨୧ ରନ କରିପାରିଥିଲେ। ଝାଡ଼ଖଣ୍ଡ ବୋଲର ବିନାୟକ ବିକ୍ରମ ୫ଟି, ମନିଷ ୩ଟି ଓ ସାହିଲ ରାଜ ୨ଟି ଉଇକେଟ ନେଇଥିଲେ।

# ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ

**ୱେଲିଂଟନ, ୨୪।୩ (ପି.ଟି.)**

ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଦଳଭାବେ ଚଳିତ ମହିଳା କ୍ରିକେଟ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ ବର୍ଷା ଯୋଗୁ ବାତିଲ ହେବାରୁ ପଏଣ୍ଟ ଭାଗ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ୬ ମ୍ୟାଚରୁ ୯ ପଏଣ୍ଟ ସହିତ ସେମିଫାଇନାଲ ଖେଳିବା ପକ୍କା କରିଛି। ପୂର୍ବରୁ ଅଷ୍ଟ୍ରେଲିଆ ୬ ମ୍ୟାଚରୁ ୧୨ ପଏଣ୍ଟ ସହିତ ସେମିରେ ପହଞ୍ଚିଥିଲା। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନକୁ ୯ ଉଇକେଟରେ ହରାଇ ଇଂଲଣ୍ଡ ଏହାର ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ କରିଛି। କ୍ରମାଗତ ୩ ପରାଜୟ ପରେ ଏହି ଦଳ ବିଜୟରେ ହ୍ୟାଟ୍ରିକ କରି ଆଗକୁ ବଢ଼ିଛି। ଏହି ଦଳ ୬ ମ୍ୟାଚରୁ ୬ ପଏଣ୍ଟ ପାଇଛି। ଭାରତ ୬ ମ୍ୟାଚରୁ ୬ ପଏଣ୍ଟ ସହିତ ୫ମ ସ୍ଥାନକୁ ଖସିଛି। ଭାରତ ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷ ଶେଷ ଲିଗ୍ ମ୍ୟାଚ ବିଶେଷ ଗୁରୁତ୍ୱ ରଖିବ।

# ଅମିତ ଟାଏକୋଣ୍ଡୋର କୃତୀ ପ୍ରତିଯୋଗୀ ପୁରସ୍କୃତ

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)**

ନିମାପଡ଼ାସ୍ଥିତ ଅମିତ ଟାଏକୋଣ୍ଡୋ ଆସୋସିଏଶନର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀରେ ଇଣ୍ଡିଆନ ଟାଏକୋଣ୍ଡୋ ୟୁନିୟନ ଦ୍ୱାରା ଆୟୋଜିତ ଓପନ ନ୍ୟାଶନାଲ ଅନ୍‌ଲାଇନ୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ର ସିନିୟର, ଜୁନିୟର, ସବ୍‌ଜୁନିୟର, କିଡ୍ସ, କ୍ୟାଡେଟ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ୨୪ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଗର ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସାଇସ୍ମୃତି ପରିଡ଼ା, ଲିପ୍‌ସାରାଣୀ ରାଉତରାୟ, ଦୀପଶିଖା ମିଶ୍ର, ଆଇନେକ୍ସ ଦାଶ ଓ ଗୌରବ ଦାଶ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନୁଷ୍ଠାନର ମୁଖ୍ୟ କୋଚ୍ ଅସିତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ସାମାଜିକ କର୍ମୀ ତଥା ମ୍ୟାନେଜର ସୁରେଶ ଚନ୍ଦ୍ର ଦାଶ ଓ କ୍ରୀଡ଼ାବିତ୍ ନିର୍ମଳ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।



ଅମିତ ଟାଏକୋଣ୍ଡୋ ଆସୋସିଏଶନର ପୁରସ୍କୃତ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ।

# ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳି ଓ ଅଫିସିଆଲ୍।

**ଧର୍ମଶାଳା,୨୪।୩ (ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୨୪ତମ ଡିଫାକପ ଓ ଚତୁର୍ଥ ରଣଜିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ବାଣୀପୀଠ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ୟୁନାଇଟେଡ୍ କ୍ଲବ ଭଦ୍ରକ ୱାଇଏଏଫ୍‌ସି ଚୌଦ୍ୱାରକୁ ୧-୦ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ୟୁନାଇଟେଡ କ୍ଲବ ଭଦ୍ରକର ବିଜୟ କିସ୍‌କୁ ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଡିଫା କ୍ଲବ୍ ସଭାପତି ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଚହଟା ସରପଞ୍ଚ ସୁମିତ୍ରା ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ଯାଜପୁର ରଗ୍‌ବୀ ଆସୋସିଏଶନ ସମ୍ପାଦକ ଭରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଜୟୀ ଟିମ୍‌ର ବିଜୟ କିସ୍‌କୁ ଗୋଟିଏ ଗୋଲ ଦେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଅତିଥି ପୁରସ୍କୃତ କରିଥିଲେ। ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁକ୍ରବାର ଅଲ୍‌ଟିମେଟ ଚାମ୍ପିୟନ କଟକ ଓ ନେତାଜୀ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।


## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ରମେଶ ଚନ୍ଦ୍ର ସ୍ୱାଇଁ**
ଗାଡ଼କଣ, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୧୬।୦୮।୧୯୫୯
ତିରୋଧାନ: ୦୯।୦୩।୨୦୧୮
ଚୈତ୍ରମାସ, କୃଷ୍ଣପକ୍ଷ, ଅଷ୍ଟମୀ ତିଥି
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଆପଣଙ୍କ: ପତ୍ନୀ, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୩୪୬୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କୃଷ୍ଣପ୍ରିୟା ମିଶ୍ର**
ଜନ୍ମ-୦୯।୦୮।୧୯୪୪
ତିରୋଧାନ- ୧୬।୦୩।୨୦୨୨
ଚାହୁଁ ଚାହୁଁ ଦଶଦିନ ହୋଇଗଲା, ଲାଗୁଛି ତୁମେ ଆମ ସହିତ ରହିଚ। ତୁମ ସ୍ନେହ, ମମତା, କର୍ତ୍ତବ୍ୟନିଷ୍ଠା ଚିର ସ୍ମରଣୀୟ ହୋଇ ରହିବ। ଜୀବନର ସତ୍ୟ ଆମକୁ ମାନିବାକୁ ପଡ଼ିବ। ତୁମେ ଆଜି ଅବର୍ତ୍ତମାନ ଆମ ପାଇଁ। ଆମ ସ୍ମୃତିରେ କିନ୍ତୁ ତୁମେ ଚିର ଜୀବିତ। ତୁମ ଆତ୍ମାର ନିଶ୍ଚୟ ସଦ୍‌ଗତି ହେବ।
ଶୋକସନ୍ତପ୍ତ: ପୁଅ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ, ଝିଆରୀ, ଝିଆରୀ ଜ୍ୱାଇଁ, ଭଣଜା, ଭାଣେଜୀ, ଭଣଜାବୋହୂ, ଭାଣେଜୀ ଜ୍ୱାଇଁ, ନାତି, ନାତୁଣୀ ଓ ସ୍ଥାନୀୟ ବାସିନ୍ଦା।
ଧ-୨୩୪୬୧

ଆଇପିଏଲ୍-୧୫

# ନଜରରେ ଯୁବ ଖେଳାଳି

ଦିନକପରେ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ୍ର ୧୫ତମ ସଂସ୍କରଣ। ଏହି ବ୍ୟୟବହୁଳ ଲିଗ୍ ଯୁବ ଖେଳାଳିଙ୍କ ପାଇଁ ଭଲ ପ୍ଲାଟ୍ଫର୍ମ ବିବେଚିତ ହୋଇଆସିଛି। ଏଥର ମଧ ଆଇପିଏଲ୍ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଯୁବ ଖେଳାଳିମାନେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରିବା ଲକ୍ଷ୍ୟରେ ଅଛନ୍ତି। ଏପରି କେତେଜଣ ଯୁବ ଖେଳାଳିଙ୍କୁ ନେଇ ଏହି ଉପସ୍ଥାପନା...

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣ ମାର୍ଚ୍ଚ ୨୬ରୁ ଆରମ୍ଭ ହେବାକୁ ଯାଉଛି। ଆଇପିଏଲ୍ ସର୍ବଦା ଯୁବ ଖେଳାଳିଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଭଲ ପ୍ଲାଟ୍ଫର୍ମ ହୋଇ ପାରିଛି। ଏଥିରେ ଭଲ ପ୍ରଦର୍ଶନ କରି ଅନେକ ଖେଳାଳି ଜାତୀୟ ଦଳରେ ସୁଯୋଗ ପାଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମ୍ରାଙ୍କ ପରି ତାରକା ଖେଳାଳି ଏହି ଆଇପିଏଲ୍ରେ ହିଁ ଶ୍ରେଷ୍ଠ ପ୍ରଦର୍ଶନ କରି ଆଗକୁ ବଢ଼ିଛନ୍ତି। ସେହିପରି ଆଇପିଏଲ୍-୨୦୨୨ର କେତେକ ଯୁବ ଖେଳାଳିଙ୍କୁ ନେଇ ଏହି ଉପସ୍ଥାପନା...

**ଯାଶ୍ ଧୁଲ୍:** ନିଜ ନେତୃତ୍ୱରେ ଭାରତକୁ ୧୯ ବର୍ଷରୁ କମ୍ ବିଶ୍ୱକପ କ୍ରିକେଟ ଚାମ୍ପିୟନ କରାଇଥିବା ଯାଶ୍ ଧୁଲ୍ ଏବେ ଜଣେ ଚର୍ଚ୍ଚିତ ଖେଳାଳି। ପ୍ରଶଂସକମାନେ ତାଙ୍କୁ ଆଗାମୀ ଆଇପିଏଲ୍ରେ ଦେଖିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ଅତୀତରେ ବିରାଟ କୋହଲି ଓ ପୃଥ୍ୱୀ ଶ'ଙ୍କ ଅଧିନାୟକ ଦକ୍ଷତା ସହ ବର୍ତ୍ତମାନ ଧୁଲ୍ଙ୍କୁ ତୁଳନା କରାଯାଉଛି। ତାଙ୍କୁ ଏବେ ୧୯ ବର୍ଷ। ମାତ୍ର ନିଜ ବିସ୍ଫୋରକ ବ୍ୟାଟିଂ ସହାୟତାରେ ସେ କ୍ରିକେଟ ପ୍ରେମୀଙ୍କ ଦୃଷ୍ଟିଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ଗତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପରେ ସେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଶତକ ହାସଲ କରିଥିଲେ। ଏହା କେବଳ ଶତକ ନ ଥିଲା ତାଙ୍କ ପ୍ରତିଭା ଓ ଦକ୍ଷତା ସମ୍ପର୍କରେ ଅନେକ କିଛି ସୂଚାଇ ଦେଇଥିଲା। ଯୁବ ଭାରତୀୟ ଖେଳାଳିଙ୍କ ମଧ୍ୟରେ ନିର୍ବିବାଦରେ ସେ ଶ୍ରେଷ୍ଠ ବିବେଚିତ ହେଉଥିବାରୁ ଗତ ଆଇପିଏଲ୍ ମେଗା ନିଲାମରେ ତାଙ୍କ ଉପରେ ଫ୍ରାଞ୍ଚାଇଜ୍ଗୁଡ଼ିକର ନଜର ରହିଥିଲା। ଏହି ଯୁବ ବ୍ୟାଟରଙ୍କୁ ନିଜ ଦଳକୁ ନେବାପାଇଁ କୋଲକାତା ନାଇଟ ରାଇଡର୍ସ, ଚେନ୍ନାଇ ସୁପରକିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇଥିଲା। ଶେଷରେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୫୦ ଲକ୍ଷ ଟଙ୍କାରେ ଚୁକ୍ତିବଦ୍ଧ କରିଥିଲା। ଶେଷ ୫ଟି ମ୍ୟାଚରେ ଧୁଲ୍ ୫୨, ୫୦*, ୮୨, ୨୦* ଓ ୧୧୦ ରନ ସ୍କୋର କରିଛନ୍ତି। ଏହା ତାଙ୍କ ବ୍ୟାଟିଂ ଦକ୍ଷତା ସମ୍ପର୍କରେ ଅନେକ କିଛି ସୂଚନା ଦେଉଛି।

**ଦେବଦତ୍ତ ପଡିକାଲ:** ଓପନର ଦେବଦତ୍ତ ପଡିକାଲଙ୍କୁ ଏବେ ମାତ୍ର ୨୧ ବର୍ଷ। ଗତ ଦୁଇ ସିଜନରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍ସିବି) ଟପ୍ ଅର୍ଡରର ଆକର୍ଷଣ ଥିଲେ। ଏହା ବ୍ୟତୀତ ସେ ଆର୍ସିବି ଦଳର ଅନ୍ୟତମ ମୁଖ୍ୟ ଖେଳାଳି ମଧ୍ୟ ଥିଲେ। ୨୦୨୦ ଆଇପିଏଲ୍ରେ ସେ ୧୫ ମ୍ୟାଚରୁ ୪୭୩ ରନ ସ୍କୋର କରିଥିଲେ। ୨୦୨୧ରେ ୧୪ ମ୍ୟାଚ ଖେଳି ୪୧୧ ରନ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୧୦୧*। ଓଭରଅଲ୍ ଆଭରେଜ ୩୧.୫୭ ରଖିଥିବା ପଡିକାଲ ଜଣେ ନିର୍ଭରଯୋଗ୍ୟ ବ୍ୟାଟରଭାବେ ପରିଚିତ। ଆଇପିଏଲ୍ରେ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଘରୋଇ ଲିଗ୍ରେ ତାଙ୍କ ପ୍ରଦର୍ଶନ ସେପରି ପ୍ରଭାବୀ ରହି ନ ଥିଲା। ସେ ବରୋଦା ଓ ଛତିଶଗଡ଼ ବିପକ୍ଷରେ ୨ଟି ଭଲ ଇନିଂସ ଖେଳିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଆଇପିଏଲ୍ ଖେଳାଳି ନିଲାମ ପୂର୍ବରୁ ଆର୍ସିବି ପଡିକାଲଙ୍କୁ ରିଟେନ୍ କରିପାରି ନ ଥିଲା। ନିଲାମ ପ୍ରକ୍ରିୟାରେ ପଡିକାଲ୍ଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ରହିଥିଲା। ମାତ୍ର ରାଜସ୍ଥାନ ରୟାଲ୍ସ ତାଙ୍କୁ ୭ କୋଟି ୭୫ ଲକ୍ଷ ଟଙ୍କାରେ କିଣିଥିଲା। ତେଣୁ ଏହି ଯୁବ ଓପନର ଆଗାମୀ ଆଇପିଏଲ୍ରେ ରାଜସ୍ଥାନ ଜର୍ସିରେ ନଜରକୁ ଆସିବେ।

**ରାଜ ବାୱା:** ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ହେଲେ ରାଜ ବାୱା। ନିଜ ପ୍ରତିଭା ଓ ପ୍ରଦର୍ଶନ ଯୋଗୁ ସେ ଗତ ବିଶ୍ୱକପରେ ଭାରତୀୟ ପ୍ଲେଇଂ ଇଲେଭେନରେ ସ୍ଥାନ ପକ୍କା କରିବାରେ ସକ୍ଷମ ହୋଇଥିଲେ। ସେ ଜଣେ ଅଲ୍ରାଉଣ୍ଡର। ଉଭୟ ବ୍ୟାଟ୍ ଓ ବଲ୍ରେ ସେ ଦକ୍ଷତା ପ୍ରଦର୍ଶନ କରି ଭାରତକୁ ଫାଇଦାରେ ରଖିଥିଲେ। ଉଗାଣ୍ଡା ବିପକ୍ଷ ମ୍ୟାଚରେ ସେ ୧୬୨ ରନକରି ଅପରାଜିତ ରହିଥିଲେ। କୌଣସି ୧୯ ବର୍ଷରୁ କମ୍ କ୍ରିକେଟ ମ୍ୟାଚରେ ଭାରତୀୟ ଖେଳାଳିଙ୍କ ପକ୍ଷରେ ଏହାଥିଲା ସର୍ବାଧିକ ସ୍କୋର। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ସେ ୪୭ ରନ ବିନିମୟରେ ୪ ଉଇକେଟ ନେଇଥିଲେ। ଏହା ତାଙ୍କ ଅଲ୍ରାଉଣ୍ଡ ଦକ୍ଷତାକୁ ସୂଚାଇ ଦେଇଥିଲା। ବାୱାଙ୍କୁ ଏବେ ମାତ୍ର ୧୯ ବର୍ଷ। ହିମାଚଳ ପ୍ରଦେଶର ନହନ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଆଇପିଏଲ୍ ମେଗା ନିଲାମରେ ପଞ୍ଜାବ କିଙ୍ଗ୍ସ ତାଙ୍କୁ ୨ କୋଟି ଟଙ୍କାରେ କିଣିଛି। ଏହି ଯୁବ ଖେଳାଳି ଜଣେ ଭଲ ଫିନିଶରଭାବେ ମଧ୍ୟ ପରିଚିତ। ଏଥିପାଇଁ ତାଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ମଧ୍ୟ କେତେକେ ତୁଳନା କରିଥାନ୍ତି। ଆଗାମୀ ଆଇପିଏଲ୍ରେ ନିଶ୍ଚିତ ତାଙ୍କ ଉପରେ ପ୍ରଶଂସକଙ୍କ ନଜର ରହିବ। ବାୱାଙ୍କ ଭବିଷ୍ୟତ ଯେ ଉଜ୍ଜ୍ୱଳ ଏଥିରେ ଦ୍ୱିମତ ନାହିଁ।



ରାଜ ବାୱା
ରତୁରାଜ
ଭିକି ଓସ୍ୱାଲ
ଦେବଦତ୍ତ
ଅଭିନବ

**ରତୁରାଜ ଗାଏକ୍ୱାଡ୍:** ରତୁରାଜ ଗାଏକ୍ୱାଡ୍ଙ୍କୁ ଏବେ ୨୪ ବର୍ଷ। ଏହି ବୟସରେ ସେ ନିଜ ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ଏପରିକି ସେ ତାଙ୍କ ବୟସ ବର୍ଗରେ ବିଶ୍ୱର ଯେ କୌଣସି ଖେଳାଳିଙ୍କ ଅପେକ୍ଷା ଯେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି ଏଥିରେ ସନ୍ଦେହ ନାହିଁ। ଗତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସରେ ସର୍ବକନିଷ୍ଠ ଖେଳାଳିଭାବେ ସେ ଅରେଞ୍ଜ୍ କ୍ୟାପ୍ର ଅଧିକାରୀ ହୋଇଥିଲେ। ଗତ ସିଜନରେ ସେ ୧୬ ମ୍ୟାଚରୁ ୬୩୫ ରନ ସ୍କୋର କରିଥିଲେ। ୨୦୨୦ ଆଇପିଏଲ୍ରେ ସେ ମାତ୍ର ୬ ମ୍ୟାଚରୁ ୨୦୪ ରନ କରିବାରେ ସକ୍ଷମ ହୋଇଥିଲେ। ଆଇପିଏଲ୍ ୨୦୨୨ରେ ତାଙ୍କ ଉପରେ ଅଧିକ ଚାପ ରହିବ। କାରଣ ଚେନ୍ନାଇ ସୁପରକିଙ୍ଗ୍ସର ଶ୍ରେଷ୍ଠ ବ୍ୟାଟରଙ୍କ ମଧ୍ୟରୁ ସେ ଅନ୍ୟତମ ପରିଗଣିତ ହେଉଛନ୍ତି। ଚେନ୍ନାଇ ଫ୍ରାଞ୍ଚାଇଜ୍ ତାଙ୍କୁ ୬ କୋଟି ଟଙ୍କାରେ ରିଟେନ ରଖିଛି। ଫଳରେ ତାଙ୍କ ଦାୟିତ୍ୱ ବଢ଼ି ଯାଇଛି। ଅବଶ୍ୟ ଏପରି ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ଏହି ଯୁବ ବ୍ୟାଟର ବିଶେଷ ଭଲ ପାଆନ୍ତି। ରତୁରାଜ ସୟଦ ମୁସ୍ତାକ ଅଲୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫି ପରି ଘରୋଇ କ୍ରିକେଟ ଲିଗ୍ରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେ ଚଣ୍ଡିଗଡ଼ ବିପକ୍ଷରେ ୧୬୮, କେରଳ ବିପକ୍ଷରେ ୧୨୪, ଛତିଶଗଡ଼ ବିପକ୍ଷରେ ୧୫୪* ଓ ମଧ୍ୟପ୍ରଦେଶ ବିପକ୍ଷରେ ୧୩୬ ରନ ସ୍କୋର କରି ନିଜ ଫର୍ମର ପରିଚୟ ଦେଇଛନ୍ତି। ଯଦି ଏହି ଫର୍ମକୁ ସେ ଆଗାମୀ ଆଇପିଏଲ୍ରେ ଅପରିବର୍ତ୍ତିତ ରଖନ୍ତି ତେବେ ନିଶ୍ଚିତ ଚେନ୍ନାଇ ସୁପରକିଙ୍ଗ୍ସ ଫାଇଦାରେ ରହିବ।

**ଭିକି ଓସ୍ୱାଲ:** ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ ଦଳର ଅନ୍ୟତମ ଶ୍ରେଷ୍ଠ ବୋଲର ଥିଲେ ଭିକି ଓସ୍ୱାଲ। ତାଙ୍କୁ ଏବେ ୧୯ ବର୍ଷ ଏବଂ ଏହି ବୟସରୁ ସେ ନିଜ ପ୍ରତିଭା ପ୍ରଦର୍ଶନ କରି ଅନେକ ସମ୍ଭାବନା ସୃଷ୍ଟି କରିଛନ୍ତି। ଗତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପରେ ସେ ୬ ମ୍ୟାଚରୁ ୧୨ଟି ଉଇକେଟ ନେଇଥିଲେ, ଯାହାକି ଭାରତୀୟଙ୍କ ମଧ୍ୟରେ ସର୍ବାଧିକ ଥିଲା। ମ୍ୟାଚରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୫/୨୮। ଆଇପିଏଲ୍ ଖେଳାଳି ନିଲାମରେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୨୦ ଲକ୍ଷ ଟଙ୍କା ବିନିମୟରେ ନିଜ ଦଳକୁ ନେଇଛି। ଏହି ଦଳରେ ଅନେକ ତାରକା ଖେଳାଳି ଥିବାରୁ ଓସ୍ୱାଲ ଅନେକ କିଛି ଶିଖିବାକୁ ପାଇବେ। ଏହା ବ୍ୟତୀତ ସୁଯୋଗ ପାଇଲେ ତା'ର ସଦୁପଯୋଗ କରିବାକୁ ସେ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି।

**ରାଜବର୍ଦ୍ଧନ ହାଙ୍ଗରଗେକର:** ମହାରାଷ୍ଟ୍ରର ଓସମାନାବାଦ ଜିଲାରେ ଜନ୍ମିତ ରାଜବର୍ଦ୍ଧନ ହାଙ୍ଗରଗେକର ଜଣେ ଯୁବ ଅଲରାଉଣ୍ଡରଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଆଗାମୀ ଆଇପିଏଲ୍ରେ ସେ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଖେଳିବେ। ସେ ଜଣେ ମିଡିୟମ ପେସର ଓ ଉପଯୋଗୀ ଡାହାଣହାତୀ ବ୍ୟାଟର। ଚଳିତ ବର୍ଷ ପ୍ରାରମ୍ଭରେ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପରେ ଛକା ମାରିବାର ଦକ୍ଷତା ଯୋଗୁ ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଆହତ ସମସ୍ୟା ଯୋଗୁ ଦୀପକ ଚହର ଆଇପିଏଲ୍ର ପ୍ରଥମଭାଗ ଖେଳିପାରିବେ ନାହିଁ। ତେଣୁ ୧୯ ବର୍ଷୀୟ ହାଙ୍ଗରଗେକରଙ୍କ ପାଇଁ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ସୁଯୋଗ ସୃଷ୍ଟିହେବା ସମ୍ଭାବନା ରହିଛି। ମହାରାଷ୍ଟ୍ର ପକ୍ଷରୁ ଲିଷ୍ଟ-ଏ ମ୍ୟାଚ ଖେଳୁଥିବା ହାଙ୍ଗରଗେକର ଚେନ୍ନାଇପାଇଁ ଫିନିଶର ଭୂମିକା ମଧ୍ୟ ତୁଲାଇ ପାରିବେ।

**ଅଭିନବ ମନୋହର:** କର୍ଣ୍ଣାଟକର ୨୭ ବର୍ଷୀୟ ଅଭିନବ ମନୋହର ଜଣେ ହାର୍ଡ ହିଟିଂ ମିଡିଲ ଅର୍ଡର ବ୍ୟାଟର। ବିସ୍ଫୋରକ ବ୍ୟାଟିଂ ପାଇଁ ସେ ବିଶେଷ ପରିଚିତ ଏବଂ ତାଙ୍କୁ ପିଞ୍ଚ୍ ହିଟରଭାବେ ମଧ୍ୟ ବ୍ୟବହାର କରାଯାଇପାରିବ। ଗତବର୍ଷ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଘରୋଇ ଦଳ କର୍ଣ୍ଣାଟକ ପକ୍ଷରୁ ସେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ଲେଗ୍ସ୍ପିନ୍ ବୋଲିଂ କରିବାର ମଧ୍ୟ ଦକ୍ଷତା ରଖିଛନ୍ତି। ଆଇପିଏଲ୍-୧୫ ପାଇଁ ତାଙ୍କୁ ନୂଆ ଫ୍ରାଞ୍ଚାଇଜ୍ ଦଳ ଗୁଜରାଟ ଟାଇଟାନ୍ସ ୨.୬୦ କୋଟି ଟଙ୍କାରେ କିଣିଛି।

# ଆଉ ଏକ ସିରିଜ ବିଜୟ

ନିକଟରେ ଅନୁଷ୍ଠିତ ଟେଷ୍ଟ ସିରିଜରେ ଭାରତ ୨-୦ରେ ଶ୍ରୀଲଙ୍କାକୁ ହରାଇ କ୍ଲିନ୍ ସୁଇପ୍ କରିଛି। ଏଥିସହ ଭାରତ ୧୨ ମ୍ୟାଚରୁ ୬ ବିଜୟ ସହ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି...



ଆଇସିସି ଦ୍ୱାରା ଆୟୋଜିତ ପ୍ରଥମ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ୨୦୧୯ ଅଗଷ୍ଟ ୧ରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଆଶେସ ସିରିଜରୁ ଆରମ୍ଭ ହୋଇ ଜୁନ୍ ୨୦୨୧ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଇଂଲଣ୍ଡର ରୋଜ ବାଉଲଠାରେ ଫାଇନାଲ ସହ ଶେଷ ହୋଇଥିଲା। ନ୍ୟୁଜିଲାଣ୍ଡ ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ର ୨ୟ ସଂସ୍କରଣ ୨୦୨୧ରୁ ଆରମ୍ଭ ହୋଇଛି ଓ ଏହା ୨୦୨୩ରେ ଶେଷ ହେବ। ଏଥିରେ ଆଇସିସି ଟେଷ୍ଟ ପ୍ଲେଇଂ ୯ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଶ୍ରୀଲଙ୍କା ବିପକ୍ଷ ଘରୋଇ ସିରିଜକୁ ୨-୦ରେ ଜିତିବା ସହିତ ଭାରତ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତ ୧୨ ମ୍ୟାଚ ଖେଳି ୬ ବିଜୟ ଓ ୩ ପରାଜୟ ଲଭିଥିବାବେଳେ ୨ଟି ମ୍ୟାଚ ଡ୍ର ରହିଛି ଏବଂ ଗୋଟିଏ ଟେଷ୍ଟରୁ ଫଳାଫଳ ମିଳିନାହିଁ। ଅଷ୍ଟ୍ରେଲିଆ ଏହି ଟେବୁଲର ଶୀର୍ଷରେ ରହିଥିବା ବେଳେ ପାକିସ୍ତାନ ଏବଂ ଦକ୍ଷିଣ ଆଫ୍ରିକା ଯଥାକ୍ରମେ ୨ୟ ଏବଂ ୩ୟ ସ୍ଥାନରେ ରହିଛନ୍ତି। ଏହି ପ୍ରିମିୟର ଟେଷ୍ଟ କ୍ରିକେଟ ଟୁର୍ନାମେଣ୍ଟର ଦୁଇ ସଂସ୍କରଣ ରେକର୍ଡକୁ ବିଚାରକୁ ନେଲେ ଇଂଲଣ୍ଡର ଷ୍ଟାର ବ୍ୟାଟର ଜୋ ରୁଟ୍ ଏପର୍ଯ୍ୟନ୍ତ ସର୍ବାଧିକ ୨୬୬୮ ରନ୍ କରିଥିବା ବେଳେ ଟିମ୍ ଇଣ୍ଡିଆର ଶ୍ରେଷ୍ଠ ବୋଲିଂ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୯୬ଟି ଉଇକେଟ ନେଇଛନ୍ତି। ପ୍ରତି ୨ବର୍ଷ ଅନ୍ତରରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟ ଆଇସିସି ଦ୍ୱାରା ଆୟୋଜିତ ହେଉଥିବା ବେଳେ ଅଷ୍ଟ୍ରେଲିଆର ଆକ୍ରମଣାତ୍ମକ ଓପନର ଡେଭିଡ ୱାର୍ନର ପାକିସ୍ତାନ ବିପକ୍ଷରେ ୩୩୫ରେ ଅପରାଜିତ ରହି ଗୋଟିଏ ଇନିଂସରେ ବ୍ୟକ୍ତିଗତ ସର୍ବାଧିକ ସ୍କୋରର ରହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୧-୨୩ ମଧ୍ୟରେ ୨୭ ଦ୍ୱିପାକ୍ଷିକ ସିରିଜରେ ମୋଟ ୬୯ଟି ଟେଷ୍ଟ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ୯ଟି ଦେଶ ମୋଟ ୩ଟି ଘରୋଇ ଏବଂ ୩ଟି ବିଦେଶରେ ସିରିଜ ଖେଳିବାକୁ ଥିବା ବେଳେ ପ୍ରତି ସିରିଜ ୨ କିମ୍ବା ୫ମ୍ୟାଚ ବିଶିଷ୍ଟ ହେଉଛି। ପ୍ରଥମ ଟେଷ୍ଟ ଚାମ୍ପିୟନଶିପ୍ରୁ ଯଦିଓ କିଛି ସୁଫଳ ମିଳିଛି ତଥାପି ସମସ୍ତ ଦେଶ ପରସ୍ପର ବିପକ୍ଷରେ ମ୍ୟାଚ ଖେଳିବାକୁ ସକ୍ଷମ ହୋଇନାହାନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଟେଷ୍ଟ ସିରିଜ ଆଦୌ ଖେଳାଯାଇ ପାରିନାହିଁ। ଇତିମଧ୍ୟରେ ଆଇସିସି ପଏଣ୍ଟ ସିଷ୍ଟମରେ କିଛି ପରିବର୍ତ୍ତନ କରିଥିବା ବେଳେ ପ୍ରତି ମ୍ୟାଚର ଫଳାଫଳକୁ ନେଇ ଟେବୁଲରେ ପରିବର୍ତ୍ତନ ହେଉଛି। ଗୋଟିଏ ବିଜୟ ପାଇଁ ୧୨ ପଏଣ୍ଟ ଗୋଟିଏ ଟିମ୍ ହାସଲ କରୁଥିବା ବେଳେ ଟାଇ ମ୍ୟାଚ ପାଇଁ ୬ ଓ ମ୍ୟାଚ ଡ୍ର ପାଇଁ ୪ ପଏଣ୍ଟ ମିଳୁଛି। ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ ଏବଂ ଦୁଇ ଦେଶ ବୋର୍ଡ ମଧ୍ୟରେ ହୋଇଥିବା ବୁଝାମଣା ମଧ୍ୟରେ ମ୍ୟାଚ ଖେଳାଯାଉଛି।

ଟିମ୍ ଇଣ୍ଡିଆ ଏହି ପ୍ରତିଯୋଗିତା ଅନ୍ତର୍ଗତ ମୋଟ ୪ଟି ଘରୋଇ ଏବଂ ବାହାର ସିରିଜ ଖେଳିସାରିଛି। ଇଂଲଣ୍ଡ ସହିତ ୫ଟିକିଆ ଟେଷ୍ଟ ସିରିଜରେ ଗତବର୍ଷ ୧-୩ରେ ହାରିଥିବାବେଳେ ନଭେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ୨ଟି ମ୍ୟାଚ ଖେଳି ୧-୦ରେ ବିଜୟୀ ହୋଇଥିଲା। ସେହିପରି ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ଟେଷ୍ଟ ସିରିଜରେ ୧-୨ରେ ହାରିଛି ଏବଂ ଶ୍ରୀଲଙ୍କା ସହିତ ୨ଟି ଟେଷ୍ଟ ମ୍ୟାଚରେ ୨-୦ରେ ବିଜୟୀ ହୋଇଛି। ଚଳିତ ବର୍ଷ ଅନ୍ୟ ୨ଟି ସିରିଜ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଏବଂ ବାଂଲାଦେଶ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଦକ୍ଷିଣ ଆଫ୍ରିକା ସହିତ ପ୍ରଥମ ଟେଷ୍ଟ ମ୍ୟାଚରେ ୧୧୩ ରନ୍ରେ ବିଜୟୀ ହେବା ପରେ ୨ୟ ଏବଂ ୩ୟ ଟେଷ୍ଟରେ ହାରି ବ୍ୟାକ୍ଫୁଟରେ ରହିଥିଲା ଟିମ୍ ଇଣ୍ଡିଆ। ମାତ୍ର ଘରୋଇ ସିରିଜରେ ଶ୍ରୀଲଙ୍କାକୁ ୨-୦ରେ ହରାଇବା ପରେ ପୁନର୍ବାର ଟ୍ରାକ୍କୁ ପ୍ରତ୍ୟାବର୍ତ୍ତନ କରିଛି। ମାତ୍ର ଅଷ୍ଟ୍ରେଲିଆ ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ବେଶ୍ ଆଗରେ ରହି ଫାଇନାଲ ଖେଳିବା ସମ୍ଭାବନା ସୃଷ୍ଟି କରିଛି। ପୁନର୍ବାର ଫାଇନାଲ ଖେଳିବାକୁ ହେଲେ ଟିମ୍ ଇଣ୍ଡିଆକୁ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଭାରତ ଏ ପର୍ଯ୍ୟନ୍ତ ୪ଟି ପିଙ୍କ୍ ବଲ ଦିବାରାତ୍ର ଟେଷ୍ଟ ଖେଳିଥିବା ବେଳେ ୩ଟିରେ ବିଜୟୀ ହୋଇଥିଲା ଏବଂ ଗୋଟିଏ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ଲଜ୍ଜାଜନକ ପରାଜୟ ବରଣ କରିଥିଲା। ବାଂଲାଦେଶ, ଇଂଲଣ୍ଡ ଏବଂ ସଦ୍ୟ ସମାପ୍ତ ଶ୍ରୀଲଙ୍କା ବିପକ୍ଷ ୨ୟ ଟେଷ୍ଟରେ ବିଜୟୀ ହେବାରେ ସକ୍ଷମ ହୋଇଛି ଟିମ୍ ଇଣ୍ଡିଆ। ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ୧୦ଟି ପିଙ୍କ୍ ବଲ ଟେଷ୍ଟ ଖେଳି ଅପରାଜେୟ ରହିଛି।

ଭାରତ ମାତ୍ର ୩ଦିନ ମଧ୍ୟରେ ଶ୍ରୀଲଙ୍କାକୁ ୨୩୮ ରନ୍ ବ୍ୟବଧାନରେ ହରାଇ ୨-୦ରେ ଟେଷ୍ଟ ସିରିଜ ଜିତିବା ସହିତ ନିଜର ଦମ୍ ଦେଖାଇଛି। ଟି୨୦, ଏକଦିବସୀୟ ଏବଂ ଟେଷ୍ଟର ସମସ୍ତ ମ୍ୟାଚରେ ବିଜୟୀ ହୋଇ ସିଂହଳୀ ଦଳକୁ ଧରାଶାୟୀ କରିଛି। ଟିମ୍ ଇଣ୍ଡିଆ ବ୍ୟାଟର ଶ୍ରେୟାସ ଆୟାର, ରିଷଭ ପନ୍ତ, ସୂର୍ଯ୍ୟକୁମାର ଯାଦବ ଏବଂ ବୋଲିଂ ଅଲରାଉଣ୍ଡର ଅଜୟ ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଉଭୟ ବ୍ୟାଟିଂ ଏବଂ ବୋଲିଂରେ କମାଲ କରିଛନ୍ତି। ଭେଙ୍କଟେଶ ଆୟାରଙ୍କ ପ୍ରଦର୍ଶନ ମଧ୍ୟ ବେଶ୍ ଉଚ୍ଚକୋଟୀର ରହିଥିଲା। ଭେଟେରାନ ଅଫ୍ ସ୍ପିନର ଅଶ୍ୱିନ ୨ଟି ଟେଷ୍ଟରେ ୧୨ ଉଇକେଟ ନେଇଥିବା ବେଳେ ମୋଟ ୮୬ଟି ଟେଷ୍ଟ ମ୍ୟାଚରୁ ଉଇକେଟ ସଂଖ୍ୟାକୁ ୪୪୨ରେ ପହଞ୍ଚାଇଛନ୍ତି। ୨ଟି ଟେଷ୍ଟ ମ୍ୟାଚରେ ରବୀନ୍ଦ୍ର ଜାଡେଜା ମୋଟ ୨୦୧ ରନ୍ କରି ସର୍ବାଧିକ ରନ୍ ସ୍କୋରର ହୋଇଥିବା ବେଳେ ଶ୍ରୀଲଙ୍କା ପକ୍ଷରୁ ଦିମୁଥ କରୁଣାରତ୍ନେ ୧୬୬ ରନ୍ କରିଛନ୍ତି। ଆକ୍ରମଣାତ୍ମକ ଉଇକେଟ କିପର ରିଷଭ ପନ୍ତ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିବା ବେଳେ ଆଇପିଏଲର ଅନ୍ୟତମ ଦାମୀ ଖେଳାଳି ଶ୍ରେୟାସ ଆୟାର ଦ୍ୱିତୀୟ ଟେଷ୍ଟରେ ଚମତ୍କାର ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି।

ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ଶ୍ରେୟାସ ଆୟର ମୋଟ ୨୦୪ ରନ୍ କରିବା ସହିତ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ବିରାଟ କୋହଲି ନେତୃତ୍ୱ ଛାଡିବା ପରେ ରୋହିତ ଶର୍ମା ତାଙ୍କ ଅଧିନାୟକତ୍ୱରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ୩-୦, ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ ୩-୦ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦କୁ ୩-୦ରେ ଜିତିବା ସହିତ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜକୁ ମଧ୍ୟ ୩-୦ରେ ହାତେଇ ନେଇଛି। ଯାହାକି ଭାରତ ପାଇଁ କ୍ରମାଗତ ଭାବେ ୧୨ଟି ବିଜୟ । ଟେଷ୍ଟ ସିରିଜ ବିଜୟ ପରେ ଏବେ ସମସ୍ତ ଖେଳାଳିଙ୍କ ନଜର ବିଶ୍ୱର ଶ୍ରେଷ୍ଠ ପ୍ରଫେଶନାଲ ଟି୨୦ ଇଣ୍ଡିଆନ ପ୍ରିମିୟର ଲିଗ୍ର ୧୫ତମ ସଂସ୍କରଣ ଉପରେ ରହିବ। ଆଗକୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଦଳ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଏବେ ଶ୍ରୀଲଙ୍କାକୁ ହରାଇ ମନୋବଳ ବୃଦ୍ଧି କରିଛି।



ନିର୍ମଳ କୁମାର ମିଶ୍ର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୫/୨୦୨୨ Bhubaneswar, Friday, March 25/ 2022

# ଧୋନୀ ଓହରିଲେ, ଜାଡେଜା ଅଧିନାୟକ

**ମୁମ୍ବାଇ, ୨୪।୩ (ପି.ଟି.)**

୧୨ ସିଜନ, ୪ ଟାଇଟଲ ଓ ୫ଥର ରନର୍ସଅପ୍ ପରେ ମହେନ୍ଦ୍ର ସିଂ ଧୋନୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ପଦ ଛାଡ଼ିଛନ୍ତି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ସିଏସ୍‌କେର ନୂଆ ଅଧିନାୟକ ହୋଇଛନ୍ତି। ତେବେ ୪୦ ବର୍ଷୀୟ ଧୋନୀ ସିଏସ୍‌କେ ପକ୍ଷରୁ ଖେଳିବା ଜାରି ରଖିବେ ବୋଲି ଫ୍ରାଞ୍ଚାଇଜ୍

## ଆଇପିଏଲ୍-୧୫

ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୦୮ରେ ଆଇପିଏଲ୍ ଆରମ୍ଭ ହେବା ପରଠାରୁ ସ୍ପଟ୍ ଫିକ୍ସିଂ ବିବାଦ ଯୋଗୁ ୨ ବର୍ଷ ବାସନ୍ଦ ହେବାକୁ ବାଦ୍‌ଦେଲେ ଏହି ବ୍ୟୟ ବହୁଳ ଲିଗ୍‌ରେ ଚେନ୍ନାଇ ଅନ୍ୟତମ ସଫଳ ଦଳଭାବେ ପରିଗଣିତ ହେଉଛି।

‘‘ଧୋନୀ ଚେନ୍ନାଇ ସୁପରକିଙ୍ଗ୍ସର ଅଧିନାୟକ ପଦ ଛାଡ଼ିବାକୁ ମନସ୍ଥ କଲେ। ତେଣୁ ୨୦୧୨ରୁ ଦଳର ନିର୍ଭରଯୋଗ୍ୟ ସଦସ୍ୟ ରହି ଆସିଥିବା ଜାଡେଜାଙ୍କୁ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି’’ ବୋଲି ସିଏସ୍‌କେ ପକ୍ଷରୁ ଏକ ବିବୃତିରେ ପ୍ରକାଶ କରାଯାଇଛି। ଧୋନୀ ୨୦୨୦ ଅଗଷ୍ଟ ୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଗତ ସିଜନରେ ସେ ନିଜ ନେତୃତ୍ୱରେ ଚେନ୍ନାଇକୁ ୪ର୍ଥ ଟାଇଟଲ ପ୍ରଦାନ କରିଥିଲେ। ଆଇପିଏଲ୍‌ର ଆଗାମୀ ସଂସ୍କରଣରେ ସିଏସ୍‌କେ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଆସନ୍ତା ଶନିବାର ଅନୁଷ୍ଠିତ ହେବ। ଅଧିନାୟକ ଦାୟିତ୍ୱ ସମୟରେ ହେଉ କିମ୍ବା ଅବସର ଘୋଷଣା ବିଶ୍ୱକପ ବିଜୟୀ ଧୋନୀ ସବୁବେଳେ ନିଜେ ହିଁ ନିଷ୍ପତ୍ତି ନେଇଥାନ୍ତି। ୨୦୧୪ରେ ଅଷ୍ଟ୍ରେଲିଆରେ ଚାଲିଥିବା ୫ ମ୍ୟାଚବିଶିଷ୍ଟ ସିରିଜର ଅଧାରୁ ସେ ଟେଷ୍ଟ ଅଧିନାୟକ ପଦ ଛାଡ଼ିଥିଲେ। ବିରାଟ କୋହଲି ସବୁ ଫର୍ମାଟ୍‌ରେ ନେତୃତ୍ୱ ନେବାକୁ ଫିଟ୍ ବୋଲି ଅନୁଭବ କରିବାପରେ ସେ ୨୦୧୭ରେ ସୀମିତ ଓଭର କ୍ରିକେଟ ଅଧିନାୟକ ପଦ ଛାଡ଼ି ଦେଇଥିଲେ। ତେବେ ସେ ଆଇପିଏଲ୍ ଖେଳିବା ଜାରି ରଖିବେ ବୋଲି ପ୍ରକାଶ କରିଥିଲେ। ୪୦ ବର୍ଷ ହୋଇ ଯାଇଥିବାରୁ ଧୋନୀ ଅଧିକ ଦିନ ଏହି ଦାୟିତ୍ୱରେ ରହିବା ସମ୍ଭବ ନୁହେଁ ବୋଲି ସମ୍ଭବତଃ ଅନୁଭବ କରିଛନ୍ତି। ତେଣୁ ଏବେ ଚମତ୍କାର ଫର୍ମରେ ଥିବା ୩୩ ବର୍ଷୀୟ ଜାଡେଜାଙ୍କୁ ଅଧିନାୟକ ଦାୟିତ୍ୱ ହସ୍ତାନ୍ତର କରିବାକୁ ଉଚିତ ମଣିଛନ୍ତି। ଆଇପିଏଲ୍-୧୫ ମେଗା ନିଲାମ ପୂର୍ବରୁ ଧୋନୀଙ୍କ ସହିତ ମୋଇନ ଅଲୀ ଓ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସିଏସ୍‌କେ ରିଟେନ କରିଥିଲା। ଧୋନୀଙ୍କ ନିଷ୍ପତ୍ତିରେ ସିଏସ୍‌କେ ସିଇଓ କାଶୀ ବିଶ୍ୱନାଥ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ତେବେ ଧୋନୀ ଯାହା ନିଷ୍ପତ୍ତି ନେଇଥାନ୍ତି ତାହା ଦଳର ହିତପାଇଁ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ୨୦୨୨ପରେ ମଧ୍ୟ ଧୋନୀ ଖେଳ ଜାରି ରଖିବେ ବୋଲି ବିଶ୍ୱନାଥ ଆଶା ପ୍ରକାଶ କରିଛନ୍ତି। ‘‘ଏହା ତାଙ୍କର ଶେଷ ସିଜନ ବୋଲି ମୁଁ କେବେ ଭାବି ପାରୁନି। ସେ ଯେତେଦିନ ଫିଟ୍ ଅଛନ୍ତି ଖେଳିବା ଜାରି ରଖନ୍ତୁ ବୋଲି ଆମେ ଚାହୁଁଛୁ। ସେ କ’ଣ ଚିନ୍ତା କରୁଛନ୍ତି କହିବା ସମ୍ଭବ ନୁହେଁ’’ ବୋଲି ବିଶ୍ୱନାଥ କହିଛନ୍ତି।


ମହେନ୍ଦ୍ର ସିଂ ଧୋନୀ ଓ ରବୀନ୍ଦ୍ର ଜାଡେଜା।

## ଜୟନ୍ତୀ ବେହେରାଙ୍କୁ ୩ ପଦକ



**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି):** ୟୁନାଇଟେଡ ଆରବ ଏମିରେଟ୍ସର ଦୁବାଇଠାରେ ଚାଲିଥିବା ୧୩ତମ ଫାଜା ଅନ୍ତର୍ଜାତୀୟ ଗ୍ରାଁ ପ୍ରିରେ ଓଡ଼ିଶା ପାରା ଆଥଲେଟ୍ ଜୟନ୍ତୀ ବେହେରା ୩ ପଦକ ହାସଲ କରିଛନ୍ତି। ପୂର୍ବରୁ ମହିଳା ୨୦୦ ମିଟର ଟି୪୭ ଇଭେଣ୍ଟରେ ରୌପ୍ୟ ଓ ୪୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପାଇଥିବା ଜୟନ୍ତୀ ଗୁରୁବାର ୧୦୦ ମିଟର ରେସ୍‌କୁ ୧୩.୧୬ ସେକେଣ୍ଡରେ ଅତିକ୍ରମ କରି ଆଉ ଏକ ବ୍ରୋଞ୍ଜ ହାସଲ କରିଛନ୍ତି। ମଙ୍ଗଳବାର ୪୦୦ ମିଟର ରେସ୍‌କୁ ୧:୦୦.୯୩ ସେକେଣ୍ଡ ଏବଂ ବୁଧବାର ୨୦୦ ମିଟର ରେସ୍‌କୁ ୨୬.୯୪ ସେକେଣ୍ଡରେ ଅତିକ୍ରମ କରିଥିଲେ ଜୟନ୍ତୀ।










**Fujitsu General (India) Pvt. Ltd., Email:** sales.india@fujitsu-general.com, **For Enquiries:** Suryakanta Mohanty 91786 64290, **General Arcade: Cuttak:** Cool care Refrigeration 94370 44416, **Bhubaneswar: Patia:** S.P. Refrigeration & Electronics 96680 91087 / 94370 11087, **Berhampur:** Kalinga Enterprises 93383 01549 / 78095 77777 / 94397 21119 / 98613 28990, **Authorised Distributors: Coastal Odisha: Baleswar:** Mohapatra Sales Mart 94370 52545, **Authorised Dealers: Bhubaneswar:** Jai Jagannath Refrigeration 94370 01699, **Dolomundai:** Rausan Refrigeration 97763 26781, **Rayagada:** Maheswari Refrigeration 99382 06654, **Bargarh:** New Patra Needs 97763 23188, **Rourkela:** PMA Corporation 94370 43020, **Authorised Sales & Service Dealers: Berahmpur:** Anurag Agencies 94370 66381. **Registered Office:** Prestige Cosmopolitan, No. 36, 8th Floor, Sardar Patel Road, Guindy, Chennai 600 032. **CIN:** U31100TN2018FTC126102.

**Also Available At:** GUPTA DISTRIBUTORS PATRA Creating Better Lifestyles

Terms & Conditions apply. Features and specifications may vary from model to model. Please refer to product catalogue for details. Actual product may differ from the one shown above. 10 years warranty on inverter compressor is on select models and includes 5 years standard warranty & 5 years extended warranty. 5 years warranty on inverter PCB is for the outdoor unit on select models and includes 1 year standard warranty & 4 years extended warranty. To avail extended warranty – a) Registration of product within 30 days of purchase & installation by authorised service partner is mandatory and subject to verification by the company; & b) Servicing & maintenance of product during warranty period at a nominal cost by authorised service partner is mandatory. For product registration, call 1860 2081 007 or WhatsApp 6379 881 007 or register through our General Air Conditioner Customer Mobile App. Price offered is at the sole discretion of the authorised channel partner. Free Standard Installation with 3 metres piping kit is valid on select models of Inverter and Split air conditioners. All offers are valid against installation by authorised service partner and subject to verification by the company. All offers are valid on select models sold through authorized channel partners only. We have not authorised any e-commerce website to sell our products. Offers valid till stocks last and for a limited period only. To dispose e-waste through an authorized recycler please visit www.fujitsu-general.com/g-in/epr-e-waste or call us at 1860 2081 007.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମା'ଙ୍କ ସହ ମହୁଲ ଫୁଲ ଗୋଟାଉଛନ୍ତି ସମିତି ସଭ୍ୟ



ଚନ୍ଦାହାଣ୍ଡି, ୨୪।୩(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ପଞ୍ଚାୟତର ନବ ନିର୍ବାଚିତ ସମିତି ସଭ୍ୟ ପୌରୁଷ ମାଝି ନିଜ ଚାଷ ଜମିରେ ଥିବା ମହୁଲ ଗଛରୁ ପ୍ରତିଦିନ ମାଆ ଡାଲ ମାଝିଙ୍କ ସହ ମହୁଲ ଫୁଲ ସଂଗ୍ରହ କରୁଛନ୍ତି। ପିଲାଟି ବେଳୁ ଚାଷ ପ୍ରତି ଆଗ୍ରହ ଅଛି। ପୂର୍ବରୁ ମଧ ଘର ଲୋକଙ୍କୁ ଚାଷ ଓ ମହୁଲ ଫୁଲ ଗୋଟାଇବାରେ ସାହାଯ୍ୟ କରୁଥିଲି ବୋଲି ସେ କହିଛନ୍ତି। ପ୍ରକାଶ ଯେ ପୌରୁଷ ୨୦୧୪ରେ ଇଞ୍ଜିନିୟରିଂ ପାସ କଲାପରେ ଏକ ବେସରକାରୀ କମ୍ପାନୀରେ କାର୍ଯ୍ୟକରୁଥିଲେ। ସେ ଚାକିରି ଛାଡି ଭାଜପା ସମର୍ଥନରେ ଚନ୍ଦାହାଣ୍ଡି ସମିତି ସଭ୍ୟଭାବେ ପଞ୍ଚାୟତ ନିର୍ବାଚନ ଲଢି ଜିତିଛନ୍ତି। ପିଲାବେଳୁ ଘର ଲୋକଙ୍କୁ କୃଷି କାର୍ଯ୍ୟରେ ସହଯୋଗ କରିଥାନ୍ତି। ଏବେ ମଧ ସେ ଚାଷଜମିରେ ସବୁ ଚାଷ କାର୍ଯ୍ୟ ଦେଖିବା ସହ ନିଜେ ହଳ କରିଥାନ୍ତି। ପ୍ରଥମ କରି ରାଜନୀତିକୁ ଆସିଥିଲେ ମଧ ସେ ଲୋକଙ୍କ ସେବା କରିବା ସହ ଚାଷ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ ଓ ମହୁଲ ଫୁଲ, ମହୁଲ ଟୋଲ ଗୋଟାଇବା କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ନିଜର ଛଅଟି ମହୁଲ ଗଛ ଅଛି। ସେଥିରୁ ବାର୍ଷିକ ଟୋଲ ଓ ମହୁଲ ବାବଦକୁ ଲକ୍ଷାଧିକ ଟଙ୍କା ମିଳୁଛି। ମାଆଙ୍କ ସାଥିରେ ସକାଳୁ ମହୁଲ ଫୁଲ ଗୋଟାଇବାରେ ବହୁତ ଆନନ୍ଦ ମିଳୁଛି। ଏଥିସହ ଶାରୀରିକ ବ୍ୟାୟାମ ହୋଇଥାଏ ବୋଲି ସେ କହିଛନ୍ତି।

### ଜଙ୍ଗଲ, ବନ୍ୟଜନ୍ତୁ ସୁରକ୍ଷା ସଚେତନତା ରାଲି

ଶେରଗଡ଼,୨୪।୩(ଡି.ଏନ୍.ଏ.): ଶେରଗଡ଼ ନିକଟସ୍ଥ ଗମ୍ଭାରୀଗୁଡା ଗ୍ରାମରେ ନିଆଁ ଦାଉରୁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ସଚେତନତା ସଭା ଓ ରାଲି ଅନୁଷ୍ଠିତ ହୋଇଥିଲା। ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ସଂଯୋଜନା, ଷଡ଼ଙ୍ଗୀପାଲି ଫରେଷ୍ଟର ସାନ୍ତନୁ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ଜଙ୍ଗଲ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ସଭାରେ ଗମ୍ଭାରୀଗୁଡ଼ା ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ବିଭିନ୍ନ ପ୍ଲାକାର୍ଡ ଧରି ଜଙ୍ଗଲ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଫରେଷ୍ଟ ଗାର୍ଡ ରାଜେନ୍ଦ୍ର ରାଉତ, ପ୍ରମୋଦ ପ୍ରଧାନଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଲୁ ଚୌଧୁରୀ ସହଯୋଗ କରିଥିଲେ।

### ରମ୍ଭା ଏନ୍ଏସିରେ ମତଦାନ ଶାନ୍ତିପୂର୍ଣ୍ଣ

ରମ୍ଭା,୨୪।୩:ରମ୍ଭା ଏନଏସିରେ କାଁଭାଁ ପାଟିତୁଣ୍ଡକୁ ବାଦ ଦେଲେ ୧୩ୱାର୍ଡରେ ଶାନ୍ତିଶୃଙ୍ଖଳାର ସହ ମତଦାନ ସରିଛି। ଭୋଟରମାନେ ଉତ୍ସାହ ସହ ଯାଇ ନିଜ ମତ ସାବ୍ୟସ୍ତ କରିଛନ୍ତି। ଏନ୍ଏସିରେ ମୋଟ ୭,୦୯୮ ମତଦାନ ହୋଇଛି। ଯାହାକି ୭୬% ବୋଲି ଜଣାପଡିଛି। ରମ୍ଭା ଥାନା ଭାରପ୍ରାପ୍ତ ଅଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ବ୍ରହ୍ମପୁର ମହାନଗରରେ ୫୨.୩୫% ମତଦାନ

## ୭ ମେୟର ପ୍ରାର୍ଥିନୀ, ୧୪୦ କର୍ପୋରେଟର ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

ବ୍ରହ୍ମପୁର ଅଫିସ,୨୪।୩

ବ୍ରହ୍ମପୁର ପୌର ନିର୍ବାଚନ ଶୃଙ୍ଖଳିତ ଭାବେ ହୋଇଛି। ମହାନଗରର ୪୨ ୱାର୍ଡରେ ପଞ୍ଜୀକୃତ ୨ ଲକ୍ଷ ୫୫ ହଜାର ୩୨୬ ଭୋଟରଙ୍କ ପାଇଁ ହୋଇଥିବା ୨୫୦ ବୁଥ୍‌ରେ ୫୨.୩୫% ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ ହୋଇଥିବା ସରକାରୀ ଭାବେ କୁହାଯାଇଛି। ୭ ମେୟର ଓ ୧୪୦ କର୍ପୋରେଟର ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଆସନ୍ତା ୨୬ ଶନିବାର ଫଳାଫଳ ଘୋଷଣା ହେବା କାର୍ଯ୍ୟକ୍ରମ ରହିଛି। ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଯୋଗୁ ମଧ୍ୟାହ୍ନ ୧ଟା ସୁଦ୍ଧା ମତଦାତାଙ୍କ ସଂଖ୍ୟା କମ୍ ଥିଲା। ଅପରାହ୍ନରେ ବିଭିନ୍ନ ୱାର୍ଡରେ ଗହଳି ହୋଇଥିଲା। ଫଳରେ ଭୋଟ ହାର ହ୍ରାସ ପାଇଛି।

ମେୟର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୭ ମହିଳାଙ୍କ ମଧ୍ୟରୁ ବିଜେଡି ପ୍ରାର୍ଥିନୀ ସଂଘମିତ୍ରା ଦଳାଇ ବିଜିପୁର ଅଞ୍ଚଳର ୨୫ନଂ. ୱାର୍ଡରେ ଏବଂ ଭାଜପା ପ୍ରାର୍ଥିନୀ ସବିତା ସୁଆର ପାଣିଗ୍ରାହୀ ଶିଳ୍ପାଞ୍ଚଳସ୍ଥ ୩୯ନଂ. ୱାର୍ଡର ଗୋଟିଏ ବୁଥ୍‌ରେ ମତାଧିକାର ସାବ୍ୟସ୍ତ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥିନୀ ମଞ୍ଜୁ ରଥ ୪୧ନଂ ୱାର୍ଡର ଏକ ବୁଥ୍‌ରେ ଭୋଟ ଦେଇଥିଲେ। ଅନ୍ୟ ପ୍ରାର୍ଥିନୀଙ୍କ ମଧ୍ୟରେ ଆମ୍ ଆଦମୀ ପାର୍ଟିର ସି. ପ୍ରିୟଙ୍କା, ବିଏସ୍‌ପିର ତପସ୍ୱିନୀ ନାଗା, ସ୍ୱାଧୀନ ପ୍ରାର୍ଥିନୀ ନୀତା କୁମାରୀ ପଣ୍ଡା ଓ ସୁନିତା ପାଣିଗ୍ରାହୀ ନିଜ ୱାର୍ଡରେ ମତଦାନ କରିଥିଲେ।ଅପରପକ୍ଷରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଶିବ ଶଙ୍କର ସାହାଣୀ, ଭାଜପା ନେତା କାହ୍ନୁ ଚରଣ ପତି ନିଜ ଅଞ୍ଚଳର ଭୋଟ ଗ୍ରହଣ କେନ୍ଦ୍ରରେ ମତ ସାବ୍ୟସ୍ତ କରିଥିଲେ। ଜିଲା କଂଗ୍ରେସ ସଭାପତି ରମେଶ ଜେନାଙ୍କ ଭୋଟ ସହରାଞ୍ଚଳରେ ନ ଥିବା ଏବଂ ଅନ୍ୟ କର୍ମକର୍ତ୍ତାମାନେ ବିଭିନ୍ନ ୱାର୍ଡରେ ମତାଧିକାର ସାବ୍ୟସ୍ତ କରିଥିଲେ। ବିଭିନ୍ନ ରାଜନୈତିକ ଦଳର ଜଣାଶୁଣା ନେତାମାନେ ଭୋଟ ଦେଇଥିଲେ। ବିଜେଡିର ଅପ୍ରତିଦ୍ୱନ୍ଦ୍ୱୀ ୩ କର୍ପୋରେଟର ସୁରେନ୍ଦ୍ର ମହାରଣା, ଆର.ପାୱାନୀ ଓ ସମୀର ମିଶ୍ର ଯଥାକ୍ରମେ ୩୨, ୧୫ ଓ ୩୫ନଂ ୱାର୍ଡରେ କେବଳ ମେୟର ନିର୍ବାଚନ ପାଇଁ ଭୋଟଗ୍ରହଣ ହୋଇଥିଲା।

### ଗୋପାଳପୁରରେ ୫୨ ପ୍ରତିଶତ ମତଦାନ

ଗୋପାଳପୁର,୨୪।୩(ଡି.ଏନ୍.ଏ.)

୧୧ ୱାର୍ଡ ବିଶିଷ୍ଟ ଗୋପାଳପୁର ଏନ୍ଏସିରେ ଗୁରୁବାର ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଏନଏସିରେ ମୋଟ ୭୬୫୫ ଜଣ ଭୋଟର ଥିବାବେଳେ ୧୧ ବୁଥ କେନ୍ଦ୍ରରେ ୫୨.୨% ପ୍ରତିଶତ ଭୋଟର ମତଦାନ କରିଛନ୍ତି। ୧୦ ନମ୍ବର ବୁଥ ପିଙ୍କ ବୁଥ ହୋଇଥିଲା। ମାତ୍ର ତିନି ଦଳର ଅଧ୍ୟକ୍ଷ ପାର୍ଥୀ ଓ ୧୧ ୱାର୍ଡର ୨୪ଜଣ ୱାର୍ଡ କାଉନସିଲରଙ୍କ ଭାଗ୍ୟ ଇଭିଏମ ବକ୍ସରେ ସିଲ ହୋଇଯାଇଛି। ମତଦାନ ସମୟରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଗୋପାଳପୁର ଥାନା ପକ୍ଷରୁ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ୫ରୁ ଊର୍ଦ୍ଧ୍ୱ ଆହତ, ଗାଡ଼ି ଭଙ୍ଗାରୁଜା

## ଟିକିଟିରେ ରାଜନୈତିକ ହିଂସା

ଟିକିଟି,୨୪।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ଟିକିଟି ଏନ୍ଏସିରେ ଗୁରୁବାର ନିର୍ବାଚନ ବେଳେ ରାଜନୈତିକ ହିଂସା ଦେଖାଦେଇଛି। ଅପରାହ୍ନରେ ରାଜନୈତିକ ହିଂସା ଘଟି ୫ରୁ ଊର୍ଦ୍ଧ୍ୱ ଆହତ ହେବା ସହିତ ୪ରୁ ଊର୍ଦ୍ଧ୍ୱ ବାଇକ୍ ଭଙ୍ଗାରୁଜା ହୋଇଛି। ପ୍ରକାଶ ଯେ, ୧୨ଟି ୱାର୍ଡରେ ମତଦାନ ହୋଇଥିଲା। ମତଦାନ ଚାଲିଥିବା ବେଳେ ସମସ୍ତ ବୁଥ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀମାନେ ରିଗିଂ କରୁଥିବା ନେଇ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ମିନା ଦ୍ୟାନ ସାମନ୍ତରା ଏବଂ ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଏନେଇ ଗଞ୍ଜାମ ଜିଲାପାଳ ଏବଂ ପୋଲିସ ଡିଜିଙ୍କୁ ଟୁଇଟ୍ ଯୋଗେ ଅଭିଯୋଗ କରିଥିଲେ। ଅଭିଯୋଗର ୨ଘଣ୍ଟା ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ତରଫରୁ ରିଗିଂକୁ ରୋକାଯାଇ ପାରି ନ ଥିବାରୁ ଉତ୍ତେଜନା ଦେଖାଦେଇଥିଲା। ଭାଜପା ଅଧକ୍ଷା ପ୍ରାର୍ଥୀ ପୁଷ୍ପାଞ୍ଜଳି ସେଠୀଙ୍କ ଘରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ତାଙ୍କ ସ୍ତ୍ରୀ ମିନାଙ୍କ ସମେତ କେତେକ ଭାଜପା କର୍ମୀ ରହିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ବାଇକ୍ ଯୋଗେ ଆସି ଠେଙ୍ଗା, ମାଉଜର, ଟେକା ଓ ପଥର ଧରି ଘର ଉପରକୁ ଫୋପାଡିବା ସହ ମନୋରଞ୍ଜନ ଏବଂ ତାଙ୍କ ସ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ମନୋରଞ୍ଜନଙ୍କ କାର ଭାଙ୍ଗିବା ସହ ଭାଜପା କର୍ମୀଙ୍କ ବାଇକକୁ ଭାଙ୍ଗିରୁଜି ପୋଖରୀରେ ଫିଙ୍ଗି ଦେଇଥିଲେ।



ଭଙ୍ଗାରୁଜା ହୋଇଥିବା କାର ଓ ବାଇକ୍।

ଖବର ପାଇ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ପହଞ୍ଚିବା ପରେ ମନୋରଞ୍ଜନ ଏବଂ ମିନାଙ୍କ ସମେତ ସମସ୍ତ ଭାଜପା କର୍ମୀ ନ୍ୟାୟ ଦାବିରେ ରାସ୍ତାରେ ଧାରଣାରେ ବସିଥିଲେ। ୨୪ ଘଣ୍ଟା ମଧ୍ୟରେ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ପଚାରିବାରୁ ଇଭିଏମ୍ ଭଙ୍ଗାରୁଜା ହୋଇ ନ ଥିବା ଏବଂ ରିଗିଂ ହୋଇ ନ ଥିବା କହିଛନ୍ତି। ଏହାକୁ ନେଇ ଟିକିଟି ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଭାଜପା ପକ୍ଷରୁ ମନୋରଞ୍ଜନ ଟିକିଟି ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ୭ ନଂ. ବୁଥ୍‌ର ପ୍ରିଜାଇଡିଂ ଅଫିସର ଇଭିଏମ୍ ଭଙ୍ଗାଯାଇଥିବା ନେଇ କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କେ.ନୂଆଗାଁ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

### ସ୍ୱଚ୍ଛତା ପଖୱାଡ଼ା କାର୍ଯ୍ୟକ୍ରମ




ଛାତ୍ରୀମାନଙ୍କ ସହ ଉପସ୍ଥିତ ଶିକ୍ଷୟିତ୍ରୀ।

ପାରଳାଖେମୁଣ୍ଡି,୨୪।୩(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଥିବା ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ସଖୀ-ୱାନଷ୍ଟପ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପଖୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଯୋଗଦେଇ ସ୍ୱଚ୍ଛତା ସମ୍ବନ୍ଧୀୟ ବୈଠକ ଓ ସଚେତନତା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ରୀନା ସାହୁ ଯୋଗଦେଇ ଅଧ୍ୟକ୍ଷତା କରିଥିବା ବେଳେ ଶିଶୁ ମଙ୍ଗଳ ସମିତିର ସଦସ୍ୟା ଅଳକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ୱାନ୍‌ଷ୍ଟପ କେନ୍ଦ୍ରର ମୁଖ୍ୟ ପ୍ରଶାସିକା ଭାଗ୍ୟଲକ୍ଷ୍ମୀ ନାୟକ ପରିଚାଳନା କରିଥିଲେ। ବୈଠକ ଶେଷରେ ମହିଳା ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀ ଏବଂ ସଖୀ ୱାନ୍‌ଷ୍ଟପ ସେଣ୍ଟରର ମୀନା କୁମାରୀ ଟହଲ, ଅନିତା ମିଶ୍ର, ମଞ୍ଜୁଳା ଚୌଧୁରୀ, ସୁପ୍ରଭା ସାହୁ, ପ୍ରଣତୀ ଦାସ, ମୋହିନୀ ପ୍ରଧାନ, ମୋନାଲିସା ବେହେରା, ପି.ଯୋଗେଶ୍ୱରୀ, ଦିବ୍ୟ କୁମାର ସୁଆର ପ୍ରମୁଖ ମହାବିଦ୍ୟାଳୟ ପରିସରକୁ ସଫାସୁତରା କରିଥିଲେ।

# ମୃତ ଯୁବକଙ୍କ ପରିଚୟ ମିଳିଲା

ବ୍ରହ୍ମପୁର ଅଫିସ,୨୪।୩

ସରକାରୀ ରେଳବାଇ ପୋଲିସ (ଜିଆରପି) ବୁଧବାର ସନ୍ଧ୍ୟାରେ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ଗୁରୁବାର ସମ୍ପୃକ୍ତ ଯୁବକଙ୍କ ପରିଚୟ ପୋଲିସ ସ୍ପଷ୍ଟ କରିଛି। ମୃତକ ହେଲେ ବି.ବୁଜି (୨୯)। ସେ ତୁଳସୀନଗରରେ ରହୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ ପୋଲିସ ୨୧/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାଥମିକ ଅନୁସନ୍ଧାନରୁ ଯୁବକ ଜଣଙ୍କ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। କୌଣସି ଏକ ଘରୋଇ ଅଶାନ୍ତିରୁ ଯୁବକ ଜଣଙ୍କ ଏଭଳି ଭାବେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ କୋଣାର୍କ ଏକ୍ସପ୍ରେସରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜିଆରପି ପୋଲିସ ଖବର ପାଇଥିଲା। ହଳଦିଆପଦର ଲେଭଲ କ୍ରସିଂ ନିକଟରେ ପୋଲିସ ପହଞ୍ଚି ରେଳଧାରଣା କଡ଼ରୁ ମୃତଦେହ ଜବତ କରିଥିଲା। ତାଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଥିଲା। ଅନ୍ୟପଟେ ପୁଅ ବୁଧବାରଠାରୁ କେଉଁଆଡ଼େ ଚାଲିଯାଇଥିବା ନେଇ ତାଙ୍କ ବାପା ବି.ଲୋକନାଥ ଖବର ପାଇଥିଲେ। ବହୁ ଖୋଜାଖୋଜି ପରେ ମଧ ପୁଅର ସନ୍ଧାନ ମିଳିନଥିଲା। ଗୁରୁବାର ସକାଳେ ଲୋକନାଥ ଖବର ପାଇ ଜିଆରପି ଥାନାରେ ପହଞ୍ଚିଥିଲେ। ପରେ ସେ ପୋଲିସ ସହ ମୃତଦେହ ସଂରକ୍ଷଣ କକ୍ଷକୁ ଯାଇ ମୃତଦେହ ଚିହ୍ନଟ କରିଥିବା ପୋଲିସ କହିଛି।

# ୨ ଦିନ ହେଲା ପିତଳ ଛକ ଶୂନ୍‌ଶାନ୍

ହିଞ୍ଜିଳିକାଟୁ,୨୪।୩(ଡି.ଏନ୍.ଏ)

ହିଞ୍ଜିଳି ଥାନା ଅନ୍ତର୍ଗତ ପିତଳ ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ସଂଘବଦ୍ଧ ଆକ୍ରମଣରେ ନରେନ୍ଦ୍ରପୁରର ୪ ଭାଇଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ , ପିତଳ ଛକରେ ଥିବା ମଦ ଦୋକାନ ଉଚ୍ଛେଦ ଓ ପୋଲିସ ପାଣ୍ଡି ପ୍ରତିଷ୍ଠା ଦାବିରେ ବୁଧବାର ରାସ୍ତା ଅବରୋଧ ହୋଇଥିଲା ଏଥିସହ ଦୋକାନ ବଜାର ମଧ ବନ୍ଦ ରହିଥିଲା। ଗୁରୁବାର ୨ୟ ଦିନ ପାଇଁ ପିତଳ ଛକର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। କେବଳ ଜାତୀୟ ରାଜପଥରେ ବାଇକ ଚଳାଚଳକୁ ବାଦ ଦେଲେ ପିତଳ ଛକ ନିଛାଟିଆ ରହିଛି। ଅନ୍ୟପକ୍ଷରେ ନରେନ୍ଦ୍ରପୁରରେ କେତେଜଣ ପୋଲିସ ବୁଧବାର ଠାରୁ ପହରା ଦେଉଛନ୍ତି।

ବୁଧବାର ରାତି ପ୍ରାୟ ୯ଟାରେ ବ୍ରହ୍ମପୁର ବଡ଼ ମେଡିକାଲ ଶବ ସଂରକ୍ଷଣ ଗୃହରୁ ନରେନ୍ଦ୍ରପୁରର ମଙ୍ଗୁଲୁ ସ୍ୱାଇଁଙ୍କ ୩ ପୁଅ ରାଜା, ଶମ୍ଭୁ, ପାଣ୍ଡବ ଓ ଏମାନଙ୍କ ମାଉସୀ ପୁଅ ନାବାଳକ ଚନ୍ଦନଙ୍କ ମୃତଦେହ ଗ୍ରାମକୁ ଆସିଥିଲା। ଶୋକାକୁଳ ପରିବେଶରେ ରାତି




ପିତଳ ଛକରେ ଭୟଭୀତ ଦୋକାନୀଙ୍କ ପ୍ରତିଷ୍ଠାନ ବନ୍ଦ।

## ୪ ଭାଇଙ୍କୁ ହତ୍ୟା ଘଟଣା

୧୦ଟାରେ ଗାଁ ନିକଟ ଶ୍ମଶାନରେ ଦାହ କରାଯାଇଛି। ପୁଅମାନଙ୍କୁ ହରାଇ ମା' ଆଉ ବଞ୍ଚିବାକୁ ଚାହୁନାହିଁ ବୋଲି ଚିତ୍କାର କରୁଛନ୍ତି। ପୁଅମାନଙ୍କ ହତ୍ୟାକାରୀଙ୍କୁ ଆମ ଆଖି ସାମ୍ନାରେ ଦଣ୍ଡ ମିଳୁ ବୋଲି ବାପା ମଙ୍ଗୁଲୁ କାନ୍ଦି କାନ୍ଦି କହୁଛନ୍ତି। ଛକରେ ବ୍ୟବସାୟୀ ମାନେ ଭୟଭୀତ ଥିବା ପ୍ରକାଶ କରିଛନ୍ତି। ପ୍ରଶାସନ ତୁରନ୍ତ ଏକ ଫାଣ୍ଡି ଖୋଲି ପୋଲିସ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ହତ୍ୟା ଘଟଣାରେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି। ଆକ୍ରମଣକାରୀ ଅମିୟ ସ୍ୱାଇଁ ଓରଫ ସାଧୁ ଆହତ ହୋଇଥିବାରୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ପୋଲିସ ଜଗି ରହିଛି। ଗୁରୁବାର ଏସପି ବ୍ରିଜେଶ ରାଏ ହିଞ୍ଜିଳି ଥାନାରେ ପହଞ୍ଚି ଅଟକ ଅଭିଯୁକ୍ତ ଓ ମାମଲା ସମ୍ପର୍କରେ ବୁଝିଛନ୍ତି। ଅତିଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଅଭିମନ୍ୟୁ ଦାସ କହଛନ୍ତି।

### ଝୁଲନ୍ତା ମୃତଦେହ ଠାବ

ଗୋପାଳପୁର,୨୪।୩(ଡି.ଏନ.ଏ.)

ଗୋପାଳପୁର ଥାନା ପୋଲିସ ବେଳାଭୂମି ନିକଟରୁ ଗୁରୁବାର ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଠାବ କରିଛି। ମୃତକ ହେଲେ ଗୋପାଳପୁର ଏନଏସି ଅଞ୍ଚଳର ଏସ.ପ୍ରକାଶ ରାଓ (୫୭)। ଏହି ଥାନା ଅନ୍ତର୍ଗତ ବିଜ୍ଞାପିତ ପରିଷଦ ଅଞ୍ଚଳର ଏସ.ପ୍ରକାଶ ବାହାର ରାଜ୍ୟରେ କାମ କରୁଥିଲେ। ଗତ ୫ ଦିନ ହେଲା ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କୌଣସି ଏକ କଥାକୁ ନେଇ ବିଭିନ୍ନ ସମୟରେ ମାନସିକ ଚିନ୍ତାଗ୍ରସ୍ତ ରହୁଥିଲେ। ଗୋପାଳପୁର ବେଳାଭୂମି ନିକଟରେ ଏକ ଫାଷ୍ଟ ଫୁଡ଼ ଦୋକାନ ପାର୍ଶ୍ୱରେ ଏକ ପ୍ଲାଷ୍ଟିକ ଦୌଡ଼ି ନିଜ ବେକରେ ଲଗାଇ ଝୁଲିପଡ଼ିଥିଲେ। ଖବର ପାଇ ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ପଠାଇଥିଲେ। ଏ ନେଇ ନଂ. ୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ଜିଲା ଗଠନ ଆହ୍ୱାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ବିଶ୍ୱ ଯକ୍ଷ୍ମା ଦିବସ

ବ୍ରହ୍ମପୁର ଅଫିସ,୨୪।୩

ନଗର ଚିକିତ୍ସାଳୟ ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଶ୍ୱ ଯକ୍ଷ୍ମା ଦିବସ କାର୍ଯ୍ୟକ୍ରମକୁ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମାଶଙ୍କର ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡା. ମିଶ୍ର କହିଥିଲେ, ଯକ୍ଷ୍ମା ରୋଗ ଚିହ୍ନଟ ନିମନ୍ତେ ସମସ୍ତ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ପ୍ରକଳ୍ପ ପରିଚାଳକ, ପ୍ରକଳ୍ପ ସଂଯୋଜକମାନଙ୍କୁ ସଂକଳ୍ପବଦ୍ଧ ଓ ନିଷ୍ଠାର ସହିତ କାର୍ଯ୍ୟ କରି ରୋଗୀମାନଙ୍କୁ ଚିହ୍ନଟ ଉଦ୍ୟମ କରିବା ଆବଶ୍ୟକ। ଚଳିତବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ ରହିଛି 'ରାଜଯକ୍ଷ୍ମାର ମୂଳୋତ୍ପାଟନ ଦିଗରେ ବିନିଯୋଗ କରନ୍ତୁ ଓ ଜୀବନ ବଞ୍ଚାନ୍ତୁ। ଏହି ମାରାତ୍ମକ ରୋଗ ଲୋପ ପାଇଁ ଟିକା (ଭ୍ୟାକ୍ସିନ)ର କ୍ଲିନିକାଲ ପର୍ଯ୍ୟବେକ୍ଷଣ ଓ ଗବେଷଣା ଚାଲିଛି। ୨୦୨୫ ସୁଦ୍ଧା ରାଜଯକ୍ଷ୍ମା ମୁକ୍ତ ଜିଲା ଗଠନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ (ଟିବି) ଡା. ଅବନୀ ପାତ୍ର ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ ଅଧୀନରେ ଥିବା ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଟିବି ବିରୋଧରେ ସଚେତନତା ସୃଷ୍ଟି କରି ଏକ ଆନ୍ଦୋଳନାତ୍ମକ ଜନଜାଗରଣ ସୃଷ୍ଟି କରିବାକୁ ସମସ୍ତ ଟିବି ସୁପରଭାଇଜରମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟାଧିକାରୀ ଡା.ଆର.ଜଗଦୀଶ ପଟ୍ଟନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟାଧିକାରୀ (ଭେକ୍ଟର ବାହିତ ରୋଗ) ଡା. ସନ୍ତୋଷ କୁମାର ପାଢୀ ଓ ଜିଲା ଯକ୍ଷ୍ମା କାର୍ଯ୍ୟକ୍ରମ ସଂଯୋଜକ ବିଦେଶୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବଳାତ୍କାର ମାମଲା: ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୪।୩

ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ଗାପାଳପୁର ଅଞ୍ଚଳର ଶିବ ବେହେରାଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୨୧ ଫେବୃୟାରୀରେ ଜନୈକା ନାବାଳିକା ସନ୍ଧ୍ୟାରେ ଟିଉଶନ ଯାଉଥିବା ବେଳେ ତାଙ୍କୁ ଗ୍ରାମର ଜଣେ ଯୁବକ ଅପହରଣ କରିବା ସହ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ମା' ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁକରି ଅନୁସନ୍ଧାନ କରିଥିଲା। ଅଭିଯୁକ୍ତ ଶିବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଶୁଣାଣି ବେଳେ ୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ଶିବଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଚକ୍ରପାଣି ନାହାକ ମକଦ୍ଦମା ପରିଚାଳନା କରିଥିଲେ।

# ନିର୍ବାଚନକୁ ନେଇ ଉତ୍ତେଜନା, କଂଗ୍ରେସ-ବିଜେଡି ମୁହାଁମୁହିଁ

ଫୁଲବାଣୀ ଅଫିସ,୨୪।୩

ଫୁଲବାଣୀ ପୌର ନିର୍ବାଚନ ପାଇଁ ମତଦାନ ଶାନ୍ତିଶୃଙ୍ଖଳାରେ ଚାଲିଥିବା ବେଳେ ଶେଷ ସମୟରେ ଉତ୍ତେଜନା ଦେଖାଯାଇଛି। ବିଜେଡି- କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇ ଉଭୟ ପକ୍ଷରୁ ଟାଉନ ଥାନାରେ ଏତଲା ହୋଇଛି।

ବିଜେଡି ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ, ପୌରାଧ୍ୟକ୍ଷା ପ୍ରାର୍ଥିନୀ ବୁଥକୁ ଯିବା ସମୟରେ କିଛି ବ୍ୟକ୍ତି ତାଙ୍କୁ ଅଟକାଇବା ସହିତ ଅସଦବ୍ୟବହାର ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ତଥା ପୌରାଧ୍ୟକ୍ଷା ପ୍ରାର୍ଥିନୀ ସବିତା ମହାନ୍ତିଙ୍କ ସ୍ୱାମୀ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ପୌରାଞ୍ଚଳ ୪ନଂ. ଫୁଲବାଣୀ ସାହି ପ୍ରାଥମିକ ବିଦ୍ୟାଳୟ ବୁଥରେ ମତଦାନ ଚାଲିଥିବା ବେଳେ ଅପରାହ୍ନ ସାଢ଼େ ୪ଟାରେ ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ତାଙ୍କର ପ୍ରାୟ ୨୦ଜଣ ସମର୍ଥକଙ୍କ ସହ ପହଞ୍ଚି ଭୋଟରଙ୍କୁ ଧମକ ଚମକ ଦେଇଥିଲେ । ସମର୍ଥକମାନେ ଗାଳିଗୁଲଜ କରିବା ସହ ପିସ୍ତଲ ଦେଖାଇ ଡରାଇଥିଲେ ବୋଲି ଅଭିଯୋଗ କରାଯାଇଛି । ଏହି ଘଟଣା ପରେ ରାତି ପ୍ରାୟ ୮ଟାରେ କଂଗ୍ରେସ ସମର୍ଥକମାନେ ସ୍ଥାନୀୟ ଜିରିଙ୍ଗପଡା ସାହି ଦେଇ ଯାଉଥିବା ସମୟରେ କିଛି ବ୍ୟକ୍ତି ସେହି ଅଞ୍ଚଳକୁ ଅନ୍ଧାର କରି ସେମାନଙ୍କୁ ଆକ୍ରମଣ କରିଥିବା ସୂଚନା ମିଳିଛି । ଆକ୍ରମଣରେ କଂଗ୍ରେସର ଜଣେ କର୍ମକର୍ତ୍ତାଙ୍କ ସହିତ ଅନ୍ୟ କେତେଜଣ ଯୁବକ ଆହତ ହୋଇଛନ୍ତି। ଏହାକୁ ନେଇ ଏବେ ସଂପୃକ୍ତ ଅଂଚଳରେ ଉତ୍ତେଜନା ଲାଗି ରହିଛି। ସଦର ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ ଓ ଟାଉନ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣା ସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି।



ଭଙ୍ଗାରୁଜା ହୋଇଥିବା ବାଇକ୍ ।

**ବୁଥ୍ ପରିଦର୍ଶନ କଲେ ନାହିଁ ଜିଲାପାଳ**

**ନୟାଗଡ଼ ଅଫିସ:** ଗୁରୁବାର ପୌର ନିର୍ବାଚନ ହୋଇଛି । ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପୋମା ଟୁଡୁ ଜିଲାର ୪ ସହରାଞ୍ଚଳର କୌଣସି ବୁଥ୍ ପରିଦର୍ଶନ କରି ନ ଥିବା କଂଗ୍ରେସ ଅଭିଯୋଗ ଆଣିଛି । ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି ନିର୍ବାଚନ କିପରି ହେଲା, କ'ଣ ଅସୁବିଧା ହେଲା ସେ କଥା ପ୍ରତ୍ୟକ୍ଷ ଭାବେ ଜାଣିବା ପାଇଁ ଜିଲାପାଳ ବିଭିନ୍ନ ବୁଥ୍ କରିଦର୍ଶନ କରିବା ଜରୁରୀ । ହେଲେ ଜିଲାପାଳ କୌଣସି ବୁଥ୍ ପରିଦର୍ଶନ ନ କରି ଗଣମାଧମରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ବିବୃତ୍ତି ଦେବା ଠିକ୍ କଥା ନୁହଁ । ଏହି ପରିପ୍ରେକ୍ଷୀରେ କଂଗ୍ରେସ ଜିଲାପାଳଙ୍କ ବଦଳି ଦାବି କରିଛି ।

## ସଂକ୍ଷେପରେ

### ଭଗତ ସିଂଙ୍କ ଶହୀଦ ଦିବସ ପାଳିତ

**ଦଶପଲ୍ଲା,୨୪।୩(ଡି.ଏନ୍.ଏ.):** ମାଟିର ସ୍ୱର ସଙ୍ଗଠନ ପକ୍ଷରୁ କ୍ରାନ୍ତିକାରୀ ବିପ୍ଲବୀ ଶହୀଦ ଭଗତ ସିଂଙ୍କ ୯୧ତମ ବଳିଦାନ ଦିବସ ଅବସରରେ ଏକ ରାଜ୍ୟସ୍ତରୀୟ ଆଭାସୀ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଆଲୋଚକ ଭାବେ ବରିଷ୍ଠ ସାମାଜିକ କର୍ମୀ ତଥା ମିଶନ ଜଷ୍ଟିସ୍‌ର ସଦସ୍ୟ ତପନ ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ବରିଷ୍ଠ ଆଡଭୋକେଟ ଶରତ ଚନ୍ଦ୍ର ବେହେରା,ସାହିତ୍ୟିକ ସଂଗ୍ରାମ କେଶରୀ ସାମନ୍ତରା, ବରିଷ୍ଠ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ସାମନ୍ତରା, ପ୍ରଫୁଲ କୁମାର ମାଝି, ପ୍ରଫୁଲ କୁମାର ମିଶ୍ର ଓ ଲୋପା ମିଶ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସୌଦାମିନୀ ମିଶ୍ର, ପ୍ରିୟଦର୍ଶିନୀ ମିଶ୍ର, ରିକ୍ଷୀରାମ ମେହେର, ନଟବର ପ୍ରଧାନ, ମଧୁସୂଦନ ଦାସ, ଅଜିତ ମହାନ୍ତି, ଜିତେନ୍ଦ୍ର ମହାରଣା, ଶ୍ରୀକାନ୍ତ ପଣ୍ଡା, ଶ୍ରୀକାନ୍ତ ଘଡାଇ, ସାନ୍ତ୍ୱନୁ ବିଶୋଇ, ରୋହିତ ଜେନା ଓ ବନ୍ଦନା ବିଶ୍ୱାସ ପ୍ରମୁଖ ଶହୀଦ ଭଗତ ସିଂଙ୍କ ବିଚାର ଓ ଜୀବନ ଆଦର୍ଶ ଉପରେ ଆଧାରିତ କବିତା ଇନ୍ କିଲାବ୍ ଜିନ୍ଦାବାଦ୍ ପାଠ କରିଥିଲେ । ଏହି ଆଭାସୀ ଆଲୋଚନାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୫ ଜଣରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀ, କବି ଲେଖକ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଆଲୋଚନାକୁ ସଙ୍ଗଠନର ସଂଯୋଜକ ପ୍ରଭାତ କୁମାର ସାହୁ ସଂଯୋଜନା କରିଥିଲେ ।

### ୭ ଦଫା ଦାବି ନେଇ ସ୍ମାରକପତ୍ର

**ନୟାଗଡ଼ ଅଫିସ,୨୪।୩:** ଆଶାକର୍ମୀମାନେ ୭ ଦଫା ଦାବି ସମ୍ବଳିତ ଏକ ପତ୍ର ଶରଣକୁଳ ମେଡିକାଲ ଅଫିସରଙ୍କ ଜରିଆରେ ଗୁରୁବାର ନୟାଗଡ଼ ସିଡିଏମ୍‌ଓଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ଏପ୍ରିଲରୁ ଆଶାକର୍ମୀଙ୍କ ପ୍ରୋତ୍ସାହନ ରାଶି ବଢ଼ିଥିଲେ ମଧ ସେମାନେ ପାଇ ନାହାନ୍ତି। ତୁରନ୍ତ ସେମାନଙ୍କ ବର୍ଦ୍ଧିତ ପ୍ରେତ୍ସାହନ ରାଶି ପ୍ରଦାନ କରାଯାଉ । ପ୍ରତିମାସର ୧ରୁ ୧୦ ତାରିଖ ଭିତରେ ଦରମା ଓ ଦରମାର ବିବରଣୀ ପ୍ରଦାନ କରିବାକୁ ଆଶାକର୍ମୀମାନେ ଦାବି କରିଛନ୍ତି। ଆଶାକର୍ମୀଙ୍କ ପ୍ରଶିକ୍ଷଣ ବାବଦ ଅର୍ଥ ତୁରନ୍ତ ପ୍ରଦାନ କରାଯାଉ। କୋଭିଡ୍-୧୯ରେ ପ୍ରାଣ ହରାଇଥିବା ଆଶାକର୍ମୀଙ୍କୁ ସରକାରୀ ସହାୟତା ଦିଆଯାଉ । ସିଏଚ୍‌ସି, ପିଏଚ୍‌ସିରେ ଆଶାଗୃହ ନିର୍ମାଣ କରାଯାଉ ବୋଲି ଦାବି ରହିଛି । ଓଡିଶା ରାଜ୍ୟ ଆଶା କର୍ମୀ ସଂଘ ଓଡ଼ଗାଁ ବ୍ଲକ ସଂଘ ପକ୍ଷରୁ ଏହି ଦାବି ଉପସ୍ଥାପନ କରାଯାଇଛି ।

# ୭୦.୩୯ ପ୍ରତିଶତ ମତଦାନ



ଦଶପଲ୍ଲାର ଏକ ବୁଥ୍ ସମ୍ମୁଖରେ ମହିଳାଙ୍କ ଲୟାଧାଡ଼ି।



ନୟାଗଡ଼ରେ ଭୋଟ ଦେଉଥିବା ଜଣେ ଭୋଟର।



ଦଶପଲ୍ଲାରେ ଜଣେ ୧୦୨ ବର୍ଷ ବୟସର ବୃଦ୍ଧା ଭୋଟ ଦେବାକୁ ଆସୁଛନ୍ତି।




ନୟାଗଡ଼ ସହରରେ ଜଣେ ମହିଳା ଭୋଟ ଦେଉଛନ୍ତି।



ନୟାଗଡ଼ର ପିଙ୍କ୍ ବୁଥ୍‌ରେ କଲେଜ ଛାତ୍ରୀମାନେ ଧାଡ଼ିରେ ଠିଆହୋଇ ଭୋଟରଙ୍କୁ ସଚେତନ କରୁଛନ୍ତି।

**ନୟାଗଡ଼ ଅଫିସ/ରଣପୁର/ଦଶପଲ୍ଲା/ଗଣିଆ/ଖଣ୍ଡପଡ଼ା (ଡି.ଏନ୍.ଏ./ସ୍ୱ.ପ୍ର.)୨୪।୩**

**ନୟାଗଡ଼ ପୌର ନିର୍ବାଚନ-୨୦୨୨**

**୧୯୩ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍**

ନୟାଗଡ଼ ଜିଲାରେ ପୌର ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଗୁରୁବାର ଶେଷ ହୋଇଛି । ୭୦.୩୯ ପ୍ରତିଶତ ମତଦାନ ହୋଇଛି । ଏଥିରୁ ନୟାଗଡ଼ ମ୍ୟୁନିସିପାଲିଟିରେ ୬୨.୨୫ ପ୍ରତିଶତ, ଦଶପଲ୍ଲାରେ ୭୫ ପ୍ରତିଶତ , ଖଣ୍ଡପଡ଼ାରେ ୭୫.୩୯ ପ୍ରତିଶତ ଓ ରଣପୁରରେ ୭୩.୦୭ ପ୍ରତିଶତ ମତଦାନ ହୋଇଛି । ଖଣ୍ଡପଡ଼ାରେ ୭ ହଜାର ୯୯୮ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୬ ହଜାର ୩୦ ମତଦାନ କରିଛନ୍ତି । ଦଶପଲ୍ଲାରେ ୧୫ ହଜାର ୨୯୪ ଭୋଟ ମଧ୍ୟରୁ ୧୧ ହଜାର ୪୪୩ ଜଣ ଭୋଟ ଦେଇଛନ୍ତି। ରଣପୁରରେ ୧୨ ହଜାର ୨୫୮ ଭୋଟରଙ୍କ ମଧରୁ ୯ ହଜାର ୩୫ ଭୋଟ ଦେଇଛନ୍ତି । ନୟାଗଡ଼ରେ ୧୮ ହଜାର ୨୨୭ ଭୋଟରଙ୍କ ମଧ୍ୟରୁ ୧୧ ହଜାର ୩୪୭ ମତଦାନ କରିଛନ୍ତି । ଜିଲାରେ ୧୭୭ ଜଣ କାଉନସିଲର ଓ ୧୬ ଜଣ ଅଧ୍ୟକ୍ଷ ପାଇଁ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏମାନଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି । ମତଦାନ ଶେଷ ପରେ ନୟାଗଡ଼ ପୌର ପାଳିକା ପାଇଁ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ,ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦଶପଲ୍ଲା ବ୍ଲକ ପରିସରରେ, ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ଏବଂ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ବି.ବି. ଉଚ୍ଚ ବିଦ୍ୟାଳୟ ପରିସରରେ ଗଠନ କରାଯାଇଥିବା ଷ୍ଟ୍ରଙ୍ଗ୍ ରୁମରେ ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି । ଚଳିତ ମାସ ୨୬ରେ ଭୋଟ ଗଣତି ହେବ। ସେ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ପୋଲିସ ବ୍ୟବସ୍ଥା ଏବଂ ସିସିଟିଭି କ୍ୟାମେରା କଟକଣାରେ ଇଭିଏମ୍ ରଖାଯାଇଛି। ଜିଲାପାଳ ପୋମା ଟୁଡୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ଏବଂ ଉପଜିଲାପାଳ-ତଥା-ନିର୍ବାଚନ ଅଧିକାରୀ ଲଗ୍ନଜିତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିର୍ବାଚନ ଶେଷ ହୋଇଛି ।

ସୂଚନାଯୋଗ୍ୟ, ନୟାଗଡ଼ ପୌରାଞ୍ଚଳରେ ୧୬ ୱାର୍ଡ ଥିବାବେଳେ ୨୫ ବୁଥ୍ ହୋଇଥିଲା। ସେହିପରି ଖଣ୍ଡପଡ଼ା ଏନଏସିରେ ୧୩ ୱାର୍ଡରେ ୧୩ ବୁଥ୍, ରଣପୁରରେ ୧୫ ୱାର୍ଡରେ ୧୬ ବୁଥ୍, ଦଶପଲ୍ଲା ଏନଏସିରେ ୧୬ ୱାର୍ଡରେ ୨୧ ବୁଥ୍ ହୋଇଥିଲା ।

### ବୁଥ୍ ସମ୍ମୁଖରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷଙ୍କୁ ଆକ୍ରମଣ

**ଖଣ୍ଡପଡ଼ା,୨୪।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ମତଦାନ କେନ୍ଦ୍ର ସମ୍ମୁଖରେ ଖଣ୍ଡପଡ଼ା ବ୍ଲକ୍‌ର ନବ ନିର୍ବାଚିତ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କୁ ଗୁରୁବାର ଆକ୍ରମଣ କରାଯାଇଛି । ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଥାନାରେ ୧ଅଭିଯୋଗ ହୋଇଛି। ଉପାଧ୍ୟକ୍ଷ ସାହୁ ବ୍ଲକ୍ ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ର ଓ ସହଯୋଗୀମାନଙ୍କ ସହ ଏକ କାରରେ ମତଦାନ କେନ୍ଦ୍ର ସମ୍ମୁଖରେ ଦିନ ପ୍ରାୟ ୧୨ଟା ସମୟରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଅଧ୍ୟକ୍ଷା ପ୍ରାର୍ଥୀନୀ ଆରତୀ ପ୍ରଧାନଙ୍କ ସ୍ୱାମୀ ବିଧାନ ଚନ୍ଦ୍ର ପ୍ରଧାନ ହଠାତ୍ ଉପାଧ୍ୟକ୍ଷଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଚାଲିଥିବାବେଳେ ପ୍ରଧାନ ଉପାଧ୍ୟକ୍ଷଙ୍କୁ ପୋଲିସ ଉପସ୍ଥିତିରେ ମାଡ଼ ମାରି ଥିବା ଅଭିଯୋଗ ହୋଇଛି । ଉପାଧ୍ୟକ୍ଷ ସାହୁ ନିଜ ସମର୍ଥକଙ୍କ ସହ ଖଣ୍ଡପଡ଼ା ଥାନାକୁ ଯାଇ ପ୍ରଧାନଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଆରତୀ ପ୍ରଧାନ ବି ଉପାଧ୍ୟକ୍ଷଙ୍କ ବିରୋଧରେ ଏକ ଅଭିଯୋଗପତ୍ର ଖଣ୍ଡପଡ଼ା ଥାନାରେ ପ୍ରଦାନ କରିଛନ୍ତି ।

## ପଞ୍ଚଦୋଳ ଯାତ୍ରାରେ ୧୦୮ ଠାକୁରଙ୍କ ମେଳଣ



ଦୋଳ ମେଳଣକୁ ଆସିଥିବା ଠାକୁରଙ୍କ ବିମାନ।

**ରଣପୁର,୨୪।୩(ସ୍ୱ.ପ୍ର.)**

ଦୋଳପୂର୍ଣ୍ଣିମାର ୫ଦିନ ପରେ ଅନୁଷ୍ଠିତ ହୋଇଥାଏ ନୟାଗଡ଼ ଜିଲା ରଣପୁରରେ ପଞ୍ଚଦୋଳ ମେଳଣ । ରଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଣିନାଗ ଓ ପଞ୍ଚୁ ମହାଦେବଙ୍କ ଚଳନ୍ତି ପ୍ରତିମାଙ୍କ ନେତୃତ୍ୱରେ ୧୦୮ ଠାକୁରଙ୍କ ମେଳଣ ହୋଇଥାଏ ପଞ୍ଚଦୋଳ ମେଳଣ ପଡ଼ିଆରେ । ରଣପୁର ସିଂହଦ୍ୱାରାଠାରୁ ଏକ ବିରାଟ ଆଟୋପ ଶୋଭାଯାତ୍ରା ବାହାରେ ମେଳଣ ପଡିଆକୁ। ଶୋଭାଯାତ୍ରା ଆଗରେ ଘୋଡ଼ା ନାଚ, ଅସୁର, କଳାଘୋଡ଼ା, ସାପ ସାପୁଆଣୀ, ନାଗାନୃତ୍ୟ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ଉପଭୋଗ କରନ୍ତି।

ରାତି ପ୍ରାୟ ୧୧ଟାରେ ଶୋଭାଯାତ୍ରା ଆରମ୍ଭ ହୁଏ । ରଣପୁର ସହର ପରିକ୍ରମା କରି ମେଳଣ ପଡ଼ିଆରେ ଏହି ଶୋଭାଯାତ୍ରା ପହଞ୍ଚିଲା ବେଳକୁ ପ୍ରାୟ ସକାଳ ହୋଇଯାଏ । ମେଳଣ ପଡ଼ିଆରେ ଥିବା ୧୦୮ ମଣ୍ଡପରେ ୧୦୮ ଅଞ୍ଚଳରୁ ଆସିଥିବା ଠାକୁରଙ୍କ ଚଳନ୍ତି ପ୍ରତିମା ବସିଥାନ୍ତି । ପଞ୍ଚଦୋଳ ଯାତ୍ରା ପାଇଁ ମେଳଣ ପଡ଼ିଆ ସହିତ ରଣପୁର ଦାଣ୍ଡରେ ବସେ ଅସ୍ଥାୟୀ ଦୋକାନ ବଜାର । ଚଳନ୍ତି ପ୍ରତିମା ମଣ୍ଡପରେ ସନ୍ଧ୍ୟା ପର୍ଯ୍ୟନ୍ତ ରହିଥାନ୍ତି । ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହ ଫଗୁ ଖେଳିଥାନ୍ତି । ଶେଷରେ ସୁସଜ୍ଜିତ ସମସ୍ତ ଦୋଳବିମାନ ଏକାଠି ହୋଇ ପୁଣି ଥରେ ମେଳଣ ପଡ଼ିଆରୁ ସିଂହଦ୍ୱାରା ପର୍ଯ୍ୟନ୍ତ ଶୋଭା ଯାତ୍ରାରେ ଯାଇଥାନ୍ତି। ଏହି ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସହିତ ନୟାଗଡ଼, କାସମାଳ, ବୋଲଗଡ଼, ଟାଙ୍ଗି, ଜଙ୍କିଆ, ଖୋର୍ଦ୍ଧା ଅଞ୍ଚଳବାସୀ ସେଠାରେ ରୁଣ୍ଡ ହୋଇଥାନ୍ତି। ଶୋଭାଯାତ୍ରା ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଚଳନ୍ତି ଠାକୁର ନିଜ ନିଜ ଆସ୍ଥାନକୁ ଦୋଳ ବିମାନରେ ବାହୁଡ଼ି ଥାଆନ୍ତି।

ଏହି ଯାତ୍ରା କାହିଁ କେଉଁକାଳରୁ ପାଳିତ ହୋଇଆସୁଛି। ଭାଇଚାରା ସୃଷ୍ଟି କରୁଥିବା ରଣପୁର ପଞ୍ଚୁଦୋଳ ଏକ ଗଣପର୍ବରେ ପରିଣତ ହୋଇଛି । ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଏହି ଯାତ୍ରା ପାଳିତ ହୋଇଆସୁଛି। ସମୟ ବଦଳିବା ସହିତ ଏହି ଯାତ୍ରା ପରମ୍ପରାରେ ବି କିଛି ପରିବର୍ତ୍ତନ ଆସିଛି । ଦିନ ଥିଲା ବିମାନ ଶୋଭାଯାତ୍ରା ବେଳେ ବାଣ, ରୋଶଣି ମୁଖ୍ୟ ଆକର୍ଷଣ ଥିଲା। ମଶାଲ ଶୋଭାଯାତ୍ରା ଦେଖିବାକୁ ଲୋକେ ଦୂରଦୂରାନ୍ତରୁ ଧାଇଁ ଆସୁଥିଲେ । ମାତ୍ର ଏବେ ମଶାଲ ପରିବର୍ତ୍ତେ ବ୍ୟାଟେରିର ରଙ୍ଗବେରଙ୍ଗ ଆଲୋକ ଦର୍ଶକଙ୍କ ମନ କିଣିଛି । କିନ୍ନରମାନଙ୍କ ନାଚ ବି ଏହି ମେଳଣରେ ନୂଆ ଧାରା ସୃଷ୍ଟି କରିଛି।

## ସିସିଟିଭି କ୍ୟାମେରା ତଳେ ଇଭିଏମ୍

**ନୟାଗଡ଼ ଅଫିସ,୨୪।୩**

ପୌର ଭୋଟ ଗୁରୁବାର ଅନୁଷ୍ଠିତ ହୋଇଛି। ନୟାଗଡ଼ କଲେଜର ୧୭ ଓ ୧୮ ନଂ. ବୁଥ୍‌ରେ ସିସିଟିଭି କ୍ୟାମେରା ତଳେ କାଉନସିଲର ପ୍ରାର୍ଥୀଙ୍କ ପାଇଁ ଇଭିଏମ୍ ରଖାଯାଇଥିଲା । ଏ କଥା ଜଣାପଡିବା ପରେ ବିରୋଧି ଦଳ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ହେଲେ ସେହି ଅଭିଯୋଗକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଆମେ କାହାକୁ ଭୋଟ ଦେଲୁ ତାହା ସିସିଟିଭି କ୍ୟାମେରାରୁ ଜଣା ପଡ଼ିବ ବୋଲି କେତେଜଣ ଭୋଟର କହିଛନ୍ତି ।

**ଗ୍ରାମାଞ୍ଚଳ ଭୋଟର ଭୋଟ ଦେଲେ**

ନୟାଗଡ଼ର ୱାର୍ଡ ନଂ. ୧୧ ବୁଥ୍ ୧୬ ପୋଲିସ ଟ୍ରେନିଂ ସ୍କୁଲରେ ଗ୍ରାମାଞ୍ଚଳର ଭୋଟରମାନେ ଆସି ଭୋଟ ଦେଇଛନ୍ତି ବୋଲି କଂଗ୍ରେସ ପ୍ରାର୍ଥୀ ବିଭୂତି କୁମାର ରଥ ଅଭିଯୋଗ କରିଛନ୍ତି। କଂଗ୍ରେସ ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ୍ ହୋଇଛି ।

**ବୁଥ୍‌ରେ ଭୋଟ ପ୍ରଚାର**

ନୟାଗଡ଼ ମ୍ୟୁନିସିପାଲିଟିର ୱାର୍ଡ ନଂ.୧୬ ବୁଥ୍ ନଂ. ୨୪ରେ ବୁଥ୍ ପାଖରେ ବସି କେତେଜଣ ଭୋଟର ଶାସକ ଦଳ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ପ୍ରଚାର କରୁଥିଲେ ।



ଇଭିଏମ୍ ନିକଟ କାନ୍ଥରେ ସିସି ଟିଭି କ୍ୟାମେରା ଲାଗିଛି।

ପୋଲିସ ଦେଖି ଚୁପ ରହିଥିଲା। ବାରମ୍ବାର ଅଭିଯୋଗ ପରେ ପୋଲିସ ବାଧ ହୋଇ ସେମାନଙ୍କୁ ହଟାଇଥିଲା । ନୟାଗଡ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ନୟାଗଡ ମ୍ୟୁନିସିପାଲିଟିର ସବୁ ବୁଥ୍ ପାଖରେ ଭୋଟ ପ୍ରଚାର କରୁଥିବା ଅଭିଯୋଗ ହୋଇଛି।

**ବୁଥ୍‌ରେ ଉତ୍ତେଜନା**

ନୟାଗଡ଼ ମ୍ୟୁନିସିପାଲିଟି ହାଟପଦା ସ୍କୁଲର ବୁଥ୍ ୪ ଓ ୫ରେ ଏଜେଣ୍ଟକୁ କାଢ଼ିଦେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏକ ନିର୍ଦ୍ଦିଷ୍ଟ ଦଳର ଏଜେଣ୍ଟ ଓ କେତେଜଣ ଭୋଟର ସ୍ୱଳ୍ପ ସମୟ ପାଇଁ ଅନ୍ୟ ଭୋଟରଙ୍କ ନାମରେ ମତଦାନ କରିଥିଲେ । ଭାଜପା ପକ୍ଷରୁ ପ୍ରତିବାଦ ପରେ ସେହି ଏଜେଣ୍ଟମାନଙ୍କୁ କାଢ଼ି ଦିଆ ଯାଇଥିଲା । ଏନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା ।

**ନକଲି ପରିଚୟ ପତ୍ରରେ ଭୋଟ**

ଭୋଟର ଆସିବା ବେଳକୁ ତାଙ୍କ ନାଁରେ ଅନ୍ୟ କେହି ମତଦାନ କରି ପଳାଇଛନ୍ତି । ଏଭଳି ଅନିୟମିତତା ନୟାଗଡ ମ୍ୟୁନିସିପାଲିଟି ୱାର୍ଡ ନଂ. ୩ ହାଟପଦା ସ୍କୁଲ ବୁଥ୍‌ରେ ଓ ୧୧ ନଂ. ୱାର୍ଡର ବୁଥ୍‌ରେ ହୋଇଥିବାର ଅଭିଯୋଗ ହୋଇଛି । ଏନେଇ ଅସଲି ଭୋଟର ପୋଲିଂ ଅଫିସରକୁ ଅଭିଯୋଗ କରିବାରୁ ସୁଫଳ ମିଳି ନାହିଁ ।

## ନିମ୍ନମାନର ପାଇଖାନା ନିର୍ମାଣକୁ ନେଇ ଚିନ୍ତା

**ନୂଆଗାଁ,୨୪।୩(ଡି.ଏନ.ଏ.)**

- ଠିକାଦାର, ଯନ୍ତ୍ରୀ ମାଲାମାଲ
- ବହୁ ସ୍ଥାନରେ ନିର୍ମାଣର ଚିହ୍ନବର୍ଣ୍ଣ ନାହିଁ

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ପରିମଳ ଯୋଜନା ମାଧ୍ୟମରେ ପାଇଖାନା ନିର୍ମାଣ ନାମରେ ଚାଲିଛି ହରିଲୁଟ। ପାଇଖାନା ନ ଥାଇ ବାହ୍ୟ ମଳମୁକ୍ତ ଅଞ୍ଚଳ ବୋଲି ଏକାଧିକ ଗ୍ରାମକୁ ଘୋଷଣା କରାଯାଇଛି। କେତେକ ସ୍ଥାନରେ ଫଳକ ଲଗାଯାଇଛି। ଏହି ସୁଯୋଗରେ ଅତି ନିମ୍ନମାନର ପାଇଖାନା ନିର୍ମାଣ କରାଯାଉଛି । ଇଟା ବଦଳରେ ବାଲି, ବଜୁରି ପିସ୍ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି ।

ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବାକୁ କେନ୍ଦ୍ର ସରକାର ସ୍ୱଚ୍ଛ ପରିମଳ ଯୋଜନା ଅନୁଯାୟୀ, ସମସ୍ତ ପରିବାରରେ ପାଇଖାନା ନିର୍ମାଣ କରିବାକୁ ଘୋଷଣା କରିଥିଲେ । ଏଥିପାଇଁ ହିତାଧିକାରୀଙ୍କୁ ୧୨ ହଜାର ଟଙ୍କା ଲେଖାଏ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ସେହି ଅନୁଯାୟୀ ୨୦୧୩ରୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ୨୨ ପଞ୍ଚାୟତର ୨୭୭ ଗାଁରେ ପାଇଖାନା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏଥିପାଇଁ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ଏବଂ କର୍ମଚାରୀମାନେ ଦାୟିତ୍ୱ ନେଇ ଗାଁ ଗାଁ ବୁଲି ପାଇଖାନା କାର୍ଯ୍ୟର ତଦାରଖ କଲେ । କିନ୍ତୁ ଇତିମଧ୍ୟରେ ୮ ବର୍ଷ ବିତି ଯାଇଥିଲେ ମଧ୍ୟ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି । ପ୍ରଥମେ ହିତାଧିକାରୀ ନିଜେ ପାଇଖାନା ନିର୍ମାଣ କରୁଥିବା ବେଳେ ଏବେ ପାଇଖାନା ନିର୍ମାଣ ଦାୟିତ୍ୱ ବ୍ଲକ ବାହାର ଠିକାଦାରଙ୍କ ହାତରେ ଟେକି ଦେଇଛି ବ୍ଲକ ପ୍ରଶାସନ ।





ବ୍ୟବହାର ଆଗରୁ ପାଇଖାନା ଭାଙ୍ଗିରୁଜି ଯାଇଛି ।

ଆଦିବାସୀ ଅଧ୍ୟୁଷିତ ଜାକେଡ଼ା ପଞ୍ଚାୟତର ଜାକେଡା, ସାନଜିରି, ଡୁକୁଡ଼ା, ବଡ଼ଜିରି, ଲୁଣି, ବାଗିଆମ୍ବା, ଦୁରୁଙ୍ଗି, ବାଡ଼ିବାରି, କରଚୁଲି ଆଦି ଗାଁରେ ହାତଗଣତି କେତୋଟି ପାଇଖାନା ନିର୍ମାଣ କରାଯାଇ ବାହ୍ୟ ମଳମୁକ୍ତ ଗାଁ ଘୋଷଣା କରାଯିବା ସହିତ ଫଳକ ଲଗାଇ ଦିଆଯାଇଥିଲା। ନିର୍ମାଣ ହୋଇଥିବା ପାଇଖାନା ମଧ୍ୟରୁ ଅଧିକାଂଶ ସ୍ଥାନରେ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ଠିକାଦାରଙ୍କ ମାଧ୍ୟମରେ ନିମ୍ନମାନର କାମ ହୋଇଥିଲା । ଫଳରେ ତାହା ବ୍ୟବହାର ଅନୁପଯୋଗୀ ହୋଇ ମାଟିରେ ମିଶିଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ବ୍ଲକ ଅଧିକାରୀମାନେ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିଲେ ମଧ୍ୟ ମୋଟା ଅଙ୍କର ପିସି ନେଇ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଲ୍ ପାସ୍ କରି ଦେଉଛନ୍ତି। ଫଳରେ ଦିନକୁ ଦିନ ଦୁର୍ନୀତି ବଢ଼ିଚାଲିଛି। ଜାକେଡା ପଞ୍ଚାୟତରେ ଠିକାଦାର ପାଇଖାନା ନିର୍ମାଣ କରିଥିଲେ ମଧ୍ୟ ତାହା ଅତି ନିମ୍ନମାନର ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରି କି ନିର୍ମାଣ କାର୍ଯ୍ୟରେ ଇଟା ବ୍ୟବହାର ନ କରି ବାଲି ଏବଂ ବଜୁରିରେ ନିର୍ମିତ ପିସ୍‌ରେ ପାଇଖାନା ଘରର କାନ୍ଥ ନିର୍ମାଣ କରାଯାଇଛି । ସେଥିରେ ସିମେଣ୍ଟ ବଦଳରେ ଡଷ୍ଟ ପାଉଡର ବ୍ୟବହାର କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ପାଇଖାନା ଟାଙ୍କିରେ କମ ବଜୁରି ଦେଇ ନିର୍ମାଣ କରାଯାଉଛି। ଏଥିପାଇଁ ପାଇଖାନାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସିମେଣ୍ଟ ବଦଳରେ ଡଷ୍ଟ ପାଉଡର ବ୍ୟବହାର କରୁଥିବା ବିଷୟରେ ଜଳ ଯୋଗାଣ ଓ ପରିମଳ ବିଭାଗର ଜଣେ କର୍ମଚାରୀଙ୍କୁ ପଚାରିବାରେ ଠିକାଦାର ଭୁଲରେ ଡଷ୍ଟପାଉଡର ଆଣିଥିଲେ, କିନ୍ତୁ ବ୍ୟବହାର କରାଯାଇ ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷେ ତଦନ୍ତ ପରେ ଅନିୟମିତତା ଜଣାପଡିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ କହିଛନ୍ତି ।